DHARITRI 50 Years

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୧/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, October 21/2024 | Page 16 | ₹ 7.00

୫୦ଶ ଭାଗ ୩୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 326 | ମୂଲ୍ୟ ₹୭/-

# ୨୩ରେ ଦାନା ବାନ୍ଧିବ 'ଦାନା'

ଯାହା ଆଶଙ୍କା କରାଯାଉଥିଲା, ତାହା ଏବେ ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି। ଅକ୍ଟୋବର ମାସରେ ଓଡ଼ିଶାବାସୀ ଆଉ ଏକ ବାତ୍ୟାର ସମ୍ମୁଖୀନ ହେବେ। କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପ ପାଇଁ କ୍ଷେତ୍ର ସୃଷ୍ଟି କରିଛି। ଏହା ୨୨ତାରିଖ ବେଳକୁ ଲଘୁଚାପରେ ପରିଣତ ହୋଇ ୨୩ରେ ସାଇକ୍ଲୋନିକ ଷ୍ଟର୍ମ ବା ଘୂର୍ଣ୍ଣି ବାତ୍ୟାର ରୂପ ନେବ। ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳମୁହାଁ ହେବ। ତେବେ ଲଘୁଚାପ ସୃଷ୍ଟି ହେବା ପରେ ଏହା କେଉଁ ସ୍ଥାନରେ ସ୍ଥଳଭାଗ ଛୁଇଁବ ତାହା ଜଣାପଡ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାର ନାମ 'ଦାନା' ରଖାଯାଇଥିବାବେଳେ ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ୨୪ ଓ ୨୫ ତାରିଖରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏହି ସମୟରେ ପବନର ବେଗ ମଧ୍ୟ ୧୦୦ରୁ ୧୨୦ କିମି ରହିପାରେ ବୋଲି ଆକଳନ କରାଯାଇଛି।

ଭୁବନେଶ୍ୱର,୨୦।୧୦
(ଅନୁରାଧା ମହାରଣା)

ଓଡ଼ିଶା ଆଉ ଏକ ବାତ୍ୟାର ସାମ୍ନା କରିବାକୁ ଯାଉଛି। ଏବେ ସମ୍ଭାବ୍ୟ ବାତ୍ୟା ସୃଷ୍ଟି ପାଇଁ ପାଗ ଅନୁକୂଳ ହୋଇଛି। ଆଣ୍ଡାମାନ ସାଗରରେ ଶନିବାର ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାବେଳେ ୨୧ ତାରିଖ ସୋମବାର ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ଲଘୁଚାପର ରୂପ ନେବ। ପରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ୨୨ ତାରିଖ ସକାଳ ସୁଦ୍ଧା ଅବପାତରେ ପରିଣତ ହୋଇ

- ୨୭ ତାରିଖ ଯାଏ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଭୟ
- ବାତ୍ୟା, ବର୍ଷା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

୨୩ ତାରିଖ ବେଳକୁ ବାତ୍ୟା ସୃଷ୍ଟି ହେବ। ଏନେଇ ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେବା ପରେ ଓଡ଼ିଶାକୁ ବାତ୍ୟା ବିପଦ ମାଡ଼ିଆସୁଥିବା ସ୍ପଷ୍ଟ ହୋଇଛି। ଏପରିକି ଭୀଷଣ ବାତ୍ୟାର ସମ୍ଭାବନା ରହିଥିବା ସେ କହିଛନ୍ତି। ସମ୍ଭାବ୍ୟ ବାତ୍ୟାର ☞ପୃଷ୍ଠା-୪

# କଶ୍ମୀରରେ ଆକ୍ରମଣ: ୭ ନିହତ

ଶ୍ରୀନଗର,୨୦।୧୦(ପି.ଟି.)

ଜମ୍ମୁ-କଶ୍ମୀରରେ ପୁଣି ରକ୍ତମୁଖା ହୋଇଛନ୍ତି ଆତଙ୍କବାଦୀ। ଗନ୍ଦେରବଲ ଜିଲାର ଶ୍ରୀନଗର-ଲେହ ଜାତୀୟ ରାଜପଥରେ ଏକ ଟନେଲ ନିର୍ମାଣସ୍ଥଳରେ ରବିବାର ରାତିରେ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଛନ୍ତି। ଗୁଳିମାଡ଼ରେ ଜଣେ ଡାକ୍ତର ଓ ୬ ଶ୍ରମିକ ନିହତ ହୋଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆକ୍ରମଣକୁ ନିନ୍ଦା କରିବା ସହ ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଗନ୍ଦେରବଲର ଗଗନଗିରସ୍ଥିତ ଗୁଣ୍ଡରେ ଏକ ଟନେଲ ନିର୍ମାଣ ଚାଲିଛି। ସେଠାରେ ଶ୍ରମିକ ଓ ଅନ୍ୟ ଷ୍ଟାଫ୍ କାର୍ଯ୍ୟରେ ନିୟୋଜିତ ଥିଲେ। ରାତିରେ ଆତଙ୍କବାଦୀମାନେ ସେହି ରାସ୍ତା ଦେଇ ଯାଉଥିବାବେଳେ ଅବିଚାରିତ ଭାବେ ଗୁଳି ଚଳାଇଥିଲେ। ଏଥିରେ ୨ ଶ୍ରମିକ ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଡାକ୍ତରଙ୍କ ସହ ଅନ୍ୟ ୪ ଜଣଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ☞ପୃଷ୍ଠା-୪





BEST EXCHANGE POLICY | CUSTOMIZATION AVAILABLE | FREE LIFETIME CLEANING | BEST VALUE FOR MONEY | TRY BEFORE YOU BUY | WIDEST RANGE OF SILVER PRODUCTS | HALLMARKED & QUALITY TESTED PRODUCTS

| | | | | | |
|---|---|---|---|---|---|
| BHUBANESWAR<br>SAHEEDNAGAR, NEAR HDFC BANK<br>Call: +91 75049 90839 | BHUBANESWAR<br>PATIA, BESIDES SREELEATHERS<br>Call: +91 9938882198 | BHUBANESWAR<br>SOUBHAGYA NAGAR, BARAMUNDA<br>Call: +91 93483 64134 | BHUBANESWAR<br>JANPATH, BESIDES MEHERS, SRIYA SQUARE<br>Call: +91 63713 75770 | BHUBANESWAR<br>ODYSSA BUSINESS CENTRE, BOMIKHAL, RASULGARH<br>Call: +91 93485 61563 | BHUBANESWAR<br>ID MARKET, NAYAPALLI<br>Call: +91 9124587678 |
| CUTTACK<br>CANTONMENT ROAD BESIDES FAB INDIA & CARATLANE<br>Call: +91 63720 83452 | CUTTACK<br>NEXT TO AROGYA MULTI SPECIALITY HOSPITAL, NEAR DURGA MANDAP, CDA SECTOR 9<br>Call: +91 97771 71565 | ROURKELA<br>UDIT NAGAR, ROURKELA INFRONT OF RELIANCE JEWELS<br>Call: +91 77509 61686 | ANGUL<br>LANE 2, AMLAPADA BESIDE TANISHQ<br>Call: +91 80935 05066 | BERHAMPUR<br>ALAKAPURI MARKET COMPLEX, DHARMA NAGAR, BERHAMPUR<br>Call: +91 77352 68464 | JAJPUR<br>RADHANATHA MARG, BYASANAGAR, JAJPUR ROAD<br>Call: +91 82607 45458 |
| BALASORE<br>KALPANA PLAZA, BIDYUT MARG, OT ROAD, BALASORE<br>Call: +91 93485 95355 | DHENKANAL<br>PLOT NO. 5558/6566, KUNJAKANTA, 759001<br>Call: +91 91245 87677 | TALCHER<br>PLOT NO. 561/1527, HATATOTA MARKET, 759100<br>Call: +91 77358 15620 | BHADRAK<br>PLOT NO-1337(P), NEAR INDUSIND BANK, BHADRAK<br>Call:+91 9124594682 | BARIPADA<br>PLOT NO-105, BARIPADA TOWN COLLEGE ROAD, NEAR SBI BANK, BARIPADA<br>Call:+91 9777231564 | |


# କଳାବଜାରୀଙ୍କୁ କଡ଼ା ଚେତାବନୀ

ଭୁବନେଶ୍ୱର, ୨୦।୧୦
(ସୁନିତ୍ ମିଶ୍ର)

ଓଡ଼ିଶା ଉପକୂଳରେ ଆସନ୍ତା ୨୪ ତାରିଖରେ ବାତ୍ୟା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାକୁ କିପରି ଦୃଢ଼ତାର ସହ ମୁକାବିଲା କରାଯିବ। ସେନେଇ ପ୍ରଶାସନିକ ସ୍ତରରେ ଜୋରଦାର ପ୍ରସ୍ତୁତି ଚାଲିଛି। ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯିବା ସହିତ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପ୍ରଶାସନିକ ତତ୍ପରତା ଦେଖାଦେଇଛି। ଏସବୁ ଭିତରେ କଳାବଜାରକାରୀଙ୍କୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କଡ଼ା ଚେତାବନୀ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦେଖି ମନ୍ତ୍ରୀ ଆଗରୁ ତାଗିଦ୍ କରିଦେଇଛନ୍ତି। ଅସାଧୁ ବ୍ୟବସାୟୀ କଳାବଜାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଖାଦ୍ୟସାମଗ୍ରୀ ମହଜୁଦ ସ୍ଥାନ ଉପରେ ନଜର ରଖିବା ପାଇଁ ବିଭାଗକୁ ଯୋଗାଣ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ନ ବାତ୍ୟା ପାଇଁ ଯେପରି କଳାବଜାର ନ ହୁଏ, ସେଥିପ୍ରତି ନଜର ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ସମ୍ପାଦକୀୟ

ଥଣ୍ଡାପଡୁନି ମଣିପୁର

## ଆଜିର ମନ୍ତବ୍ୟ

"ଦିଲ୍ଲୀରେ ଆଇନଶୃଙ୍ଖଳା ବଜାୟ ରଖିବାରେ ଏନ୍‌ଡିଏ ସରକାର ବିଫଳ ହୋଇଛି। ଦିଲ୍ଲୀବାସୀଙ୍କୁ ସୁରକ୍ଷା ପ୍ରତିଶ୍ରୁତି ଦେଇଥିବା ଭାଜପା ନିଜ ଉତ୍ତରଦାୟିତ୍ୱରୁ ମୁହଁ ମୋଡ଼ି ନେଉଛି।
-ଆତୀଶ ମାର୍ଲେନା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ


ନିଜ କ୍ୟାମେରାରେ ତୋଳି
ଧରନ୍ତୁ ଓଡ଼ିଶାର ସମୃଦ୍ଧ
ସାଂସ୍କୃତିକ ବିଭବ ଓ ଐତିହ୍ୟକୁ

ଫଟୋ ଉଠାନ୍ତୁ, ଆମକୁ ପଠାନ୍ତୁ ଏବଂ ଜିତନ୍ତୁ!

ଆକର୍ଷଣୀୟ ପୁରସ୍କାର ରାଶି | ନିଜ ନାମ ସହ ଫଟୋକୁ ଆମ ୨୦୨୫ କ୍ୟାଲେଣ୍ଡରରେ ସ୍ଥାନିତ କରିବାର ସୁଯୋଗ | ଫଟୋ ଦାଖଲ କରିବାର ଶେଷ ତାରିଖ ୫ ନଭେମ୍ବର,୨୦୨୪ | ଅଂଶଗ୍ରହଣ କରିବା ପାଇଁ ସ୍କାନ କରନ୍ତୁ




TPCODL | TPNODL | TPSODL | TPWODL
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ପ୍ରତ୍ୟାଖ୍ୟାନ: ଟାଟା ପାୱାର, ଦାଖଲ ହୋଇଥିବା ଏଣ୍ଟ୍ରି ଗୁଡିକ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରିବାର ଅଧିକାର ଧାରଣ କରିବ। ଚିତ୍ର ଗୁଡିକ ନିଶ୍ଚିତ ଭାବରେ ମୂଳ, ଅପ୍ରକାଶିତ କାର୍ଯ୍ୟ ହେବା ଆବଶ୍ୟକ ଯାହାକି ଏକ ତୃତୀୟ ପକ୍ଷ କିମ୍ବା ସଂସ୍ଥାର ମାଲିକାନାରେ ଥିବା କୌଣସି ବିଷୟବସ୍ତୁ, ସାମଗ୍ରୀ କିମ୍ବା ଉପାଦାନ ଗୁଡିକୁ ଧାରଣ, ଅନ୍ତର୍ଭୁକ୍ତ କିମ୍ବା ଅନ୍ୟଥା ବ୍ୟବହାର ହୋଇନଥିବ କିମ୍ବା ଏକ ତୃତୀୟ ପକ୍ଷର ପ୍ରଚାର, ଗୋପନୀୟତା କିମ୍ବା ବୌଦ୍ଧିକ ଅଧିକାରକୁ ଉଲ୍ଲଂଘନ କରୁନଥିବ। ସର୍ତ୍ତାବଳୀ ଏବଂ ସର୍ତ୍ତ ପ୍ରଯୁଜ୍ୟ।






MESSAGE

On the occasion of the 65th Police Commemoration Day, I extend my heartfelt respect and homage to the brave police personnel who sacrificed their lives in the line of duty. Today, we honour their supreme sacrifices, their courage and their dedication to upholding law & order in the country. This day serves as a solemn reminder of the risks faced by our police force, whose commitment ensures our safety, peace and security. The courage and professional conduct of Odisha Police in the face of adversity has been exemplary.

May the memory of our police martyrs not only hold high the morale of police personnel but inspire all of us to work for a just and peaceful society. Let us reaffirm our commitment to supporting the police force in their mission of service and sacrifice.

I wish the 65th Police Commemoration Day all success.

(Raghubar Das)

DSPL-153






ପୋଲିସ୍ ଶହୀଦ ସ୍ମୃତି ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମାତୃଭୂମିର ସେବା ପାଇଁ ପ୍ରାଣବଳୀ ଦେଇଥିବା ବୀର ପୋଲିସ୍‌ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ୍ ପ୍ରତି ବର୍ଷ ଅକ୍ଟୋବର ୨୧ ତାରିଖକୁ ପୋଲିସ୍ ଶହୀଦ ଦିବସ ଭାବେ ପାଳନ କରି ଆସୁଅଛି।

ରାଜ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହିତ ମାଓ ଦମନ ଏବଂ ଜନସାଧାରଣଙ୍କ ସୁରକ୍ଷା ଦିଗରେ ଓଡ଼ିଶା ପୋଲିସ୍ ଦକ୍ଷତାର ସହ ନିଜ କାର୍ଯ୍ୟ କରି ସାଧାରଣ ଲୋକମାନଙ୍କ ଆସ୍ଥାଭାଜନ ହୋଇପାରିଛି। ଏହି ଦାୟିତ୍ୱ ନିର୍ବାହ କରୁଥିବା ସମୟରେ ଅନେକ ବୀର ପୋଲିସ୍ ଅଧିକାରୀ ଓ କର୍ମଚାରୀ ଶହୀଦ ହୋଇଛନ୍ତି। ଏହି ଶହୀଦ ବୀର ପୋଲିସ୍‌ମାନଙ୍କ ନିକଟରେ ରାଜ୍ୟ ସବୁବେଳେ କୃତଜ୍ଞ ରହିବ। ସେମାନଙ୍କ ବଳିଦାନ ସେମାନଙ୍କୁ ସବୁଦିନ ପାଇଁ ଅମର କରି ରଖିବ।

ଆଜିର ଏହି ସ୍ମୃତି ଦିବସ ଅବସରରେ ମୁଁ ଶହୀଦ ବୀର ପୋଲିସ୍‌ମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ଏବଂ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଉଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12029/13/0026/2425

# ଦିଲ୍ଲୀ ସ୍କୁଲରେ ବିସ୍ଫୋରଣ



ମହାରାଷ୍ଟ୍ରର ନାଗପୁରରେ ରବିବାର ମହିଳାମାନେ କରୱା ଚୌଥ ପାଳନ କରୁଛନ୍ତି।

## ବସ୍-ଟେମ୍ପୋ ଧକ୍କା, ୮ ଶିଶୁ ସମେତ ୧୨ ମୃତ

**ଜୟପୁର, ୨୦।୧୦**

ରାଜସ୍ଥାନର ଧୋଲପୁର ଜିଲା ବରି ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୧-ବି'ରେ ରବିବାର ଏକ ଟେମ୍ପୋକୁ ପଛପଟୁ ବସ୍ ଧକ୍କା ଦେବାରୁ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ଟେମ୍ପୋରେ ଗୋଟିଏ ପରିବାରର ୧୫ ଜଣ ଏକ ବିବାହ କାର୍ଯ୍ୟକ୍ରମ ସାରି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲରେ ଅନ୍ୟ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ୩ ଜଣଙ୍କୁ ଧୋଲପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବରି ସଦର ଥାନା ଇନସ୍ପେକ୍ଟର ଶିବ ଲେହରି ମୀନା ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ୮ ଜଣ ଶିଶୁ ଥିବା ସେ କହିଛନ୍ତି।

## ପ୍ରବୋୱୋ ସୁବିଆନ୍ତୋ ଇଣ୍ଡୋନେସିଆ ରାଷ୍ଟ୍ରପତି



**ଜାକର୍ତ୍ତା, ୨୦।୧୦**

ଇଣ୍ଡୋନେସିଆର ଅଷ୍ଟମ ରାଷ୍ଟ୍ରପତି ଭାବେ ପ୍ରବୋୱୋ ସୁବିଆନ୍ତୋ(୭୩) ରବିବାର ଶପଥ ନେଇଛନ୍ତି। ୪୦ରୁ ଅଧିକ ଦେଶର ନେତା ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସୁବିଆନ୍ତୋ ମୁସଲମାନଙ୍କ ପବିତ୍ର ଗ୍ରନ୍ଥ କୁରାନକୁ ଧରି ଶପଥ ନେଇଛନ୍ତି। ସେ ପୂର୍ବତନ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ସ୍ଥାନ ନେଇଛନ୍ତି। ଏହା ପୂର୍ବରୁ ସୁବିଆନ୍ତୋ ୨୦୧୪ ଓ ୨୦୧୯ରେ ୱିଡୋଡୋଙ୍କ ବିପକ୍ଷରେ ରାଷ୍ଟ୍ରପତି ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ତେବେ ୨୦୧୯ରେ ୱିଡୋଡୋ ପୁନର୍ବାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ସୁବିଆନ୍ତୋଙ୍କୁ ଦେଶର ପ୍ରତିରକ୍ଷା ମୁଖ୍ୟ ଭାବେ ନିଯୁକ୍ତ କରିଥିଲେ।

## ସ୍ନାକ୍ସ ଖାଇ ୨୦୦ ଅସୁସ୍ଥ

**ଗୁଆହାଟୀ, ୨୦।୧୦**

ଆସାମର ଗୋଲାଘାଟ ଜିଲାର ସରୁପଥାରସ୍ଥିତ ପାସଘୋରିଆ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଥିବା ଏକ ଶୋକ ସମାରୋହରେ ସ୍ନାକ୍ସ ଖାଇ ୨୦୦ ଜଣ ସ୍ଥାନୀୟ ଲୋକ ଅସୁସ୍ଥ ହୋଇ ପଡ଼ିଛନ୍ତି। ପାସଘୋରିଆ ଗ୍ରାମବାସୀ ପ୍ରଦୀପ ଗୋଗୋଇଙ୍କ ମା'ଙ୍କର ଶୋକ ସମାରୋହରେ ଆଖପାଖର ବହୁ ଲୋକ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସ୍ନାକ୍ସ ସହ ସ୍ଥାନୀୟ ପାରମ୍ପରିକ ଖାଦ୍ୟ ପରଷା ଯାଇଥିଲା। ସ୍ନାକ୍ସ ଓ ଅନ୍ୟାନ୍ୟ ଖାଦ୍ୟ ଖାଇସାରିବା ପରେ ଲୋକମାନଙ୍କର ପେଟ ଯନ୍ତ୍ରଣା, ମୁଣ୍ଡ ଯନ୍ତ୍ରଣା, ଛାତି ଯନ୍ତ୍ରଣା, ବାନ୍ତି ଆଦି ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଅସୁସ୍ଥ ୫୩ ଜଣଙ୍କୁ ତୁରନ୍ତ ସ୍ଥାନୀୟ ଉରିଅମ୍‌ଘାଟ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ସରୁପଥାରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ଗୁରୁତର ୨ ଜଣଙ୍କୁ ଜୋରହାଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି ବୋଲି ଗୋଲାଘାଟ ଜିଲାପାଳ କହିଛନ୍ତି। ସେହିପରି ପ୍ରାୟ ୧୫୦ ଜଣଙ୍କ ନିକଟରେ ବାନ୍ତି ଓ ମୁଣ୍ଡ ଯନ୍ତ୍ରଣାର ସାମାନ୍ୟ ଲକ୍ଷଣ ରହିଛି। ସେମାନେ ନିଜ ନିଜ ଘରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଥିବା ନେଇ ଜିଲାପାଳ କହିଛନ୍ତି।

**ନୂଆଦିଲ୍ଲୀ, ୨୦।୧୦**



ରୋହିଣୀସ୍ଥିତ ସିଆର୍‌ପିଏଫ୍ ସ୍କୁଲରେ ସନ୍ଧାନୀ କୁକୁର ଧରି ତଦନ୍ତ ଚଳାଇଛନ୍ତି ଏନ୍‌ଏସ୍‌ଜି କମାଣ୍ଡୋ।

ନୂଆଦିଲ୍ଲୀର ରୋହିଣୀସ୍ଥିତ ଏକ ସ୍କୁଲ ନିକଟରେ ରବିବାର ସକାଳେ ବିସ୍ଫୋରଣ ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ କଡ଼ା ସୁରକ୍ଷା ବଳୟରେ ଥିବା ଜାତୀୟ ରାଜଧାନୀରେ ବିସ୍ଫୋରଣ ପରେ ଦିଲ୍ଲୀ ପୋଲିସର ପାରିବାପଣିଆ ଉପରେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ପୋଲିସ, ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ଓ ଫରେନ୍‌ସିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିବାବେଳେ ଜାତୀୟ ତଦନ୍ତକାରୀ ଟିମ୍ (ଏନ୍‌ଆଇଏ) ଏବଂ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି) ଅଧିକାରୀମାନେ ମଧ୍ୟ ତନାଘନା ଆରମ୍ଭ କରିଛନ୍ତି।

ସେକ୍ଟର ୧୪, ରୋହିଣୀସ୍ଥିତ ପ୍ରଶାନ୍ତ ବିହାରର ସିଆର୍‌ପିଏଫ୍ ସ୍କୁଲରେ ସକାଳ ୭ଟା ୫୦ରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଏଥିରେ ସ୍କୁଲର କାନ୍ଥ ଓ ନିକଟସ୍ଥ କେତୋଟି ଦୋକାନ ସହ ପାର୍କିଂ କରାଯାଇଥିବା କାର୍‌ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ସ୍କୁଲରୁ ଧୂଆଁ ଉଠୁଥିବାବେଳର ଦୃଶ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ସୁରକ୍ଷା କର୍ମୀମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଛନ୍ତି। ବିସ୍ଫୋରଣ ବେଳେ ସେହି ଅଞ୍ଚଳରେ କେଉଁମାନେ ଉପସ୍ଥିତ ଥିଲେ, ତାହା ନିଶ୍ଚିତ କରିବା ପାଇଁ ଦିଲ୍ଲୀ ପୋଲିସ ମୋବାଇଲ୍ ନେଟ୍‌ୱର୍କ ଡେଟା ସଂଗ୍ରହ କରୁଛି। ଫରେନ୍‌ସିକ୍ ବିଶେଷଜ୍ଞମାନେ ସେଠାରୁ 'ହ୍ୱାଇଟ୍ ପାଉଡର' ଠାବ କରିବା ପରେ ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଦେଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନା କେନ୍ଦ୍ରଶାସିତ ଅଞ୍ଚଳର ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଦିଲ୍ଲୀରେ ଆଇନଶୃଙ୍ଖଳା ବଜାୟ ରଖିବା ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦାୟିତ୍ୱ। କିନ୍ତୁ ଭାଜପା ଏହାକୁ ଅଣଦେଖା କରି ଦିଲ୍ଲୀର ନିର୍ବାଚିତ ସରକାରଙ୍କ କାର୍ଯ୍ୟରେ ବାଧା ଦେଇଆସିଛି। ଏଥିଯୋଗୁ ଦିଲ୍ଲୀରେ ମଧ୍ୟ ମୁମ୍ବାଇର ଅଣ୍ଡରୱାର୍ଲ୍ଡ ବେଳର ସ୍ଥିତି ଉପୁଜିଲାଣି ବୋଲି ଆତିଶୀ ସମାଲୋଚନା କରିଛନ୍ତି।

# ଲେବାନନ୍‌ରେ ଜୋରଦାର ଆକ୍ରମଣ

## ଗାଜାରେ ୮୭ ମୃତ କିମ୍ବା ନିଖୋଜ

**ଗାଜା/ବେରୁଟ୍, ୨୦।୧୦**



ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍‌ରେ ବିଧ୍ୱସ୍ତ ଗାଜାର ବୋଇଟ୍ ଲହିୟା।

ଇସ୍ରାଏଲୀ ସେନା ରବିବାର ଲେବାନନ୍ ରାଜଧାନୀ ବେରୁଟ୍‌ସ୍ଥିତ ହେଜ୍‌ବୋଲ୍ଲାର ଇଣ୍ଟେଲିଜେନ୍ସ ମୁଖ୍ୟାଳୟକୁ ଟାର୍ଗେଟ କରିଛି। ମୃତକଙ୍କ ସଂଖ୍ୟା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏହି ଏୟାର ଷ୍ଟ୍ରାଇକ୍‌ରେ ଅନେକେ ନିହତ ହୋଇଥିବା କୁହାଯାଉଛି। ସେହିପରି ବର୍ଷାଧିକ କାଳ ଧରି ଯୁଦ୍ଧ ଚାଲିଥିବା ଗାଜାରେ ମଧ୍ୟ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ତୁହାକୁ ତୁହା ଏୟାର ଷ୍ଟ୍ରାଇକ୍ ଜାରି ରଖିଛନ୍ତି। ଏଥିରେ ଅନ୍ୟୂନ ୮୭ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଧ୍ୱସ୍ତବିଧ୍ୱସ୍ତ କୋଠାର ଭଗ୍ନାବଶେଷ ତଳୁ ମୃତଦେହଗୁଡ଼ିକୁ କଢ଼ାଯାଉଛି। ଇସ୍ରାଏଲ୍ ଏହାର ତଦନ୍ତ ଚଳାଇଥିବା କହିଛି। ଉତ୍ତର ଗାଜାର ଜାବାଲିୟାରେ ଇସ୍ରାଏଲ ସେନା କମାଣ୍ଡର ଅହସାନ ଦାକ୍ସା (୪୧) ଅପରେଶନ୍ ଚଳାଇଥିବାବେଳେ ତାଙ୍କ ଟ୍ୟାଙ୍କର ଏକ ବିସ୍ଫୋରକ ଉପକରଣକୁ ଧକ୍କା ଦେଇଥିଲା। ବିସ୍ଫୋରଣରେ ସେ ପ୍ରାଣ ହରାଇଥିବା ଇସ୍ରାଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବେଇଟ୍ ଲହିୟା ସହରରେ ମଧ୍ୟ ଆଇଡିଏଫ୍‌ର ଷ୍ଟ୍ରାଇକ୍‌ରେ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ତେବେ ହମାସ୍‌କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ କହିଛି। ହମାସ୍ ନେତା ୟହୟା ସିନ୍‌ୱାରଙ୍କୁ ଇସ୍ରାଏଲ୍ ନିପାତ କରିବା ପରେ ଅସ୍ତ୍ରବିରତି ନେଇ ସହମତି ଏବଂ ମଧ୍ୟପ୍ରାଚ୍ୟ ସଂଘର୍ଷରେ ବିରାମ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଇସ୍ରାଏଲୀ ସେନା ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ଏବଂ ଇରାନ ସମର୍ଥିତ ଲେବାନନ୍‌ର ହେଜ୍‌ବୋଲ୍ଲା ଦମନ ଅଭିଯାନକୁ ଆହୁରି ଜୋର୍‌ଦାର କରିଛି। ଇସ୍ରାଏଲ୍‌ର ଆକ୍ରମଣକୁ ଜାତିସଂଘ ଶାନ୍ତି ପ୍ରତିନିଧି (ମଧ୍ୟପ୍ରାଚ୍ୟ) ନିନ୍ଦା କରିଛନ୍ତି। ଇସ୍ରାଏଲୀ ସୁରକ୍ଷା ସେବା ମୁଖ୍ୟ ଇଜିପ୍ଟ ଗୋଇନ୍ଦା ମୁଖ୍ୟଙ୍କୁ ଭେଟି ଗାଜା କବଳରୁ ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଆଲୋଚନା କରିଛନ୍ତି। ପ୍ରକାଶ ଯେ, ୨୦୨୩ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ପରେ ବହୁ ଲୋକଙ୍କୁ ଅପହରଣ କରି ନେଇଥିଲା। ସେମାନଙ୍କ ମଧ୍ୟରୁ ଅନ୍ୟୂନ ୧୦୦ ଜଣ ଏବେ ମଧ୍ୟ ପଣବନ୍ଦୀ ଅଛନ୍ତି। ସେମାନଙ୍କୁ ତୁରନ୍ତ ଫେରାଇ ଆଣିବା ପାଇଁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି।

# ବୀରେନ୍ ସିଂଙ୍କୁ ବିଦା ମସୁଧା

**ଇମ୍ଫାଲ, ୨୦।୧୦**



**ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ୧୯ ଭାଜପା ବିଧାୟକ**

ଜାତିଆଣ ହିଂସାରେ ଜର୍ଜରିତ ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କୁ ହଟାଇବା ଯୋଜନା ଚାଲିଛି। ଭାଜପାର ୧୯ ବିଧାୟକ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖିଛନ୍ତି। ବିଧାନସଭା ବାଚସ୍ପତି ଥୋକ୍‌ଚୋମ୍ ସତ୍ୟବ୍ରତ ସିଂ ଏବଂ ମନ୍ତ୍ରୀ ୟୁମ୍‌ନାମ୍ ଖେମ୍‌ଚାନ୍ଦଙ୍କ ଭଳି ବରିଷ୍ଠ ନେତାମାନେ ଦସ୍ତଖତ ଅଭିଯାନରେ ସାମିଲ ହେବା ପରେ ବୀରେନ୍ ହଟାଅ ବିଦ୍ରୋହକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ପତ୍ରରେ ପ୍ରଭାବଶାଳୀ ମନ୍ତ୍ରୀ ବିଶ୍ୱଜିତ୍ ସିଂଙ୍କ ସ୍ୱାକ୍ଷର ମଧ୍ୟ ରହିଛି, ଯଦିଓ ସେ ନିଜ ଦସ୍ତଖତ ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି।

ଦିଲ୍ଲୀରେ ମେଇତି, କୁକି ଓ ନାଗା ବିଧାୟକମାନେ ବୈଠକ କରିବା ପରଠୁ ମଣିପୁରରେ ନେତୃତ୍ୱ ପରିବର୍ତ୍ତନର ଦାବି ଜୋର୍ ଧରିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ବୀରେନ୍ ସିଂଙ୍କ ସରକାର ରାଜ୍ୟରେ ଶାନ୍ତି ପ୍ରତିଷ୍ଠା କରିବାରେ ବିଫଳ ହୋଇଥିବା ଦର୍ଶାଇ ସେମାନେ ତାଙ୍କୁ ତୁରନ୍ତ ବିଦା କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ୨୦୧୭ ମାର୍ଚ୍ଚ ବିଧାନସଭା ନିର୍ବାଚନ ପରେ ଆଞ୍ଚଳିକ ଦଳ ଓ ସ୍ୱାଧୀନ ବିଧାୟକମାନଙ୍କ ସମର୍ଥନରେ ଭାଜପା ପ୍ରଥମ ଥର ସରକାର ଗଢ଼ିବା ପରେ ବୀରେନ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ୨୦୨୨ରେ ସେ ପୁନଃ ନିର୍ବାଚିତ ହୋଇଥିଲେ। ଶନିବାର ରାତିରେ ଜିରିବାମ୍ ଜିଲା ହିଲ୍‌ଘାଟ ଗ୍ରାମ ପଞ୍ଚାୟତ ପ୍ରଧାନ ଏଲ୍. ସୋମୋରେନ୍ଦ୍ରୋଙ୍କ ଦୁଇଟି ଫାର୍ମ ହାଉସ୍‌ରେ ଉଗ୍ରପନ୍ଥୀମାନେ ନିଆଁ ଲଗାଇଦେବା ପରେ ସାନି ଉତ୍ତେଜନା ପ୍ରକାଶ ପାଇଛି। ଏହାର ଦିନକ ପୂର୍ବରୁ ଉଗ୍ରପନ୍ଥୀମାନେ ଏକ ଥାନା ନିକଟରେ ବୋମା ଖଞ୍ଜିଥିଲେ। ଏହାକୁନେଇ ଉଗ୍ରପନ୍ଥୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମଣିପୁରରେ ପ୍ରାୟ ଦେଢ଼ବର୍ଷ ଧରି ଚାଲିଥିବା ଜାତିଆଣ ହିଂସାରେ ୨୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି।

# ପନ୍ନୁ ହତ୍ୟା ଉଦ୍ୟମରେ ବିକାଶଙ୍କ ହାତ ନାହିଁ

## ଆମେରିକାର ଅଭିଯୋଗକୁ ପରିବାରର ଖଣ୍ଡନ

**ନୂଆଦିଲ୍ଲୀ, ୨୦।୧୦**



ବିକାଶ ଯାଦବ

ଖଲିସ୍ତାନୀ ବିଚ୍ଛିନତାବାଦୀ ନେତା ଗୁରପତ୍‌ଓନ୍ତ ସିଂ ପନ୍ନୁଙ୍କୁ ହତ୍ୟା ଷଡ଼ଯନ୍ତ୍ର ମାମଲାରେ ପୂର୍ବତନ ଭାରତୀୟ ଗୋଇନ୍ଦା ଅଧିକାରୀ ବିକାଶ ଯାଦବଙ୍କର ସମ୍ପୃକ୍ତି ଥିବା ଅଭିଯୋଗରେ ଆମେରିକାର ନ୍ୟାୟ ବିଭାଗ ତାଙ୍କ ନାମରେ ହତ୍ୟା ପାଇଁ ସୁପାରି ନେବା ଏବଂ ମନିଲଣ୍ଡରିଂ ମାମଲା ରୁଜୁ କରିଛି। ସେ ଆମେରିକାରେ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)ର ୱାଣ୍ଟେଡ୍ ତାଲିକାରେ ମଧ୍ୟ ରହିଛନ୍ତି। ତେବେ ଦିଲ୍ଲୀରୁ ୧୦୦ କି.ମି. ଦୂର ହରିୟାଣାର ପ୍ରାଣପୁରା ଗ୍ରାମରେ ରହୁଥିବା ବିକାଶଙ୍କ ପରିବାର ପକ୍ଷରୁ ରବିବାର ଆମେରିକାର ଅଭିଯୋଗକୁ ରବିବାର ଖଣ୍ଡନ କରାଯାଇଛି। ବିକାଶଙ୍କ ମା' ସୁଦେଶା ଯାଦବ(୬୫) ଏକ ଗଣମାଧ୍ୟମକୁ କହିଛନ୍ତି, ଏହି ମାମଲାରେ ଆମେରିକା ସତ କହୁ ନାହିଁ। ବିକାଶଙ୍କୁ ନେଇ ଗଣମାଧ୍ୟମରେ ଆସୁଥିବା ରିପୋର୍ଟକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ତାଙ୍କ ପୁଅ ଦେଶ ପାଇଁ କାମ କରୁଥିଲା ବୋଲି ସୁଦେଶା କହିଛନ୍ତି। ସେହିପରି ବିକାଶଙ୍କ ସମ୍ପର୍କୀୟ ଭାଇ କହିଛନ୍ତି, ଏତେ ଅର୍ଥ କେଉଁଠୁ ଆସିବ। ଆମେ କୌଣସି ଅଡି, ମର୍ସିଡିଜ୍ ପରି ଗାଡ଼ିର ମାଲିକ ହୋଇନାହୁଁ। ବିକାଶ ଏହି ଷଡ଼ଯନ୍ତ୍ର ସମ୍ପର୍କରେ ପରିବାରକୁ କୌଣସି ସୂଚନା ଦେଇ ନାହାନ୍ତି।

## ଆଉ ୨୪ ବିମାନକୁ ବୋମା ଧମକ

**ନୂଆଦିଲ୍ଲୀ, ୨୦।୧୦**

ବିଭିନ୍ନ ଭାରତୀୟ ଏୟାରଲାଇନ୍ସର ୨୪ ବିମାନକୁ ବୋମାରେ ଉଡ଼ାଇବାକୁ ରବିବାର ଧମକ ମିଳିଛି। ଇଣ୍ଡିଗୋ, ଭିସ୍ତାରା, ଏୟାର ଇଣ୍ଡିଆ ଓ ଅକାସା ଏୟାରର ୬ଟି ଲେଖାଏଁ ବିମାନକୁ ଏହି ଧମକ ହସ୍ତଗତ ହୋଇଛି। ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବିମାନକୁ ବୋମା ଧମକ ମିଳିଥିବା ନେଇ ଏୟାରଲାଇନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଧମକ ମିଳିବା ପରେ ପ୍ରୋଟୋକଲ ଅନୁଯାୟୀ ସମସ୍ତ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ସେମାନଙ୍କର ନିର୍ଦ୍ଦେଶ ଅନୁଯାୟୀ, ସୁରକ୍ଷା ପ୍ରକ୍ରିୟାକୁ ପାଳନ କରାଯାଉଥିବା ନେଇ ଭିସ୍ତାରା ଏୟାରଲାଇନ୍ସର ମୁଖପାତ୍ର ସୂଚନା ଦେଇଛନ୍ତି। ସେହିପରି ଧମକ ମିଳିଥିବା ୬ଟି ବିମାନର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇ ଉଡାଣ ଭରିବାକୁ ଅନୁମତି ଦିଆଯାଇଥିବା ନେଇ ଅକାସା ଏୟାରର ମୁଖପାତ୍ର ସୂଚନା ଦେଇଛନ୍ତି।

## ଅଶୋକ ଚଭନଙ୍କ ଝିଅଙ୍କୁ ଭୋକାର ଆସନରୁ ପ୍ରାର୍ଥୀ କଲା ଭାଜପା

**ମୁମ୍ବାଇ, ୨୦।୧୦**

**ପ୍ରଥମ ପର୍ଯ୍ୟାୟରେ ୯୯**



ଶ୍ରୀଜୟା ଚଭନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ରବିବାର ଭାଜପା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ୯୯ ପ୍ରାର୍ଥୀଙ୍କ ମଧ୍ୟରୁ ୭୧ ବିଧାୟକଙ୍କୁ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା ସୁଯୋଗ ମିଳିଛି। ୩ ବିଧାୟକଙ୍କୁ ଦଳ ଟିକେଟ ଦେଇନାହିଁ। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ ନାଗପୁର ଦକ୍ଷିଣ-ପଶ୍ଚିମ ଆସନରୁ ପୁଣି ପ୍ରାର୍ଥୀ କରାଯାଇଥିବାବେଳେ ବାଚସ୍ପତି ରାହୁଲ ନରୱେକର କୋଲାବା ଆସନରୁ ଲଢ଼ିବେ। ମନ୍ତ୍ରୀ ସୁଧୀର ମୁଙ୍ଗାଣ୍ଟିୱାର, ଗିରୀଶ ମହାଜନ ଓ ଚନ୍ଦ୍ରକାନ୍ତ ପାଟିଲଙ୍କୁ ଯଥାକ୍ରମେ ବଲ୍ଲାରପୁର, ଜମନେର ଓ କୋଥରୁଡ ଆସନରୁ ଟିକେଟ ଦିଆଯାଇଛି। ଏମ୍‌ପି ନାରାୟଣ ରାଣେଙ୍କ ପୁଅ ନୀତେଶ ରାଣେଙ୍କୁ ଦଳ କାନ୍ଦିଭଲିରେ ପ୍ରାର୍ଥୀ କରିଛି। କଂଗ୍ରେସରୁ ଭାଜପାକୁ ଆସିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନଙ୍କ ଝିଅ ଶ୍ରୀଜୟା ଚଭନଙ୍କୁ ଭୋକାର ଆସନରୁ ଟିକେଟ ଦିଆଯାଇଛି। ଭାଜପାର ପ୍ରଥମ ପର୍ଯ୍ୟାୟ ତାଲିକାରେ ଶ୍ରୀଜୟାଙ୍କ ସମେତ ୧୩ ମହିଳାଙ୍କ ନାମ ରହିଛି। ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନପାଇଁ ନଭେମ୍ବର ୧୩ରେ ନିର୍ବାଚନ ହେବାକୁ ଥିବାବେଳେ ଭାଜପା ୯୯ ପ୍ରାର୍ଥୀଙ୍କ ତାଲିକା ଜାରି କରିଛି।

## ଭାରତୀୟ ବର, ପାକିସ୍ତାନୀ କନ୍ୟାଙ୍କ ଡିଜିଟାଲ ବିବାହ



**ଜୌନପୁର**

ଉତ୍ତରପ୍ରଦେଶର ଜୌନପୁର ଜିଲାରେ ଏକନିଆରା ମୁସଲମାନ ବିବାହ(ନିକାହ) ଅନୁଷ୍ଠିତ ହୋଇଯାଇଛି। ଜୌନପୁର ମ୍ୟୁନିସିପାଲିଟି କର୍ପୋରେଶନର ଭାଜପା କାଉନ୍‌ସିଲର ତହସିନ ଶାହିଦଙ୍କ ବଡ଼ ପୁଅ ମହମ୍ମଦ ଅବ୍ବାସ ହାଇଦର ଓ ପାକିସ୍ତାନର ଲାହୋର ନିବାସୀ ଅନ୍ଦଲିପ୍ ଜହରା ନାମ୍ନୀ ଜଣେ ଯୁବତୀ ପରସ୍ପରକୁ ଭଲ ପାଇ ବସିଥିଲେ। ପରେ ଉଭୟଙ୍କର ବିବାହ କରିବାକୁ ସେମାନଙ୍କର ପରିବାର ସମ୍ମତି ଜଣାଇଥିଲେ। ତେବେ ବିବାହ ପାଇଁ ପାକିସ୍ତାନ ଯିବାକୁ ତହସିନ ଓ ତାଙ୍କ ପରିବାର ଭିସା ଆବେଦନ କରିଥିଲେ। ମଧ୍ୟ ଏହା ତାଙ୍କୁ ମିଳି ନ ଥିଲା। ପରିସ୍ଥିତିକୁ ଅନୁଧ୍ୟାନ କରି ତହସିନ ନିଜ ପୁଅଙ୍କ ବିବାହ ଅନ୍‌ଲାଇନରେ କରିବାକୁ ନିଷ୍ପତ୍ତି ନେଇଥିଲେ। ତହସିନ, ତାଙ୍କ ପୁଅ ଅବ୍ବାସ ଓ ପୂରା ପରିବାର ବରଯାତ୍ରୀରେ ଜୌନପୁରର ଅନ୍‌ଲାଇନ ବିବାହ ସ୍ଥଳରେ ପହଞ୍ଚିଥିଲେ। ଲାହୋରରୁ କନ୍ୟା ପକ୍ଷଙ୍କ ପରିବାର ମଧ୍ୟ ଏହି ଡିଜିଟାଲ ବିବାହରେ ଅଂଶଗ୍ରହଣ କରିଥିଲେ।

**ଫୁର୍‌ସତ୍**

## କ୍ରିତି ଶ୍ରେଷ୍ଠ କଳାକାର, ପାୟଲ ଶ୍ରେଷ୍ଠ ନିର୍ଦ୍ଦେଶକ

**ମୁମ୍ବାଇ**

**ବାଜାର ଓମେନ୍ ଅଫ୍ ଦି ଇୟର ଆୱାର୍ଡ ୨୦୨୪**



କ୍ରିତି ସାନନ



ପାୟଲ କପାଡ଼ିଆ

ମହାରାଷ୍ଟ୍ରର ମୁମ୍ବାଇରେ 'ହାର୍ପର୍ସ ବାଜାର ଓମେନ୍ ଅଫ୍ ଦି ଇୟର ଆୱାର୍ଡ ୨୦୨୪' ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କୁ ଶ୍ରେଷ୍ଠ କଳାକାର ଭାବେ ସମ୍ମାନିତ କରାଯାଇଛି। ଅଭିନେତ୍ରୀ ହେବା ସାଙ୍ଗକୁ ଜଣେ ପ୍ରଯୋଜକ ଓ ଉଦ୍ୟୋଗୀ ଭାବେ ସମ୍ପ୍ରତି ନିଜ କ୍ୟାରିୟର ଆରମ୍ଭ କରୁଥିବାରୁ ଏହି ପୁରସ୍କାର ତାଙ୍କ ପାଇଁ ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥିବା କ୍ରିତି କହିଛନ୍ତି। ସେହିପରି ଫିଲ୍ମ ନିର୍ମାତା ପାୟଲ କପାଡ଼ିଆଙ୍କୁ ଏହି ସମାରୋହରେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ମାନିତ କରାଯାଇଛି। ଫିଲ୍ମ 'ଅଲ୍ ୱି ଇମାଜିନ୍ ଆଟ୍ ଲାଇଟ' ପାଇଁ ପାୟଲଙ୍କୁ ଏହି ସମ୍ମାନ ମିଳିଛି। ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କୁ ସ୍ୱବ୍‌ଲାଇଟ ଆକ୍ଟର ଅଫ୍ ଦି ଇୟର୍ ପୁରସ୍କାର ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଚେୟାରମ୍ୟାନ୍ ମୁକେଶ ଅମ୍ବାନୀଙ୍କ ଝିଅ ଇଶା ଅମ୍ବାନୀଙ୍କୁ ଆଇକନ୍ ଅଫ୍ ଦି ଇୟର ଓ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ସ୍ତ୍ରୀ ଗୌରୀ ଖାନ୍‌ଙ୍କୁ ଶ୍ରେଷ୍ଠ ଇଣ୍ଟେରିୟର ଡିଜାଇନର ଭାବେ ସମ୍ମାନିତ କରାଯାଇଛି।

## ଦୈନିକ ଜଣେ ଭୋଟରଙ୍କୁ ୧୦ ଲକ୍ଷ ଡଲାର ପୁରସ୍କାର

**ୱାଶିଂଟନ**

**ଟ୍ରମ୍ପ ସମର୍ଥକ ମସ୍କଙ୍କ ଘୋଷଣା**



ଏଲନ ମସ୍କ

ଆମେରିକା ନିର୍ବାଚନକୁ ନେଇ ସ୍ପେସ୍ ଏକ୍ସ' ଓ ଟେସ୍‌ଲା ସିଇଓ ତଥା ବିଲିୟନେୟାର ଏଲନ୍ ମସ୍କଙ୍କ ଏକ ଘୋଷଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦେଶର ରାଷ୍ଟ୍ରପତି ନିର୍ବାଚନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଜଣେ ମତଦାତାଙ୍କୁ ୧୦ ଲକ୍ଷ ଡଲାରର ପୁରସ୍କାର ଦେବା ପାଇଁ ସେ ଘୋଷଣା କରିଛନ୍ତି। ଆମେରିକା ନିର୍ବାଚନକୁ ନେଇ ମସ୍କଙ୍କ ଅଭିଯାନ 'ଆମେରିକା ପିଏସି' ପକ୍ଷରୁ ଦେଶର ସମ୍ବିଧାନରେ ଫ୍ରି ସ୍ପିଚ୍ ଆଣ୍ଡ ରାଇଟ୍ ଟୁ ବିଅର ଆର୍ମସ୍ (ଅଭିବ୍ୟକ୍ତି ଓ ଅସ୍ତ୍ରଧାରଣ ଅଧିକାର)କୁ ସମର୍ଥନ କରୁଥିବା ଆବେଦନ ପତ୍ରରେ ଦସ୍ତଖତ କରିଥିବା ମତଦାତାମାନଙ୍କ ମଧ୍ୟରୁ ଦୈନିକ ଜଣଙ୍କୁ ବିଜେତା ଚୟନ କରାଯିବ। ଲଟେରି ମାଧ୍ୟମରେ ବିଜେତା ଘୋଷଣା ହେବ। ଆମେରିକା ନିର୍ବାଚନ ଆସନ୍ତା ନଭେମ୍ବର ୫ରେ ହେବାକୁ ଥିବାବେଳେ ସେପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ମସ୍କ କହିଛନ୍ତି। ରବିବାର ପେନ୍‌ସିଲ୍‌ଭାନିଆରେ ରିପବ୍ଲିକାନ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ପ୍ରଚାର କରୁଥିବାବେଳେ ମସ୍କ ଉକ୍ତ ଘୋଷଣା କରିବା ସହ ତାଙ୍କ ଆବେଦନର ସମର୍ଥନରେ ଦସ୍ତଖତ କରିଥିବା ଜନ ଡ୍ରେହର ନାମକ ଜଣେ ମତଦାତାଙ୍କୁ ୧୦ ଲକ୍ଷ ଡଲାରର ଚେକ୍ ପ୍ରଦାନ କରିଛନ୍ତି।

## ସୂର୍ଯ୍ୟମନ୍ଦିରରେ ୧୬ ଜଣିଆ ସଂସଦୀୟ ଦଳ



କୋଣାର୍କ,୨୦।୧୦(ଜ୍ୟୋତିରାଜ ମହାନ୍ତି)

କେନ୍ଦ୍ର ସରକାରଙ୍କ ଜନମଙ୍ଗଳ, ଅନୁସୂଚିତ ଜାତି ଓ ଜନଜାତି ସମ୍ବନ୍ଧୀୟ ସଂସଦୀୟ ଦଳର ଅଧକ୍ଷ ଏମ୍‌ପି ଫଗନ୍ ସିଂ କୁଲସ୍ତେଙ୍କ ଅଧ୍ୟକ୍ଷତାରେ ରବିବାର ଏକ ୧୬ ଜଣିଆ ସଂସଦୀୟ ଦଳ ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛି। ସଂସଦୀୟ ଦଳ ସୂର୍ଯ୍ୟମନ୍ଦିର ନିକଟରେ ପହଞ୍ଚିବା ପରେ ସ୍ୱୀକୃତିପ୍ରାପ୍ତ ଗାଇଡ୍ ବିଶେଶ୍ୱର ଦାଶ ସୂର୍ଯ୍ୟମନ୍ଦିରର ଇତିହାସ ସମ୍ପର୍କରେ ବୁଝାଇଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସମସ୍ତେ ଅଭିଭୂତ ହୋଇଯାଇଥିଲେ। ଏହି ଦଳ ସମାଜରେ ଅନୁନ୍ନତ ବର୍ଗର ଲୋକଙ୍କ ଉତ୍‌ଥାନ ପାଇଁ କାର୍ଯ୍ୟ କରିବା ସହ ସମାଜରେ ସମସ୍ତ ବର୍ଗ ମଧ୍ୟରେ ସମାନତା ଆଣିବା ପାଇଁ କାର୍ଯ୍ୟ କରୁଥିବା କମିଟିର ଅଧକ୍ଷ ଏମ୍‌ପି କୁଲସ୍ତେ କହିଥିଲେ। ସଂସଦୀୟ ଦଳ ଗସ୍ତ ସମୟରେ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି: ଚିଲିକାରେ ଫସିଲେ ଯାତ୍ରୀ



କୃଷ୍ଣପ୍ରସାଦ,୨୦।୧୦
(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ତୀର୍ଥକ୍ଷେତ୍ର ପୁରୀ ଓ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରତିଦିନ ଶତାଧିକ ଯାତ୍ରୀ ଚିଲିକାରେ ଡଙ୍ଗା ଯୋଗେ ଯାତ୍ରା କରିଥାନ୍ତି। ରବିବାର ଅପରାହ୍ନ ୪ଟାରେ ସାତପଡ଼ାଠାରୁ ଜହ୍ନିକୁଦାକୁ ଏକ ଯାତ୍ରୀବାହୀ ଡଙ୍ଗା ଆସୁଥିବାବେଳେ ଚିଲିକାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହି ଡଙ୍ଗାରେ ୬୦ ଯାତ୍ରୀ ଥିବାବେଳେ ୪୦ରୁ ଅଧିକ ବାଇକ୍ ଓ ସାଇକେଲ ରହିଥିଲା। ମୋଟର ନ ଚାଲିବାରୁ ଡଙ୍ଗାଟି ଚିଲିକା ମଝିରେ ଫସିରହିଥିଲା। ଯାତ୍ରୀମାନେ ଆତଙ୍କିତ ହୋଇ ଜୀବନ ବଞ୍ଚାଇବାକୁ ହୋହଲ୍ଲା କରିଥିଲେ। ପ୍ରାୟ ୧ଘଣ୍ଟା ପରେ ଡଙ୍ଗାଚାଳକ ଅଚଳ ମେଶିନକୁ ମଏଁଷା କୂଳରେ ବଦଳାଇ ଅନ୍ୟ ଏକ ମେଶିନ ଲଗାଇ ଜହ୍ନିକୁଦା କୂଳରେ ପହଞ୍ଚାଇଥିଲେ। ଚିଲିକାରେ ସ୍ଥାୟୀ ସେତୁ ନ ଥିବାରୁ ପ୍ରାୟ ପ୍ରତିଦିନ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ତେଣୁ ତୁରନ୍ତ ସ୍ଥାୟୀ ସେତୁ ନିର୍ମାଣ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ହବିଷିଆଳିଙ୍କୁ ବ୍ରତ ସରଞ୍ଜାମ ଦେଲେ ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ହବିଷିଆଳିଙ୍କୁ ବ୍ରତ ସରଞ୍ଜାମ କିଟ୍ ପ୍ରଦାନ କରୁଛନ୍ତି।

ପୁରୀ,୨୦।୧୦(ଅଜିତ୍ କୁମାର ମହାନ୍ତି)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସନ୍ଧ୍ୟାରେ ପୁରୀ ଆସି ହବିଷିଆଳି ଯୋଜନାର ସମୀକ୍ଷା କରିବା ସହ ହବିଷିଆଳିଙ୍କୁ ବ୍ରତ ସରଞ୍ଜାମ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବୃନ୍ଦାବତୀ ନିବାସରେ ପହଞ୍ଚିବା କ୍ଷଣି ହବିଷିଆଳିମାନେ ହୁଳହୁଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଜିଲା ପ୍ରଶାସନ ଓ ଦଳୀୟ ନେତାଙ୍କ ପକ୍ଷରୁ ଉତ୍ତରୀୟ ପ୍ରଦାନ କରାଯାଇ ତାଙ୍କୁ ମଞ୍ଚକୁ ପାଛୋଟି ନିଆଯାଇଥିଲା। ପିପିଲି ବିଧାୟକ ଓମ୍‌ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରୀ ବିଧାୟକ ସୁନୀଲ ମହାନ୍ତି ଏବଂ ଏମ୍‌ପି ସମ୍ବିତ ପାତ୍ର ହବିଷିଆଳିଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ସୁବିଧା ସମ୍ପର୍କରେ କହିଥିଲେ। ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାରୁ କାର୍ତ୍ତିକ ବ୍ରତ କରିବାକୁ ଆସିଥିବା ହବିଷିଆଳି ମା'ମାନଙ୍କୁ ବ୍ରତ ସରଞ୍ଜାମ ପ୍ରଦାନ କରିଥିଲେ। ଏଥିରେ ଶାଢ଼ି, ଚଦର, ଉତ୍ତରୀୟ, ରାଇଦାମୋଦର ବ୍ରତ ବହି, ଶୁଖିଲି ମହାପ୍ରସାଦ ପ୍ରଭୃତି ରହିଛି। ୪ଟି କେନ୍ଦ୍ରରେ ପ୍ରାୟ ୩୦୦୦ ହବିଷିଆଳିଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ହବିଷିଆଳି ମା'ମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ କାମନା କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ହବିଷିଆଳି ମା'ମାନଙ୍କୁ କିଟ୍ ପ୍ରଦାନ କରି ଏହା ମୋ ନିଜ ମା'ଙ୍କୁ ଦେବା ଭଳି ଅନୁଭବ କରୁଛି। କାର୍ତ୍ତିକ ମାସଯାକ ଯେପରି ଭଲରେ ହବିଷ କରିବେ, ମହାପ୍ରଭୁଙ୍କ ଦର୍ଶନ କରିବେ, ମହାପ୍ରସାଦ ସେବନ କରିବେ, ଭଜନ କୀର୍ତ୍ତନ ଶୁଣିବେ ଓ ଖୁସି ମନରେ ଘରକୁ ଫେରିବେ, ସେଥିପ୍ରତି ଯତ୍ନବାନ ହେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମା'ମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଡାକ୍ତର ବ୍ୟବସ୍ଥା ମଧ୍ୟ କରାଯାଇଛି। ସମସ୍ତେ ଭଲରେ ଓ ଆନନ୍ଦରେ ରୁହନ୍ତୁ। ନିଜ ପରିବାର ତଥା ରାଜ୍ୟର ସମୃଦ୍ଧି ଓ ବିକାଶ ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ। ଓଡ଼ିଶା ବାହାରେ ଥିବା ସମୟରେ କେତେଜଣ ହବିଷିଆଳିଙ୍କ ଅସୁବିଧା ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ଏହାର ସମାଧାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲି। ଦିନକୁ ଦିନ ଭକ୍ତଙ୍କ ସଂଖ୍ୟା ବୃଦ୍ଧିପାଉଛି। ଏହାକୁ ଦୃଷ୍ଟିରେ ରଖି ଅନେକ ସଂସ୍କାର ଆଣିବାକୁ ପଡ଼ିବ। ସବୁଠାରୁ ବଡ଼ ସୁଧାର ହେଉଛି କିପରି ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରିହେବ। ଏହି ସଂସ୍କାର ପାଇଁ ଆମ ସେବାୟତମାନେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ କାର୍ଯ୍ୟରତ ଅଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନନ୍ୟ। ବୋଧହୁଏ କାର୍ତ୍ତିକ ମାସରେ ସବୁଠାରୁ ଅଧିକ ଶ୍ରଦ୍ଧାଳୁ ଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ଆସିଥାନ୍ତି। କାର୍ତ୍ତିକ ପୂର୍ଣ୍ଣମୀରେ

### ■ ବ୍ରତଧାରୀଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ କାମନା କଲେ
### ■ ୪ କେନ୍ଦ୍ରରେ ରହିଛନ୍ତି ୩ହଜାର ହବିଷିଆଳି ମା'

ଅନୁଷ୍ଠିତ ହେଉଥିବା ସୁନାବେଶ ଦିନ ବୋଧହୁଏ ମନ୍ଦିରରେ ସବୁଠୁ ଅଧିକ ଭିଡ଼ ହୋଇଥାଏ। ପ୍ରଭୁଙ୍କ କରୁଣାରୁ ସମସ୍ତେ ଭଲଭାବେ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଆଶା। ଆମର ବିଶ୍ୱାସ ଅଛି, କାଳିଆର ଡୋରି ନ ଲାଗିଲେ ଶ୍ରୀକ୍ଷେତ୍ର ଆସିବାର ସୁଯୋଗ ମିଳେନାହିଁ। ପବିତ୍ର କାର୍ତ୍ତିକ ମାସରେ ଆଜି ପବିତ୍ର ଜଗନ୍ନାଥ ଧାମକୁ ଆସିବାର ସୁଯୋଗ ମିଳିଥିବାରୁ ମୁଁ ପ୍ରଭୁଙ୍କ ପାଖରେ କୃତକୃତ୍ୟ। କାର୍ତ୍ତିକ ବ୍ରତର ମାହାତ୍ମ୍ୟ ସମ୍ପର୍କରେ କୁହାଯାଇଛି ଯେ, ଯେତେ ଦର୍ଶନ, ଯେତେ ତୀର୍ଥ, ଯେତେ ଯାଗଯଜ୍ଞ ଇତ୍ୟାଦି ଅଛି, ସେସବୁର ଧର୍ମକୁ ଠୁଳ କଲେ କାର୍ତ୍ତିକ ବ୍ରତ ସହିତ ସମାନ ହେବ ନାହିଁ। ଭଗବତ୍ ଗୀତାରେ ମଧ ଏ ବିଷୟରେ ବର୍ଣ୍ଣନା ଅଛି। ଶ୍ରୀକ୍ଷେତ୍ରରେ ଏହାର ସ୍ୱତନ୍ତ୍ର ପାଳନ ବିଧି ରହିଛି। ଚଳିତ ବର୍ଷ ବୃନ୍ଦାବତୀ ଭବନ ସହିତ ଅକ୍ଷୟ ପାତ୍ର ଫାଉଣ୍ଡେଶନ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପରେ ହବିଷିଆଳି ମା'ମାନଙ୍କୁ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସେ ସୂଚନା ଦେଇଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଡିଆଇଜି ଚରଣ ସିଂ ମୀନା, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ପବିତ୍ର କାର୍ତ୍ତିକ ମାସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନା କରାଯାଇଛି। ପୁରୀର ୪ଟି ସ୍ଥାନରେ ହବିଷିଆଳି କେନ୍ଦ୍ର କରାଯାଇଛି। ସେଠାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ହବିଷିଆଳିମାନେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ଚଳିତ ବର୍ଷ ୪ଟି ଶିବିରରେ ୨୫୦୦ ହବିଷିଆଳିଙ୍କ ନିମନ୍ତେ ବ୍ୟବସ୍ଥା କରାଯାଇଥିବାବେଳେ ଅଧିକ ସଂଖ୍ୟକ ହବିଷିଆଳି ଆସିଥିଲେ। ଫଳରେ ୩୦୦୦ ହଜାର ହବିଷିଆଳିଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।




AUTHORIZED NISSAN DEALERS: ORISSA: BHUBANESWAR: JAHNAVI NISSAN- 9619894553, JHARKHAND: RANCHI: ORMANJHI TITAN NISSAN- 8291043571, MAIN ROAD: TITAN NISSAN- 8291049031, DALTONGANJ: TITAN NISSAN- 8291066475, HAZARIBAGH: TITAN NISSAN- 8291067631, JAMSHEDPUR: BHALOTIA NISSAN- 7008408186, BIHAR: PATNA: NUTAN NISSAN- 9619894125, MUZAFFARPUR: GOBERDHAN NISSAN- 8291047950.

†Terms & conditions apply. All prices ex-showroom Delhi. Features may vary from variant to variant. Colours are indicative only and may vary due to printing constraints. Accessories shown may not be part of standard fitment. **The scheme is applicable on vehicles invoiced on or before 31st Oct 2024. Please visit your nearest Nissan dealer for more information. Finance is at the sole discretion of finance partners and NRFSI. *Segment/Class refers to B-SUV models with Length <4m. ^Leather mentioned in the features refers to Synthetic leather/Leatherette. ‡Standard Warranty 3 years or 100k kms whichever comes first. PlasmaCluster® is a registered trademark of the Sharp Corporation.

TBWA\33820924

NISSAN FINANCE

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରଜାପତି ବ୍ରହ୍ମା କୁମାରିଜ୍ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଗୀତା ଜ୍ଞାନ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସକାଳ ୬ଟା ୩୦ । ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା ୩୦ ।
- ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ପକ୍ଷରୁ ପ୍ରକାଶିତ ପୁସ୍ତକ 'ସାଧନାରୁ ସିଦ୍ଧି'ର ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।
- ବିଦ୍ୟୁତ୍ କର୍ମଚାରୀଙ୍କ କୋଅର୍ଡିନେଶନ କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଟିପିସିଓଡିଏଲ୍ ପାୱାର କର୍ପୋରେଟ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାଲିଯାତ୍ରା ପଡ଼ିଆ ଅଫିସ, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ସୁପ୍ରିମକୋର୍ଟଙ୍କ ଏକ ଜଜ୍‌ମେଣ୍ଟ ସମ୍ବନ୍ଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ମଧ୍ୟାହ୍ନ ୧୨ଟା ।
- ବାର୍ଷିକ କର୍ମଶାଳା, ସ୍ଥାନ: ବିକେ କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟ, ସମୟ: ଅପରାହ୍ନ ୨ଟା ।
- ୨୧ତମ କୁମାର ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା ।
- ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ କ୍ୟାମ୍ପ 'ଜୁହାର'ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରାଜ୍ୟ ମୁଖ୍ୟାଳୟ, ୟୁନିଟ୍-୩, ସମୟ: ଅପରାହ୍ନ ୫ଟା ।
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫ ।
- ଐତିହାସିକ କେଦାରନାଥ ମହାପାତ୍ରଙ୍କ ୧୧୩ତମ ଜୟନ୍ତୀ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା ।

## କଟକ

- ୬୫ତମ ପୋଲିସ ଶହୀଦ ସ୍ମୃତି ଦିବସ ଅବସରରେ ଶହୀଦ ଯବାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସର, ସକାଳ ୮ଟା ।
- ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଜେମାଦେଈପୁର ପଞ୍ଚାୟତ, ତିଗିରିଆ, ସମୟ: ସକାଳ ୯ଟା ।
- ଓଡ଼ିଶା ହାଇକୋର୍ଟର ପ୍ରଥମ ବିଚାରପତି ବୀରକିଶୋର ରାୟଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଓଡ଼ିଶା ହାଇକୋର୍ଟ ପ୍ରଶାସନିକ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ୮୧ତମ ଭଞ୍ଜ ଜୟନ୍ତୀ ସପ୍ତାହର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ।
- ଓଡ଼ିଶା ଇଣ୍ଟେଲେକ୍‌ଚୁଆଲ ଫୋରମ କଟକ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାଇସିନା ମଣ୍ଡପ, ସିଡିଏ ସେକ୍ଟର-୯, ସମୟ: ସନ୍ଧ୍ୟା ୬ଟା ।

## ପୁରୀ

- ମା'ଗଜଲକ୍ଷ୍ମୀଙ୍କ ଶାରଦୀୟ ପୂଜା ଉତ୍ସବ ସ୍ଥାନ: ଗଜଲକ୍ଷ୍ମୀ ମଣ୍ଡପ, ଗଡ଼ଅଣ୍ଟିଆ, ନିମାପଡ଼ା, ସମୟ: ସକାଳ ୬ଟା । ଏବଂ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସମୟ: ରାତି ୧୦ଟା ।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ସତ୍ୟବାଦୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ଖୋର୍ଦ୍ଧା

- ପୋଲିସ ଶହୀଦ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ସମୟ-ସକାଳ ୮ଟା ।
- ଜିଲାସ୍ତରୀୟ ଲୋକକଳା ଉଦ୍‌ଯାପନ ସମାରୋହ, ସ୍ଥାନ-ପଲ୍ଲିଶ୍ରୀ ମେଳା ପଡିଆ, ମହିଷାପାଟ, ସମୟ-ପୂର୍ବାହ୍ନ ସାଢେ ୧୦ଟା ।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ-ସଦର ବ୍ଲକ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ସାଢେ ୧୦ଟା ।

## ଜଗତ୍‌ସିଂହପୁର

- ଓଡ଼ିଶା ୟାଚିଂ କ୍ଲବ ପକ୍ଷରୁ ପାରା ସେଲିଂ ଜଳକ୍ରୀଡ଼ା, ବତିଘର ପାଖ ସମୁଦ୍ର ବେଳାଭୂମି, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନାଗପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ମଡ଼ିଆଳ, କେନ୍ଦ୍ରାପଡ଼ା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡ଼ା, ନାରାୟଣପୁର, କୁହୁଡ଼ି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଲୋକକଳା ଉତ୍ସବ, ସ୍ଥାନ: ବ୍ଲକ ରୋଡ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା

## ଯାଜପୁର

- ଯାଜପୁର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।

## ନୟାଗଡ଼

- ଜିଲାପାଳଙ୍କ ଜନ ଶୁଣାଣି ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କ୍ରିକେଟ ପ୍ରିମିୟର ଲିଗ୍ ୨ୟ ଦିବସ ମ୍ୟାଚରେ ଶତପଥୀ ଲାୟନ୍ସ ବନାମ ଥଣ୍ଡର ଦି ରୟାଲ କିଙ୍ଗସ୍, ସ୍ଥାନ: କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।
- କ୍ରିକେଟ ପ୍ରିମିୟର ଲିଗ୍‌ର ୨ୟ ଦିବସ ମ୍ୟାଚରେ ଦିପୁ କିଙ୍ଗସ୍ ବନାମ ଇଶାନ ରୟାଲ, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ଅପରାହ୍ନ ୨ଟା ।

## ରାୟଗଡ଼ା

- ୬୫ ତମ ପୋଲିସ ସହିଦ ସ୍ମୃତି ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦିଲି ରିଜର୍ଭ ପୋଲିସ ପଡ଼ିଆ, ଭାମିନି ୨ୟ ଆଇଆର ବାଟାଲିୟନ,ରାୟଗଡ଼ା, ସମୟ: ସକାଳ ୮ ଟା ।
- କ୍ଲଷ୍ଟରସ୍ତରୀୟ କଳା ଉତ୍ସବ ପାଳନ, ସ୍ଥାନ: ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡା, ସମୟ: ସକାଳ ୭ଟା ୪୦ ।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଉମରକୋଟ ତହସିଲ ଅଧିନ ରାଜସ୍ୱ ସର୍କଲ ପରିଦର୍ଶନ, ସ୍ଥାନ: ଉମରକୋଟ, ସମୟ: ଅପରାହ୍ନ ୨ଟା ।

## କୋରାପୁଟ

- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଟାଙ୍ଗି ବ୍ଲକ୍ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା ୩୦ ।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଡୁମୁରିପଦର ଗ୍ରାମ ପଞ୍ଚାୟତ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ନୂଆଗାଁ ପଞ୍ଚାୟତ ଅଫିସ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।

## ମାଲକାନଗିରି

୬୫ତମ ପୋଲିସ ପ୍ରତିଷ୍ଠା ଦିବସ ପାଳନ
ସ୍ଥାନ-ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସର
ସମୟ- ସକାଳ ୮ ଟା
ମାଲ୍ୟବନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ
ସ୍ଥାନ-ଜିଲା ପରିଷଦ ସମ୍ମିଳନୀ କକ୍ଷ
ସମୟ- ଅପରାହ୍ନ ୪ ଟା

## ସମ୍ବଲପୁର

- ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ, ସ୍ଥାନ : ରିଜର୍ଭ ପୋଲିସ ପଡିଆ, ସମୟ : ସକାଳ ୮ଟା ।
- ସୋସିଆଲ ଷ୍ଟାର କ୍ଲବ ପକ୍ଷରୁ ଡା.ଦିପ୍ତିବାଳା ପଟ୍ଟନାୟକଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ : ସଦର ହାକ୍ତରଖାନା ସ୍ଥିତ ରକ୍ତଭଣ୍ଡାର, ସମୟ : ସକାଳ ୯ଟା ।
- ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ଧାରଣା, ସ୍ଥାନ : ଆରଡିସି ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ନାକଟିଦେଉଳ ବ୍ଲକ ଅଫିସ ସଭା ଗୃହ, ସମୟ : ପୂର୍ବାହ୍ନ ୧୦ଟା ।
- ଆଶ ଡର୍ମ୍ପ ବିରୋଧରେ ବୈଠକ, ସ୍ଥାନ : କବରପାଲି ଡୁରିପଡା, ସମୟ:ପୂର୍ବାହ୍ନ ୧୧ଟା ।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।
- ବଲାଙ୍ଗୀର ଦୀନ୍ ଆୟୋଜକ କମିଟି ପ୍ରସ୍ତୁତି ବୈଠକ,ସ୍ଥାନ: ପିପି ଏକାଡେମୀ ସମ୍ମିଳନୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ।

## ସୁବର୍ଣ୍ଣପୁର

- ୬୫ତମ ପୋଲିସ ଶହୀଦ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆ, ସମୟ: ସକାଳ ୮ଟା ।
- ତରଭା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବିଇଓ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଗଜଲକ୍ଷ୍ମୀ ଓ ରାମାୟଣ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଗଜଲକ୍ଷ୍ମୀ ପୂଜାର ଷଷ୍ଠ ଦିବସୀୟ ପୂଜା, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା ।
- ମୁରାସୁର ଦରବାରର ପଞ୍ଚମ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର, ସମୟ: ରାତି ୮ଟା ।

## ବରଗଡ଼

- ସି. କେ. ନାଇଡୁ ଟ୍ରଫି (ମହାରାଷ୍ଟ୍ର ବନାମ୍ ଓଡ଼ିଶା), ସ୍ଥାନ: ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା ।

## ରାଉରକେଲା

- ୬୫ତମ ପୋଲିସ ଶହୀଦ ଦିବସ, ସ୍ଥାନ: ରିଜର୍ଭ ପଡିଆ, ସମୟ: ସକାଳ ୮ଟା ।
- ପ୍ରବନ୍ଧଭିତ୍ତିକ ଆଲୋଚନା ଓ କବିତା ପାଠୋତ୍ସବ, ସ୍ଥାନ: ସେକ୍ଟର-୭ ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୭ଟା ।
- ସାହିତ୍ୟରେ ଭାଷାର ସରଳତା ଶୀର୍ଷକ କର୍ମଶାଳା, ସ୍ଥାନ: ନୋବେଲ ଆସୋସିଏଶନ, ପାୱାର ହାଉସ୍ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ଓଡ଼ିଶା ପୋଲିସର ଶହୀଦ ଦିବସ, ସ୍ଥାନ: ପୋଲିସ ପଡ଼ିଆ, ଦେବଗଡ଼, ସମୟ: ସକାଳ ୮ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: କଣ୍ଢେଇ ଗ୍ରାମ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା ।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ପୂଜା ଓ ବିଶ୍ରାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ବାଇଟ କିଙ୍ଗ ଡାନ୍ସ ଗ୍ରୁପ ଭୁବନେଶର, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ଗ୍ରାମ, ସମୟ: ସନ୍ଧ୍ୟା ୭ଟା ।
- ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ଗ୍ରାମ, ସମୟ: ସନ୍ଧ୍ୟା ୭ଟା ।

## କଳାହାଣ୍ଡି

- କଳାହାଣ୍ଡି ଜିଲା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ରିଜର୍ଭ ଅଫିସ ପଡ଼ିଆ, ସ୍ଥାନ: ସକାଳ ୭ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡିର ଜନସମ୍ପର୍କ ଅଭିଯାନ, ସ୍ଥାନ: ଏମ୍. ରାମପୁର ବ୍ଲକ ମୋହନଗିରି ଶିବ ମନ୍ଦିର, ସମୟ: ପୂର୍ବାହ୍ନ୧୦ଟା ।
- ବ୍ଲକସ୍ତରୀୟ ସୁରଭି ମହୋତ୍ସବ ୨୦୨୪, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୋଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବୃଦ୍ଧିକୋମନା ସ୍ପୋର୍ଟସ ଆସୋସିଏଶନ ନୂଆପଡା ପକ୍ଷରୁ ୩ୟ ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ମା' ବସ୍ତ୍ରାଣୀ ଖେଳ ପଡିଆ, ସମୟ: ଅପରାହ୍ନ ୩ ଟା ୩୦ ।

## ବୌଦ୍ଧ

- ଜିଲାସ୍ତରୀୟ ସହିଦ ଦିବସ ପାଳନ,ସ୍ଥାନ: ପଞ୍ଚମ ଆଇଆରବିଏନ ବାଟାଲିଅନ ପରେଡ ପଡିଆ, ବଲାସିଙ୍ଗା, ବୌଦ୍ଧ, ସମୟ: ସକାଳ ୭ଟା ୩୦ ମିନିଟ ।
- ଶ୍ରୀମଦ୍ ଦେବୀ ଭାଗବତ ନବଦିନାତ୍ମକ ପାରାୟଣ ଓ ପ୍ରବଚନର ଚତୁର୍ଥ ଦିନ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୂଡ ମନ୍ଦିର, ବୌଦ୍ଧ, ସମୟ: ସକାଳ ୮ଟା ।
- ରୌପ୍ୟ ଜୟନ୍ତୀ ସମାରୋହ ଓ ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: ବାମଣ୍ଡା ଗ୍ରାମ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ, କଣ୍ଟାମାଳ , ସମୟ : ପୂର୍ବାହ୍ନ ୧୦ଟା ।
- କରଡି ଚମ୍ପେଶ୍ୱର ବାବା ମନ୍ଦିରରେ ନାଗ ମୂର୍ତ୍ତି ସ୍ଥାପନ, ସ୍ଥାନ: ଚମ୍ପେଶ୍ୱର ବାବା ମନ୍ଦିର, କରଡି, ହରଭଙ୍ଗା , ସମୟ: ପୂର୍ବାହ୍ନ ୧୧ଟା ।

## ବ୍ରହ୍ମପୁର

- ଏଲ୍‌ଆଇସି ଏଜେଣ୍ଟ ଆସୋସିଏଶନ ଶାଖା-୧ର ଧାରଣା, ସ୍ଥାନ: ଏଲଆଇସି କାର୍ଯ୍ୟାଳୟ ସମ୍ମୁଖ, ଚର୍ଚ୍ଚ ରୋଡ,ସମୟ: ଅପରାହ୍ନ ୧ଟା ।

## ଗଞ୍ଜାମ

- ଶହୀଦ ଦିବସ ପାଳନ, ସ୍ଥାନ: ବେଲଗୁଣ୍ଠା ବ୍ଲକ ତନରଡ଼ା ଆଇ ଆର୍ ବି କ୍ୟାମ୍ପ, ସମୟ: ସକାଳ ୭ ଟା ।

## ଢେଙ୍କାନାଳ

- ପୋଲିସ ଶହୀଦ ଦିବସ, ସ୍ଥାନ-ରିଜର୍ଭ

## ବାଲେଶ୍ୱର

- ୬୫ତମ ପୋଲିସ ଶହୀଦ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପରେଡ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା ।
- ବାଲେଶ୍ୱର ବିଧାୟକଙ୍କ ବାହାବଳପୁର ମାଛଧରା ଜେଟି ଅଞ୍ଚଳ ପରିଦର୍ଶନ, ସ୍ଥାନ: ବାହାବଳପୁର ଜେଟି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ

- ୬୫ତମ ପୋଲିସ ସ୍ମୃତିରକ୍ଷା ଦିବସ, ସ୍ଥାନ: ଚରମ୍ପାସ୍ଥିତ ରିଜର୍ଭ ପୋଲିସ ପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା ।
- ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା ।
- ଭଣ୍ଡାରିପୋଖରୀ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୭ଟା ।

## ମୟୂରଭଞ୍ଜ

- ୬୫ତମ ପୋଲିସ ଶହୀଦ ଦିବସ, ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ ଭଞ୍ଜପୁର ବାରିପଦା,ସମୟ: ସକାଳ ୮ଟା ।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା ।
- ମୟୂରଭଞ୍ଜ ପର୍ଯ୍ୟଟନ ଓ ସଂସ୍କୃତି ସମ୍ବନ୍ଧୀୟ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ:ଏମ୍‌ପିସି କଲେଜ ବାଣିଜ୍ୟ ବିଭାଗ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ।
- ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ,ସ୍ଥାନ: ଉଦଳା ବସ୍‌ଷ୍ଟାଣ୍ଡ ବସ୍‌ମାଲିକ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ ସମୟ: ଅପରାହ୍ନ ୨ଟା ।

## ବାକି ଭୁବନେଶ୍ୱର

- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବିଜେବି ହାଇସ୍କୁଲ, ପୂର୍ବାହ୍ନ ୧୧ଟା ।
- ଗଜଲକ୍ଷ୍ମୀ ମହୋତ୍ସବ ୫ମ ଦିବସ, ସ୍ଥାନ: ଡାଳତୋଳା, ସମୟ: ଅପରାହ୍ନ ୫ଟା ।
- ଗଜଲକ୍ଷ୍ମୀ ପୂଜା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁଜଙ୍ଗ ମେଲଣ ପଡ଼ିଆ, ସନ୍ଧ୍ୟା ୬ଟା ।
- ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶ୍ରୀରାମ ଚରିତ ପାରାୟଣ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା ।

(ପଡ଼ିଆ, ତରତୁଆ, ସମୟ: ସକାଳ ୮ଟା ।)

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କୁ ଭାବୁକ ବନାଇ ଦେଇପାରନ୍ତି । ଭୋଗ, ବିଳାସ ଓ ମନୋରଞ୍ଜନ ସକାଶେ ଅନୁକୂଳ ପରିବେଶର ସୁଯୋଗ ପାଇବେ । କିନ୍ତୁ ମଙ୍ଗଳଙ୍କ ପ୍ରତି ଶନିଙ୍କ ଷଡାଷ୍ଟକ ସ୍ଥିତି ସ୍ୱାସ୍ଥ୍ୟ ସମ୍ପର୍କୀୟ ଚିନ୍ତା ସୃଷ୍ଟି କରିବ । ଆନୁଷ୍ଠାନିକ କାମରେ ସଫଳତା ପାଇବା କ୍ଷେତ୍ରରେ ଜଣେ ପୁରାତନ ବନ୍ଧୁଙ୍କ ସାହାଯ୍ୟ ମିଳିବ ।

**ବୃଷ** କୌଣସି କାମ ହାସଲ ସକାଶେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ଚେଷ୍ଟା କରିବେ । ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ଆପଣଙ୍କ ମତ ଓ ମନ୍ତବ୍ୟର ବିରୋଧ କରିପାରେ । ଜମିଜମା ସମ୍ବନ୍ଧୀୟ ବିବାଦୀୟ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ । ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଅର୍ଥାଭାବ ଅନୁଭବ କରି ଚିନ୍ତିତ ରହିବେ ।

**ମିଥୁନ** ଆର୍ଥିକ ଅନଟନ ଲାଗି ରହିବା ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ । ଅବହେଳା ଯୋଗୁ ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ । ବନ୍ଧୁଙ୍କ ସହିତ ପ୍ରାତଃଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ । ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି ।

**କର୍କଟ** ଯାହା ଭାବୁଛନ୍ତି ତାହାକୁ ବାସ୍ତବତାରେ ପରିଣତ କରିବା ସକାଶେ କୌଣସି ଅସୁବିଧା ରହିବ ନାହିଁ । ମାତ୍ର କେତେକ କ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ କରିପାରନ୍ତି । ପରିବାର ଭିତରେ ବିନା କାରଣରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ । ସହକର୍ମୀଙ୍କ ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ ।

**ସିଂହ** ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡିପାରେ । ପରୋକ୍ଷରେ ବିରୁଦ୍ଧାଚରଣ କରୁଥିବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି । ଆନୁଷ୍ଠାନିକ କାମରେ ନୀଚ ମନୋଭାବର ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି । ବ୍ୟବସାୟିକ ଦୃଷ୍ଟିକୋଣରୁ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିଥିବା କାରଣରୁ ଅସୁବିଧା ସମୟରେ ସହଯୋଗ ପାଇପାରିବେ । ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ ପଛରେ ନାନାଦି କଥା କହିବେ । ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡ଼ିପାରେ ।

**ତୁଳା** ବିଶେଷ ଭ୍ରମଣ ଓ କଠିନ ଶ୍ରମ ହେତୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବା ଠିକ୍ ହେବନାହିଁ । ବହୁତ ଦିନହେଲା ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ । ପ୍ରଶାସନ, ପ୍ରକାଶନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି ।

**ବିଛା** ହତୋତ୍ସାହିତ ନ ହୋଇ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ । ଜମା ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ । ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ । ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡପୂରାଇ ସମସ୍ୟାକୁ ଡାକି ଆଣିପାରନ୍ତି ।

**ଧନୁ** ବନ୍ଧୁ ଗହଣରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ । ଉପରିସ୍ଥ କର୍ମଚାରୀଙ୍କ ସହିତ ଅତ୍ୟଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି । ବାରମ୍ବାର କରଜଦାତାଙ୍କ ଚାପରେ ଅତିଷ୍ଠ ହୋଇ ଋଣ ପରିଶୋଧ ଚିନ୍ତାରେ ଦୁଶ୍ଚିନ୍ତାଗ୍ରସ୍ତ ହେବେ । ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ ।

**ମକର** ପ୍ରତ୍ୟେକ ସମୟରେ ନିଜ ପାଖରେ ରହୁଥିବା କର୍ମଚାରୀଟିର ମନୋଭାବ ବଦଳିଯାଇପାରେ । ବ୍ୟବସାୟ, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସନ୍ତୋଷଜନକ ଫଳ ପାଇବେ । ଭାବୁଥିବା ବିଷୟଟିକୁ ଉପରିସ୍ଥ ଅଧିକାରୀଙ୍କ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ । ସନ୍ତାନଙ୍କ ବୈବାହିକ ସମ୍ପର୍କ ସ୍ଥାପନ ପାଇଁ ଆଲୋଚନା କରିପାରନ୍ତି ।

**କୁମ୍ଭ** ଆଜି ବିଭିନ୍ନ ସମସ୍ୟାମୂଳକ କାମରେ ଅନୁପ୍ରବେଶ କରି ପଶ୍ଚାତ୍ତେ ଅନୁତାପ କରିପାରନ୍ତି । ବନ୍ଧୁମିଳନ ଅବକାଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ । ନୂତନ କାର୍ଯ୍ୟାରମ୍ଭ ସକାଶେ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିପାରନ୍ତି । ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ ।

**ମୀନ** କଳା,ସାହିତ୍ୟ କ୍ଷେତ୍ରରେ ଲାଗି ରହିଥିବା ବିବାଦୀୟ ସମସ୍ୟା ସମାଧାନ ହୋଇପାରିବ । ଭାବପ୍ରବଣବଶତଃ ଆଲୋଚନା କ୍ଷେତ୍ରରେ ଭିନ୍ନ ପ୍ରକାରର କଥାବାର୍ତ୍ତାକରି ଅପଦସ୍ଥ ହେବେ । ଭଲ ସମ୍ପର୍କ ଥିବା ବନ୍ଧୁ ନିଜର ସୁବିଧା ହାସଲ କରିବା ସକାଶେ ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି । ସହନଶୀଳତା ଆଚରଣ ପୂର୍ବକ ଅନ୍ୟମାନଙ୍କର ସେବାରେ ମନ ଦେବେ ।

ଆଜି ଅକ୍ଟୋବର ୨୧ ତାରିଖ, କାର୍ତ୍ତିକ କୃଷ୍ଣ ୫ମୀ ସୋମବାର, ରାଶିନକ୍ଷତ୍ର-ମୃଗଶିରା/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୭ ଗତେ, ଘ. ୦୭।୧୩ ମଧ୍ୟେ, ଘ.୦୮।୫୦ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ.୦୭।୧୩ ଗତେ, ଘ.୦୮।୪୮ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ୨୩ରେ ଦାନା ...

ନାମ 'ଦାନା' ଦିଆଯାଇଛି । ଏହା ଉତ୍ତର-ପଶ୍ଚିମ ଦିଗକୁ ଗତିକରି ୨୪ ତାରିଖ ସକାଳ ସୁଦ୍ଧା ଓଡିଶା-ପଶ୍ଚିମବଙ୍ଗ ନିକଟରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ମାତ୍ର ବାତ୍ୟାର ପ୍ରଭାବ କେତେ ରହିବ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଲଘୁଚାପ ସୃଷ୍ଟି ହେବା ପରେ ହିଁ ଚିତ୍ର ଓ ଏହାର ଦିଗ ବା ଗତିପଥ ସମ୍ପର୍କରେ ଜଣାପଡିବ । ଲଘୁଚାପ ସମୟରେ ୪୫ରୁ ୫୦ ବା ସର୍ବାଧିକ ୬୫ ମିମି ବର୍ଷା ହୋଇପାରେ । ଏହାସହ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ୧୦୦ରୁ ୧୨୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି । ବାତ୍ୟା ସହ ପ୍ରବଳ ବର୍ଷା, ଘଡ଼ଘଡ଼ି ଓ ବିଜୁଳିର ସମ୍ଭାବନା ଥିବାରୁ ଚିନ୍ତା ବଢ଼ିଛି । ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧାରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି । ୨୩ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବାନେଇ ଆକଳନ କରାଯାଉଛି । ୨୩ରୁ ୨୫ ତାରିଖ ଯାଏ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ୨୪ ତାରିଖରେ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ବିଶେଷକରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ଏବଂ ଗଜପତି ଜିଲାରେ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୨୫ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏନେଇ ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଜଗତ୍‌ସିଂହପୁରକୁ ରେଡ୍ ୱାର୍ନିଂ ଦିଆଯାଇଥିବାବେଳେ କେନ୍ଦ୍ରାପଡା, କଟକ, ନୟାଗଡ଼ ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ରହିଛି । ୨୬ରେ ପ୍ରବଳ ବର୍ଷା ସହ ୨୭ରେ ବି କିଛି ସ୍ଥାନରେ ପ୍ରବଳ ବର୍ଷା ହେବ । ଏହାପରେ ବର୍ଷାର ପରିମାଣ କମିପାରେ ବୋଲି ପୂର୍ବାନୁମାନ କରାଯାଇଛି ।

ଅନ୍ୟପକ୍ଷରେ ବାତ୍ୟାର ଲ୍ୟାଣ୍ଡଫଲ୍ ନେଇ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ମଡେଲ ଭିନ୍ନ ଭିନ୍ନ ତଥ୍ୟ ଦେଉଛନ୍ତି । ଆଇଏମ୍‌ଡି ଜିଏଫ୍‌ଏସ୍ ଏବଂ ଇସିଏମ୍‌ଡବ୍ଲ୍ୟୁଏଫ୍ ମଡେଲର ତଥ୍ୟାନୁସାରେ, ଆସନ୍ତା ୨୫ ତାରିଖରେ ବାତ୍ୟା ପୁରୀ ନିକଟ ଦେଇ ଅତିକ୍ରମ କରିବ । ଅନ୍ୟପକ୍ଷେ ଏନ୍‌ସିୟୁଏମ୍-ଜି ମଡେଲ୍ କହୁଛି, ଏହା ଭୁବନେଶ୍ୱର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଦେଇ ଅତିକ୍ରମ କରିପାରେ । କିନ୍ତୁ ଏନ୍‌ସିଇପି-ଜିଏଫ୍‌ଏସ୍ ମଡେଲ ଦର୍ଶାଉଛି ଯେ, ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବା ପରେ କ୍ରମଶଃ ପଶ୍ଚିମବଙ୍ଗ-ବାଂଲାଦେଶ ଆଡ଼କୁ ମୁହାଁଇବ । ବାତ୍ୟା ଭୟଙ୍କର ରୂପ ନେବାର ସମ୍ଭାବନା ଥିବା ଏହି ମଡେଲ ଦର୍ଶାଉଛି । ଅନ୍ୟପଟେ ଆଇଏମ୍‌ଡି-ଏମ୍‌ଏମ୍‌ଇ ମଡେଲରେ ବାତ୍ୟା ଉତ୍ତର ଓଡ଼ିଶା ଆଡ଼କୁ ମୁହାଁଇବ ବୋଲି ସୂଚନା ଦିଆଯାଇଛି ।

ଏପଟେ ସମ୍ଭାବ୍ୟ ବାତ୍ୟା ଓ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓ ରଞ୍ଜନ କୁମାର ସିଂ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ସଜାଗ ରହିବା ପାଇଁ କହିଛନ୍ତି । ରେଡ୍, ଅରେଞ୍ଜ କିମ୍ବା ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକରେ ଜଳବନ୍ଦୀ, ମାଟି ଅତଡ଼ା ଧସିବା ଆଦି ଭୟ ରହିଛି । ଏହାସହ ସହରାଞ୍ଚଳର ତଳିଆ ଅଞ୍ଚଳ ଉପରେ ନଜର ରଖିବା ସହ ଜଳ ନିଷ୍କାସନ ବନ୍ଦୋବସ୍ତ କରିବାକୁ କୁହାଯାଇଛି । ପ୍ରଭାବିତ ଅଞ୍ଚଳରେ ଯାତାୟାତ ନ କରି ନିରାପଦ ସ୍ଥାନରେ ରହିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ସେହିପରି ଚାଷଜମିରେ ସାର ବା ପୋକମରା ଔଷଧ ପକାଇବା କାର୍ଯ୍ୟରୁ ଚାଷୀ ବିରତ ରୁହନ୍ତୁ । ବାତ୍ୟା ପାଇଁ ସମୁଦ୍ର ଅଶାନ୍ତ ରହିବ । ତେଣୁ ସୋମବାର ସୁଦ୍ଧା ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି । ୨୫ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

### ଅକ୍ଟୋବରରେ ବାତ୍ୟା

| | |
|---|---|
| ୧୯୯୯ | ମହାବାତ୍ୟା |
| ୨୦୧୩ | ଫାଇଲିନ୍ |
| ୨୦୧୪ | ହୁଡ୍‌ହୁଡ୍ |
| ୨୦୧୮ | ତିତ୍‌ଲି |




ୱିଣ୍ଡି ଡଟ୍ କମ୍‌ର ଫୋର୍‌କାଷ୍ଟ ମଡେଲ୍ 'ଇସିଏମ୍‌ଡବ୍ଲ୍ୟୁଏଫ୍' ଅନୁଯାୟୀ ୨୪ ତାରିଖ ସନ୍ଧ୍ୟା ୬ଟାରେ ବାତ୍ୟା ପାରାଦୀପ ନିକଟରେ ପହଞ୍ଚିବା ନେଇ ରବିବାର ସନ୍ଧ୍ୟାରେ ଆକଳନ କରାଯାଇଛି ।

## ପ୍ରତିଟି ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୨୦।୧୦ (ସୁନିତ୍ ମିଶ୍ର)**

ଓଡ଼ିଶାରେ ହେବାକୁ ଥିବା ସମ୍ଭାବ୍ୟ ବାତ୍ୟାର ମୁକାବିଲା ଲାଗି ରାଜ୍ୟ ସରକାର ପରିସ୍ଥିତିର ସାମ୍ନା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ପ୍ରଭାବିତ ହେବାକୁ ଥିବା ଜିଲାର ଜିଲାପାଳମାନଙ୍କୁ ସୂଚନା ଦିଆଯାଇସାରିଛି । ମୁଖ୍ୟ ଶାସନ ସଚିବ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହିତ ଯୋଗାଯୋଗରେ ରହିଛନ୍ତି । ସୋମବାର ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ସମସ୍ତ ପ୍ରକାର ପରିସ୍ଥିତିର ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିଛୁ । ବିଚଳିତ ଏବଂ ଆତଙ୍କିତ ନ ହେବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରବିବାର ସ୍ୱତନ୍ତ୍ର ରିଲିଫ କମିଶନର ଡି.କେ. ସିଂ ଏବଂ ଅନ୍ୟ ବିଭାଗର ସଚିବ, ବିଭିନ୍ନ ବିଭାଗର ଅଧିକାରୀ, ଜିଲାପାଳ ଓ ଆଇଏମ୍‌ଡି ନିର୍ଦ୍ଦେଶକ ମନୋରମା ମହାନ୍ତିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ଆଇଏମ୍‌ଡି ରବିବାର ଏକ ସ୍ୱତନ୍ତ୍ର ବୁଲେଟିନ୍ ଜାରି କରି ବଙ୍ଗୋପସାଗର ଉପରେ ବାତ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗର ସହ ଆଣ୍ଡାମାନ ସାଗରର ଉତ୍ତରରେ ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ଆସନ୍ତା ୨୬ତାରିଖ ମଧ୍ୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯିବାକୁ ମନା । ଜିଲାସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାମ କରିବ । ବାତ୍ୟା ଅଶ୍ରୟସ୍ଥଳଗୁଡିକ ପ୍ରସ୍ତୁତ ରଖିବା ସହିତ ପିଇବା ପାଣି ଏବଂ ବିଜୁଳି ବ୍ୟବସ୍ଥା ଲାଗି ପ୍ରସ୍ତୁତ ରହିବା ଜରୁରୀ । ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ଲାଗି ପ୍ରସ୍ତୁତ ରହିବା ଦରକାର । ଯେଉଁ ଜିଲାଗୁଡିକ ରେଡ, ୟେଲୋ ଏବଂ ଅରେଞ୍ଜ ଏରିଆରେ ଆସୁଛି ସେମାନେ ପାଣି ଜମିବା ଏବଂ ପାହାଡିଆ ଏରିଆରେ ଲ୍ୟାଣ୍ଡସ୍ଲେଫିଂ ପ୍ରତି ଧ୍ୟାନ ଦେବା ଜରୁରୀ । ବାତ୍ୟା ପ୍ରଭାବିତ ଅଞ୍ଚଳରେ ଲୋକମାନେ ସୁରକ୍ଷିତ ରହିବା ଜରୁରୀ । ଜିଲାପାଳମାନେ ତୁରନ୍ତ ସୋମବାର ସକାଳ ସୁଦ୍ଧା ବୈଠକ କରି ସେମାନେ ଆବଶ୍ୟକତା ଅନୁଯାୟୀ ଓଡ୍ରାଫ, ଅଗ୍ନିଶମ ଏବଂ ଏନ୍‌ଡିଆର୍‌ଏଫ ଟିମ୍ ମୁତୟନ କରନ୍ତୁ । ଜନସାଧାରଣ ସଜାଗ ରୁହନ୍ତୁ କିନ୍ତୁ ଭୟଭୀତ ନ ହୁଅନ୍ତୁ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

ତେବେ ମୁଖ୍ୟ ଶାସନ ସଚିବଙ୍କ ବୈଠକ ପରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଏସ୍‌ଆର୍‌ସି କହିଛନ୍ତି, ସମ୍ଭାବ୍ୟ ବାତ୍ୟା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଏଥିପାଇଁ ବ୍ଲକସ୍ତରରେ ଓଡ୍ରାଫ, ଅଗ୍ନିଶମ ଟିମ୍ ରହିବେ । ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତେ ନିଜ ସ୍ଥାନରେ ରହି ଦାୟିତ୍ୱ ନିର୍ବାହ କରିବେ । ସ୍କୁଲ ଛୁଟି ନେଇ ନିଷ୍ପତ୍ତି ହୋଇନାହିଁ । ଜିଲାପାଳମାନେ ଏ ନେଇ ନିଷ୍ପତ୍ତି ନେବେ । ତଳିଆ ଅଞ୍ଚଳ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗର୍ଭବତୀଙ୍କୁ ନିକଟସ୍ଥ ହସ୍ପିଟାଲକୁ ଆଣିବାକୁ ନିର୍ଦ୍ଦେଶ ରହିଛି । ଜିରୋ କାଜୁଆଲଟି ଲକ୍ଷ୍ୟ ରଖିବା ସହ ପ୍ରସ୍ତୁତ ରହିବା, ଅଯଥା ଭୟଭୀତ ହେବାନି । ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ବର୍ଷାକୁ ଲକ୍ଷ୍ୟକରି ରବିବାରଠାରୁ ୨୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଥିବା ଏସ୍‌ଆର୍‌ସି କହିଛନ୍ତି ।

ପ୍ରଥମ ପୃଷ୍ଠାରୁ...

## କଶ୍ମୀରରେ ଆକ୍ରମଣ...

ହସ୍ପିଟାଲରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି । ଗୁଳିମାଡ଼ର ଶିକାର ହୋଇଥିବା ଅନ୍ୟ ୫ ଜଣଙ୍କୁ ଚିକିତ୍ସା କରାଯାଉଛି । ମୃତକମାନେ ହେଲେ ଡାକ୍ତର ଶହନୱାଜ ଫହିମ୍ ନଜିର, କଲିମ, ମହମ୍ମଦ ହନିଫ୍, ଅବରୋଲ୍, ଅନିଲ ଶୁକ୍ଳା ଓ ଗୁରମିତ୍ ସିଂ । ଆକ୍ରମଣ ପରେ ସୁରକ୍ଷା ବଳ ସମ୍ପୃକ୍ତ ଅଞ୍ଚଳକୁ ଘେରିବା ସହ ଆତଙ୍କବାଦୀଙ୍କୁ ଧରିବା ପାଇଁ ତଲାସି ଅଭିଯାନ ଆରମ୍ଭ କରିଛି । କଶ୍ମୀର ପୋଲିସ ଆଇଜି ଭି.କେ. ବିର୍ଡିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ଏହି ଘୃଣ୍ୟ ତଥା ଭୀରୁ କାର୍ଯ୍ୟରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ । ସେମାନଙ୍କୁ ଆମ ସୁରକ୍ଷା ବଳ କଠୋରରୁ କଠୋର ଜବାବ ଦେବେ ବୋଲି ଶାହା ଏକ୍ସ'ରେ ପୋଷ୍ଟ କରିଛନ୍ତି । ସେହିପରି ଜମ୍ମୁ-କଶ୍ମୀରର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା କହିଛନ୍ତି, ଗଗନଗିର ଆକ୍ରମଣରେ ମୃତକଙ୍କ ସଂଖ୍ୟା ବଢ଼ିପାରେ । ଉଭୟ ସ୍ଥାନୀୟ ଓ ବାହାର ଲୋକେ ଆକ୍ରମଣର ଶିକାର ହୋଇଛନ୍ତି । ଆହତମାନଙ୍କୁ ଶ୍ରୀନଗରସ୍ଥିତ ଏସ୍‌କେଆଇଏମ୍‌ଏସ୍ ହସ୍ପିଟାଲକୁ ପଠାଯାଇଛି । ଉପରାଜ୍ୟପାଳ ମନୋଜ ସିହ୍ନା ମଧ୍ୟ ନାଗରିକଙ୍କ ଉପରେ ଆତଙ୍କବାଦୀଙ୍କ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି ।



ପୁରୀ ବେଳାଭୂମିରେ ରବିବାର ଅନୁଷ୍ଠିତ ବାଲୁକା କଳା ପ୍ରଦର୍ଶନୀକୁ କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ବୁଲି ଦେଖୁଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ଇରାନ ଆକ୍ରମଣର ପ୍ରତିଶୋଧ ନେବ ଇସ୍ରାଏଲ

**ଅକ୍ଟୋବର ୧ରେ ଇରାନ ଇସ୍ରାଏଲ୍‌କୁ ଟାର୍ଗେଟ କରି ୧୮୧ ବାଲିଷ୍ଟିକ୍ ମିଶାଇଲ ଛାଡ଼ିଥିଲା। ସେଥିରୁ ଅଧିକାଂଶ କ୍ଷେପଣାସ୍ତ୍ରକୁ ଇସ୍ରାଏଲ୍‌ର ସୁରକ୍ଷା କବଚ କୁହାଯାଉଥିବା 'ଆଇରନ୍ ଡୋମ୍' ନିଷ୍ପ୍ରଭ କରିଦେଇଥିବା ତେଲ୍‌ଆଭିଭ ଦାବି କରିଥିଲା। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନକୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସେତେବେଳେ ଚେତାବନୀ ଦେଇଥିଲେ। ଇତିମଧ୍ୟରେ ଇସ୍ରାଏଲ୍ ପକ୍ଷରୁ ଇରାନ ଉପରେ ସେଭଳି ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାବେଳେ ଆମେରିକାର ଏ ସମ୍ପର୍କିତ ଏକ ଗୋଇନ୍ଦା ରିପୋର୍ଟ ଇରାନୀୟ ଟେଲିଗ୍ରାମ ଚ୍ୟାନେଲରେ ପ୍ରଘଟ ହୋଇଛି। ଆମେରିକୀୟ ଗୋଇନ୍ଦା ସଂସ୍ଥା ନ୍ୟାଶନାଲ ଜିଓସ୍ପାଟିଆଲ୍-ଇଣ୍ଟେଲିଜେନ୍ସ ଏଜେନ୍ସି(ଏନ୍‌ଜିଏ) ପକ୍ଷରୁ ଅକ୍ଟୋବର ୧୫ ଓ ୧୬ରେ ପ୍ରସ୍ତୁତ ଦୁଇଟି ଗୁପ୍ତ ଦସ୍ତାବିଜରେ ଇସ୍ରାଏଲ୍‌ର ସମ୍ଭାବ୍ୟ ଇରାନ ଆକ୍ରମଣ ଯୋଜନା ଉପରେ ବିସ୍ତୃତ ଭାବେ ଅବତାରଣା କରାଯାଇଛି। ଦୁଇ 'ଟପ୍ ସିକ୍ରେଟ୍' ଦସ୍ତାବିଜ ପ୍ରଘଟ ହେବା ପରେ ବଡ଼ଧରଣର ଯୁଦ୍ଧ ଆଶଙ୍କାରେ ମଧ୍ୟପ୍ରାଚ୍ୟ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ହଇଚଇ ସୃଷ୍ଟି ହୋଇଛି।**

ନ୍ୟୁୟର୍କ/ତେଲ୍‌ଆଭିଭ,୨୦।୧୦

## ଆମେରିକା ଗୋଇନ୍ଦା ରିପୋର୍ଟ ପ୍ରଘଟ ପରେ ହଇଚଇ



ଆମେରିକୀୟ ଗୋଇନ୍ଦା ସଂସ୍ଥା ଏନ୍‌ଜିଏ ସ୍ପାଏ ସାଟେଲାଇଟ୍‌ଗୁଡ଼ିକରୁ ସଂଗୃହୀତ ଫଟୋ ଓ ତଥ୍ୟଗୁଡ଼ିକୁ ବିଶ୍ଳେଷଣ କରି ଗତ ୧୫ ଓ ୧୬ ତାରିଖରେ ଦୁଇଟି ଅତ୍ୟନ୍ତ ଗୋପନୀୟ ଦସ୍ତାବିଜ ପ୍ରସ୍ତୁତ କରିଥିଲା। ଏହି ୨ ଦସ୍ତାବିଜ ଇରାନ ଭାବାବେଗର ସମର୍ଥନକାରୀ କିଛି ଟେଲିଗ୍ରାମ ଚ୍ୟାନେଲରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଏଥିରେ ଦର୍ଶାଯାଇଛି ଯେ, ଇରାନ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଇସ୍ରାଏଲ୍ ସାମରିକ ପ୍ରସ୍ତୁତି ଆରମ୍ଭ କରିସାରିଛି। ବିଶେଷକରି ଇରାନକୁ ଧ୍ୱଂସ କରିବା ପାଇଁ ଏୟାର-ଟୁ-ଏୟାର ରିଫୁଏଲିଂ ଅପରେଶନ୍ସ, ସର୍ଚ୍ଚ ଆଣ୍ଡ୍ ରେସ୍କ୍ୟୁ ମିଶନ୍ସ ଏବଂ କ୍ଷେପଣାସ୍ତ୍ର ବ୍ୟବସ୍ଥାଗୁଡ଼ିକର ପୁନଃ ମୁତୟନ କରାଯାଇଛି। 'ଇସ୍ରାଏଲ୍: ଏୟାରଫୋର୍ସ କଣ୍ଟିନ୍ୟୁଜ୍ ପ୍ରିପାରେଶନ୍ସ ଫର୍ ଷ୍ଟ୍ରାଇକ୍ ଅନ୍ ଇରାନ' ଶୀର୍ଷକ ଦସ୍ତାବିଜରେ ଏହି ବିଷୟ ଉଲ୍ଲେଖ କରାଯାଇଛି। ସେହିପରି ଇସ୍ରାଏଲ୍ କିଭଳି ଭାବେ ରଣନୈତିକ ସ୍ଥାନଗୁଡ଼ିକରେ ଅସ୍ତ୍ର ଠୁଳ କରୁଛି, ତାହା ଦ୍ୱିତୀୟ ଦସ୍ତାବିଜରେ ଦର୍ଶାଯାଇଛି। ଏହି ସିକ୍ରେଟ୍ ପ୍ଲାନ୍ ପ୍ରଘଟ ହେବା ପରେ ଆମେରିକା ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଏତେ ଗୋପନୀୟ ଦସ୍ତାବିଜ କିପରି ଲିକ୍ ହେଲା ଏବଂ ଏହାର ସମ୍ଭାବ୍ୟ ପରିଣାମ ନେଇ ଅଧିକାରୀମାନେ ତନାଘନା ଆରମ୍ଭ କରିଛନ୍ତି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ଇସ୍ରାଏଲ୍‌ର ସମ୍ବେଦନହୀନ ସାମରିକ ଯୋଜନାକୁ ଆଉ କେତେକେ ସମାଲୋଚନା କରିଛନ୍ତି। ନିକଟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜର୍ମାନୀ ଗସ୍ତରେ ଥିବାବେଳେ ଇରାନ ଉପରେ ଇସ୍ରାଏଲ୍‌ର ଆକ୍ରମଣ ଯୋଜନା ସମ୍ପର୍କରେ ଅବଗତ ଅଛନ୍ତି କି ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ ହଁ କହିଥିଲେ, କିନ୍ତୁ ବିସ୍ତୃତ ତଥ୍ୟ ଦେବାକୁ ମନା କରିଥିଲେ। ବର୍ତ୍ତମାନ ଏହି ୨ ଦସ୍ତାବିଜ କେଉଁ ସୂତ୍ରରୁ ଲିକ୍ ହେଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ଆମେରିକା ସରକାରଙ୍କ ଜଣେ ନିମ୍ନସ୍ତରର ସରକାରୀ କର୍ମଚାରୀ ଏହାକୁ ପ୍ରଘଟ କରିଥିବା ସଙ୍କେତ ମିଳୁଛି। ପେଣ୍ଟାଗନ୍, ଆମେରିକୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏବଂ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ମିଳିତ ଭାବେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ତଦନ୍ତ ଚଳାଇଛନ୍ତି। ପେଣ୍ଟାଗନ୍ ଉକ୍ତ ରିପୋର୍ଟ ଉପରେ ସଚେତନ ଥିବା କହିଛି। କିନ୍ତୁ ଅଧିକ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛି। ଇସ୍ରାଏଲୀ ସେନା ମଧ୍ୟ ଏହା ଉପରେ କିଛି ନ କହିବାକୁ ଉଚିତ ମଣିଛି। ଦୁଇ ଦସ୍ତାବିଜ ମଧ୍ୟରୁ ଗୋଟିଏର ପ୍ରଘଟ ରୁଷିଆର ୟୁକ୍ରେନ୍ ଆକ୍ରମଣ ଏବଂ ଅନ୍ୟ ଜାତୀୟ ସୁରକ୍ଷା ଗୋପନୀୟତା ଲିକ୍ ଭଳି ହୋଇଛି। ପୂର୍ବ ଦସ୍ତାବିଜ ପ୍ରଘଟକାରୀ ଏୟାର ନ୍ୟାଶନାଲ ଗାର୍ଡ୍ସମ୍ୟାନ୍ ଜ୍ୟାକ୍ ଟେଇକ୍ସେରିଆ ଗତ ମାର୍ଚ୍ଚରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ପ୍ରକାଶ ଯେ, ସଦ୍ୟ ରିପୋର୍ଟକୁ ପ୍ରଘଟ କରିଥିବା ଟେଲିଗ୍ରାମ୍ ଚ୍ୟାନେଲଗୁଡ଼ିକରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ 'ହିରୋ' ଦର୍ଶାଇବା ପାଇଁ ନିକଟରେ ପ୍ରୟାସ କରାଯାଇଥିଲା।

# କାଉଡ଼ିଆ ନଦୀ, ସମୁଦ୍ରରେ ମିଶିଲା ପାଇପ୍‌ଲାଇନ ତେଲ

ପାରାଦୀପ,୨୦।୧୦(ଶରତ ରାଉତ)

## ତେଲ ଚୋରି ବେଳେ ଅଘଟଣ



ଇଣ୍ଡିଆନ୍ ଅଏଲ ପାଇପ୍‌ଲାଇନରୁ ଚୋରିବେଳେ ତେଲ ନିର୍ଗତ ହୋଇ କାଉଡ଼ିଆ ନଦୀରେ ମିଶିଛି।

ପାରାଦୀପରେ ବ୍ୟାପକ ଚୋରା କାରବାର ଘଟଣାକୁ ନେଇ ଅଘଟଣ ଘଟୁଥିଲେ ହେଁ ଏହାର କୌଣସି ପ୍ରଭାବ ପ୍ରଶାସନ ଉପରେ ପଡୁନାହିଁ। ୨ ଦିନ ତଳେ ମାଛଧରା ଡଙ୍ଗାରେ ବିଦେଶୀ ମଦ, ସିଗାରେଟ କାରବାର ସମୟରେ ଜଣେ ଯୁବକ ପାଣିରେ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣା ମନରୁ ନ ଯାଉଣୁ ପୁଣି ସେହି ନେହେରୁ ବଙ୍ଗଳା ଅଞ୍ଚଳରେ ରବିବାର ଆଉ ଏକ ଘଟଣା ଘଟିଛି। ପାରାଦୀପ ମେରାଇନ ଥାନା ଅନ୍ତର୍ଗତ ନେହେରୁ ବଙ୍ଗଳା ରାସ୍ତାର ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଛକ ପାଖରେ ମାଟି ତଳେ ଯାଇଥିବା ଇଣ୍ଡିଆନ୍ ଅଏଲ ପାଇପ୍‌ଲାଇନରୁ ବିପୁଳ ତେଲ ନିର୍ଗତ ହୋଇ ନିକଟସ୍ଥ କାଉଡ଼ିଆ ନଦୀ ଓ ସମୁଦ୍ରରେ ମିଶିଛି। ଘଟଣା ପ୍ରଘଟ ହେବାପରେ ଇଣ୍ଡିଆନ୍ ଅଏଲ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କଣାହୋଇଥିବା ପାଇପ୍‌ଲାଇନକୁ ମରାମତି କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇନାହିଁ ବୋଲି ମେରାଇନ ଥାନାଧିକାରିଣୀ ସୁଜାତା ବେହେରା କହିଛନ୍ତି। ଘଟଣା ସମ୍ପର୍କରେ ଇଣ୍ଡିଆନ୍ ପାଇପ୍‌ଲାଇନ ଅଧିକାରୀ ଅମିତ୍ କୁମାରଙ୍କୁ ପଚାରିଲେ ସେ କିଛି ଜାଣିନାହାନ୍ତି ବୋଲି କହିଥିଲେ। ତେବେ ଯେଉଁ ଜାଗାରେ ତେଲ ପାଇପ୍ କଣା କରାଯାଇଛି, ସେଠାରେ ୨୪ ଘଣ୍ଟିଆ ଘରୋଇ ସିକ୍ୟୁରିଟି ମୁତୟନ କରାଯାଇଛି। ମାଟିରେ ମିଶିଥିବା ତେଲ କଳାଥିବା ବେଳେ ତାହା ଡିଜେଲ ଭଳି ଗନ୍ଧ ହେଉଥିଲା। ଯେଉଁଠି କଣା ହୋଇଛି ସେଠାରେ ପ୍ଲାଷ୍ଟିକ ବ୍ୟାରେଲ, ଛୋଟ ପାଇପ ଆଦି ପଡ଼ିଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ସାଉଥ୍ ଅଏଲ ବର୍ଥଠାରୁ ବାଉରିଆପାଳନନ୍ଦା ତୈଳ ଟର୍ମିନାଲ ପର୍ଯ୍ୟନ୍ତ ୧୩ କି.ମି. ୪ ଥାକିଆ ପାଇପ୍‌ଲାଇନ ମାଟି ତଳେ ଯାଇଛି। ଜାହାଜରେ ଆସୁଥିବା ତେଲ ସେହି ପାଇପ୍‌ଲାଇନ ଯୋଗେ ଟର୍ମିନାଲ ପର୍ଯ୍ୟନ୍ତ ନେବା ଆଣିବା କରାଯାଏ। ଉକ୍ତ ପାଇପ୍‌ଲାଇନ କାଉଡ଼ିଆ ନଦୀ ପାଖ ହେନ୍ତାଳ ବଣ ଓ ରାସ୍ତା ମଝିରେ ରହିଛି। ତେଲ ଚୋରମାନେ ଡଙ୍ଗାରେ ଆସି ବଣ ଭିତରେ ମାଟି ଖୋଳି ପାଇପ୍ କଣା କରି ତେଲ ସଂଗ୍ରହ କରିଥାନ୍ତି। ଏହା ପ୍ରାୟତଃ ଚାଲୁଥିବା ଅଭିଯୋଗ ହୁଏ। ଏହି କାର୍ଯ୍ୟରେ ଅଧିକାରୀ, ପୋଲିସ ଓ ଚୋରା ବେପାରୀଙ୍କ ମଧ୍ୟରେ ସମନ୍ୱୟ ରହିଥାଏ ବୋଲି କୁହାଯାଏ। ସେମିତି ତେଲ ପାଇପ୍ କଣା କରିବା ସମୟରେ ତାହା ଫାଟି ଅଧିକ ମାତ୍ରାରେ ବାହାରି ଯାଇଥିବା ଚର୍ଚ୍ଚା ହେଉଛି।

# ନାଭାଲ ଏନ୍‌ସିସି ୟୁନିଟ୍ ପକ୍ଷରୁ ନୌଚାଳନା ଅଭିଯାନ

କୃଷ୍ଣପ୍ରସାଦ, ୨୦।୧୦
(କୈଳାଶ ଚନ୍ଦ୍ର ପଟ୍ଟନାୟକ)



ଚିଲିକା ଜଳରାଶିରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)-୩ ଓଡ଼ିଶା ନାଭାଲ ୟୁନିଟ ପକ୍ଷରୁ ନୌଚାଳନା ଅଭିଯାନ ଗତ ୧୫ ତାରିଖରୁ ଆରମ୍ଭ ହୋଇଛି। ଏହି ଅଭିଯାନ ୧୦ ଦିନ ଧରି ଚାଲିବ। ଏହି ସମୟ ମଧ୍ୟରେ ୬୦ ଜଣ କ୍ୟାଡେଟ ନୌକାୟନରେ ସାମିଲ ହୋଇ ୨୧୦ କିମି ଅତିକ୍ରମ କରିବାର କାର୍ଯ୍ୟସୂଚୀ ରହିଛି। ଚିଲିକା ଜଳରାଶିରେ କିଭଳି ନୌକାଚାଳନା କରାଯିବ ସେ ସମ୍ପର୍କରେ ଅଭିଜ୍ଞ କମାଣ୍ଡରମାନେ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ଅବସରରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରୁଛନ୍ତି। କୃଷ୍ଣପ୍ରସାଦ ଗଡ଼ ଘିମୁଦା ଜେଟିରେ ରବିବାର ପୂର୍ବାହ୍ନ ୯ଟାରେ କ୍ୟାମ୍ପ କମାଣ୍ଡାଣ୍ଟ କମାଣ୍ଡର ସୁଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପହଞ୍ଚିଥିବା ସୂଚନା ମିଳିଛି। ଆସନ୍ତା ୨୪ ତାରିଖରେ ଏହି କାର୍ଯ୍ୟକ୍ରମ ଉଦଯାପନ ହେବ ବୋଲି ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ନୌଚାଳନା ଶିକ୍ଷା ଗ୍ରହଣ କରି ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି। ସୁରକ୍ଷା ଅଧିକାରୀ କମାଣ୍ଡର ସୁଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଜ୍ରପାତରେ ୨ ମୃତ

ଗୋପ,୨୦।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପରେ ରବିବାର ବଜ୍ରପାତରେ ଜଣେ ଯୁବତୀ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି। ମୃତକଦ୍ୱୟ ହେଲେ ଗୋପ ବ୍ଲକ ଅନ୍ତର୍ଗତ ଏରବଙ୍ଗ ଡିହସାହି ଗ୍ରାମର ସରସ୍ୱତୀ ସ୍ୱାଇଁ(୧୮) ଓ ରିନା ଭୋଇ (୪୫)। ଏନେଇ ଗୋପ ଥାନାରେ ୨ଟି ଅପମୃତ୍ୟୁ ମାମଲା (ନଂ୨୯,୩୦/୨୪) ରୁଜୁ ହୋଇଛି।

ପ୍ରକାଶ ଯେ, ମୃତା ସରସ୍ୱତୀ ଜେଜେ ମା'ଙ୍କ ଦଶାହ କାର୍ଯ୍ୟ ପାଇଁ ବନ୍ଧୁବାନ୍ଧବ ଓ ପରିବାରବର୍ଗଙ୍କ ସହ ନିକଟସ୍ଥ ସାହୁ ପୋଖରୀକୁ ଯାଇଥିଲେ। ସେହି ସମୟରେ ବର୍ଷା ସାଙ୍ଗକୁ ବିଜୁଳି ମାରିଥିଲା। ସରସ୍ୱତୀ ଏକ ଗଛମୂଳେ ଠିଆ ହୋଇଥିବା ବେଳେ ବିଜୁଳି ମାରିବା ଯୋଗୁ ଯୁବତୀ ଜଣଙ୍କ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଡିହସାହି ଗ୍ରାମର ରିନା ଭୋଇ ଛେଳି ଚରାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଗୋପ ମେଡିକାଲ୍‌ରେ ଭର୍ତ୍ତି କରିବା ପରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏପରି ଏକ ଦୁଃଖଦ ଖବର ସମସ୍ତଙ୍କୁ ଚକିତ କରିଛି।

# ବାଘ ଆଣିବାକୁ ମହାରାଷ୍ଟ୍ର ଗଲା ୨ ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର,୨୦।୧୦(ବନ୍ଦନା ସେଠୀ)

## ଶିମିଳିପାଳ ଆସିବେ ଦୁଇ ମହାବଳ

ମହାରାଷ୍ଟ୍ରରୁ ଶିମିଳିପାଳକୁ ଆସିବେ ଦୁଇଟି ମହାବଳ ବାଘ। ଏନେଇ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଛି। ଇତିମଧ୍ୟରେ ଶିମିଳିପାଳର ୨ଟି ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର ଯାଇଥିବା ଜଣାପଡ଼ିଛି। ଗୋଟିଏ ଟିମ୍ ଟ୍ରେନିଂ ପାଇଁ ଏବଂ ଅନ୍ୟ ଟିମ୍ ପୂରା କାର୍ଯ୍ୟକୁ ଆସେସ୍‌ମେଣ୍ଟ କରିବାକୁ ଯାଇଛି। ଏହି ସ୍ୱତନ୍ତ୍ର ଟିମ୍‌ରେ ଶିମିଳିପାଳର କ୍ଷେତ୍ର ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କ ସହ ବନ୍ୟଜନ୍ତୁ ଡାକ୍ତରୀଦଳ ଏବଂ ତାଲିମପ୍ରାପ୍ତ ବନ କର୍ମଚାରୀ ଓ ରାପିଡ୍ ରେସପନ୍ସ ଟିମ୍ ରହିଛନ୍ତି।

ଏନେଇ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ଶିମିଳିପାଳକୁ ଆଣିବା ପାଇଁ ଯେଉଁ କେତେକ ବାଘଙ୍କୁ ଚିହ୍ନଟ କରାଯାଇଛି, ସେମାନଙ୍କ ଉପରେ ଏହି ଟିମ୍ ନଜର ରଖିବ। ସମ୍ପୃକ୍ତ ବାଘଙ୍କ ଆଚରଣ, ସେମାନଙ୍କ ହିଷ୍ଟ୍ରି ଉପରେ ନଜର ଦେବା ସହ ସେମାନଙ୍କୁ କିପରି ଧରିହେବ ସେ ନେଇ ପଦକ୍ଷେପ ନିଆଯିବ। ଯେଉଁ ବାଘମାନେ ଜଙ୍ଗଲରୁ ବାହାରକୁ ଯାଉଥିବେ ସେମାନଙ୍କୁ ଅଣାଯିବ ନାହିଁ। ବାଘମାନଙ୍କ ଦେହରେ ରେଡିଓ କଲାର ଲଗାଇବା ପରେ ଟ୍ରାକିଂ କରାଯିବ। ଏ ସମସ୍ତ ଦିଗକୁ ଅନୁଧ୍ୟାନ କରି ଅନୁମତି ମିଳିବା ପରେ ଚିହ୍ନଟ ହୋଇଥିବା ବାଘଙ୍କ ମଧ୍ୟରୁ ୨ଟି ବାଘ ଶିମିଳିପାଳକୁ ଅଣାଯିବ। ତେବେ ବାଘ ଧରିବା ସହଜ ପ୍ରକ୍ରିୟା ହୋଇ ନ ଥିବାରୁ ଏଥିପାଇଁ ପ୍ରାୟ ୧ ସପ୍ତାହରୁ ୪ ସପ୍ତାହ ସମୟ ଲାଗିପାରେ ବୋଲି ପିସିସିଏଫ୍ କହିଛନ୍ତି। ସେହିପରି ବାଘ ଧରିବା ପାଇଁ ଏହା ପ୍ରଥମ ପର୍ଯ୍ୟାୟ ପ୍ରକ୍ରିୟା ହୋଇଥିବାବେଳେ ଏଥିଲାଗି ଆଗରୁ ମଧ୍ୟ ବିଭିନ୍ନ ଟିମ୍ ମହାରାଷ୍ଟ୍ର ଯାଇଥିଲେ ବୋଲି ସେ କହିଛନ୍ତି। ଶିମିଳିପାଳର ସ୍ୱତନ୍ତ୍ର ଟିମ୍ ଯାଇ ବାଘ ଚିହ୍ନଟ କରିବା ପରେ ଆଇନ ଅନୁଯାୟୀ ବିଭିନ୍ନ ପ୍ରକ୍ରିୟା କରାଯାଇ ବାଘ ଅଣାଯିବ। ଶିମିଳିପାଳ ବାଘ ବଂଶ ବୃଦ୍ଧି ପାଇଁ ଦେଶର ଉତ୍ତମ ସ୍ଥାନ ବୋଲି ପୂର୍ବରୁ ଏନ୍‌ଟିସିଏ ସ୍ପଷ୍ଟ କରିଥିଲା। ଏହି ପରିପ୍ରେକ୍ଷୀରେ ଶିମିଳିପାଳକୁ ଦୁଇଟି ମହାବଳ ଅଣାଯାଉଥିବା ପିସିସିଏଫ୍ ସୂଚନା ଦେଇଛନ୍ତି।

# କାର୍ଯ୍ୟକ୍ଷେତ୍ରରେ ୫୮% ସ୍ୱାସ୍ଥ୍ୟକର୍ମୀ ଅସୁରକ୍ଷିତ

ନୂଆଦିଲ୍ଲୀ, ୨୦।୧୦

## ୭୮.୪% ସ୍ୱାସ୍ଥ୍ୟକର୍ମୀଙ୍କୁ ଡ୍ୟୁଟିରେ ଥିବାବେଳେ ମିଳୁଛି ଧମକ



ଦେଶର ମେଡିକାଲ କଲେଜଗୁଡ଼ିକରେ କାର୍ଯ୍ୟରତ ପ୍ରାୟ ଅଧାରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ସେମାନଙ୍କ କାର୍ଯ୍ୟକ୍ଷେତ୍ରକୁ ଅସୁରକ୍ଷିତ ମଣୁଥିବା ନେଇ ଏକ ଅଧ୍ୟୟନ ସାମ୍ନାକୁ ଆସିଛି। ନୂଆଦିଲ୍ଲୀର ବର୍ଦ୍ଧମାନ ମହାବୀର ମେଡିକାଲ କଲେଜ(ଭିଏମ୍‌ଏମ୍‌ସି) ଆଣ୍ଡ ସଫଦରଜଙ୍ଗ ହସ୍ପିଟାଲ ଏବଂ ଏମ୍ସ ନୂଆଦିଲ୍ଲୀ ପକ୍ଷରୁ ମିଳିତ ଭାବେ ଉକ୍ତ ଅଧ୍ୟୟନ କରାଯାଇଛି। 'ଏପିଡେମିଓଲୋଜି ଇଣ୍ଟରନ୍ୟାଶନାଲ' ଜର୍ନାଲରେ ରବିବାର ପ୍ରକାଶିତ 'ୱର୍କପ୍ଲେସ୍ ସେଫ୍ଟି ଆଣ୍ଡ୍ ସିକ୍ୟୁରିଟି ଇନ୍ ଇଣ୍ଡିଆନ୍ ହେଲ୍‌ଥ କେୟାର ସେଟିଙ୍ଗସ୍: ଏ କ୍ରସ୍ ସେକ୍ସନାଲ ସର୍ଭେ' ଶୀର୍ଷକ ଏହି ଅଧ୍ୟୟନ ଭାରତୀୟ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକର ମୌଳିକ ସୁରକ୍ଷା ଭିତ୍ତିଭୂମିରେ ଥିବା ତ୍ରୁଟି ବିଚ୍ୟୁତିକୁ ଦର୍ଶାଇଛି। ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାରେ ଉନ୍ନତି ଆଣିବା ଜରୁରୀ ବୋଲି ଏଥିରେ କୁହାଯାଇଛି।

ଏହି ଅଧ୍ୟୟନରେ ଦେଶର ବିଭିନ୍ନ ମେଡିକାଲ ପ୍ରତିଷ୍ଠାନର ୧,୫୬୬ ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ କର୍ମକ୍ଷେତ୍ରରେ ନିରାପତ୍ତା ସମ୍ପର୍କୀତ ବିଭିନ୍ନ ପ୍ରଶ୍ନ ପଚରାଯାଇ ସର୍ଭେ କରାଯାଇଛି। ସର୍ଭେରେ ୮୬୯(୫୫.୫%) ମହିଳା ଚିକିତ୍ସା କର୍ମୀ ଓ ୬୯୭ (୪୪.୫%)ପୁରୁଷ ଚିକିତ୍ସା କର୍ମୀ ସାମିଲ ହୋଇଥିଲେ। ମତାମତ ଦେଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ପ୍ରାୟ ୭୧% ସରକାରୀ ମେଡିକାଲ କଲେଜରେ କାର୍ଯ୍ୟରତ ଥିବା ନେଇ ସର୍ଭେ କରିଥିବା ବରିଷ୍ଠ ଡାକ୍ତର ଯୁଗଳ କିଶୋର ସୂଚନା ଦେଇଛନ୍ତି।

ସର୍ଭେରେ ପ୍ରାୟ ୫୮.୨% ସ୍ୱାସ୍ଥ୍ୟକର୍ମୀ ନିଜ ନିଜ କାର୍ଯ୍ୟସ୍ଥଳକୁ ଅସୁରକ୍ଷିତ ବୋଲି କହିଛନ୍ତି। ସେହିପରି ୭୮.୪% ସ୍ୱାସ୍ଥ୍ୟକର୍ମୀ ଡ୍ୟୁଟିରେ ଥିବାବେଳେ ଧମକ ମିଳୁଥିବା ନେଇ ଜଣାଇଛନ୍ତି ବୋଲି ଡାକ୍ତର କିଶୋର କହିଛନ୍ତି। ଏକାଥରକେ ଲମ୍ବା ଅବଧିର ଡ୍ୟୁଟି କିମ୍ବା ରାତି ଡ୍ୟୁଟିରେ ନିୟୋଜିତ ପ୍ରାୟ ଅଧା ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ନିଜର ସ୍ୱତନ୍ତ୍ର କୋଠରି ନ ଥିବା ଏହି ଅଧ୍ୟୟନ କହିଛି। ସେହିପରି ଡ୍ୟୁଟିରୁମକୁ ନିୟମିତ ଭାବେ ସଫା କରିବା, ସେଠାରେ କୀଟନାଶକ ନିୟନ୍ତ୍ରଣ, ଭେଣ୍ଟିଲେଶନ, ଏୟାର କଣ୍ଡିଶନର ଆଦି ସୁବିଧା ଅତ୍ୟନ୍ତ ଖରାପ ହୋଇଥିବା ନେଇ ଡାକ୍ତରମାନେ କହିଛନ୍ତି। ପ୍ରାୟ ୭୦% ସ୍ୱାସ୍ଥ୍ୟକର୍ମୀ କହିଛନ୍ତି, ସେମାନଙ୍କ କାର୍ଯ୍ୟସ୍ଥଳରେ ପର୍ଯ୍ୟାପ୍ତ ସୁରକ୍ଷାକର୍ମୀ ନାହାନ୍ତି। ସେହିପରି ୬୨% ସ୍ୱାସ୍ଥ୍ୟକର୍ମୀ ଜରୁରିକାଳୀନ ଆଲାର୍ମ ସିଷ୍ଟମ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୯୦%ରୁ ଅଧିକ ହସ୍ପିଟାଲକୁ ପ୍ରବେଶ କରୁଥିବା ଲୋକଙ୍କର ଉପଯୁକ୍ତ ଢଙ୍ଗରେ ଯାଞ୍ଚ ହେଉନାହିଁ। ତେଣୁ

ଅସ୍ତ୍ରଶସ୍ତ୍ର କିମ୍ବା ବିପଜ୍ଜନକ ସାମଗ୍ରୀକୁ ସାଙ୍ଗରେ ଧରି ଅସାମାଜିକ ଲୋକେ ହସ୍ପିଟାଲ ମଧ୍ୟକୁ ଅବାଧରେ ପ୍ରବେଶ କରିବାର ଆଶଙ୍କା ରହିଛି।

ସେହିପରି ଘରୋଇ ମେଡିକାଲ ଅନୁଷ୍ଠାନ ଅପେକ୍ଷା ସରକାରୀ ମେଡିକାଲ ଅନୁଷ୍ଠାନଗୁଡ଼ିକରେ ସୁରକ୍ଷା ସମ୍ବନ୍ଧିତ ତ୍ରୁଟିକୁ ନେଇ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଅଧିକ ଅସନ୍ତୋଷ ରହିଛି। ବିଭିନ୍ନ ରାଜ୍ୟର ସରକାରୀ ମେଡିକାଲ କଲେଜଗୁଡ଼ିକରେ ୬୩%ରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ସେମାନଙ୍କ କାର୍ଯ୍ୟକ୍ଷେତ୍ରକୁ ଅସୁରକ୍ଷିତ ମଣୁଥିବା ଉକ୍ତ ଅଧ୍ୟୟନରେ ଦର୍ଶାଯାଇଛି।

# ହାତୀ ଆକ୍ରମଣରେ ଯୁବକ ମୃତ

ସୁନ୍ଦରଗଡ଼,୨୦।୧୦
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ବନାଞ୍ଚଳ ତଥା ହାତୀବାରି ଥାନା ଅନ୍ତର୍ଗତ କନ୍ଦରକେଲା ପଞ୍ଚାୟତ ବାଉଁଶଯୋର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ପ୍ରଦୀପ ବିଲାଙ୍ଗ(୨୪)। ଏଥିସହ ମହିପାଳ କିରୋ ନାମକ ଜଣେ ଯୁବକ ହାତୀ ଆକ୍ରମଣରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଲକ୍ଷ୍ମୀପୂଜା ଅବସରରେ ବାଉଁଶଯୋରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଶନିବାର ରାତିରେ ପ୍ରଦୀପ ଓ ମହିପାଳ ଆସିଥିଲେ। କାର୍ଯ୍ୟକ୍ରମ ସରିବା ପରେ ଦୁହେଁ ବିଳମ୍ବିତ ରାତିରେ ଚାଲିକି ଫେରୁଥିବା ବେଳେ ଗୋଠଛଡା ହାତୀ ସହ ମୁହାଁମୁହିଁ ହୋଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ୨ ଜଣଙ୍କୁ ପ୍ରଥମେ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଦୀପଙ୍କ ମୃତ୍ୟୁ ଘଟିଥିଲା। ମହିପାଳଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡିଛି। ବୀରମିତ୍ରପୁର ରେଞ୍ଜର ଦୁର୍ଯ୍ୟୋଧନ ଜରେଇ, ହାତୀବାରି ଫରେଷ୍ଟର ସୁଶୀଲ କୁମାର କେରକେଟାଙ୍କ ସହ ହାତୀବାରି ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ବୀରମିତ୍ରପୁର ବନାଞ୍ଚଳ ତଥା ହାତୀବାରି ଥାନା ଅନ୍ତର୍ଗତ ଲୋକମବେଡା ପଞ୍ଚାୟତ ଖାଡ଼ିଯୋର ଗ୍ରାମରେ ହାତୀ ଆକ୍ରମଣରେ ସୁନୀଲ ବାଗେ ନାମକ ଜଣେ ଯୁବକ ପ୍ରାଣ ହରାଇଥିଲେ। ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଏ ଦିଗରେ ବନ ବିଭାଗ ତତ୍ପରତା ପ୍ରକାଶ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଥଣ୍ଡାପଡୁନି ମଣିପୁର

ଏବେ ଭାରତ-କାନାଡା ସମ୍ପର୍କ ବିଗିଡ଼ି ଯାଇଥିବାରୁ ତାହା ଉପରେ ଦେଶବ୍ୟାପୀ ଆଲୋଚନା ଜାରି ରହିଛି। କ'ଣସବୁ ପଦକ୍ଷେପ ନେଲେ ସ୍ଥିତିରେ ଉନ୍ନତି ଆସିବ ସରକାରୀ ସ୍ତରରୁ ଆରମ୍ଭ କରି ଗଣମାଧ୍ୟମ ଯାଏ ସବୁଆଡ଼େ ଏହି ପ୍ରସଙ୍ଗ ଉପରେ ନଜର। କୌଣସି ଦେଶ ସହ ଥରେ ବୈଦେଶିକ ସମ୍ପର୍କ ବିଗିଡ଼ିଗଲେ ଅର୍ଥ ତାହାକୁ ଫେରାଇ ଆଣିବା କଷ୍ଟକର। ସେଥିପାଇଁ ସବୁ ସ୍ତରରେ ପ୍ରୟାସ ହେବା ଦରକାର। ଏଥିସହିତ ଦେଶର ଆଭ୍ୟନ୍ତରୀଣ ସମସ୍ୟାକୁ ସମାନ ଭାବେ ଗୁରୁତ୍ୱ ଦେବା ଯଥେଷ୍ଟ ଜରୁରୀ। କାରଣ ଏହା ଉଗ୍ର ରୂପ ଧାରଣ କଲେ ତାହାକୁ ସମ୍ଭାଳିବା ଅତ୍ୟନ୍ତ ଜଟିଳ। ଏଠାରେ ମଣିପୁର ଜାତିଗତ ସଂଘର୍ଷ କଥା ଉଲ୍ଲେଖଯୋଗ୍ୟ। ୨୦୨୩ ମେ'ରୁ ଉପତ୍ୟକା ଅଧିବାସୀ ମେଇତି ଓ ପାହାଡ଼ିଆ ଅଞ୍ଚଳରେ ବାସ କରୁଥିବା କୁକି ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିଛି। ସଦ୍ୟ ଘଟଣାକ୍ରମରେ ସନ୍ଦେହ କରାଯାଉଥିବା କୁକି ଉଗ୍ରପନ୍ଥୀମାନେ ଅକ୍ଟୋବର ୧୯ରେ ମଣିପୁର ଜିରିବାମ ଜିଲାରେ ଏକ ପୋଲିସ ଷ୍ଟେଶନ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣକୁ ପ୍ରତିହତ କରିବାକୁ ଯାଇ ପୋଲିସ ପାଲଟା ଆକ୍ରମଣ କରିଥିଲା। ଏହି ଘଟଣାରେ କାହାରି ମୃତ୍ୟୁ ଘଟି ନ ଥିଲେ ମଧ୍ୟ ବୋମା ପଡ଼ିଯିବାରୁ ଗୋଟେ ଘର ଜଳିଯାଇଛି। ତେବେ ଜିରିବାମ ଜିଲାରେ କେତେକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫାୟାରିଂ ହୋଇଥିବା ଖବର ମିଳିଛି। ସୂଚନାଯୋଗ୍ୟ ଯେ, ମଣିପୁରରେ ଆରମ୍ଭ ହୋଇଥିବା ଜାତିଗତ ହିଂସାରେ ସରକାରୀ ହିସାବ ଅନୁଯାୟୀ ୨୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପାଖାପାଖି ୫୦ ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି। ବାସ୍ତବରେ ଏହି ସଂଖ୍ୟା ଆହୁରି ଅଧିକ ବୋଲି କୁହାଯାଉଛି।

**ମେଇତି ଓ କୁକିଙ୍କ ଜାତିଗତ ସଂଘର୍ଷ ଏବେ ସେମାନଙ୍କ ଭିତରେ ସୀମିତ ନ ରହି ବାହ୍ୟ ଶକ୍ତି ଦ୍ୱାରା କବଳିତ। ଆଗକୁ ଯଦି ଏହା ଭୀଷଣ ରୂପ ଧାରଣ କରିବ, ତାହାକୁ ନିୟନ୍ତ୍ରଣ କରିବା କଷ୍ଟକର। ତେଣୁ କେନ୍ଦ୍ର ସରକାର ମଣିପୁର ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ତୁରନ୍ତ ପଦକ୍ଷେପ ନେବା ଦରକାର।**

ହିଂସାର ମୂଳକୁ ଦେଖିଲେ କୁକି ଆଦିବାସୀମାନେ ମଣିପୁରରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ। ମେଇତି ଉଚ୍ଚବର୍ଗର ଓ ଉପତ୍ୟକା ଅଞ୍ଚଳରେ ରହୁଥିଲେ ମଧ୍ୟ ସରକାରୀ ସୁବିଧା ପାଇବା ସକାଶେ ଆଦିବାସୀ ମାନ୍ୟତା ଦାବି କରି ଆସୁଛନ୍ତି। ଗତବର୍ଷ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ଲାଗି ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇ ସେ ସଂକ୍ରାନ୍ତରେ କେନ୍ଦ୍ରକୁ ସୁପାରିସ କରାଯାଉ ବୋଲି କହିଥିଲେ। ତା' ପରଠାରୁ ସଂଘର୍ଷ ଜାରି ରହିଛି। ମହିଳାଙ୍କୁ ରାସ୍ତାରେ ଉଲଗ୍ନ କରି ଚଲାଇବାଠାରୁ ଆରମ୍ଭ କରି ନିର୍ଯାତନାର ଅନେକ ଘଟଣା ପଦାକୁ ଆସିଛି। ଏଭଳି ଅସ୍ୱାଭାବିକ ସ୍ଥିତି ଲାଗି ରହିଥିବାରୁ ଏହି ରାଜ୍ୟରେ ଉଗ୍ରପନ୍ଥୀମାନଙ୍କ ଷଡ଼ଯନ୍ତ୍ର ଦାନା ବାନ୍ଧିଲାଣି। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଦୁର୍ବଳ ନେତୃତ୍ୱ ଥିବା ସତ୍ତ୍ୱେ ତାଙ୍କୁ ଅଦ୍ୟାବଧି ହଟାଯାଇପାରି ନାହିଁ। ଅବଶ୍ୟ ଇତିମଧ୍ୟରେ ମଣିପୁରର ୧୯ ଭାଜପା ବିଧାୟକ ବୀରେନ ସିଂ ଶାନ୍ତି ଫେରାଇ ଆଣିବାରେ ବିଫଳ ହେବା ଦର୍ଶାଇ ତାଙ୍କୁ ହଟାଇବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖିଛନ୍ତି। କୁହାଯାଉଛି ଭାଜପା ଶାସିତ ଏହି ରାଜ୍ୟରେ କେନ୍ଦ୍ର ଯେଭଳି ତତ୍‌କ୍ଷଣାତ୍ ହସ୍ତକ୍ଷେପ କରି ହିଂସାକୁ ରୋକିବା ଲାଗି ଉଦ୍ୟମ କରିବା କଥା ତାହା କରିପାରି ନାହିଁ। ୨୦୨୩ ମେ'ରୁ ହିଂସା ଘଟିଥିଲେ ହେଁ ୨୦୨୪ ଅକ୍ଟୋବର ୧୫ରେ ପ୍ରଥମ ଥର ପାଇଁ ମେଇତି, ନାଗା ଓ କୁକି ବିଧାୟକମାନେ ଦିଲ୍ଲୀଠାରେ କେନ୍ଦ୍ର ସରକାରଙ୍କୁ ଭେଟିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କିମ୍ବା ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଉପସ୍ଥିତ ନ ଥିଲେ। ତେଣୁ ଏଭଳି ଉପରଠାଉରିଆ ଆଲୋଚନାର ନିଷ୍କର୍ଷ କ'ଣ ହୋଇପାରେ ସଦ୍ୟ ହିଂସା ତାହା ଦର୍ଶାଇଛି। କୁହାଯାଉଥିଲା ମୁଖ୍ୟମନ୍ତ୍ରୀ ମେଇତି ସମ୍ପ୍ରଦାୟର ହୋଇଥିବାରୁ କୁକିମାନେ ଅସହାୟ ହୋଇପଡ଼ିଛନ୍ତି। ବର୍ତ୍ତମାନର ସ୍ଥିତି ଦେଖିଲେ କୁକି ଉଗ୍ରପନ୍ଥୀମାନେ ବାହ୍ୟ ସମର୍ଥନରେ ଏବେ ଅଧିକ ସକ୍ରିୟ ହେଲେଣି ବୋଲି କୁହାଯାଉଛି।

ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁର ପଡ଼ୋଶୀ ଦେଶର ଉଗ୍ରପନ୍ଥୀଙ୍କ କାର୍ଯ୍ୟକଳାପ ଯୋଗୁ ଅତୀତରେ ଘୋର ପ୍ରଭାବିତ ହୋଇଛି। ମେଇତି ଓ କୁକିଙ୍କ ଜାତିଗତ ସଂଘର୍ଷ ଏବେ ସେମାନଙ୍କ ଭିତରେ ସୀମିତ ନ ରହି ବାହ୍ୟ ଶକ୍ତି ଦ୍ୱାରା କବଳିତ। ଆଗକୁ ଯଦି ଏହା ଭୀଷଣ ରୂପ ଧାରଣ କରିବ, ତାହାକୁ ନିୟନ୍ତ୍ରଣ କରିବା କଷ୍ଟକର। ତେଣୁ କେନ୍ଦ୍ର ସରକାର ମଣିପୁର ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ତୁରନ୍ତ ପଦକ୍ଷେପ ନେବା ଦରକାର।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 1 | 3 | 8 | 4 | | | |
| 4 | | | | | 5 | | 9 | 8 |
| | | 6 | | 7 | | 1 | | |
| | | | 2 | | 9 | | | 7 |
| | | | | | | 5 | 2 | |
| | | | | | | | | |
| 2 | 7 | | 8 | 9 | | | | 6 |
| 8 | | 9 | | 6 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 5 | 3 | 7 | 6 | 8 | 1 | 9 |
| 6 | 8 | 3 | 5 | 1 | 9 | 4 | 7 | 2 |
| 7 | 9 | 1 | 8 | 4 | 2 | 5 | 3 | 6 |
| 3 | 5 | 9 | 1 | 2 | 8 | 6 | 4 | 7 |
| 1 | 7 | 8 | 6 | 9 | 4 | 2 | 5 | 3 |
| 4 | 6 | 2 | 7 | 3 | 5 | 9 | 8 | 1 |
| 9 | 2 | 7 | 4 | 5 | 1 | 3 | 6 | 8 |
| 5 | 3 | 6 | 2 | 8 | 7 | 1 | 9 | 4 |
| 8 | 1 | 4 | 9 | 6 | 3 | 7 | 2 | 5 |

ଗତକାଲିର ଉତ୍ତର

# ଅସ୍ମିତା: କାହା ପାଇଁ କେମିତି



ପ୍ରକାଶ ତ୍ରିପାଠୀ

କିଛିଦିନ ତଳେ ଆମ ପ୍ରାତଃ ଭ୍ରମଣରେ ଆଲୋଚ୍ୟର ବିଷୟ ଥିଲା ଅସ୍ମିତା। ପଟ୍ଟନାୟକ ବାବୁ ପ୍ରଥମେ କଥା ଆରମ୍ଭ କରି କହିଥିଲେ ଯେ ଗତ ଚାରି ପାଞ୍ଚ ମାସ ହେବ ସବୁଆଡ଼େ ଅସ୍ମିତାକୁ ନେଇ ଚର୍ଚ୍ଚା ଚାଲିଛି। କିନ୍ତୁ ମୁଁ ବର୍ତ୍ତମାନ ସୁଦ୍ଧା ବୁଝିପାରୁନାହିଁ ଏ ଅସ୍ମିତାର ଅର୍ଥ କ'ଣ ? ଯଦି ଆମେ ଶିକ୍ଷିତ ଲୋକ ହୋଇ ଅସ୍ମିତାର ଅର୍ଥ ବୁଝିପାରୁନେ,ତେବେ ଅନ୍ୟ ସାଧାରଣ ଲୋକମାନେ କ'ଣ ବୁଝୁଥିବେ। ପଟ୍ଟନାୟକ ବାବୁଙ୍କ ମନରେ ଅସ୍ମିତାର ଅର୍ଥକୁ ନେଇ ଥିବା ଦ୍ୱନ୍ଦ୍ୱ ମୁଁ ବୁଝିପାରୁଥିଲି। ମୁଁ ମୋ ସ୍ୱଳ୍ପ ଜ୍ଞାନରେ କହିଲି- ଏହାର ବ୍ୟାକରଣ ଅର୍ଥ ହେଉଛି- ମୁଁ ଅଛି, ଅହଂକାର ବା ଅହଂଜ୍ଞାନ। କିନ୍ତୁ ଏହା ଏହାର ସୁଶୀଳ ଶବ୍ଦ ହେଉଛି ସ୍ୱାଭିମାନ। ତେଣୁ ଆମେ ଏଠି କହିପାରିବା କି ଅସ୍ମିତା ହେଉଛି ଅହଂ ବର୍ଜିତ ସ୍ୱାଭିମାନ ବା ବିବେକାନୁମୋଦିତ ସ୍ୱାଭିମାନ। ଓଡ଼ିଆ ଅସ୍ମିତାକୁ ଆହୁରି ସରଳ ଭାବେ କହିବାକୁ ଗଲେ ଏହା ହେଉଛି ଆମ ଓଡ଼ିଆ ଜାତିର ପରିଚୟ। ଏହି ପରିଚୟକୁ ନେଇ ଆମେ ଗର୍ବ ଓ ଅଭିମାନ କରୁ ଯେପରି କି ଆମ ଭାଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ, ଲୋକକଳା, ବୀରତ୍ୱଗାଥା, ଆମ ଇତିହାସ, ବେଶପୋଷାକ, ପର୍ବପର୍ବାଣି ଓ ଆମ ଖାଦ୍ୟପେୟ ଇତ୍ୟାଦିଇତ୍ୟାଦି ଯାହା କି ସବୁଠାରୁ ନିଆରା ଓ ସ୍ୱତନ୍ତ୍ର।

ପଟ୍ଟନାୟକ ବାବୁ ମୋ ଉତ୍ତରରେ ଅସ୍ମିତାର ଅର୍ଥ ଓ ବ୍ୟବହାର ସମ୍ପର୍କରେ କିଛିଟା ବୁଝିପାରିଥିଲେ ବୋଲି ମୁଁ ଅନୁମାନ କରିଥିଲି। କୌଣସି ବଡ଼ବଡ଼ ଘଟଣାବଳୀ ଆଡ଼କୁ ଦୃଷ୍ଟି ନିକ୍ଷେପ ନ କରି ମୁଁ କେତୋଟି ସାଧାରଣ ଘଟଣା, ଯାହା କି ଆମ ସାଧାରଣ ଜୀବନଶୈଳୀରେ ଘଟୁଛି, ତାହାରି ମାଧ୍ୟମରେ ତାଙ୍କୁ ବୁଝାଇବାକୁ ଚାହୁଁଥିଲି। ତେବେ ପଟ୍ଟନାୟକବାବୁ କେତେଦୂର ଅସ୍ମିତାସମ୍ପନ୍ନ ତାହା ଜାଣିବାକୁ ମୁଁ ତାଙ୍କୁ କିଛି ପ୍ରଶ୍ନ ପଚାରିଲି-ଆପଣଙ୍କୁ ଓ ଆପଣଙ୍କ ପତ୍ନୀଙ୍କୁ ଆପଣଙ୍କ ଝିଅ-ପୁଅମାନେ କ'ଣ ସମ୍ବୋଧନ କରନ୍ତି ? ପଟ୍ଟନାୟକ ବାବୁ କହିଲେ- ମୋତେ ଡାଡି ଡାକନ୍ତି ଓ ମୋ ପତ୍ନୀଙ୍କୁ ମମି ଡାକନ୍ତି। ମୋତେ ଅସ୍ମିତା ବୁଝାଇବାକୁ ଆଉ ବେଶି କଷ୍ଟ କରିବାକୁ ପଡ଼ିଲା ନହିଁ। ମାତା-ପିତାଙ୍କୁ ଓ ବୋଉ-ବାପା, ମା'-ବାପା ଡାକିବା ହେଉଛି ଆମ ଅସ୍ମିତା। ଆମେ ଅସ୍ମିତାଠାରୁ ଦୂରେଇ ଯାଇ ଏବେ ମମି ଓ ଡାଡି ଅସ୍ମିତାର ସଙ୍କଟ। ମାଉସୀ-ମଉସା , ପିଉସୀ-ପିଉସା, ମାଈଁ-ମାମୁ, ଖୁଡ଼ୀ-ଦାଦା ଭଳି ସମ୍ବୋଧନ ଥିଲା ଆମ ଓଡ଼ିଆ ଅସ୍ମିତା। ଏବେ ଆମେ ଆଣ୍ଟି-ଅଙ୍କଲ। ଏହା ତ ଆମ ଓଡ଼ିଆ ଅସ୍ମିତାର ପରିପନ୍ଥୀ। ଆମେ ପ୍ରାୟ ସମସ୍ତେ ଏବେ ପ୍ରଣାମ,



ନମସ୍କାର, ପାଦ ନମସ୍କାରକୁ ଭୁଲି ଗୁଡ୍‌ମର୍ଣ୍ଣିଂ, ଗୁଡ୍ ନାଇଟ୍, ହେଲୋ, ହାଏ, ବାଏ ଇତ୍ୟାଦି ସମ୍ଭାଷଣରେ ମାତିଛେ। ଓଡ଼ିଆ ଅସ୍ମିତାକୁ କିଏ ପଚାରେ।

ଓଡ଼ିଆ ଅସ୍ମିତାକୁ ପ୍ରାଞ୍ଜଳ ଭାବେ ବୁଝିବା ପାଇଁ ମୁଁ ଆଉ ପାଦେ ଆଗେଇ ଗଲି । କିଛି ଦିନ ତଳେ ନିଜ ନାତିର ଜନ୍ମଦିନ ପାଳିଥିଲେ ପଟ୍ଟନାୟକ ବାବୁ ଗୋଟିଏ ହୋଟେଲରେ। କିଛି ବନ୍ଧୁ ଓ ଆତ୍ମୀୟମାନଙ୍କୁ ନିମନ୍ତ୍ରଣ କରିଥିଲେ ଜନ୍ମଦିନ ଉତ୍ସବକୁ। ଓଡ଼ିଆ ଜଣାଥିଲେ ବି ନିମନ୍ତ୍ରଣ ପତ୍ର ଛପା ହୋଇଥିଲା ଇଂଲିଶରେ। ପ୍ରାତଃ ଭ୍ରମଣ ବନ୍ଧୁ ହିସାବରେ ମୁଁ ମଧ୍ୟ ନିମନ୍ତ୍ରଣ ରକ୍ଷା କରି ଯାଇଥିଲି। ହୋଟେଲର ଗୋଟିଏ ସୁସଜ୍ଜିତ ଦୀର୍ଘ କୋଠରିରେ ଏକ ସୁସଜ୍ଜିତ ଟେବୁଲ ଉପରେ ରଖାଯାଇଥାଏ ବେକରି ଶପରୁ କିଣାଯାଇଥିବା ଏକ ବିରାଟ ବାର୍ଥଡେ କେକ୍। କେକ୍ ଉପରେ ନାତିର ନାମ ଲେଖାଯାଇ ତା' ତଳେ ଲେଖା ଯାଇଥାଏ ହାପି ବାର୍ଥ ଡେ ଓ କେକ୍ ଉପରେ ଲାଗିଥାଏ ଅନେକ ମହମବତି। ସମସ୍ତ ଅତିଥି ଆସିବା ପରେ ସଭିଏ ରୁଣ୍ଡ ହୋଇଯାଇଥିଲେ କେକ୍ ଚତୁଃପାର୍ଶ୍ୱରେ। ମହମବତିରେ ଅଗ୍ନି ସଂଯୋଗ ହୋଇଥିଲା। ଛୋଟ ନାତିଟି ପ୍ରଥମେ ଜଳୁଥିବା ମହମବତିକୁ ଫୁଙ୍କି ଲିଭାଇଥିଲା। ଏହି ସମୟରେ ସମସ୍ତେ ଏକ ସାଙ୍ଗରେ ହାପି ବାର୍ଥ ଡେ ଟୁ ୟୁ ଇଂଲିଶ ଗୀତ ଗାନ କରିଥିଲେ। ଏହା ପରେ ଚାଲିଥିଲା କେକ୍ କଟା ପର୍ବ। ଘଟଣାଟିକୁ ମନେ ପକାଇଦେଇଥିଲି ପଟ୍ଟନାୟକ ବାବୁଙ୍କୁ ଆଉ ପଚାରିଥିଲି ଏଇଟା ଆମ ଓଡ଼ିଆ ଅସ୍ମିତାର ପରିସୀମାରେ ଆସୁଛି କି। ପଟ୍ଟନାୟକ ବାବୁ ଚୁପ ରହିଥିଲେ। ଓଡ଼ିଆ ଘରେ ପିଲାଙ୍କ ଜନ୍ମଦିନରେ ସେମାନଙ୍କ ଶୁଭ ମନାସି ଠାକୁରଙ୍କ ପାଖରେ ଅଖଣ୍ଡ ଦୀପ ଜଳାଯାଏ। ଘରେ ମା'ମାନେ ଷଠି ଠାକୁରାଣୀଙ୍କୁ ପୂଜା କରି ପିଲାଙ୍କ ମଙ୍ଗଳ କାମନା କରନ୍ତି। ଷଠି ଚକୁଳି ଭୋଗ ଲଗାଯାଏ। ଘରର ଗୁରୁଜନମାନଙ୍କ ପାଦସ୍ପର୍ଶକରି ପିଲାମାନେ ଆଶୀର୍ବାଦ ନିଅନ୍ତି। କିନ୍ତୁ ଆମେ ଆଜି ଆମ ଅସ୍ମିତାକୁ ଭୁଲି ବିଦେଶୀ ପରମ୍ପରାକୁ ଆପଣେଇଛୁ। ଅଖଣ୍ଡ ଦୀପ ଜଳାଇବା ବଦଳରେ ମହମବତି ଲିଭାଉଛୁ। ପିଲାଙ୍କୁ ଆଶୀର୍ବାଦ ଦେବା ବଦଳରେ ଇଂଲିଶ ରାଇମ୍ ଗାଉଛୁ। କେବଳ ଜନ୍ମଦିନ ପାଳନ ନୁହେଁ, ପ୍ରତିଟି ସାମାଜିକ ଓ ପାରିବାରିକ ଉତ୍ସବରେ ଆମେ ଓଡ଼ିଆ ଅସ୍ମିତାକୁ ଜଳାଞ୍ଜଳି ଦେଲୁଣି। ତଳେ ଆସନ ପକାଇ ଭୋଜନ କରିବା ଆମର ମହାନ୍ ସଂସ୍କୃତିର ପରିଚୟ। କୁହାଯାଏ ଖାଇବା ସ୍ଥାନରୁ ଉଠିଗଲେ ପୁନର୍ବାର ସେ ଭୋଜନକୁ ଗ୍ରହଣ କରିବା ଅନୁଚିତ। କିନ୍ତୁ ଆଜିକାଲି ପ୍ରତି ଉତ୍ସବରେ ଆସନରେ ବସିକରି ଖାଇବାର ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଠିଗଲାଣି। ସେ ସ୍ଥାନ ନେଇଛି ବଫେ। ପ୍ରତି ସାମାଜିକ ଉତ୍ସବରେ ଓଡ଼ିଆ ଅସ୍ମିତା ଏବେ ଆହତ। ସବୁଠାରୁ ଓଡ଼ିଆ ଅସ୍ମିତା ଆମ ବିବାହ ଉତ୍ସବରେ ଅଧିକ ଆହତ ହେଉଛି। କନ୍ୟା ଓ ବରର ପୋଷାକପତ୍ରଠାରୁ ଆରମ୍ଭକରି ପ୍ରତିଟି ଛୋଟ ଛୋଟ କାର୍ଯ୍ୟକ୍ରମରେ ଓଡ଼ିଆ ପରମ୍ପରାକୁ ପଦାଘାତ କରାଯାଉଛି। ଆମ ପାରମ୍ପରିକ ପୋଷାକକୁ ତ କେବେଠାରୁ ବିଦାୟ ଦେଇ ସାରିଲୁଣି। ତାକୁ ବଞ୍ଚାଇ ରଖିଥିଲୁ କେବଳ କେତେକ ସାଂସ୍କୃତିକ ଓ ସାମାଜିକ ଉତ୍ସବରେ। ତାକୁ ମଧ୍ୟ ଆମେ ଏବେ ବିଦାୟ ଦେଇସାରିଲୁଣି। ବିବାହ ଉତ୍ସବରେ ବର ଏବେ ଧୋତି ପାଇଜାମା ବଦଳରେ ପିନ୍ଧୁଛି ସେରୱାନି ଓ କନ୍ୟା ପିନ୍ଧୁଛି ଶାଢ଼ି ବଦଳରେ ଲେହେଙ୍ଗା । ରିଂ ସେରିମନୀ, ସଙ୍ଗୀତ, ମେହେନ୍ଦୀ ଓ ହଳଦୀ ଭଳି କିଛି ଆଧୁନିକ କାର୍ଯ୍ୟକ୍ରମ ଏବେ ସେ ପାରମ୍ପରିକ ଓଡ଼ିଆ ବାହାଘରର ଦୃଶ୍ୟକୁ ଲୋପ କରିସାରିଲାଣି।

ଏବର ପିଲାଙ୍କୁ ଆମର ବିଭିନ୍ନ ପର୍ବପର୍ବାଣି ବିଷୟରେ ପଚାରିଲେ ଚୁପ ରହୁଛନ୍ତି। ଗହ୍ମା ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ଅଗ୍ନି ପୂର୍ଣ୍ଣିମା, ଚିତଉ ଅମାବାସ୍ୟା, ବଉଳ ଅମାବାସ୍ୟା, ମକର ସଂକ୍ରାନ୍ତି, ପଣା ସଂକ୍ରାନ୍ତି ଭଳି ବାରମାସରେ ତେରପର୍ବ ଘରେ ଆଉ କେତେ ପାଳନ ହେଉଛି? ଏଥିରେ ପିଲାମାନଙ୍କର କିଛି ଦୋଷ ନାହିଁ। କାରଣ ଆମେମାନେ ସେମାନଙ୍କୁ ଆମର ପରମ୍ପରାଠାରୁ ଦୂରେଇ ଦେଉଛେ। ଆମର ସାହିତ୍ୟ, ସଙ୍ଗୀତ, ନୃତ୍ୟ, କ୍ରୀଡ଼ା, ବିଜ୍ଞାନ ପ୍ରଭୃତି କ୍ଷେତ୍ରରେ ଅନେକ ପ୍ରାଜ୍ଞ, ବିଜ୍ଞ, ଆମ ରାଜ୍ୟର ଶ୍ରୀବୃଦ୍ଧି କରିଛନ୍ତି। ଅତୀତରେ ଅନେକ ରାଜା ମହାରାଜା ରାଜ୍ୟକୁ କଳା ଭାସ୍କର୍ଯ୍ୟରେ ପ୍ରସିଦ୍ଧି ଆଣିଛନ୍ତି। ସେମାନଙ୍କୁ ଆମେ କେତେ ଜାଣିଛେ। ମୁଁ ଅଧିକ କିଛି ଉଦାହରଣ ଦେବାକୁ ପ୍ରସ୍ତୁତ ହେଉଥିବା ବେଳେ ପଟ୍ଟନାୟକବାବୁ କହିଲେ ସେତିକି ଥାଉ ଆଜ୍ଞା। ଓଡ଼ିଆ ଅସ୍ମିତାକୁ ମୁଁ ଅଳ୍ପ ବହୁତେ ବୁଝିଗଲିଣି। ସତ କହିବାକୁ ଗଲେ ଆମ ପାଖରେ ତ ଓଡ଼ିଆ ଅସ୍ମିତା ବୋଲି କିଛି ଆଉ ନାହିଁ। ଅସ୍ମିତା ଅସ୍ମିତା ବୋଲି ଚିତ୍କାର କରୁଛୁ ସତ, ହେଲେ ଏହାର କାଣିଚାଏ ମଧ୍ୟ ଆମ ପାଖରେ ନାହିଁ। ଆମର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ବେଶପୋଷକ, ପର୍ବପର୍ବାଣି,ଖାଦ୍ୟପେୟ ଆଦିରେ ଓଡ଼ିଆ ଅସ୍ମିତା ଅବହେଳିତ ଓ ବିପର୍ଯ୍ୟସ୍ତ। ଏହାର ସୁରକ୍ଷା ଅତି ଜରୁରୀ। ଅନ୍ୟ କେହି ନୁହେଁ, ଆମେ ସମସ୍ତେ ଏଥିପାଇଁ ଯତ୍ନବାନ ନ ହେଲେ ଏହା ବିଲୁପ୍ତି ହେବାକୁ ବେଶି ସମୟ ଲାଗିବ ନାହିଁ।

ମୋ:୯୪୩୭୨୩୨୪୬୩

# ମାତାପିତା ସନ୍ତାନର ନିର୍ମାତା



ଡ. ଶରତ ଚନ୍ଦ୍ର ପରିଡ଼ା

ଯତ୍ନଶୀଳ ମାତାପିତା ଆସନ୍ତାକାଲିର ଶିଳ୍ପୀ। ସନ୍ତାନର ଜୀବନରେଖା ଓ ମେରୁଦଣ୍ଡ। ଏକ ଅନୁଷ୍ଠାନ। ସବୁଠୁ ବଡ଼ ସୌଭାଗ୍ୟ ମାଆ ଓ ବାପା ହେବା ଓ ସବୁଠୁ ବଡ଼ ଆଶୀର୍ବାଦ ମାତାପିତାଙ୍କୁ ପାଇବା। ସନ୍ତାନ ସମ୍ପର୍କ ନିବିଡ଼ ଓ ବିରଳ। ମାତାପିତାଙ୍କ ବିନା ସନ୍ତାନ ଅସହାୟ। ସନ୍ତାନ ବିନା ମାତାପିତାଙ୍କ ଘର ଶୂନ୍ୟ। ମାତାପିତାଙ୍କ ବିଚାର ଆଚାର, ଶିକ୍ଷା ସଂସ୍କାର ଓ ଚିନ୍ତା ଚେତନା ଅନୁରୂପ ଶିଶୁମାନେ ଗଢ଼ି ହୋଇଥା'ନ୍ତି। ପରିବାର ସାମାଜିକ ଜୀବନର କେନ୍ଦ୍ର ଓ ପିଲାମାନଙ୍କ ପରିଚୟ। ଅଭିଭାବକ ପିଲାମାନଙ୍କୁ ସୁସ୍ଥ ଓ ସୁଖରେ ରଖନ୍ତି। କାର୍ଯ୍ୟ ଓ ସଫଳତାର ପ୍ରେରଣା ସାଜନ୍ତି। ସେମାନଙ୍କ ବହୁମୁଖୀ କର୍ତ୍ତବ୍ୟ ପାଳନରେ ନିହିତ ଏ ଦୁନିଆର ଗତି ଓ ପ୍ରଗତି। ମାତାପିତା ହେବା ଅର୍ଥ ବର୍ତ୍ତମାନ ଅତୀତ ଓ ଭବିଷ୍ୟତରେ ବଞ୍ଚିବା। ମାତାପିତାଙ୍କ ଜୀବନ ଆଧାରିତ ଓ ଆଶ୍ରିତ ହେଲେ ମଧ୍ୟ ସନ୍ତାନ ଦୟାର ପାତ୍ର ନୁହନ୍ତି। ପିଲାର ଭାବୁକତା ସହିତ ପରିଚିତ ମାତାପିତା ସନ୍ତାନର ପ୍ରତିଭା ଚିହ୍ନି ବ୍ୟକ୍ତିତ୍ୱର ସର୍ବାଙ୍ଗୀଣ ବିକାଶ ନିମନ୍ତେ ସୁବିଧା ସୁଯୋଗ ଯୋଗାଇ ମୂଳଦୁଆ ପ୍ରସ୍ତୁତ କରିଥା'ନ୍ତି। ବାଲ୍ୟାବସ୍ଥାରୁ ସେମାନେ ଛାଇ ପରି ରହି ଧାଇ ପରି ଯତ୍ନ ନେଉଥା'ନ୍ତି। ଛୋଟ ଅଝଟ ଅବୋଧ ସରଳ ନିରୀହ ନିଷ୍ପାପ ଶିଶୁମାନଙ୍କ ଲାଳନପାଳନ, ଭାବର ଆଦାନପ୍ରଦାନ, ସତ୍‌ପଥରେ ପରିଚାଳନା, ସାମାଜିକ ଓ ଆର୍ଥିକ ସୁରକ୍ଷା ପ୍ରଦାନ ଓ ସର୍ବୋପରି ମଣିଷ କରି ଗଢ଼ିବା ଏକ ଗୁରୁ ଦାୟିତ୍ୱ। ଚାରାଟିକୁ ବଡ଼ କଲା ପରି ଏହା ଏତେ ସହଜ ବ୍ୟାପାର ନୁହେଁ। ପିଲାମାନଙ୍କୁ ଭଲ ପାଇଲେ ସେମାନେ ଅନ୍ୟମାନଙ୍କୁ ଭଲପାଇବା ଶିଖନ୍ତି। ମା'ର ମମତାରେ ଶିଶୁର ହୃଦୟ କୋମଳ ଓ ବାପାଙ୍କ ପ୍ରେମପୂର୍ଣ୍ଣ ଅନୁଶାସନରେ ପିଲାଏ ହୁଅନ୍ତି ବିଚାରବନ୍ତ। ଋକ୍‌ବେଦ (୧.୧.୯)ରେ ପୁତ୍ର ଆକୁଳ ଭାବରେ ପିତାଙ୍କୁ ଖୋଜିଛି: ସ ନଃ ପିତେବ ସୂନବେଽଗ୍ନେ ସୂପାୟନୋ ଭବ। ସଚସ୍ୱା ନଃ ସ୍ୱସ୍ତୟେ।। ହେ ଅଗ୍ନିଦେବ ! ଯେଉଁ ପ୍ରକାରେ ପୁତ୍ର ପିତାକୁ ସହଜରେ ପ୍ରାପ୍ତ ହୋଇଥାଏ, ସେହି ପ୍ରକାରେ ଅନାୟାସରେ ଆପଣଙ୍କୁ ଆମେ ପ୍ରାପ୍ତ ହେଉ। ମଙ୍ଗଳ ନିମନ୍ତେ ଆପଣ ଆମ ନିକଟରେ ରୁହନ୍ତୁ। ସନ୍ତାନର ଶୁଭଚିନ୍ତା ଓ ହିତସାଧନା ମାତାପିତାଙ୍କ ସ୍ୱଭାବ। ସନ୍ତାନବାତ୍ସଲ୍ୟ ଏକ ସ୍ୱର୍ଗୀୟ ମାଧୁରୀ।

ଦାରିଦ୍ର୍ୟ, କ୍ଷୁଧା, ଅଶିକ୍ଷା, କୁସଂସ୍କାରଠାରୁ ଦୂରରେ ରଖି ପିଲାମାନଙ୍କୁ ସୁବ୍ୟବସ୍ଥିତ କରାଯାଇଥାଏ। ମାତାପିତା ପିଲାମାନଙ୍କ ମନସ୍ତତ୍ତ୍ୱ ବୁଝି ବାଲ୍ୟକାଳରୁ ସକାରାତ୍ମକ ଭାବନା ଓ ଚେତନାର ମଞ୍ଜି ପୋତିଥା'ନ୍ତି। ମାତି ଅର୍ଥାତ୍ ମନର ଭାବକୁ ମାପିବା ଜାଣି ପାରୁଥିବାରୁ ମାଆ। ଶିଶୁ ଯାହା କହିପାରେ ନାହିଁ; ମା' ତାହା ବୁଝିପାରେ। ଶିଶୁକୁ ସକଳ ଅବସ୍ଥାରେ ରକ୍ଷା (ପାତି) କରୁଥିବାରୁ ସେ ପିତା। ସେ ସନ୍ତାନକୁ ସ୍ୱପ୍ନିଳ ଓ ସୃଜନଶୀଳ କରିଥା'ନ୍ତି। ସଫଳ ଜୀବନ ବଞ୍ଚିବାର କୌଶଳ କଳା ଅଭ୍ୟାସ କରାଇଥା'ନ୍ତି। ପ୍ରତି ଘର ଏକ ବିଶ୍ୱବିଦ୍ୟାଳୟ ଓ ମାତାପିତା ଆଦ୍ୟ ଶିକ୍ଷକ। ଚାଇନାରେ ଗୋଟିଏ କଥା ଅଛି: "ବାପାଙ୍କର ସଦ୍‌ଗୁଣ ପର୍ବତଠାରୁ ଉଚ୍ଚ ଓ ମା'ଙ୍କ ସଦ୍‌ଗୁଣ ସାଗରଠାରୁ ଗଭୀର।"

ମାତାପିତାଙ୍କ ଭୂମିକା ଓ ଦାୟିତ୍ୱ ଖଣ୍ଡାଧାର ପରି। ଆହ୍ୱାନପୂର୍ଣ୍ଣ। ପିଲାମାନଙ୍କ ଦୃଷ୍ଟିରେ ମାତାପିତା



ସବୁଠୁ ଉତ୍ତମ ଆଦର୍ଶ। ଆକାଶଦୀପ। ସେମାନଙ୍କ ପ୍ରତ୍ୟେକଟି ଶବ୍ଦ ଓ ଗତିବିଧି ପିଲାମାନଙ୍କଠାରେ ପ୍ରତିଫଳିତ ଓ ପ୍ରଭାବୀ ହୋଇଥାଏ। ସନ୍ତାନମାନଙ୍କ ପ୍ରତି ନିରପେକ୍ଷ ରହିବା ଚାହି। ଜଣକ ଆଗରେ ଅନ୍ୟ ଜଣକର ଦୋଷ ବଖାଣିବା ଅବାଞ୍ଛନୀୟ। ମାତାପିତାଙ୍କ ଅହଂକାର ଓ ଅବୁଝାମଣାର ଲଢ଼େଇରେ ନିରୀହ ଶିଶୁମାନେ ବଳି ପଡ଼ନ୍ତି। ମାତାପିତାଙ୍କ ଅସଂସ୍କାରରେ ପିଲାମାନେ କୁସଂସ୍କାରଗ୍ରସ୍ତ ହୁଅନ୍ତି। ମାତାପିତା ସଦ୍‌ଗୁଣର ପ୍ରୟୋଗଶାଳା। ଶିକ୍ଷା ଅପେକ୍ଷା ଉଦାହରଣ ଶୀଘ୍ର କାମ କରେ। ସନ୍ତାନକୁ ନିଶାମୁକ୍ତ ରଖିବାକୁ ଚାହିଁଲେ ନିଜକୁ ନିଶାମୁକ୍ତ ହେବାକୁ ପଡ଼ିବ। ନିଜେ ସତ୍ୟବାଦୀ ନ ହେଲେ ପିଲାମାନଙ୍କୁ ଶିଖାଇବେ କ'ଣ ? କ୍ଷଣକର ଅସାବଧାନତା ଓ ନିଜର ଛୋଟିଆ ଭୁଲ୍‌ଟି ସରଳ କୋମଳ ଶିଶୁର ଚିନ୍ତାରାଜ୍ୟକୁ ଦୋହଲାଇଦିଏ। ଶିଶୁମାନଙ୍କ ମନରେ ଆଘାତ ଦେବା ଏକ ଅପରାଧ। ଏହା ଦ୍ୱାରା ଭାବପ୍ରବଣତା ଧକ୍କା ଖାଏ ଓ ଶିଶୁଟି ବିଗିଡ଼ିଯାଏ। ମନସ୍ତତ୍ତ୍ୱବିତ୍ ଜୟସେ ମାନ୍ୟାର୍ଡ କହନ୍ତି, "ପିଲାମାନେ ସେମାନଙ୍କ ଜୀବନରେ କ'ଣ କରୁଛନ୍ତି ମାତାପିତା ଯେପରି ଲକ୍ଷ୍ୟ କରିଥା'ନ୍ତି, ମାତାପିତା ଜୀବନରେ କ'ଣ କରୁଛନ୍ତି ତାହା ପିଲାମାନେ ମଧ୍ୟ ଲକ୍ଷ୍ୟ ରଖିଥା'ନ୍ତି।" ସନ୍ତାନକୁ ଭଲ କରିବାକୁ ଯାଇ ମାତାପିତା ଭଲ ହୋଇଯା'ନ୍ତି। ମଣିଷ ତିଆରି ଯଜ୍ଞରେ ନିଜର ସୁଖ, ସୁବିଧା, ରୁଚି, ଆରାମ ଆହୁତି ଦେବାକୁ ହୋଇଥାଏ।

ଅହଂକାରର ତ୍ୟାଗରେ ଈଶ୍ୱରୀୟ ଚେତନା ଆତ୍ମପ୍ରକାଶ କରେ। ସୁନ୍ଦର ସଂସାରକୁ ଆସିଥିବା ଅବୋଧ ଶିଶୁକୁ ସୁନ୍ଦର ଭାବରେ ଗଢ଼ିତୋଳିବା ନିମିତ୍ତ ମାତାପିତାଙ୍କୁ ଈଶ୍ୱର ପଠାଇଥା'ନ୍ତି। ସନ୍ତାନକୁ ନିର୍ବୋଧ ନ କହି, ମାଡ଼ ନ ମାରି ହାସ୍ୟରସ ଓ ମଜାଳିଆ କଥା କହିଲେ ଫଳପ୍ରଦ ହୁଏ। ମାତାପିତା ନିଜକୁ ସନ୍ତାନର ମାଲିକ ଭାବି କର୍ତ୍ତୃତ୍ୱ ଜାହିର କଲେ ଈଶ୍ୱରବିରୋଧୀ ହୋଇ ଯାଆନ୍ତି।

ଈଶ୍ୱରଙ୍କ ପାରଦର୍ଶୀ ପ୍ରଭାବ ଓ ପ୍ରେରଣାର ଧାରା ସେମାନଙ୍କଠାରେ ପ୍ରବାହିତ ହୋଇ ପାରେନାହିଁ। ଶିଶୁଜୀବନରେ ମାତାପିତା ହେଉଛନ୍ତି ମାର୍ଗଦର୍ଶକ, ସଂଶୋଧକ, ପରାମର୍ଶଦାତା। ଟି.ପି. ଚିଆ କହନ୍ତି, "ମାତାପିତାଙ୍କ ପ୍ରେମ ଏକମାତ୍ର ପ୍ରେମ, ଯାହା ନିଃସ୍ୱାର୍ଥପର, ନିଃସର୍ତ୍ତ ଓ କ୍ଷମାପୂର୍ଣ୍ଣ। ଏହା ନିରନ୍ତର ଓ ସମର୍ଥକ।" ପାଳନ ପ୍ରକ୍ରିୟାର କଷ୍ଟ ସହିବା ଭିତରେ ଖେଳୁଥାଏ ଆନନ୍ଦର ଲହର। ବାଧା ଥାଏ, କିନ୍ତୁ ବନ୍ଧନ ଅତୁଟ। ସବୁ ସତ୍ତ୍ୱେ ଚରିତ୍ର ଗଢ଼ିବା ପିଲାର ନିଜ ହାତରେ ଥାଏ। ମିଳିତ ଜାତିସଂଘ ଦ୍ୱାରା ପ୍ରସ୍ତୁତ ଶିଶୁମାନଙ୍କର ଅଧିକାରପତ୍ର ମାତାପିତାଙ୍କ ପାଇଁ ମାର୍ଗଦର୍ଶିକା। ଜାତୀୟ ଓ ସରକାରୀ ଶିଶୁମଙ୍ଗଳ ଯୋଜନାର ନୀତି ପ୍ରଣୟନରେ ଶିଶୁ ଅଧିକାର ହିଁ ନିର୍ଣ୍ଣାୟକ।

ମାତାପିତାଙ୍କ ଉତ୍ତରଦାୟିତ୍ୱ ନିରନ୍ତର ଓ ଅସରନ୍ତି। ମା'ଙ୍କର ଗର୍ଭକଷ୍ଟ ଓ ବାପାଙ୍କ ଝାଳ କାଳେ କାଳେ ଅବୁଝା ଓ ଅଶୁଝା। ସେମାନଙ୍କ ପୂର୍ଣ୍ଣ ସହଯୋଗ ଓ ସମର୍ଥନ ପାଇ ପିଲାମାନେ ନିଜର ସୁନ୍ଦର ଜୀବନ ଆରମ୍ଭ କରିଥା'ନ୍ତି। ଜାତିର ବିକାଶ ପାଇଁ ମାତାପିତାଙ୍କ ଅବଦାନ ଅମୂଲ୍ୟ। ଜାତି ଧର୍ମ ନିର୍ବିଶେଷରେ ପୃଥିବୀର ସମସ୍ତ ମାତାପିତା ଏଥିପାଇଁ ପ୍ରଶଂସନୀୟ।

**ଅବସରପ୍ରାପ୍ତ ଉପାଧ୍ୟକ୍ଷ,**
**ପଟିଆ, ଭୁବନେଶ୍ୱର**
**ମୋ: ୯୪୩୭୭୭୬୯୦୮**

## ଏଇ ଭାରତରେ

ଗୋଟେ ମଇଁଷିର ଦାମ୍ ୧ ଲକ୍ଷ ଟଙ୍କାରୁ ଅଧିକ ହେବା କଥା ହୁଏତ କେହି ଭାବି ନ ଥିବେ। ମାତ୍ର ମଇଁଷିର ଦାମ୍ ବି ୨୩ କୋଟି ଟଙ୍କା ହୋଇପାରେ ଏକଥା ଅନେକଙ୍କୁ ଆଚମ୍ବିତ କରିପାରେ। ମାତ୍ର ଏଭଳି ଭିନ୍ନ ଧରଣର ମଇଁଷି ଅଛନ୍ତି ଉତ୍ତରପ୍ରଦେଶ ମେରଠରେ। ଏଠାରେ ଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲ କୃଷି ବିଶ୍ୱବିଦ୍ୟାଳୟରେ ଏଭଳି ବିଭିନ୍ନ ପ୍ରକାରର ମଇଁଷି ଅଛନ୍ତି ଯାହାର ଦାମ୍ ୯ କୋଟି, ୧୦ କୋଟିରୁ ଆରମ୍ଭ କରି ୨୩ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। ହେଲେ ଏତେ ଦାମ୍ ସତ୍ତ୍ୱେ ଏହି ମଇଁଷିଙ୍କୁ ବିକ୍ରି କରାଯାଏ ନାହିଁ। ବରଂ ଖୁବ୍ ଯତ୍ନରେ ଏମାନଙ୍କ ରକ୍ଷଣାବେକ୍ଷଣ କରାଯାଏ। ବିଶ୍ୱ ବିଦ୍ୟାଳୟର ଅଧିକାରୀଙ୍କ କହିବା ଅନୁସାରେ ଏଠାରେ ଏହିସବୁ ମଇଁଷିଙ୍କୁ କୃତ୍ରିମ ଗର୍ଭଧାରଣ ନିମନ୍ତେ ବ୍ୟବହାର କରାଯାଉଛି। ଏହା ବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ହେଉଥିବା ପ୍ରଦର୍ଶନୀରେ ମଧ୍ୟ ଏହି ମଇଁଷି ଭାଗ ନେଇଥାନ୍ତି ଓ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ବି କରିଥାନ୍ତି। କାରଣ ଏମାନଙ୍କର ସିମେନ୍‌ର ଖୁବ୍ ଚାହିଦା ରହିଛି ଓ ଲୋକେ ଚଢ଼ା ଦାମ୍‌ରେ ନେବାପାଇଁ ବି ପ୍ରସ୍ତୁତ ଥାନ୍ତି। କେବଳ ଜାତୀୟ ସ୍ତରରେ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏହି ସିମେନ୍‌ର ବହୁ ଚାହିଦା ରହିଛି। ସେଥିପାଇଁ ଦେଶ ବିଦେଶର ବିଭିନ୍ନ ସ୍ଥାନକୁ ଏମାନଙ୍କ ସିମେନ୍ ବିକ୍ରି କରାଯାଇଥାଏ। ଏବେ ସୁଦ୍ଧା ଏମାନଙ୍କଠାରୁ ହଜାର ହଜାର ସଂଖ୍ୟାରେ ଉନ୍ନତ ପ୍ରଜାତିର ମଇଁଷି ସୃଷ୍ଟି ହୋଇ ସାରିଛନ୍ତି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୧ ଅକ୍ଟୋବର ୧୯୭୫

- କଟକ ନିକଟବର୍ତ୍ତୀ ମହାନଦୀ ରେଳ ପୋଲକୁ ୩ କୋଟି ୩୩ ଲକ୍ଷ ଟଙ୍କା ବ୍ୟୟରେ 'ରିଗାର୍ଡରିଂ' କରିବା ପାଇଁ ଦକ୍ଷିଣପୂର୍ବ ରେଲ୍‌ୱେ ପକ୍ଷରୁ ଏକ ଯୋଜନା କାର୍ଯ୍ୟକାରୀ ହେଉଛି।
- କେନ୍ଦ୍ର ତଦନ୍ତ ବ୍ୟୁରୋ କର୍ତ୍ତୃପକ୍ଷ ସମସ୍ତିପୁର ବୋମା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଆନନ୍ଦମାର୍ଗୀ ଓକିଲଙ୍କୁ ଗିରଫ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଣବତ୍ତାହୀନ ଔଷଧ ହାନିକାରକ

ମହାଶୟ,

ବିଳମ୍ବ ହେଲେ ହେଁ କେନ୍ଦ୍ରୀୟ ମାନକ ନିୟନ୍ତ୍ରଣ ସଂଗଠନ କେତେଗୁଡ଼ିଏ ଔଷଧକୁ ଯାଞ୍ଚ କରିବା ସମୟରେ ଅନେକ ଗୁଣବତ୍ତାହୀନ ଔଷଧର ସନ୍ଧାନ ପାଇଛନ୍ତି। ପ୍ରାୟ ୫୩ ଗୋଟି ମାନକ ଅବିଗୁଣ ଔଷଧ ଯାହାକି ସାଧାରଣ ରୋଗୀମାନଙ୍କୁ ଡାକ୍ତର ଚିଠା ଦ୍ୱାରା ବ୍ୟବହାର ପାଇଁ ଦେଇଥାନ୍ତି। ତନ୍ମଧ୍ୟରୁ କ୍ୟାଲସିୟମ, ଭିଟାମିନ୍ ଡି-୩, ଡାଇବେଟିସ୍, ପଲସ, ରକ୍ତଚାପ ପାଇଁ ଔଷଧ, ପାରାସିଟାମଲ, କେତେକ ଆଣ୍ଟିବାୟୋଟିକ୍ ଏବଂ ଶିଶୁମାନଙ୍କୁ ରୋଗମୁକ୍ତ ପାଇଁ କେତୋଟି ଔଷଧ ଅନ୍ତର୍ଭୁକ୍ତ। ଦୀର୍ଘ ଦିନରୁ ଉପରୋକ୍ତ ଔଷଧକୁ ବିଚରା ରୋଗୀମାନେ ରୋଗ ନିବାରଣ ନିମନ୍ତେ ଖର୍ଚ୍ଚାନ୍ତ ପୂର୍ବକ ବ୍ୟବହାର କରୁଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ଟିପ୍ପଣୀ ଦେବା ଏକ ଚିନ୍ତାର ବିଷୟ ନୁହେଁ କି ? ସାଧାରଣ ରୋଗୀମାନେ ରୋଗ ନିବାରଣ ନିମନ୍ତେ ବ୍ୟବହାର କରୁଥିବା ଔଷଧର ଗୁଣବତ୍ତା ଜାଣିବା ସମ୍ଭବ କି ? ଉକ୍ତ ପରିପ୍ରେକ୍ଷୀରେ ସରକାର ତତ୍ପରତା ପ୍ରକାଶ ପୂର୍ବକ ସମସ୍ତ ଔଷଧର ଗୁଣବତ୍ତାକୁ ପରୀକ୍ଷଣ କରିବାକୁ ସ୍ୱାସ୍ଥ୍ୟ ଅଧିକାରୀଗଣଙ୍କୁ କଡ଼ା ନିର୍ଦ୍ଦେଶ ପ୍ରଦାନ କରନ୍ତୁ। ଏଥିସହ ନିମ୍ନମାନର ଔଷଧ ଉତ୍ପାଦନକାରୀ ସମସ୍ତଙ୍କ ପ୍ରତି ରୋକ୍ ଲଗାଇ ବଜାରରେ ଏପରି ଔଷଧକୁ ଜବତ ପୂର୍ବକ ନଷ୍ଟ କରିବାର ବନ୍ଦୋବସ୍ତ କରିବା ସହ ମାନକହୀନ ଔଷଧ ପ୍ରସ୍ତୁତକର୍ତ୍ତାଙ୍କ ପ୍ରତି କଠୋର ଦଣ୍ଡ ବିଧାନ କରନ୍ତୁ।

**-ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ସେହି ମୋର ହେଲା ପ୍ରିୟ
ସବୁଠାରୁ କମନୀୟ
ସେହି ମୋର ଅନାଗତ ରାଗିଣୀ
ଯାହା କେବେ ଏ ଜୀବନେ ବାଜିନି।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିଳାଲିପିରୁ ମିଳିଲା ଚିତ୍ରେଶ୍ୱରୀ ମନ୍ଦିର ନିର୍ମାଣ ତଥ୍ୟ



**ଭୁବନେଶ୍ୱର,୨୦।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ପ୍ରାଚୀନ ଶକ୍ତିପୀଠ ଚିତ୍ରେଶ୍ୱରୀ ମନ୍ଦିର ନିର୍ମାଣ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଐତିହ୍ୟ ଗବେଷକମାନଙ୍କ ହସ୍ତଗତ ହୋଇଛି। ଦେବୀ ଚିତ୍ରେଶ୍ୱରୀଙ୍କ ପାଦପୀଠରେ ଉତ୍କୀର୍ଣ୍ଣ ସଂସ୍କୃତ ଅଭିଲେଖର ପାଠୋଦ୍ଧାର ପରେ ଏହି ତଥ୍ୟ ମିଳିଛି। କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ସୋସାଇଟର ସଦସ୍ୟମାନେ ଅଭିଲେଖାଟିକୁ ପାଠ କରିଛନ୍ତି। ଏହି ଗବେଷଣାରେ ସତ୍ୟଜିତ ସ୍ୱାଇଁ, ବିକ୍ରମ କୁମାର ନାୟକ, ମିହିର ବାହିନୀପତି, ବିଷ୍ଣୁ ମୋହନ ଅଧିକାରୀ ଓ ଦୀପକ କୁମାର ନାୟକ ସାମିଲ ଥିଲେ। ଏ ସମ୍ପର୍କରେ ଅଧିକ ତଥ୍ୟ ପ୍ରଦାନ କରି ସୋସାଇଟିର ସଦସ୍ୟ ବିଷ୍ଣୁ ମୋହନ ଅଧିକାରୀ କହିଛନ୍ତି, ଦେବୀ ଚିତ୍ରେଶ୍ୱରୀଙ୍କ ପାଦପୀଠରେ ଓଡ଼ିଆ ଲିପି ଓ ସଂସ୍କୃତ ଭାଷାରେ ତିନି ଧାଡ଼ିର ଅଭିଲେଖା ରହିଛି। ଲିପିତତ୍ତ୍ୱ ଅନୁସାରେ ଏହି ଅଭିଲେଖାଟି ଉନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଲେଖାଯାଇଥିବା ମନେହୁଏ। ଏହି ଅଭିଲେଖଟିର ଧାଡି ୧ରେ ହେ ମା ତବ ଚରଣ କିଙ୍କର, ଧାଡି ୨ରେ ନୃପ ସଦାଳୟେ ଚିତ୍ରେସ୍ୱରି ନବିଂନ ଚ ପ୍ରଭୂତ ଯେନ, ଧାଡି ୩ରେ ସିଳ୍ପିବରଃ ଶ୍ରୀପତି ନାମଧେୟ ରହିଛି। ଏଥିରୁ ଜଣାପଡୁଛି ଯେ, ମନ୍ଦିରଟିର ନିର୍ମାଣ ସମୟରେ ଶ୍ରୀପତି ନାମକ ଶିଳ୍ପୀ ଦେବୀ ଚିତ୍ରେଶ୍ୱରୀଙ୍କ ବିଗ୍ରହଟିକୁ ଗଢ଼ିଥିଲେ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରାଚୀ ନଦୀ ଅବବାହିକାରେ ଦେବୀ ଚିତ୍ରେଶ୍ୱରୀଙ୍କ ଉପାସନା ପ୍ରାଚୀନ ସମୟରୁ ହୋଇଆସୁଛି ବୋଲି କହିଛନ୍ତି ଐତିହ୍ୟ ଗବେଷକ ଦୀପକ କୁମାର ନାୟକ। ଚିତ୍ରେଶରୀ ହେଉଛନ୍ତି ସ୍ଥାନୀୟ ଗୋଲରାଗଡ଼ର ଅଧିଷ୍ଠାତ୍ରୀ ଦେବୀ। କେବେ ଏହି ନୂତନ ମନ୍ଦିର ଓ ବିଗ୍ରହର ପ୍ରତିଷ୍ଠା ହୋଇଥିଲା ତାହା ଅଭିଲେଖରୁ ସ୍ପଷ୍ଟ ହେଉ ନ ଥିଲେ ମଧ୍ୟ ଲିପିତତ୍ତ୍ୱ ଆଧାରରେ ଏହା ଉନବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରେ ହୋଇଥାଇପାରେ ବୋଲି ନାୟକ ମତବ୍ୟକ୍ତ କରିଛନ୍ତି।

# ଛାତରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ଟାଙ୍ଗୀ,୨୦।୧୦(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧୀନ ବଡପୋଖରୀଆ ଗୋପୀନାଥପୁର ଶାସନର ଦେବୀପ୍ରସାଦ ତ୍ରିପାଠୀ ଶନିବାର ରାତିରେ ଛାତରୁ ପଡ଼ି ମୃତ୍ୟୁବରଣ କରିଛନ୍ତି। ସନ୍ଧ୍ୟା ସମୟରୁ ସେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଘର ଛାତରୁ ଖସିପଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଥିଲା। ଦେବୀପ୍ରସାଦ ବଡ଼ପୋଖରିଆ ସେବା ସମବାୟ ସମିତିରେ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ସେ ପରିବାରର ଏକମାତ୍ର ପୁତ୍ର ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚନ୍ଦାମୁଣ୍ଡେ ମାରି ଚନ୍ଦନ ଚିତା**
**ଚର ଚର କରି ଲେଖନ୍ତି ଗୀତା**
**ଚତୁରପଣକୁ ଦେଖ**
**ଅଧଲାଟାକୁ ଯେ ଭାଜନ ନୁହଁନ୍ତି**
**ସେଇ ବୋଲାନ୍ତି ନାହାକ।**

ନିଜକୁ ଚିତା ଚଇତନରେ ସଜେଇ ସମସ୍ତଙ୍କୁ ନାନା କଥା କହି ପ୍ରଭାବିତ କରୁଥିବା ବ୍ୟକ୍ତି ଧୂର୍ତ୍ତ ବୋଲାଇଥାନ୍ତି। ପରୋକ୍ଷରେ ଠାକୁରଙ୍କ ନାମରେ ବା ଧର୍ମର ଦ୍ୱାହି ଦେଇ ମିଛସତ କହି ବୋକା ବନାଉଥିବା ଭଣ୍ଡ ନାହାକ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚୂନ ଟାଣେ ନାସ,**
**ଲୁଣ ଟାଣେ ମାଛ,**
**ଗୁଆ ଟାଣେ ପାନ,**
**ରୁଆ ଟାଣେ ଧାନ।**

ଚୂନ ନାସ ଟାଣି ନିଏ। ମାଛରେ ଅଧିକ ଲୁଣ ଦିଆଯାଏ। ପାନରେ ଗୁଆ ଅପରିହାର୍ଯ୍ୟ। ସେହିପରି ରୁଆ ଧାନ ଥୁଆ ବୋଲି ଚାଷୀ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ସୁଦୃଢ଼ ହେବ ସାଧାରଣ ବଣ୍ଟନ ବ୍ୟବସ୍ଥା: ଯୋଗାଣ ମନ୍ତ୍ରୀ

**କଟକ,୨୦।୧୦ (କାର୍ତ୍ତିକ ସାହୁ)**



ସମୀକ୍ଷା ବୈଠକରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ କଟକ ଜିଲାପାଳ ଓ ବିଧାୟକ।

## ଖାଦ୍ୟ ଯୋଗାଣ, ଧାନ କ୍ରୟ ନିମନ୍ତେ ସମୀକ୍ଷା ବୈଠକ

କଟକ ଜିଲାରେ ଖାଦ୍ୟ ଯୋଗାଣ ଓ ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଧାନ କ୍ରୟର ସହାୟକ ମୂଲ୍ୟ ବୃଦ୍ଧି ରାଜ୍ୟ ସରକାରଙ୍କ ଐତିହାସିକ ପଦକ୍ଷେପ ଭାବେ ବିବେଚନା କରି କୃଷକଙ୍କ ସମସ୍ତ ସୁବିଧା ନିମନ୍ତେ ଆଗାମୀ ଦିନରେ ରାଜ୍ୟର ଧାନମଣ୍ଡିଗୁଡ଼ିକ ଭିତ୍ତିଭୂମିର ଉନ୍ନତୀକରଣ ସହ ବଣ୍ଟନ ବ୍ୟବସ୍ଥା ସଦୃଢ଼ୀକରଣ କରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ୫୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ବୈଠକରେ ମନ୍ତ୍ରୀ ସୂଚନା ଦେଇଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ କରିବାକୁ ମନ୍ତ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ ଶହ ଟଙ୍କା ଲେଖାଏଁ ଚାଷୀମାନଙ୍କୁ ପ୍ରଦାନ କରାଯିବ, ଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରିୟାକୁ ସୁଦୃଢ଼ କରାଯିବା ସହ ବଣ୍ଟନ ଓ ଧାନ କ୍ରୟ ବ୍ୟବସ୍ଥାରେ ସ୍ୱଚ୍ଛତା ଅବଲମ୍ବନ, ଅସାଧୁ ବେପାରୀଙ୍କ କବଳରୁ ଚାଷୀମାନେ ମୁକ୍ତ ହେବା, ଧାନ ଉଠାଣର ୪୮ଘଣ୍ଟା ମଧ୍ୟରେ କୃଷକଙ୍କ ଜମାଖାତାରେ ସିଧାସଳଖ ଅର୍ଥ ପ୍ରଦାନ, ମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ପରିବହନ ସମୟରେ ଜିପିଏସ୍ ବ୍ୟବସ୍ଥା କରାଯିବା ସମ୍ବନ୍ଧରେ ମନ୍ତ୍ରୀ ଆଲୋଚନା କରି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ୪୦୦୦ ମଣ୍ଡି ମଧ୍ୟରୁ ଆବଶ୍ୟକ ହେଉଥିବା ପ୍ରାୟ ୭୦୦ ମଣ୍ଡିର ସାମାନ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ। ଧାନ କ୍ରୟ ଓ ଉଠାଣ ସମୟରେ ଯେପରି କୌଣସି ଚାଷୀ ବାଦ୍ ପଡ଼ିବେ ନାହିଁ ସେଥିପାଇଁ ସମ୍ପୃକ୍ତ ଅଧିକାରୀମାନେ ଯତ୍ନର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମାସରୁ ଉଭୟ ଚାଉଳ ଓ ଗହମ ଏକ ସଙ୍ଗେ ମିଳିବା ସହ ଟୋକେନ ବ୍ୟବସ୍ଥା, ମିଲରଙ୍କ ସମସ୍ୟା, ଘରେ ଘରେ ବଣ୍ଟନ ବ୍ୟବସ୍ଥା, ମଣ୍ଡିରେ କୃଷକଙ୍କ ପାଇଁ ପାନୀୟ ଜଳ ସହ ମୌଳିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି, ଧାନ କ୍ରୟ ବେଳେ କଟ୍‌ନି ଛଟ୍‌ନି କରାଯିବ ନାହିଁ। ଏଫ୍‌ଏକ୍ୟୁ ମାନର ଧାନ ଯାଞ୍ଚ ପାଇଁ କ୍ୱାଲିଟି ଗ୍ରେନ୍ ଆନାଲାଇଜର ମେଶିନ ବ୍ୟବହାର କରାଯିବ। ଏହାସହ ମଣ୍ଡିରେ ସିସିଟିଭି କ୍ୟାମେରା ଓ ଗାଡ଼ିରେ ଜିପିଏସ ବ୍ୟବହାର କରାଯିବ। ସେହିଭଳି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗରିବ ଲୋକଙ୍କୁ ରାଶନ କାର୍ଡରେ ଅନ୍ତର୍ଭୁକ୍ତ କରିବା ସହ ଅଯୋଗ୍ୟ ହିତାଧିକାରୀଙ୍କ ରାଶନ କାର୍ଡ କାଟିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ୱାଗତ ସୂଚନା ଦେଇ ଜିଲାରେ ସ୍ୱଚ୍ଛତାର ସହ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ବଣ୍ଟନ ବ୍ୟବସ୍ଥା, ଧାନ କ୍ରୟ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା, ମଣ୍ଡି ଏବଂ ଜିଲାରେ ଆବଶ୍ୟକ ନୋଡାଲ ଅଧିକାରୀ ନିଯୁକ୍ତି ସହ ଉଭୟ ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ପ୍ରଶାସନିକ ବ୍ୟବସ୍ଥା ସମ୍ବନ୍ଧରେ କହିଥିଲେ। ସମୀକ୍ଷା ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ ଯୋଗଦେଇଥିଲେ। ଜିଲାରେ ଧାନ କ୍ରୟ ଓ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଅବଲମ୍ବନ ସହ ଧାନମଣ୍ଡିଗୁଡ଼ିକରେ ସୁବ୍ୟବସ୍ଥା, ଚାଷୀଙ୍କ ସମସ୍ତ ସୁବିଧା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସମ୍ବନ୍ଧରେ ବିଧାୟକମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଜିଲାର ଖାଦ୍ୟ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ଦେଇଥିଲେ। ଜିଲାରେ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀ ସଂଖ୍ୟା ୧୭ ଲକ୍ଷ ୯୧ ହଜାର ରହିଛି। ଆବେଦନ କରିଥିବା ୨ ଲକ୍ଷ ୮୭ ହଜାର ମଧ୍ୟରୁ ଯୋଗ୍ୟ ହିତାଧିକାରୀ ଚୟନ କରି ଏହି ଯୋଜନାରେ ସାମିଲ କରାଯିବା ପାଇଁ ସେ କହିଛନ୍ତି। ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସମେତ ସମସ୍ତ ଉପଖଣ୍ଡର ଡିଆର୍‌ସିଏସ୍, ଏଆର୍‌ସିଏସ୍, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଧନ୍ୟବାଦ ଦେଇଥିଲେ।

# ଲୋକଙ୍କ କାମ ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

## ଜିଲାପାଳମାନଙ୍କୁ ରାଜସ୍ୱ ବିଭାଗର ଚିଠି

**ଭୁବନେଶ୍ୱର, ୨୦।୧୦ (ସୁନିତ୍ ମିଶ୍ର)**

କାର୍ଯ୍ୟରେ ଅବହେଳା କଲେ ଏଣିକି ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ଆଉ ତ୍ରାହି ମିଳିବ ନାହିଁ ବୋଲି ବିଭାଗ କଡ଼ା ଚେତାବନୀ ଦେଇଛି। ତହସିଲଦାର, ଆରଆଇ, ଅମିନଙ୍କଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀମାନଙ୍କୁ ରାଜସ୍ୱ ବିଭାଗ ଏନେଇ ତାଗିଦ କରିଛି। ଲୋକଙ୍କ କାମ ନ କଲେ କାର୍ଯ୍ୟାନୁଷ୍ଠାନ ହେବ। ୧୫ ଦିନ ଭିତରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଜିଲାପାଳଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ ରହିଛି, ଗ୍ରାଉଣ୍ଡରେ ଥିବା କିଛି ବିଭାଗୀୟ ଅଧିକାରୀ ଲୋକଙ୍କୁ ସେବା ଦେବାରେ ଅବହେଳା କରୁଛନ୍ତି। ଅଭିଯୋଗକୁ ତୃଣମୂଳସ୍ତରରେ ସମାଧାନ କରୁନାହାନ୍ତି। ଯେଉଁଥିଲାଗି ଲୋକଙ୍କୁ ଉପରସ୍ତରକୁ ଏମିତିକି ଭୁବନେଶ୍ୱର ପର୍ଯ୍ୟନ୍ତ ଆସିବାକୁ ପଡୁଛି। ଏହାଦ୍ୱାରା ଲୋକଙ୍କ ଉପରେ ଆର୍ଥିକ ଚାପ ଓ କଷ୍ଟ ସହିବାକୁ ପଡୁଛି। ଏହା ମଧ୍ୟ ନଜରକୁ ଆସିଛି, ସମାଧାନ ପାଇଁ ଲୋକମାନେ ଦେଉଥିବା ଅଭିଯୋଗ ବିନା ଶୁଣାଣିରେ ନିୟମିତ ପ୍ରକ୍ରିୟାରେ ଖାରଜ ହେଉଛି। ଗ୍ରାଉଣ୍ଡରେ ଥିବା ଅଧିକାରୀ ଉତ୍ତର ଦାୟିତ୍ୱ ନେଉ ନ ଥିବାରୁ ଏହି ସମସ୍ୟା ହେଉଛି। ଆଉ ଅବହେଳା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଉପରିସ୍ଥ ଅଧିକାରୀ ନେଉନାହାନ୍ତି ବୋଲି ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏଣିକି ଏମିତି ଅଭିଯୋଗ ଆସିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ୧୫ ଦିନ ଭିତରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ। ଏହାପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ। ରାଜସ୍ୱ ବିଭାଗ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତାର ପ୍ରମାଣ ସାଧାରଣ ଜନତା ଦେବେ ବୋଲି ଶନିବାର ରାଜସ୍ୱ ମନ୍ତ୍ରୀ କହିଥିଲେ। ଏଥିପାଇଁ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ରେଜିଷ୍ଟର ରହିବ ବୋଲି ସେ କହିଥିଲେ।

# କିରୋସିନ ଢାଳି ନିଆଁ ଲଗାଇଦେଲେ ସ୍ତ୍ରୀ

## ଉଦ୍ଧାର କରିବାକୁ ଯାଇ ସ୍ୱାମୀ ଗୁରୁତର

**ସୋର, ୨୦।୧୦ (ଜନ୍ମେଜୟ ମିଶ୍ର)**

ପାରିବାରିକ କଳହକୁ କେନ୍ଦ୍ର କରି ସ୍ତ୍ରୀ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଥିବା ବେଳେ ଉଦ୍ଧାର କରିବାକୁ ଯାଇ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ସୋର ଥାନା ଅଧୀନ ଜଡିଡା ପଞ୍ଚାୟତ ଆଡ଼ିଆ ଗାଁରେ। ଗୁରୁତର ସ୍ୱାମୀ ଶଶିକାନ୍ତ ମହାରଣା ଓ ତାଙ୍କ ସ୍ତ୍ରୀ ଭାନୁମତି ମହାରଣାଙ୍କୁ ପ୍ରଥମେ ସ୍ଥାନୀୟ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟ ଦମ୍ପତିଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ରବିବାର ସକାଳେ ଉଭୟ ଦମ୍ପତିଙ୍କ ମଧ୍ୟରେ ସଂଗଠିତ କଳହ ଉଗ୍ରରୂପ ନେଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସ୍ତ୍ରୀ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ।

# ହିନ୍ଦୀ ଭାଷା ବ୍ୟବହାରକୁ ପୂର୍ବତଟ ରେଳପଥର ଗୁରୁତ୍ୱ

**ଭୁବନେଶ୍ୱର,୨୦।୧୦ (ଅନୁରାଧା ମହାରଣା)**

ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରେଳ ସଦନଠାରେ ଏକ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯୋଗଦେଇ ସରକାରୀ କାର୍ଯ୍ୟ ବିଶେଷ ଭାବରେ ଇ-ଫାଇଲ, ଇ-ଅଫିସ ଏବଂ ଅଫିସିଆଲ ନୋଟିଙ୍ଗ୍‌ସ ମାଧ୍ୟମରେ ହିନ୍ଦୀ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ପ୍ରାଥମିକତା ଦେଇ ନୋଟ୍ ଡ୍ରାଫ୍ଟ ଏବଂ ଚିଠି ଲେଖିବାକୁ ସେ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ମୁଖ୍ୟ ରାଜଭାଷା ଅଧିକାରୀ ତଥା ପ୍ରମୁଖ ବୈଦ୍ୟୁତିକ ଯନ୍ତ୍ରୀ ଆଲୋକ ସହାୟଙ୍କ ସହିତ ରେଳପଥର ସମସ୍ତ ପ୍ରମୁଖ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


**NOTICE FOR LOSS OF DOCUMENTS**

Notice is hereby given from Dipti Sankar Das that, he has applied for loan to LIC HFL. But at present, he has lost the Original Link Documents i.e. Sale Deed No. 3655 dtd. 21.08.1995 and Sale Deed No. 5213 dtd. 12.11.1996, which were kept with him and inspite of his best efforts, failed to trace the same. Therefore, notice is hereby given to general public that if anybody has got any right, title interest over the property on the missing documents, he/she has to claim before the LIC HFL AT-Chandrasekharpur, Bhubaneswar within 15 days from the date of publication. And after that the documents will lose its legal force and LIC HFL, Bhubaneswar will not be responsible for any claim. What-so-ever on the property after 15 days.

**Address for Communication**
**LIC HFL, Chandrasekharpur, Bhubaneswar,**
**B. K. Pattanaik, Advocate,**
**Mob. No. 9337395558**

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764051, PHONES : 06861-232581 (O)/232641 (R), FAX : 06861-232541,
E-mail : unit.head_balimela@yahoo.com
**REGD. OFFICE : ODISHA HYDRO POWER CORPORATION LIMITED**
(A Govt. of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-751022, Tel : 91-674-2542983, 2542802, 2545526, Fax : 2542102, GRAM : HYDROPOWER,
E-mail : ohpc.co@gmail.com / md@ohpcltd.com, Website : www.ohpcltd.com
**CIN : U40101OR1995SGC003963, GSTIN-21AAACO2575P1Z9**
**TENDER CALL NOTICE NO : BHEP/21/2024-25 Dtd. 18.10.2024**
**No. CAD-1397** : Sealed Tenders are invited in two part i.e. (i) Technical bid & (ii) Price bid in separate sealed envelopes from the reputed & experienced Under Water Diving firms having at least 03 years of experience in Under water diving & salvage work as per the details mentioned below.

| Sl. No. | Description of Services | Cost of tender papers (Non-refundable in Rs.) |
|---|---|---|
| 1 | HIRING OF SERVICES FOR UNDER WATER DIVING AND SALVAGE WORK AT DIFFERENT LOCATIONS OF WATER CONDUCTOR SYSTEM OF BALIMELA HYDRO ELECTRIC PROJECT, BALIMELA | 7080/- |

The Sale of Tender Paper will be from : 24.10.2024 to 12.30 Hrs. of 11.11.2024
The last date & time of receipt of tenders : Up 16.00 Hrs. of 11.11.2024
Date and time of opening of the tenders : At 16.30 Hrs. of 11.11.2024
For details of the tender documents, terms and conditions please visit our website www.ohpcltd.com
Sd./- C & P Head
BHEP, Balimela
OIPR-04019/11/0027/2425

**GOVERNMENT OF ODISHA e-PROCUREMENT NOTICE**
**WORKS DEPARTMENT**
**Bid Identification No. S.E. CBT (R&B) 16/2024-25**
charbatiadivision1@gmail.com
No.B-454

| | | | |
|---|---|---|---|
| i | Name of the work | : | Civil work-24 Nos. |
| ii | Estimated cost | : | Rs.31,48,559/- to Rs.94,37,016/- |
| iii | Period of completion | : | 03 months (90 days) to 04 months (120 days) |
| iv | Date & time of availability of Bid documents in the portal | : | From 10.00 A.M. of 23.10.2024 to 04.11.2024 upto 1.00 P.M. for 'online' bidding |
| v | last date/time for receipt of Bids in the portal | : | 04.11.2024 upto 1.00 P.M. |
| vi | Name and address of the officer inviting Bid | : | Superintending Engineer Charbatia (R&B) Division, Choudwar |

Further details can be seen from the e-procurement portal http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website.
Sd./- Superintending Engineer
Charbatia (R&B) Division
Choudwar
OIPR-34092/11/0007/2425

**Indian Potash Limited**
IPL
**NOTICE INVITING TENDER**
Sealed tender are invited from financially sound and experienced transport contractors for undertaking transportation work of bagged chemical fertilizers (45Kg/50Kg bags) from Dhamra port by road for 2 years. The tenderer should have experience in transportation of bagged fertiliser/sugar/cement/food grains at railway rake point/port and at least 5 trucks should be owned by them. The transport contractor should have all statutory registration required for carrying on transportation business. Tender paper may be obtained from the regional office of INDIAN POTASH LTD at the address given below. Tender papers may be collected on payment of Rs.5000/- (non-refundable) by way of demand draft drawn in favour of INDIAN POTASH LTD payable at Bhubaneswar. Tender documents should be submitted by 4thNov'2024 by 12.00 Hrs. The tender will open on the same day at 15.00 Hrs before the tenderers or their accredited representatives. IPL shall have the right to award the tender to L1 or more contractors at its own discretion. IPL reserves the right to accept /reject any or all tenders either in full or in part without assigning any reason.
**INDIAN POTASH LIMITED, REGIONAL OFFICE**
**ODYSSA BUSINESS CENTRE, UNIT 413 & 414, PLOT No. 30 & 31, 4th FLOOR, RASULGARH, BHUBANESWAR – 751010.**
**PHONE No – 0674-2585514/15, Mail id :iplbhu@potindia.com**

**WORKS DEPARTMENT**
**OFFICE OF THE SUPERINTENDING ENGINEER, BHADRAK (R&B) DIVISION**
e-mail : bhadrakrnbdivision@gmail.com
**Government of Odisha "e" Procurement Notice**
**Bid Identification No. SE (R&B) BDK33/2024-25**
**No.6600/dt.-14.10.2024**
No.B-458

| | | | |
|---|---|---|---|
| 1 | Nature of work | : | Building Works (Civil, Electricals & PH) |
| 2 | Number of works | : | 19 (Nineteen) Nos. |
| 3 | Amount put to Tender | : | From Rs. 30.53 Lakhs to 75.32 Lakhs |
| 4 | Class of Contractor | : | B & C Class |
| 5 | Date & Time of availability of bid document in the portal | : | 23.10.2024 at 11.00 A.M. |
| 6 | Last Date / Time of receipt of bid in the portal | : | 04.11.2024 upto 05.00 P.M. |
| 7 | Date of opening of bid | : | Dt. 05.11.2024 at 11.30 A.M. |
| 8 | Name & address of the Office inviting bid | : | Superintending Engineer, Bhadrak (R&B) Division |
| 9 | The bidders have to participate in ONLINE bidding only | | |
| 10 | Further details can be seen from the e-procurement portal "http//tendersodisha.gov.in." | | |
| 11 | All future corrigendum will be available on ONLINE mode only | | |

Sd./- Superintending Engineer
Bhadrak (R&B) Division
OIPR-34079/11/0007/2425

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BALASORE**
No.O-421
**e-procurement Notice for Roads works**
**Bid Identification No. e-procurement Notice No.01/ SERW-II/BLS/2024-25**
1. Name of the work : Road works. 2. Total no. of works : 49 Nos. 3. Estimated Cost : As Specified in column 3 of Annexure. 4. Cost of Tender Paper through online : As Specified in column 6 of Annexure. 5. Time of Completion : As specified in column 7 of Annexure. 6. Class of Contractor : As specified in column 8 of Annexure
7. Other Details : As per DTCN

| Procurement Officer | Bid Identification No. | Availability of Tender online for bidding From | Availability of Tender online for bidding To | Last date & time of seeking tender clarification | Date & Time of Opening of Tender in O/o Superintending Engineer, R.W. Divn.-II, Balasore |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, R.W.Division-II, Balasore | E-TCN No.01 of 2024-25 | 23.10.2024 at 05.00 P.M. | 01.11.2024 up to 5.00 P.M. | 01.11.2024 upto 02.00 P.M. | 02.11.2024 at 11.00 A.M. |

Further details can be seen from the website www.tendersorissa.gov.in
Sd./- Additional Chief Engineer
RW Division-II, Balasore
OIPR-25052/11/0001/2425

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, NABARANGPUR**
No.O-412
e.mail - eerwngp@rediffmail.com
Letter No. : 3806 Date : 15.10.2024
**e-Procurement Notice**
Name of the work : Road Works
Total No. of works : 05 (Five) Nos.
Approx. Estimated Cost : Rs. 51.69 lakhs to Rs. 82.96 lakhs
Class of Contractor : "B" Class Contractor
Period of completion : 02 (Two) Calendar Months

| Procurement officer | Bid Identification No. | No. of works | Availability of tender online for bidding From | Availability of tender online for bidding To | Date & Time of Opening of Tender Technical | Date & Time of Opening of Tender Financial |
|---|---|---|---|---|---|---|
| 1 | 2 | 3 | 4 | 5 | 6 | |
| Rural Works Division-I, Nabarangpur | EERWNGP - Online 03/2024-25 | 05(Five) Nos. | 24.10.2024 at 10.00 A.M. | 04.11.2024 upto 03.00 P.M. | 05.11.2024 at 11.00 A.M. | To be intimated separately |

For details can be seen from the Government website www.tendersorissa.gov.in.
Sd./- Superintending Engineer
Rural Works Division-I, Nabarangpur
OIPR-25092/11/0003/2425

**Office of District Manager**
**Odisha State Civil Supplies Corporation Ltd. (OSCSC)**
Annexure-II
**Angul (District)**
Phone : 06764-230282
District Website https://angul.odisha.gov.in
No.CAD-1399
**Tender No. : 3836** **Dt. : 18.10.2024**
District Manager, Odisha State Civil Supplies Corporation Ltd., Angul **(District)** invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | For selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC) |
| 2 | Availability of bid document in the portal | From 21.10.2024 |
| 3 | Last Date / Time for receipt of bids in the portal | Dt. 31.10.2024 upto 5.30 (P.M.) |
| 4 | Date/Time of Opening of Technical Bid | Dt. 01.11.2024 at 11.00 (A.M.) |
| 5 | Name and address of the Officer Inviting Tender | District Manager, OSCSC Ltd., Angul (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd./- District Manager
OSCSC Ltd. Angul
OIPR-07064/11/0003/2425

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧୦।୨୦୨୪

| | |
|---|---|
| ୫,୦୭,୫୩୯ ଟଙ୍କା | |
| ସୁନା | ୫.୧୫୦ ଗ୍ରାମ୍ |
| ରୁପା | ୩୦.୫୦୦ ଗ୍ରାମ୍ |

# ପିଇବା ପାଣି ପାଇଁ ୧୦୦ ପରିବାର ଡହଳବିକଳ

ନିରାକାରପୁର,୨୦।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ସାଧାରଣ ଲୋକେ କିଭଳି ବିଶୁଦ୍ଧ ପାନୀୟଜଳ ପାଇପାରିବେ, ସେଥିପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହେଲେ ଅନେକ ସମୟରେ ପ୍ରଶାସନିକ ଅଧିକାରୀଙ୍କ ଯୋଗୁ ଲୋକେ ପାନୀୟଜଳରୁ ବଞ୍ଚିତ ହେଉଛନ୍ତି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ କମାଗୁରୁ ପଞ୍ଚାୟତର କମାଗୁରୁ ଦକ୍ଷିଣ ସାହି ବାସିନ୍ଦାଙ୍କ କ୍ଷେତ୍ରରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ଯେ, ଉକ୍ତ ସାହିରେ ୧୦୦ ପରିବାରର ୩୦୦ ଲୋକ ବସବାସ କରୁଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଇ ଦିଆଯାଇଛି।



ତେବେ କେବଳ ସକାଳ ସମୟରେ ଏହି ସୁବିଧା ମିଳୁଛି। ଅନ୍ୟ ସମୟରେ ଲୋକେ କୂଅ ଏବଂ ନଳକୂପ ଉପରେ ନିର୍ଭର କରି ଚଳୁଛନ୍ତି। ଗ୍ରାମରେ ୩ଟି କୂଅ ଓ ୨ଟି ନଳକୂପ ରହିଛି। ତେବେ ଦୁଇଟି କୂଅ ଅନୁପଯୋଗୀ ହୋଇଥିବାବେଳେ ଦୁଇଟି ନଳକୂପ ପ୍ରାୟ ୩ବର୍ଷ ହେଲା ଖରାପ ହୋଇ ପଡ଼ିରହିଛି। ଏନେଇ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲାଣି ନିରାଶ ହେବାକୁ ପଡ଼ିଛି। ତେଣୁ ଗ୍ରାମବାସୀ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି ବୋଲି ବାସିନ୍ଦା ଗଙ୍ଗାଧର ଚମ୍ପତିରାୟ କହିଛନ୍ତି। ସୋମବାର ନଳକୂପ ମରାମତି କରାଯିବ ବୋଲି ଦାୟିତ୍ୱରେ ଥିବା ଯନ୍ତ୍ରୀ ମଧୁସ୍ମିତା ମହାନ୍ତି ପ୍ରକାଶ କରିଛନ୍ତି।

# ଓସିଏସ୍‌ରେ ସୁଶ୍ରୀ ଶିବାନୀ, ରାକେଶଙ୍କ କୃତିତ୍ୱ





ବାଣପୁର,୨୦।୧୦(ଦିଲୀପ କୁମାର ସ୍ୱାଇଁ)

ରାଜ୍ୟ ପ୍ରଶାସନିକ ସେବା ୨୦୨୨ରେ ପ୍ରଥମ ଥର ପାଇଁ ଗୋଟିଏ ବର୍ଷରେ ବାଣପୁର ଅଞ୍ଚଳର ୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଭାମପୁର ଗୋଡ଼ିପଦର ସାହିର ସୁଶ୍ରୀ ଶିବାନୀ ରାଉତ ୧୭୦ତମ ସ୍ଥାନ ହାସଲ କରିଥିବାବେଳେ ଭାପୁର ଗ୍ରାମର ରାକେଶ କୁମାର ଜେନା ୨୪୭ତମ ସ୍ଥାନ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ଶିବାନୀ ହେଉଛନ୍ତି ନାରାୟଣ ରାଉତ ଏବଂ କବିତା ରାଉତଙ୍କ ଝିଅ। ନାରାୟଣ ବ୍ୟବସାୟୀ ହୋଇଥିବାବେଳେ କବିତା ଗୃହିଣୀ। ୪ ବର୍ଷ ଧରି ଶିବାନୀ ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ୨ୟ ଚେଷ୍ଟାରେ ଚଳିତବର୍ଷ ସଫଳତା ହାସଲ କରିଛନ୍ତି। ସମାଜର ନିଷ୍ପେଷିତ ଏବଂ ଅସହାୟ ଜନ ସାଧାରଣଙ୍କୁ ସହଯୋଗ କରିବା ଜୀବନର ପ୍ରାଥମିକତା ରହିବ ବୋଲି ସୁଶ୍ରୀ ଶିବାନୀ କହିଛନ୍ତି। ରାକେଶ ହେଉଛନ୍ତି ପ୍ରକାଶ ଜେନା ଏବଂ ରାନୀ ଜେନାଙ୍କ ବଡ଼ ପୁଅ। ପ୍ରକାଶ ବିଦେଶରେ ଶ୍ରମିକ ଭାବେ କାର୍ଯ୍ୟରତ ଥିବାବେଳେ ରାନୀ ଜଣେ ଗୃହିଣୀ। ବର୍ତ୍ତମାନ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପଢ଼ିବା ସହ ୭ ବର୍ଷ ହେଲା ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି ଚଳାଇଥିଲେ। ତେବେ ସେ ପ୍ରଥମ ଥର ଏହି ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବହନ ସେବାରେ ଉନ୍ନତିର ଆବଶ୍ୟକତା ରହିଥିବାବେଳେ ଧୈର୍ଯ୍ୟର ସହ ନିୟମିତ କଠିନ ପରିଶ୍ରମ କଲେ ସୁନିଶ୍ଚିତ ସଫଳତା ମିଳିବ ବୋଲି ରାକେଶ କହିଛନ୍ତି।

# ୨ ଗିରଫ, ଅନ୍ୟ ଅଭିଯୁକ୍ତ ଫେରାର

## ଶ୍ରୀମନ୍ଦିର ସୁପରଭାଇଜରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

ପୁରୀ,୨୦।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରର ବରିଷ୍ଠ ସୁପରଭାଇଜର ବକ୍ସି ରାମଚନ୍ଦ୍ର ପ୍ରତିହାରୀଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପଶ୍ଚିମଦ୍ୱାର ନିକଟ ଆକ୍ରମଣ ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ରବିବାର ଟାଉନ୍ ଥାନା ସଭାକକ୍ଷରେ ଏକ ଖବରଦାତା ସମ୍ମିଳନୀ କରି ପୋଲିସ ସୂଚନା ଦେଇଛି। ଏହି ସମ୍ମଳନୀରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସଦର ଡିଏସ୍‌ପି ରବି ନାରାୟଣ ଭଞ୍ଜ, ଟାଉନ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଏସ୍‌ପି ମିଶ୍ର ସୂଚନା ଦେଇ କହିଛନ୍ତି, ଶ୍ରୀମନ୍ଦିର ସୁପରଭାଇଜର ପ୍ରତିହାରୀଙ୍କୁ ଆକ୍ରମଣ ଘଟଣା ନେଇ ପୋଲିସ ପକ୍ଷରୁ ତଦନ୍ତ କରାଯାଇଥିଲା। ବିଭିନ୍ନ ଲୋକଙ୍କୁ ପଚରାଉଚରା କରାଯିବା ସହ ସନ୍ଦେହରେ ଥିବା ବ୍ୟକ୍ତିଙ୍କୁ ମଧ ଜେରା କରାଯାଇଥିଲା। ୨ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ କେତେଜଣ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଟାଉନ୍ ଥାନା ଅନ୍ତର୍ଗତ ବରାହୀ ଲେନ୍‌ର ସୁମନ ସାମନ୍ତରା ଓରଫ ଚନ୍ଦନ ଓ ଅମ୍ରିତାଂଶୁ ସାମନ୍ତରା ଓରଫ ଯୁକ୍ତି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ରକ୍ତଭିଜା ଶାର୍ଟ ଓ ରୁମାଲ ଜବତ କରିଛି। ଆନନ୍ଦବଜାରରେ ବାହାର ଜିନିଷ ବିକ୍ରିକୁ ବାରଣ କରିବା ନେଇ ଆକ୍ରମଣ ହୋଇଥିବା ସୂଚନା ଦେଉଛନ୍ତି। ୧୮ ତାରିଖ ସନ୍ଧ୍ୟା ସମୟରେ ବକ୍ସି ଶ୍ରୀମନ୍ଦିର ପଶ୍ଚିମଦ୍ୱାରଠାରେ ଗାଡ଼ି ରଖି ଶ୍ରୀମନ୍ଦିରକୁ ଆସୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ଘଟଣାକୁ ତର୍ଜମା କରାଯାଇଥିଲା।

# ସରିଲା ଚୌଦ୍ୱାର ରୂପଯାତ୍ରା



ଭସାଣି ପାଇଁ ଚୌଦ୍ୱାର ରୂପଯାତ୍ରା ପଡ଼ିଆରେ ଏକତ୍ରିତ ହୋଇଥିବା ମେଢ଼।

ଚୌଦ୍ୱାର,୨୦।୧୦(ଆଶୁତୋଷ ଦାସ)

ଚୌଦ୍ୱାର ରୂପଯାତ୍ରାର ଅନ୍ତିମ ପର୍ବ ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗା, ମହାଲକ୍ଷ୍ମୀ, ଗଜଲକ୍ଷ୍ମୀ, ମହାଦେବ, ହରପାର୍ବତୀ, ରାଧାକୃଷ୍ଣ, ଲକ୍ଷ୍ମୀ ନାରାୟଣ, ହନୁମାନ ମୂର୍ତ୍ତି ଶନିବାର ଶୋଭାଯାତ୍ରାରେ ସାହି ପରିକ୍ରମା କରି ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ପରମ୍ପରା ଅନୁଯାୟୀ ରବିବାର ସକାଳେ ମଠସାହି ମେଢ଼ ପୂଜା କମିଟି ପକ୍ଷରୁ ଛତା ଗ୍ରହଣ କରି ମେଢ଼ଗୁଡ଼ିକ କ୍ରମାନ୍ୱୟରେ ଶୋଭାଯାତ୍ରାରେ ଯାଇ ବିରୂପା ନଦୀକୂଳରେ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଏହି ଅବସରରେ ଚୌଦ୍ୱାର ନଗର ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପ୍ରେମଚାନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେହେରାଙ୍କ ସମେତ କାଉନସିଲରମାନେ ଉପସ୍ଥିତ ରହି ସମସ୍ତ ମେଢର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଭାଜପା ନେତା ନୟନ କିଶୋର ମହାନ୍ତି, ସନ୍ତୋଷ ମହାନ୍ତି, ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶୋଭାଯାତ୍ରାରେ ବାଜୁଥିବା ବିଭିନ୍ନ ବାଦ୍ୟର ତାଳେ ତାଳେ ମେଢ଼ କମିଟିର କର୍ମକର୍ତ୍ତା ଓ ଯୁବକମାନେ ନୃତ୍ୟ କରିଥିଲେ। ଏହାସହ ଢୋଲ, ମାଦଳ, ଘଣ୍ଟ, ପଶ୍ଚିମ ଓଡ଼ିଶାର ସିଙ୍ଗ ବାଜା, ତାଳଚୁଡ଼ି ଆଦି ପାରମ୍ପରିକ ବାଦ୍ୟରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଭସାଣି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ୪୬୨ତମ ର୍‌ୟାଙ୍କରେ ଆଦ୍ୟାଶା ପରିଡ଼ା



ଟାଙ୍ଗୀ, ୨୦।୧୦ (ରଘୁନାଥ ସାହୁ)

ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଘୁଣ୍ଟୁରୁ ଗ୍ରାମର ଆଦ୍ୟାଶା ପରିଡ଼ା ୪୬୨ତମ ସ୍ଥାନ ହାସଲ କରି ଟାଙ୍ଗୀ ପାଇଁ ଗୌରବ ଆଣିଛନ୍ତି। ଆଦ୍ୟାଶା ପ୍ରଥମ ଚେଷ୍ଟାରେ ସଫଳତା ପାଇଛନ୍ତି। ସେ ଶିକ୍ଷକ ବିରଞ୍ଚିନାରାୟଣ ପରିଡ଼ା ଓ ଉଷାରାଣୀ ପରିଡ଼ାଙ୍କ ତୃତୀୟ କନ୍ୟା। ସେ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି ଚଣ୍ଡିଖୋଲ ଉଚ୍ଚ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିଲେ। +୨ ନବଜ୍ୟୋତି ବିଦ୍ୟାଳୟ ଓ +୩ ପ୍ରାଣନାଥ ମହାବିଦ୍ୟାଳୟ ଖୋର୍ଦ୍ଧାରୁ ଉଦ୍ଭିଦ ବିଜ୍ଞାନ ଅନର୍ସରେ କୃତିତ୍ୱର ସହ ପାସ୍ କରିଥିଲେ। ନିଷ୍ଠା ଓ ଏକାଗ୍ରତାର ସହ ଅଧ୍ୟୟନ କଲେ ସଫଳତା ମିଳିପାରିବ ବୋଲି ଆଦ୍ୟାଶା କହିଛନ୍ତି।

# କାର୍ତ୍ତିକ ସୋମବାର ପାଇଁ ଚଳଚଞ୍ଚଳ ଧବଳେଶ୍ୱର ପୀଠ

ଖୁଣ୍ଟୁଣୀ,୨୦।୧୦(ସଚ୍ଚିଦାନନ୍ଦ ପଣ୍ଡା)

କାର୍ତ୍ତିକର ପ୍ରଥମ ସୋମବାର ଉପଲକ୍ଷେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଛି। ସୋମବାର ଭୋର ୪ଟାରେ ଠାକୁରଙ୍କ ଦ୍ୱାରଫିଟା ଯାଇ ସ୍ନାନ, ଆଳତି ଓ ଅନ୍ୟାନ୍ୟ ନୀତି ପରେ ବିଭିନ୍ନ ଫୁଲରେ ସଜ୍ଜିତ କରାଯିବ। ସାଢେ ୪ଟାରେ ଦ୍ୱାର ଫିଟାଯିବା ପରେ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିବେ ବୋଲି ଠାକୁରଙ୍କ ନୀତି ପାଳିଆ ବ୍ରହ୍ମାନନ୍ଦ ପତ୍ରୀ କହିଛନ୍ତି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ଏକ ପ୍ଲାଟୁନ ଫୋର୍ସ ମୁତୟନ ସହ ୨ଜଣ ଇନ୍‌ସପେକ୍ଟର, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଆଠଗଡ଼ ଦେବୋତ୍ତର ବିଭାଗ ପକ୍ଷରୁ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ରହିବେ ବୋଲି ଆଇଆଇସି ପରେଶ କୁମାର ମହାନ୍ତି କହିଛନ୍ତି। ମନ୍ଦିର ମଧରେ ପୂଜକ ସମାଜ ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଶୃଙ୍ଖଳିତ ଠାକୁର ଦର୍ଶନ ବ୍ୟବସ୍ଥା କରିବେ ବୋଲି ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରୀ ଓ ପ୍ରକାଶ ପତ୍ରୀ କହିଛନ୍ତି।

# ନିପୁଣ ଓଡ଼ିଶା ମିଶନ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୨୦।୧୦(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଜିଙ୍କିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୁଆପଡ଼ା ପରିସରରେ କ୍ଲଷ୍ଟରୀୟ ନିପୁଣ ଓଡ଼ିଶା ମିଶନ-୨୦୨୪ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା ଉଦ୍‌ଘାଟନ କରିଥିଲେ। ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ସିଦ୍ଧେଶ୍ୱର କରଣ, ଜିଙ୍କିଆ ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ମାଝୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମଠାରୁ ତୃତୀୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆହରଣ ସମ୍ପର୍କରେ ଉନ୍ନତମାନର ଶିକ୍ଷା ପ୍ରଦର୍ଶନ ନିମନ୍ତେ ସଚେତନ କରାଯାଇଥିଲା। ୧୭ଟି କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସିଆର୍‌ସିସି ବିଷ୍ଣୁଧର ଜେନା, ପ୍ରଶାନ୍ତ ନାୟକ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୃଷ୍ଣ ଚେତନା ଓ ସଂକୀର୍ତ୍ତନ ପଦଯାତ୍ରା



ତ୍ରିଶୁଳିଆ,୨୦।୧୦(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅଧୀନ ଗୋଡ଼ିସାହି ଶ୍ରୀରାମ ମନ୍ଦିର ପରିସରରେ ଭୁବନେଶ୍ୱରସ୍ଥିତ ଇସ୍କନ ପକ୍ଷରୁ ରବିବାର ଏକ କୃଷ୍ଣ ଚେତନା ଓ ସଂକୀର୍ତ୍ତନ ପଦଯାତ୍ରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଇସ୍କନର ବରିଷ୍ଠ ଭକ୍ତ ଶ୍ରୀପାଦ ମଦନମୋହନ ଦାସ ଏହି ସଂକୀର୍ତ୍ତନ ପଦଯାତ୍ରା ପରିଚାଳନା କରୁଛନ୍ତି। ଏଥିରେ ବ୍ରହ୍ମଚାରୀ ପ୍ରବକ୍ତା ଶ୍ରୀପାଦ ନମଚାର୍ଯ୍ୟ ଦାସ ଭଜନ କୀର୍ତ୍ତନରେ ସହଯୋଗ କରିଥିଲେ। ଶ୍ରୀପାଦ ଗୁଣନାବ ଦାସ ଓ ଶ୍ରୀପାଦ ପୁରନ୍ଦର ଦାସ, ରୁଦ୍ରିଆ ମହାଦେଶର ମାତାଜୀ ସୁନ୍ଦରୀ ଦେବୀ ଦାସୀ ଯୋଗଦେଇଥିଲେ। ସେ କିପରି କୃଷ୍ଣଙ୍କ ଭକ୍ତ ହେବା ସହିତ ସନାତନ ଧର୍ମ ଗ୍ରହଣ କଲେ, କୃଷ୍ଣଙ୍କ ଚେତନାରେ ପ୍ରବେଶ କଲେ ସେ ସମ୍ପର୍କରେ ତାଙ୍କ ଅନୁଭୂତି ପ୍ରକାଶ କରିଥିଲେ। ପ୍ରବଚନ ଶୁଣିବାକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

# ବାଙ୍କୀର କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ

## ବାଙ୍କୀ ମହୋତ୍ସବର ୪ର୍ଥ ସନ୍ଧ୍ୟା

କଳାପଥର,୨୦।୧୦(ଗଙ୍ଗାଧର ସାହୁ)

ବାଙ୍କୀ ମହୋତ୍ସବର ୪ର୍ଥ ସନ୍ଧ୍ୟା ଉତ୍ସବ ରବିବାର କଚେରୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସଭାପତି ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାମୂହିକ ସଙ୍ଗୀତ ଗାନ ପରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ତଥା ମହୋତ୍ସବ ଉପସଭାପତି ପ୍ରଣବ କିଶୋର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। 'ସମ୍ବାଦ' ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଙ୍କୀର ଉଚ୍ଚ ସାଂସ୍କୃତିକ ଐତିହ୍ୟର ପ୍ରସାର ଓ ପ୍ରଚାର ଲକ୍ଷ୍ୟ ନେଇ ମହୋତ୍ସବ ଆରମ୍ଭ ହୋଇଛି ବୋଲି କହିଥିଲେ। ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଙ୍କୀର କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସମାଜର ସଭାପତି ଗୋବିନ୍ଦ ଚାନ୍ଦ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହୋତ୍ସବ ଉପସଭାପତି ଭାଗୀରଥି ପାଣି, ସୁରଞ୍ଜନ ପଣ୍ଡା, ରବିକୃଷ୍ଣ ସ୍ୱାଇଁ, ଅନନ୍ତ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ଅତିଥି ଭାବେ ମହୋତ୍ସବ କାର୍ଯ୍ୟକାରୀ ସଭାପତି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କବୟିତ୍ରୀ ଅମୂଲ୍ୟବାଳା ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଚରଣ ତଳେ ମୋ ଲୁହ ଢାଳେ' ଉନ୍ମୋଚିତ ହୋଇଥିଲା। ବାଙ୍କୀ ସହରରେ ପ୍ରତିଷ୍ଠା ହୋଇଥିବା ମେଢ଼ଗୁଡ଼ିକର ମୂଲ୍ୟାୟନ କରାଯାଇ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ମେଢ଼ୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଭରତ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।





ବାଙ୍କୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।



ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ରାଜ୍ୟ କାର୍ଯ୍ୟାଳୟ ପରିସରରେ ଚାଲିଥିବା ସ୍ୱତନ୍ତ୍ର କ୍ୟାମ୍ପରେ ରବିବାର ଅତିଥିଙ୍କ ସହ ଛାତ୍ରୀମାନେ ମଶାଲ ଜାଳୁଛନ୍ତି।





ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ ଭୁବନେଶ୍ୱରସ୍ଥିତ ସମିତିର କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ମାସିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ।

## ସଂକ୍ଷେପରେ

### ଚୋରି ମୋଟରସାଇକେଲ ଜବତ: ଯୁବକ ଗିରଫ



**ସାଲେପୁର,୨୦।୧୦(ଅରବିନ୍ଦ ଭୂୟାଁ)**

ନାନ୍ଦୋଲ ଭସାଣି ଯାତ୍ରାରୁ ମୋଟର ସାଇକେଲ୍ ଚୋରି କରି ଚମ୍ପଟ ମାରିବା ଅଭିଯୋଗରେ ସାଲେପୁର ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କିଶିନାପୁର ଗ୍ରାମର ସନ୍ତୋଷ କୁମାର ସାମଲ।ଏନେଇ ଥାନାରେ ମାମଲା (ନଂ. ୪୧୩/୨୪) ରୁଜୁ ହୋଇଛି। ଅକ୍ଟୋବର ୧୭ରେ ନାନ୍ଦୋଲରେ ଦଶହରା ଭସାଣି ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଏକ ହିରୋହୋଣ୍ଡା ସିଡି ଡନ୍ ମୋଟର ସାଇକେଲ୍ ଚୋରି ହୋଇଥିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସନ୍ତୋଷ ଉକ୍ତ ମୋଟର ସାଇକେଲ୍ ଚୋରି କରି ଜଣେ ସମ୍ପର୍କୀୟଙ୍କ ଘରେ ଗାଡ଼ି ରଖିଥିବା ନେଇ ପୋଲିସ ବିଶେଷସୂତ୍ରରୁ ସୂଚନା ପାଇବା ପରେ ତାଙ୍କୁ ଗିରଫ କରିଛି ବୋଲି ଆଇଆଇସି. ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

### ନିପୁଣ ଓଡ଼ିଶା ମିଶନ ଉଦ୍‌ଘାଟିତ

**କୃଷ୍ଣପ୍ରସାଦ,୨୦।୧୦(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପଡ଼ା ପରିସରରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମିଶନ-୨୦୨୪ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା ଉଦ୍‌ଘାଟନ କରିଥିଲେ। ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ସିଦ୍ଧେଶ୍ୱର କରଣ, ଚିଲିକା ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ମାଝୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମଠାରୁ ତୃତୀୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆହରଣ ସମ୍ପର୍କରେ ଉନ୍ନତମାନର ଶିକ୍ଷା ପ୍ରଦର୍ଶନ ନିମନ୍ତେ ସଚେତନ କରାଯାଇଥିଲା। ୧୭ଟି କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସିଆର୍‌ସିସି ବିଦ୍ୟାଧର ଜେନା, ପ୍ରଶାନ୍ତ ନାୟକ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହିମାଳୟ ଯୋଗ ଅଲିମ୍ପିଆଡ୍‌ରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୦।୧୦(ବନ୍ଦନା ସେଠୀ):**

କ୍ରିଷ୍ଣା ବିକାଶ ଗ୍ରୁପ୍ ପ୍ରଚେଷ୍ଟାରେ ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟ ହିମାଳୟ ଯୋଗ ଅଲିମ୍ପିଆଡ୍ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ପାହାଳସ୍ଥିତ ଉତ୍କଳ ସିଗ୍ନେଚରଠାରେ ଥିବା ବିଶ୍ୱବିଦ୍ୟାଳୟର ମୁଖ୍ୟ ଶାଖାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାର କଲେଜ ଓ ବିଶ୍ୱବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଯୋଗ ସମ୍ବନ୍ଧିତ ୮ଟି ଆସନରେ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଆସନ ଭିତରୁ ଗରୁଡ଼ାସନ, କୋଣାସନ, ହସ୍ତପାଦାସନ, ସଲଭାସନ ଓ ଚକ୍ରାସନରେ ପ୍ରତିଯୋଗୀମାନେ ନିଜର ପାରଦର୍ଶିତା ଦେଖାଇଥିଲେ। ଯୋଗ ଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୮ଟି ଗ୍ରୁପ୍‌ର ୨୪ଜଣ କୃତୀ ଛାତ୍ରୀଛାତ୍ରୀଙ୍କୁ ଚୟନ କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବାଙ୍ଗାଲୋରରେ ହେବାକୁ ଥିବା ଜାତୀୟ ଯୋଗ ପ୍ରତିଯୋଗିତାରେ ଏମାନେ ଭାଗନେବେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ସମରେନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୋଗ ବିଭାଗର ଡିନ୍ ପ୍ରଫେସର ଡ. ଦିନେଶ ପ୍ରସାଦ ସ୍ୱାଇଁ, ଯୋଗ ଶିକ୍ଷକ ସୁନୀଲ କୁମାର ମହାକୁଡ଼ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭିତରେ ଯୋଗ ପ୍ରତି ଆଗ୍ରହ ସୃଷ୍ଟି କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ।



ପ୍ରତିଯୋଗିତାରେ ଛାତ୍ରୀମାନେ ଯୋଗାସନ କରୁଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କ ହୋର୍ଡିଂ ହଟାଇବାକୁ ଦାବି

**ବାଙ୍କୀ,୨୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ସରକାର ଗଠନ ହୋଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ବାଙ୍କୀ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ବିଗତ ସରକାରର ମୁଖ୍ୟଙ୍କ ଫଟୋଥିବା ହୋଡିଂ ଏ ପର୍ଯ୍ୟନ୍ତ ଲାଗିରହିଛି। ୨୪ଘଣ୍ଟା ମଧ୍ୟରେ ବାଙ୍କୀ ଉପଖଣ୍ଡର ବିଭିନ୍ନ ସ୍ଥାନରେ ବିଗତ ସରକାରର ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀଙ୍କ ଫଟୋଥିବା ହୋଡିଂ ହଟାଇବା ପାଇଁ ବାଙ୍କୀ ଭାଜପା ପକ୍ଷରୁ ଦାବି ହୋଇଛି। ଡମପଡ଼ା ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ଆଇନଜୀବୀ ସରୋଜ କୁମାର ମତଗଜ ସିଂହ, ବାଙ୍କୀ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କୁମାର ବେଉରା, ବାଙ୍କୀ ଏନଏସି ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ସାମନ୍ତରାୟ, ସୁଶାନ୍ତ କୁମାର ଜେନା, ବାଙ୍କୀ ସୁବର୍ଣ୍ଣପୁର ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଦଳେଇ, ବାଙ୍କୀ ନଗର ଭାଜପା ସଭାପତି ସଞ୍ଜୟ ରଣା ପ୍ରମୁଖ ବାଙ୍କୀ ଉପଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏ ସମ୍ପର୍କରେ ବିହୀତ ପଦକ୍ଷେପ ନେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବେଣ୍ଟପଦା, କଟିକିଆସାହି ପଞ୍ଚାୟତରେ ବିଜେଡି ପଦଯାତ୍ରା

**ଆଠଗଡ଼,୨୦।୧୦(ସତ୍ୟ ପ୍ରସାଦ ରଥ)**

ଆଠଗଡ ବ୍ଲକ ବେଣ୍ଟପଦା ଓ କଟିକିଆସାହି ପଞ୍ଚାୟତରେ ବିଜେଡି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଜେଡି ନେତାମାନେ କହିଥିଲେ, ରାଜ୍ୟର ୧୦୦ ଦିନ ସରକାର ଭିତରେ ବଜାର ଦର ଆକାଶ ଛୁଆଁ ହେଲାଣି। ଏଭଳି ଜନ ବିରୋଧୀ ସରକାରଙ୍କ କାର୍ଯ୍ୟକ୍ରମକୁ ଲୋକେ ପ୍ରତ୍ୟାଖ୍ୟାନ କରିବେ। ବେଣ୍ଟପଦାଠାରେ ପଦଯାତ୍ରା ରାହୁଳ ସାହି ତାରିଣୀ ମନ୍ଦିରରୁ ବାହାରି ରାଧାକାନ୍ତ ପାଟଣା, ଧନଯୟପୁର, ଗୋପାଳ ସାହି, ମହାନ୍ତି ସାହି ଦେଇ ଜେନାଭୂୟାଁ ଠାକୁରାଣୀ ପୀଠରେ ଶେଷ ହୋଇଥିଲା। ଆଠଗଡ ବିଜୁ ଜନତା ଦଳ ସଭାପତି ରବୀନ୍ଦ୍ର ନାଥ ରାଉତ, ଲଳିତେନ୍ଦୁ ସେନାପତି ଓ ସତ୍ୟ ପ୍ରକାଶ ରଥ ଏହାର ନେତୃତ୍ୱ ନେଇଥିଲେ । ଏହି ପଦଯାତ୍ରାରେ ୩ ନଂ.ଜୋନ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସମବାୟବିତ୍ ବେଣ୍ଟପଦା, ବିଜୁ ଜନତା ଦଳ ସଭାପତି ଚୈତନ ବେହେରା ବେଣ୍ଟପଦା ସରପଞ୍ଚ ଶ୍ରୀକାନ୍ତ ପଣ୍ଡା, ବେଣ୍ଟପଦା ପଞ୍ଚାୟତ ସମିତି ସଭ୍ୟା ରୂପ ମଲ୍ଲିକ, ନାରୀନେତ୍ରୀ ବାସନ୍ତୀ ରାଉଳ, ବେଣ୍ଟପଦା ସେବାସମବାୟ ସମିତି ସଭାପତି ପବିତ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି କଟିକିଆସାହିଠାରେପଦଯାତ୍ରା ସ୍ୱପ୍ନେଶ୍ୱର ମନ୍ଦିରରୁ ଆରମ୍ଭ ହୋଇ କଟିକିଆ ସାହି ବାତ୍ୟାଆଶ୍ରୟ ସ୍ଥଳିରେ ଶେଷହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବରେ କଟକ ଜିଲା ବିଜୁ ଯୁବ ଜନତା ଦଳ ଉପ ସଭାପତିନୃସିଂହ ଚରଣ ମହାପାତ୍ର, ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ, କଟିକିଆ ସାହି ବିଜୁ ଜନତା ଦଳ ସଭାପତି ଦେବରାଜ ପ୍ରଧାନ, କଟିକିଆସାହି ସରପଞ୍ଚ ମାନସୀ ରାଉତ, ସମିତିସଭ୍ୟା ପ୍ରତିମା ପ୍ରଧାନ, ଭରତ ଚନ୍ଦ୍ର ପାଣି, କଟିକିଆସାହିର ପୂର୍ବତନ ସରପଞ୍ଚ ବିପିନି ବିହାରୀ ସ୍ୱାଇଁ ଓ ନରେନ୍ଦ୍ର ସ୍ୱାଇଁ ଯୁବ ନେତା ଅରୁଣ କୁମାର ସାହୁ, ପ୍ରଫୁଲ ରାଉତ, ସ୍ୱପ୍ନେଶ୍ୱର ସେବାସମବାୟ ସମିତି ସଭାପତି ରଜତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।


ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

# ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ଚୟନ ଲାଗି 'ସୁରଭି' ଉପଯୁକ୍ତ ମାଧ୍ୟମ


ପ୍ରତିଯୋଗୀମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

**ମାଣିଆବନ୍ଧ/ବଡ଼ମ୍ବା,୨୦।୧୦ (ଅଖିଳ କୁମାର ସାହୁ/ମାୟାଧର ମଲ୍ଲିକ)**

ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୭ଟି କ୍ଲଷ୍ଟରରୁ ୫୬୦ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ବକ୍ତୃତା, ତର୍କ, ହସ୍ତାକ୍ଷର, ରଚନା, ହସ୍ତକଳା, ଲୋକନୃତ୍ୟ, ସଙ୍ଗୀତ ଓ କୁଇଜ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି , ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ସମିତି ସଭ୍ୟା ଗୋଲାପ ସାହୁ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବିବେକାନନ୍ଦ ସାହୁ, ନିର୍ମଳା ବେହେରା, ପରିଚାଳନା କମିଟି ଅଧ୍ୟକ୍ଷ ପ୍ରବୀଣ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭା ଚୟନ ଲାଗି ଶିଶୁ ମହୋତ୍ସବ ସୁରଭି ଉପଯୁକ୍ତ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ୩୦ନଂ. ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିବେକାନନ୍ଦ ମଲ୍ଲିକ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱଜିତା ଚୌଧୁରୀ, ଓଷ୍ଟା ରାଜ୍ୟ ସମ୍ପାଦକ ବିଜୟ କୁମାର ଛତ୍ର, ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ ରାଜ୍ୟ ସଭାପତି କଳିଙ୍ଗ କେଶରୀ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିକ୍ଷକ ଅଶୋକ କୁମାର ଧଳ ମଞ୍ଚ ପରିଚାଳନା କରିଥିଲେ। ଚମ୍ପେଇଦାର ଗଡାପୋଖରୀ ଉନ୍ନୀତ ମଧ୍ୟ ଇଂଲିଶ୍ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଶ୍ରୀନିବାସ ଦାସ, ରଘୁନାଥ ସେଠୀ, ବୀରବର ବାରିକ ଓ ଶିବ ପ୍ରସାଦ ବ୍ରହ୍ମା ପ୍ରମୁଖ ସହଯୋଗ କରିଥିଲେ।

**ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ପ୍ରତିଭା ସମ୍ମାନ**

### ମା'ଗଜଲକ୍ଷ୍ମୀଙ୍କ ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

**ବଡ଼ମ୍ବା, ୨୦।୧୦(ମାୟାଧର ମଲ୍ଲିକ)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମ ପାଟଣା ସାହିରେ ଅନୁଷ୍ଠିତ ମା'ଗଜଲକ୍ଷ୍ମୀଙ୍କ ରୌପ୍ୟ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ରୌପ୍ୟ ଜୟନ୍ତୀ ଉତ୍ସବ ୫ ଦିନ ଧରି ଚାଲିଥିଲା। ଏହି ଅବସରରେ ପ୍ରତ୍ୟହ ମା' ଅନ୍ନଦାତ୍ରୀଙ୍କୁ ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଭଜନ, ଭାଗବତ, ନୃତ୍ୟ ଅଭିନୟ ଓ ସଙ୍ଗୀତ ଆଦି ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପାଟଣା ସାହିର ବଂଶୀଧର ପ୍ରଧାନ, ଦୁର୍ଗାପ୍ରସାଦ ପଟ୍ଟନାୟକ, ମହେନ୍ଦ୍ର କୁମାର ମହାପାତ୍ର, ଅକ୍ଷୟ ପଟ୍ଟନାୟକ, ମାଗୁଣି ବେହେରା, ପ୍ରେମାନନ୍ଦ ସେଠୀ, ପବିତ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ପୂଜା ମଣ୍ଡପ ବୁଲିଲେ ବିଧାୟକ

**ମାଣିଆବନ୍ଧ, ୨୦।୧୦ (ଅଖିଳ କୁମାର ସାହୁ) :**

ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ରବିବାର ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ, ସନ୍ତରାବାଳୀ ଓ ମହୁଲିଆ ଅଞ୍ଚଳର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ମୃଣ୍ମୟୀପ୍ରତିମାଙ୍କୁ ଦର୍ଶନ କରିଛନ୍ତି ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା ଓ କଟକ ଜିଲା ଭାଜପା ଉପସଭାପତି ବିଭୁଦତ୍ତ ପଟ୍ଟନାୟକ । ଏହି ଅବସରରେ ସେମାନେ ମହାଦେବ ବଜାର, ମହାଲକ୍ଷ୍ମୀ ବଜାର, ଚଣ୍ଡୀ ବଜାର, ସନ୍ତରାବାଳୀ, ନାହାସାହି, ବାଲିଶିରା, ଲକ୍ଷ୍ମୀଧରପୁର, ନୂଆସାହି, ଗୋଡିପଟଣା ସମେତ ୩୦ଟି ପୂଜା ମଣ୍ଡପ ବୁଲି ଠାକୁରାଣୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

**ଓସିଏସ୍ ପରୀକ୍ଷାରେ ସଫଳତା:**

# ୩ ମେଧାବୀଙ୍କୁ ସମ୍ବର୍ଦ୍ଧନା


ଓସିଏସ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ମେଧାବୀ ଓ ଅନ୍ୟମାନେ।

**ସାଲେପୁର,୨୦।୧୦(ଅରବିନ୍ଦ ଭୂୟାଁ):**

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସାଲେପୁର ଅଞ୍ଚଳର ୩ଜଣଙ୍କୁ ରବିବାର ଅପରାହ୍ନରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଛି। ସେମାନେ ହେଲେ ଜଗତ୍‌ପୁର ସାଲେପୁର ଅଞ୍ଚଳର ଦେବୀ ପ୍ରସନ୍ନ ଷଡ଼ଙ୍ଗୀ, ସପନପୁର ମଧୁସୂଦନ ନଗରର ଅଭିପ୍ସା ମହାନ୍ତି ଓ ରାମକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ବାଲିସମଳା ଗ୍ରାମର ଚିରଞ୍ଜିବୀ ରାଉତରାୟ। ମନ୍ଦିର ପରିଚାଳନା କମିଟି ସଭାପତି ରବିନାରାୟଣ କର, ସମ୍ପାଦକ ମିହିର କୁମାର ଜେନା ଏହି ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରବୀନ୍ଦ୍ର ନାଥ କର, ନବକିଶୋର କର, ରଜନୀକାନ୍ତ ଦାଶ, ଅଭୟ କୁମାର ଭୂୟାଁ, ଖବରଦାତା ସଂଘ ସଭାପତି ଅକ୍ଷୟ କୁମାର ଦାଶ, ଆଇନ୍‌ଜୀବୀ ବିଜୟ କେତନ ନାୟକ, ମାନସ ରଞ୍ଜନ ସାହୁ, ଗିରୀଶ ଚନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ପଣ୍ଡା, ଉପେନ୍ଦ୍ର ନାଥ ରାଉତ, ଗୋପବନ୍ଧୁ ଭୂୟାଁ, ଜଗନ୍ନାଥ ବହିଆ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ଦେଇଥିଲେ।

### ବଡ଼ମ୍ବାର ଗୌରବ ସୌମ୍ୟରଞ୍ଜନ, ଭବାନୀ ପ୍ରସାଦ

**ବଡ଼ମ୍ବା,୨୦।୧୦(ମାୟାଧର ମଲ୍ଲିକ):**

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କଟକ ଜିଲା ବଡ଼ମ୍ବା ବ୍ଲକ ଅଞ୍ଚଳର ଦୁଇ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ସୌମ୍ୟରଞ୍ଜନ ସେଠୀ ଓ ଭବାନୀ ପ୍ରସାଦ ସାହୁ। ସୌମ୍ୟରଞ୍ଜନଙ୍କ ଘର ଶଙ୍ଖାମେରୀ ଗ୍ରାମରେ ହୋଇଥିବାବେଳେ ଭବାନୀପ୍ରସାଦଙ୍କ ଘର ମୁଗଗହିର ଗ୍ରାମରେ। ସୌମ୍ୟରଞ୍ଜନ ୪୫୭ ସ୍ଥାନ ପାଇଥିବାବେଳେ ଭବାନୀ ପ୍ରସାଦ ୧୬୪ ସ୍ଥାନରେ ରହିଛନ୍ତି। ସୌମ୍ୟରଞ୍ଜନଙ୍କ ପିତା ଗୁରୁବାରୀ ସେଠୀ ଜଣେ ରାଜମିସ୍ତ୍ରୀ ଓ ମାତା ଜାପାନୀ ସେଠୀ ଗୃହିଣୀ। ସୌମ୍ୟରଞ୍ଜନଙ୍କ ଉଚ୍ଚଶିକ୍ଷା ପାଇଁ ଯାହାବି କଷ୍ଟ କରିଥିଲୁ ଈଶ୍ୱର ତାହାର ଫଳ ପ୍ରଦାନ କରିଛନ୍ତି ବୋଲି ମାତା ଜାପାନୀ ଓ ପିତା ଗୁରୁବାରୀ କହିଛନ୍ତି। ଅନ୍ୟପକ୍ଷରେ ଆଇଏଏସ ଅଧିକାରୀ ହୋଇ ଜନତାଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସୌମ୍ୟରଞ୍ଜନ କହିଛନ୍ତି। ସେହିପରି ଭବାନୀ ପ୍ରସାଦଙ୍କ ପିତା ଦିଲୀପ ସାହୁ ଜଣେ ଜଳଖିଆ ଦୋକାନୀ ହୋଇଥିବାବେଳେ ମାତା ରଞ୍ଜନବାଳା ସାହୁ ଜଣେ ଗୃହିଣୀ। ଭବାନୀ ପ୍ରସାଦ ଆଇଏଏସ ଅଫିସର ହେବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ସୌମ୍ୟରଞ୍ଜନ ପ୍ରଥମ ଚେଷ୍ଟାରେ ସଫଳତା ପାଇଥିବାବେଳେ ଭବାନୀ ପ୍ରସାଦ ଦ୍ୱିତୀୟ ଚେଷ୍ଟାରେ ସଫଳତା ପାଇଛନ୍ତି। ଉଭୟ ସୌମ୍ୟରଞ୍ଜନ ଓ ଭବାନୀ ପ୍ରସାଦ ବଡ଼ମ୍ବା ଅଞ୍ଚଳର ଗର୍ବ ଓ ଗୌରବ ବୋଲି ସର୍ବତ୍ର ଆଲୋଚନା ହେଉଛି।


ଭବାନୀ ପ୍ରସାଦ ସାହୁ ସୌମ୍ୟରଞ୍ଜନ ସେଠୀ

### ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

**ବାଙ୍କୀ,୨୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ବାଙ୍କୀ ମହୋତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ବାଙ୍କୀ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ସମ୍ପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି କବିତା ପାଠୋତ୍ସବରେ ବିଭିନ୍ନ ଜିଲାର ଶତାଧିକ କବି ଏବଂ କବୟିତ୍ରୀମାନେ ଯୋଗଦେଇ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଇଂ.ସତ୍ୟବ୍ରତ ରଥ, ମହୋତ୍ସବ ଉପସଭାପତି ସନାତନ ବେହେରା, ଉପନଗରପାଳ ସନ୍ତୋଷ କୁମାର ରଣା, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ଅନନ୍ତ ଦାସ, ରବିନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ କବି ଓ କବୟିତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । କବି ରବି ମଙ୍ଗରାଜ, କବୟିତ୍ରୀ ଅମୂଲ୍ୟବାଳା ପଟ୍ଟନାୟକ ଏବଂ ମନ୍ମଥ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବାଙ୍କୀ ମହୋତ୍ସବ କଳା, ସାହିତ୍ୟ, ସଂସ୍କୃତିର ତ୍ରିବେଣୀ ସଙ୍ଗମ

**ବାଙ୍କୀ,୨୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):**

ବାଙ୍କୀ ମହୋତ୍ସବର ୪ର୍ଥ ସନ୍ଧ୍ୟା ରବିବାର କଚେରୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସଭାପତି ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆବାହନି ସଙ୍ଗୀତ ଗାନ ପରେ ଅତିଥିମାନେ ମା'ଚର୍ଚ୍ଚିକାଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ କହିଥିଲେ, ବାଙ୍କୀ ମହୋତ୍ସବ କଳା, ସାହିତ୍ୟ, ସଂସ୍କୃତିର ତ୍ରିବେଣୀ ସଙ୍ଗମ। ଶ୍ରୀମନ୍ଦିର ନିର୍ମାଣର ୫୦୦ ବର୍ଷ ପୂର୍ବରୁ ସପ୍ତମ ଶତାବ୍ଦୀର ଦୁର୍ଗା ମନ୍ଦିର ବାଙ୍କୀରେ ଅବସ୍ଥିତ। ଏହି ମାଟି ପ୍ରାଚୀନତା ସମ୍ପର୍କ ବହୁ ତଥ୍ୟ ଅଛି। ବାଙ୍କୀ ମା'ଚର୍ଚ୍ଚିକାଙ୍କ ପାଖରେ ଇନ୍ଦ୍ରଦ୍ୟୁମ୍ନ ପ୍ରାର୍ଥନା କରିବା ପରେ ନୀଳମାଧବଙ୍କୁ ଠାବ କରିଥିଲେ। ଏହି ମାଟି ମହିମା ଧର୍ମର ଏକୁଡ଼ିଶାଳ ବୋଲି ସ୍ୱାଇଁ କହିଥିଲେ। ଡମପଡ଼ା ବ୍ଲକ ଅଧ୍ୟକ୍ଷ ତଥା ମହୋତ୍ସବ ଉପସଭାପତି ପ୍ରଣବ କିଶୋର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। 'ସମ୍ବାଦ' ଖବରକାଗଜର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ବାଙ୍କୀ ମହୋତ୍ସବ ଏକ ଗଣତାନ୍ତ୍ରିକ ଉତ୍ସବ। ଜନସାଧାରଣ ଏଠାକୁ ନିଜ ଇଚ୍ଛାରେ ଆସି ଆନନ୍ଦ ଉପଲବ୍ଧି କରୁଛନ୍ତି। ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଙ୍କୀର କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ ବୋଲି କହି ହେମନ୍ତ ଦାଶ, କବିଚରଣ କାଳୀଚରଣ ପଟ୍ଟନାୟକ, ଗୋବିନ୍ଦ ରଥ, ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ପ୍ରଣାମ କରିଥିଲେ। ଏଥିସହ ମା'ଚର୍ଚ୍ଚିକାଙ୍କ ବନ୍ଦନା ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସମାଜର ସଭାପତି ଗୋବିନ୍ଦ ଚାନ୍ଦ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମହୋତ୍ସବ ଉପସଭାପତି ଭାଗୀରଥି ପାଣି, ସୁରଞ୍ଜନ ପଣ୍ଡା, ଗତିକୃଷ୍ଣ ସ୍ୱାଇଁ, ଅନନ୍ତ ଚରଣ ଦାସ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ମହୋତ୍ସବ କାର୍ଯ୍ୟକାରୀ ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ କବୟିତ୍ରୀ ଅମୂଲ୍ୟବାଳା ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ଚରଣ ତଳେ ମୋ ଲୁହ ଢାଳେ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ବାଙ୍କୀ ସହରରେ ପ୍ରତିଷ୍ଠା ହୋଇଥିବା ମେଢ଼ଗୁଡିକର ମୂଲ୍ୟାୟନ କରାଯାଇ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ମେଢ଼କୁ ପୁରସ୍କୃତ କରାଯାଇଥିଲା । ସଙ୍ଗଠନ ସମ୍ପାଦକ ଭରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଅତିଥିମାନେ 'ଚରଣ ତଳେ ମୋ ଲୁହ ଢାଳେ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ତୃପ୍ତି ଦାସଙ୍କୁ 'ସରଗମ ସମ୍ମାନ'

ଭୁବନେଶ୍ୱର,୨୦।୧୦(ଶର୍ମିଷ୍ଠା ପାଣିଗ୍ରାହୀ) – ସରଗମ ମ୍ୟୁଜିକ କ୍ଲାସେସ୍‌ର ବାର୍ଷିକ ଉତ୍ସବ ଓ ସଙ୍ଗୀତ କାର୍ଯ୍ୟକ୍ରମ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କୁ 'ସରଗମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ଇଞ୍ଜିନିୟର କମଳାକାନ୍ତ ମହାନ୍ତି, ଲାୟନ୍ସର ପୂର୍ବତନ ସଭାପତି ରାମ ପ୍ରସାଦ ପାତ୍ର, ସିନେମା ସମୀକ୍ଷକ ଦିଲୀପ ହାଲି, ବରିଷ୍ଠ ସାମ୍ବାଦିକ ପିୟୁଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ରିତିକା ରିମଝିମ୍‌ଙ୍କ ଦ୍ୱାରା ସଂଯୋଜିତ ରାଗ ମାଲକୋସ୍‌ରେ ଏକ ବୃନ୍ଦଗାନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବରଦା, କିଶୋର, ପ୍ରୀୟରଞ୍ଜନ ମହାନ୍ତି, ପ୍ରଶାନ୍ତ, ଦୁଷ୍ମନ୍ତ ଓ ରମା ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପାଦ ଶବଦ ଶୁଣି, ବେଖୁଦି ମେ ସନମ, ୱାଦାରାହା ସନମ, ରହେ ନା ରହେ ହମ, ଏକ ପ୍ୟାରକା ନଗମା ହୈ, ୟେ ପରଦା ହଟଦୋ, ଭିଗିଭିଗି ରାତୋ ମେ, ଲେକେ ପେହେଲା ପେହେଲା ପ୍ୟାର, ତୁମ ହେଁ ଆପନା ବନାନେ କି କସମ, ହୋ ଗୟା ତୁଝେକୋ ପ୍ୟାର ସଜନା ଆଦି ଗୀତକୁ ରିତିକା ରିମଝିମ୍. ଚିତ୍ତରଞ୍ଜନ, ସପନ, ପ୍ରଜ୍ଞା, ରାଜୁ, ସବ୍ୟସାଚୀ, ସତ୍ୟବାନ, ମଞ୍ଜୁ, ସୁମିତ୍ରା, ପୂଜା, ସୋନାଲି, ରିତେଶ ପ୍ରମୁଖ ଗାଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଭାଇରାଲ ବଏ ଶାନ୍ତନୁ। ଗୁଲ୍‌ସନ ନଦୀମ ଓ ଅଧକ୍ଷ ରୁଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଟ୍ରଷ୍ଟର ସମ୍ପାଦିକା ଅନୁକା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଗୁରୁପ୍ରସାଦ ମହାନ୍ତି ଓଡ଼ିଆ କବି ଜଗତର ଅସାଧାରଣ ପ୍ରତିଭା ଜନ୍ମ ଶତବାର୍ଷିକୀ ଉତ୍ସବ

ଭୁବନେଶ୍ୱର,୨୦।୧୦(ଶର୍ମିଷ୍ଠା ପାଣିଗ୍ରାହୀ)– କବି ଗୁରୁପ୍ରସାଦ ମହାନ୍ତିଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବ ରବିବାର ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଗୁରୁପ୍ରସାଦ ମହାନ୍ତି ହେଉଛନ୍ତି ଓଡ଼ିଆ କବି ଜଗତର ଅନନ୍ୟ ଓ ଅସାଧାରଣ ପ୍ରତିଭା, ଯାହାଙ୍କୁ ଅନତିକ୍ରମଣୀୟ କୁହାଯାଇପାରେ। ତାଙ୍କ କବିତାଗୁଡ଼ିକ ଅର୍ଥ ନ ଥାଇ ଅନେକ ଅର୍ଥର ସମାହାର ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଫନୀ ମହାନ୍ତି ଗୁରୁପ୍ରସାଦଙ୍କ କବିତାରେ ପ୍ରକୃତି, ଜୀବନବାଦ କେତେ ଜୀବନ୍ତ ଭାବରେ ରୂପ ପାଇଛି ତାହାର ସେ ଉପସ୍ଥାପନା କରିଥିଲେ। ପ୍ରଫେସର ବସନ୍ତ ପଣ୍ଡା କବି ଗୁରୁପ୍ରସାଦଙ୍କ କବିତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା କଥାଶିଳ୍ପୀ ଡ. ଗୌରହରି ଦାସ ପ୍ରତ୍ୟେକ ଗପ କିପରି ଏକ ଏକ କବିତା ଓ ପ୍ରତ୍ୟେକ କବିତା କିପରି ଏକଏକ ଗପ, ତାହାକୁ ସେ ଏକ ମାର୍ମିକ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମମତା ଦାଶ ଯୋଗଦେଇଥିଲେ। ଏହି ଅବସରରେ କବିମାନେ ଗୁରୁପ୍ରସାଦଙ୍କ କବିତା ଗାନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ 'ଜୀବନ ପାତ୍ର ମୋ ଭରିଛ କେତେ ମତେ' କଣ୍ଠଶିଳ୍ପୀ ଅନିନ୍ଦିତା ଦାଶ ଗାଇବାପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କବିଙ୍କ କନ୍ୟା ପ୍ରିୟଦର୍ଶିନୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ପିଇବା ପାଣି ପାଇଁ ୧୦୦ ପରିବାର ଡହଳବିକଳ

ନିରାକାରପୁର,୨୦।୧୦
(ମାନସ ଚନ୍ଦ୍ର ପଟ୍ଟନାୟକ)



ସାଧାରଣ ଲୋକେ କିଭଳି ବିଶୁଦ୍ଧ ପାନୀୟଜଳ ପାଇପାରିବେ, ସେଥିପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହେଲେ ଅନେକ ସମୟରେ ପ୍ରଶାସନିକ ଅଧିକାରୀଙ୍କ ଯୋଗୁ ଲୋକେ ପାନୀୟଜଳରୁ ବଞ୍ଚିତ ହେଉଛନ୍ତି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ କମାଗୁରୁ ପଞ୍ଚାୟତର କମାଗୁରୁ ଦକ୍ଷିଣ ସାହି ବାସିନ୍ଦାଙ୍କ କ୍ଷେତ୍ରରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ଯେ, ଉକ୍ତ ସାହିରେ ୧୦୦ ପରିବାରର ୩୦୦ ଲୋକ ବସବାସ କରୁଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ତେବେ କେବଳ ସକାଳ ସମୟରେ ଏହି ସୁବିଧା ମିଳୁଛି। ଅନ୍ୟ ସମୟରେ ଲୋକେ କୂଅ ଏବଂ ନଳକୂଅ ଉପରେ ନିର୍ଭର କରି ଚଳୁଛନ୍ତି। ଗ୍ରାମରେ ୩ଟି କୂଅ ଓ ୨ଟି ନଳକୂପ ରହିଛି। ତେବେ ଦୁଇଟି କୂଅ ଅନୁପଯୋଗୀ ହୋଇଥିବାବେଳେ ଦୁଇଟି ନଳକୂପ ପ୍ରାୟ ୩ବର୍ଷ ହେଲା ଖରାପ ହୋଇ ପଡ଼ିରହିଛି। ଏନେଇ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନକୁ ବାରମ୍ବାର ଅଭିଯୋଗ ଜଣାଇ ନିରାଶ ହେବାକୁ ପଡ଼ିଛି। ତେଣୁ ଗ୍ରାମବାସୀ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି ବୋଲି ବାସିନ୍ଦା ଗଙ୍ଗାଧର ଚମ୍ପତିରାୟ କହିଛନ୍ତି। ସୋମବାର ନଳକୂପ ମରାମତି କରାଯିବ ବୋଲି ଦାୟିତ୍ୱରେ ଥିବା ଯନ୍ତ୍ରୀ ମଧୁମିତା ମହାନ୍ତି ପ୍ରକାଶ କରିଛନ୍ତି।

## ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୃଷ୍ଣପ୍ରସାଦ,୨୦।୧୦(କୈଳାଶ ଚନ୍ଦ୍ର ପଟ୍ଟନାୟକ )

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପଡ଼ା ପରିସରରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମିଶନ–୨୦୨୪ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା ଉଦ୍‌ଘାଟନ କରିଥିଲେ। ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ସିଦ୍ଧେଶ୍ୱର କରଣ, ଚିଲିକା ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ମାଝୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମଠାରୁ ତୃତୀୟଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆହରଣ ସମ୍ପର୍କରେ ଉନ୍ନତମାନର ଶିକ୍ଷା ପ୍ରଦର୍ଶନ ନିମନ୍ତେ ସଚେତନ କରାଯାଇଥିଲା। ଏଥିରେ ୧୭ଟି କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସିଆର୍‌ସିସି ବିଦ୍ୟାଧର ଜେନା, ସୁନୀଲ କୁମାର ଜେନା, ରମାକାନ୍ତ ଜେନା, ପ୍ରଶାନ୍ତ କୁମାର ନାୟକ, ସତ୍ୟବାଦୀ ବିଶ୍ୱାଳ, ପ୍ରଦୀପ କୁମାର ପଲେଇଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଡମପଡ଼ା ବ୍ଲକ ଯୁବଛାତ୍ର ବିଜେଡି ପକ୍ଷରୁ ରବିବାର ବାଙ୍କୀ ମହୋତ୍ସବ ପଡ଼ିଆ ସଫେଇ କାର୍ଯ୍ୟକ୍ରମରେ ସାମିଲ ସଦସ୍ୟବୃନ୍ଦ।

## ବିଜେଡି ପକ୍ଷରୁ ବାଙ୍କୀ ମହୋତ୍ସବ ପଡ଼ିଆ ସଫେଇ

କଳାପଥର,୨୦।୧୦(ଗଙ୍ଗାଧର ସାହୁ) ଡମପଡ଼ା ବ୍ଲକ ଯୁବଛାତ୍ର ବିଜେଡି ପକ୍ଷରୁ ବ୍ଲକ ସଭାପତି ଭାଗୀରଥି ପାଣିଙ୍କ ନେତୃତ୍ୱରେ ରବିବାର ବାଙ୍କୀ ମହୋତ୍ସବ ପଡ଼ିଆ ସଫେଇ କରାଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ନିଜେ ପଡ଼ିଆକୁ ସଫେଇ କରିବା ସହ ଅନ୍ୟ ଯୁବଛାତ୍ର ବିଜେଡି କର୍ମକର୍ତ୍ତାଙ୍କୁ ସଫେଇ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ସଭାପତି ତପନ ବେହେରା, ଉପନଗରପାଳ ସନ୍ତୋଷ ରଣା, ମହୋତ୍ସବ କୋଷାଧକ୍ଷ ସମରେନ୍ଦ୍ର ମହାପାତ୍ର, ଯୁବଛାତ୍ର ବିଜେଡି ସଭ୍ୟ ତ୍ରିଜୟ ସ୍ୱାଇଁ, ସୁବାସ ମନ୍ତ୍ରୀ, ଶ୍ରୀକାନ୍ତ ଦାସ, ବିଶ୍ୱରଞ୍ଜନ ମହାପାତ୍ର, ବେଣୁଧର ସାମଲ, ରାଜା ନାୟକ, ସଞ୍ଜୟ ସ୍ୱାଇଁ, ଶୈଳେନ୍ଦ୍ର ରାୟ, ବିରଞ୍ଚି ନାୟକ, ଜ୍ଞାନରଞ୍ଜନ ସ୍ୱାଇଁ, ଲିପୁନା ସାହୁ, ଲିପୁନ ଦାସ, ତ୍ରିତେସ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ।

## ୪୦ ୟୁନିଟ୍ ରକ୍ତ ସଂଗ୍ରହ

ଜଟଣୀ,୨୦।୧୦(ରବୀନ୍ଦ୍ରନାଥ ମହାକୁଡ଼)

ସାମାଜିକ କର୍ମୀ ସ୍ୱର୍ଗତ ଶିବପ୍ରସାଦ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଜଟଣୀ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ରକ୍ତଦାନ ଶିବିର ରବିବାର ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରେଡ୍‌କ୍ରସ ସହାୟତାରେ ଅନୁଷ୍ଠାନର ସଭାପତି ଶିବୁରତନ ଯୋଶୀ ଏହାର ନେତୃତ୍ୱ ନେଇଥିଲେ। ଶିବିରରେ ମୋଟ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅତିଥି ରୂପେ ତ୍ରିଲୋଚନ ମହାପାତ୍ର, ଲକ୍ଷ୍ମଣ ରାଓ ଏବଂ ନୀଳାମ୍ବର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମାଜିକ କର୍ମୀ ତଥା ଆୟୋଜକ ସଙ୍ଗଠନ ସଦସ୍ୟ ଚିତ୍ତ ପ୍ରଧାନ, ପ୍ରିତମ ମିଶ୍ର, ସୁରେଶ ବେହେରା, ଚିତ୍ତରଞ୍ଜନ ସ୍ୱାଇଁ, ରାଜକିଶୋର ବାରିକ୍‌ଙ୍କ ସହିତ ବହୁ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଆୟୋଜକ ଅନୁଷ୍ଠାନ ସୁରକ୍ଷା ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ବାଳାମଣି ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭା

ବେଗୁନିଆ,୨୦।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ମାତା ସ୍ୱର୍ଗତା ବାଳାମଣି ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସାରୁଅ ଗ୍ରାମସ୍ଥିତ ବାସଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଅରୁଣ କୁମାର ସାହୁ, ରୂପେଶ କୁମାର ପାଣିଗ୍ରାହୀ, ବିଭୂତି ବଳବନ୍ତରାୟ, ଅରବିନ୍ଦ ମହାପାତ୍ର, ସୁନିଲ କୁମାର ମହାନ୍ତି, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ରାଜେନ୍ଦ୍ର କୁମାର ସାହୁ, ମନ୍ମଥ ରାଉତରାୟ ଏବଂ ଜିଲାପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ 'ଭକ୍ତି କୈବଲ୍ୟ' ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।



ବାଳାମଣି ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ଫଟୋଚିତ୍ରରେ ଅତିଥି ଏବଂ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ସକାରାତ୍ମକ ବିଚାର ସୁଖୀ ଜୀବନର ଆଧାର

ଭୁବନେଶ୍ୱର, ୨୦।୧୦(ବନ୍ଦନା ସେଠୀ)

ବ୍ରହ୍ମାକୁମାରୀସ୍ ଭୁବନେଶ୍ୱର ପକ୍ଷରୁ ରବିବାର ଆଧ୍ୟାତ୍ମିକ ସଶକ୍ତୀକରଣ ପ୍ରବଚନ ମାଳା 'ଗୀତାଜ୍ଞାନ ଦ୍ୱାରା ମନର ମାଲିକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ଆଧୁନିକ ଯୁଗରେ ମଧ୍ୟ ଗୀତାଜ୍ଞାନର ମହତ୍ୱ କିପରି ରହିଛି ସେ ନେଇ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମାଉଣ୍ଟଆବୁରୁ ଆସିଥିବା ରାଜଯୋଗିନୀ ବ୍ରହ୍ମାକୁମାରୀ ଉଷା ଦିଦ କହିଲେ, ଆଜିର ସମାଜରେ ସୁସ୍ଥ ମନ, ସୁସ୍ଥ ଜୀବନ ଏବଂ ସୁସ୍ଥ ପରିବେଶ ନିର୍ମାଣ ପାଇଁ ଶ୍ରେଷ୍ଠ ମନ, ସର୍ବୋତ୍ତମ ମିତ୍ର ଆବଶ୍ୟକ। ସଫଳ ଓ ସୁଖୀ ଜୀବନର ଆଧାର ଭାବେ ସକାରାତ୍ମକ ବିଚାର ଜରୁରୀ ବୋଲି ସେ ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱାମିଜୀ ରିତାଞ୍ଜନନ୍ଦ ସରସ୍ୱତୀ ଯୋଗଦେଇ ଗୀତାଜ୍ଞାନର ଗୂଢତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ ବର୍ଣ୍ଣାଳି ହୋତାଙ୍କ ସଂଗୀତ ସମସ୍ତଙ୍କୁ ଅମୋଦିତ କରିଥିଲା।

## ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘ ବୈଠକ



ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

କଳାପଥର,୨୦।୧୦(ଗଙ୍ଗାଧର ସାହୁ)

ବାଙ୍କୀ ନିର୍ବାଚନମଣ୍ଡଳୀ ଅଧୀନ ବାରଙ୍ଗ ନିକଟସ୍ଥ ମା'କନକ ଦୁର୍ଗା ମନ୍ଦିର ପରିସରରେ ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁନୀଲ ସିଂହ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା ଓ ସାମାଜିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକମରେ କାର୍ଯ୍ୟକାରୀ ସଭାପତି ଗୋଲଖ ବିହାରୀ ଦାସ, ସମ୍ପାଦକ ରାମଚନ୍ଦ୍ର ଦାସ, ସୁକାନ୍ତ ମହାରଣା, ପିତାମ୍ବର ବିଶ୍ୱାଳ, କୃଷ୍ଣଚନ୍ଦ୍ର ନାୟକ, ନାରାୟଣ ପଣ୍ଡା, ଦିଲୀପ ବେହେରା ପ୍ରମୁଖ ଯୋଗଦେଇ ସେମାନଙ୍କ ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ। ପରେ ମନ୍ଦିର ପରିସରକୁ ସଦସ୍ୟମାନେ ସଫେଇ କରିଥିଲେ।

## ହୋର୍ଡିଂ ହଟାଇବାକୁ ଉପଜିଲାପାଳଙ୍କୁ ଦାବିପତ୍ର

କଳାପଥର,୨୦।୧୦(ଗଙ୍ଗାଧର ସାହୁ)

ରାଜ୍ୟରେ ୨୦୨୪ ମସିହାରେ ଭାଜପାକୁ ରାଜ୍ୟର ଜନସାଧାରଣ କ୍ଷମତାସୀନ କରାଇଛନ୍ତି। ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ସରକାର ଗଠନ ହୋଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ନୂତନ ସରକାର ଦୀର୍ଘ ୪ ମାସରୁ ଉର୍ଦ୍ଧ୍ୱ ସମୟ ହେବ ମୋହନଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଗଠନ କରାଯାଇଥିଲେ ମଧ ବାଙ୍କୀ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ବିଗତ ସରକାରଙ୍କ ଫଟୋ ଥିବା ବିଜ୍ଞାପନ ହୋର୍ଡିଂଗୁଡ଼ିକ ଉଠାଯାଇନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଙ୍କୀ ଉପଖଣ୍ଡର ବିଭିନ୍ନ ସ୍ଥାନଗୁଡ଼ିକରେ ଉକ୍ତ ହୋର୍ଡିଂକୁ ତୁରନ୍ତ ଉଠାଇବାକୁ ବାଙ୍କୀ ଭାଜପା ପକ୍ଷରୁ ବାଙ୍କୀ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଡମପଡ଼ା ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ଆଇନଜୀବୀ ସରୋଜ କୁମାର ମତଗାଜସିଂ, ବାଙ୍କୀ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କୁମାର ବେଉରା, ବାଙ୍କୀ ଏନ୍‌ଏସି ସଂସଦ ପ୍ରତିନିଧି ଶରତ କୁମାର ସାମନ୍ତରାୟ, ଡମପଡ଼ା ମଣ୍ଡଳ ବିଜେଡି ସଭାପତି ସୁଶାନ୍ତ ଜେନା, ବାଙ୍କୀ ସୁବର୍ଣ୍ଣପୁର ମଣ୍ଡଳ ସଭାପତି ପ୍ରସନ୍ନ ଦଳେଇ, ବାଙ୍କୀ ନଗର ଭାଜପା ସଭାପତି ସଞ୍ଜୟ ରଣା ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପା ପକ୍ଷରୁ ବାଙ୍କୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ

ଟାଙ୍ଗୀ, ୨୦।୧୦(ରଘୁନାଥ ସାହୁ)



ସ୍ୱାସ୍ଥ୍ୟ ଶିବିର ଏବଂ ଆଲୋଚନାଚକ୍ର ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଟାଙ୍କୋଳ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଶିବିର ଓ 'ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଓ ଦାୟିତ୍ୱବୋଧ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ଡ. ଆଲୋକ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଦିଲୀପ କୁମାର ହିଆଲ, ଓଡ଼ିଶା ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ, ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର, ସମ୍ପାଦକ ବିଜୟ କୁମାର ରାଉତ, ଟାଙ୍କୋଳ ସରପଞ୍ଚ ବୀରେଶ କୁମାର ରାଜଗୁରୁ, ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ମହାପାତ୍ର, ଛାତ୍ର ସଂସଦ ସଭାପତି ରବିନାରାୟଣ ମିଶ୍ର, ଉପଦେଷ୍ଟା ରମାକାନ୍ତ ମହାପାତ୍ର, ସିକୋ ଫାଣ୍ଡି ଅଫିସର ପ୍ରସନ୍ନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମାଜର ସାମଗ୍ରିକ ବିକାଶ ପାଇଁ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ମାନସିକ ସ୍ଥିତି ଓ ଦାୟିତ୍ୱବୋଧ ପ୍ରତି ଆମେ ଦୃଷ୍ଟି ଦେବା ଉଚିତ ବୋଲି ଅତିଥିମାନେ କହିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଂଯୋଜକ ଗୋଦାବରୀଶ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ମାନପତ୍ର, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ହାଇଟେକ୍ ମେଡିକାଲ୍ କଲେଜର ସହଯୋଗ କ୍ରମେ ବିଦ୍ୟାଳୟ ପରିସରରେ ଆଖି ଓ ଦାନ୍ତ ରୋଗ ଡାକ୍ତରମାନେ ରୋଗୀଙ୍କ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ସଦସ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧୦।୨୦୨୪

| | |
|---|---|
| ୫,୦୭,୫୩୯ ଟଙ୍କା | |
| ସୁନା | ୫.୧୫୦ ଗ୍ରାମ୍ |
| ରୁପା | ୩୦.୫୦୦ ଗ୍ରାମ୍ |

# ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ: ଜିଲାପାଳ

ପୁରୀ,୨୦।୧୦(ଅଜିତ୍ କୁମାର ମହାନ୍ତି)

ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ପରେ ବାତ୍ୟା ସମ୍ଭାବନା ଦେଖାଦେଇଛି, ଯାହାକୁ ନେଇ ଏବେ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଯାଇଛି। ଶନିବାର କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପ ରୂପ ନେବ। ପରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ୨୨ ତାରିଖ ସକାଳ ସୁଦ୍ଧା ଅବପାତ ରୂପ ନେବ ଲଘୁଚାପ। ୨୩ ତାରିଖ ସକାଳ ସୁଦ୍ଧା ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ରୂପ ନେବାର ସମ୍ଭାବନା ରହିଛି, ଯାହା ଓଡ଼ିଶା ଓ ପଶ୍ଚିମବଙ୍ଗଠାରେ ସ୍ଥଳଭାଗ ଛୁଇଁବ ବୋଲି ଅନୁମାନ କରାଯାଉଛି।

ଲଘୁଚାପ ପ୍ରଭାବରେ ବର୍ଷା ଆରମ୍ଭ ହୋଇଛି। ଲଘୁଚାପର ପ୍ରଭାବ ପୁରୀରେ ରବିବାର ପରିଲକ୍ଷିତ ହୋଇଥିଲା। ଲଘୁଚାପ କାରଣରୁ ଶନିବାର କିଛି ପରିମାଣରେ ବର୍ଷା ହୋଇଥିବା ବେଳେ ରବିବାର ଅପରାହ୍ନରେ ପ୍ରବଳ ବର୍ଷା ହୋଇଥିବା ଦେଖାଯାଇଛି। ବର୍ଷା କାରଣରୁ କିଛି ସମୟ ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ସହରର ବିଭିନ୍ନ ରାସ୍ତାରେ ପାଣି ଜମାହୋଇ ରହୁଥିବା ଦେଖିବାକୁ ମିଳିଛି। ଫଳରେ ଲୋକମାନେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ବାତ୍ୟା 'ଦାନା' ଆସୁଥିବାରୁ ସମୁଦ୍ର ଭିତରକୁ ମାଛ ମାରିବାକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ରବିବାର ବର୍ଷା କାରଣରୁ ବଡ଼ଦାଣ୍ଡ ସମେତ ସମୁଦ୍ରକୂଳ ରାସ୍ତାରେ ବର୍ଷାପାଣି ଲହଡ଼ି ମାରିଥିଲା। ତେବେ ଏନେଇ ଜିଲାପାଳ କହିଛନ୍ତି, ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି। ପାଣିପାଗ ବିଭାଗ ପକ୍ଷରୁ ଯେଉଁ ସୂଚନା ଆସିଛି ତାହାକୁ ନେଇ ଏସ୍ଆରସିଙ୍କ ପକ୍ଷରୁ ଆଲୋଚନା କରାଯାଇଛି।



ଲାଇଟ୍‌ହାଉସ୍ ଫେଷ୍ଟିଭାଲ ଅବସରରେ ପୁରୀ ବେଳାଭୂମିରେ ଲୋକେ ଯୋଗ କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ୨ ଗିରଫ, ଅନ୍ୟ ଅଭିଯୁକ୍ତ ଫେରାର



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର ସୂଚନା ଦେଉଛନ୍ତି।

### ଶ୍ରୀମନ୍ଦିର ସୁପରଭାଇଜରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

ପୁରୀ,୨୦।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରର ବରିଷ୍ଠ ସୁପରଭାଇଜର ବଳ୍ପି ରାମଚନ୍ଦ୍ର ପ୍ରତିହାରୀଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପଶ୍ଚିମଦ୍ୱାର ନିକଟ ଆକ୍ରମଣ ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ରବିବାର ଟାଉନ୍ ଥାନା ସଭାକକ୍ଷରେ ଏକ ଖବରଦାତା ସମ୍ମିଳନୀ କରି ପୋଲିସ ସୂଚନା ଦେଇଛି। ଏହି ସମ୍ମଳନୀରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସଦର ଡିଏସ୍‌ପି ରବି ନାରାୟଣ ଭଞ୍ଜ, ଟାଉନ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଅତିରିକ୍ତ ଏସ୍‌ପି ମିଶ୍ର ସୂଚନା ଦେଇ କହିଛନ୍ତି, ଶ୍ରୀମନ୍ଦିର ସୁପରଭାଇଜର ପ୍ରତିହାରୀଙ୍କୁ ଆକ୍ରମଣ ଘଟଣା ନେଇ ପୋଲିସ ପକ୍ଷରୁ ତଦନ୍ତ କରାଯାଇଥିଲା। ବିଭିନ୍ନ ଲୋକଙ୍କୁ ପଚରାଉଚରା କରାଯିବା ସହ ସନ୍ଦେହରେ ଥିବା ବ୍ୟକ୍ତିଙ୍କୁ ମଧ୍ୟ ଜେରା କରାଯାଇଥିଲା। ୨ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ କେତେଜଣ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଟାଉନ୍ ଥାନା ଅନ୍ତର୍ଗତ ବରାହୀ ଲେନ୍‌ର ସୁମନ ସାମନ୍ତରା ଓରଫ ଚନ୍ଦନ ଓ ଅମ୍ରିତାଂଶୁ ସାମନ୍ତରା ଓଫର ଯୁଜି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ରକ୍ତଭିଜା ଶାର୍ଟ ଓ ରୁମାଲ ଜବତ କରିଛି। ଆନନ୍ଦବଜାରରେ ବାହାର ଜିନିଷ ବିକ୍ରିକୁ ବାରଣ କରିବା ନେଇ ଆକ୍ରମଣ ହୋଇଥିବା ସୂଚନା ଦେଇଛନ୍ତି। ୧୮ ତାରିଖ ସନ୍ଧ୍ୟା ସମୟରେ ବଳ୍ପି ଶ୍ରୀମନ୍ଦିର ପଶ୍ଚିମଦ୍ୱାରଠାରେ ଗାଡ଼ି ରଖି ଶ୍ରୀମନ୍ଦିରକୁ ଆସୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ଘଟଣାକୁ ତର୍ଜମା କରାଯାଇଥିଲା।

## ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ, ୪ ଜଣଙ୍କ ବିରୋଧରେ ମାମଲା ରୁଜୁ

ନିମାପଡ଼ା,୨୦।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ମିଟେଇପୁର ମାଳିଆସାହି ଗ୍ରାମରେ ପୂର୍ବବିବାଦ ଓ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଆକ୍ରମଣରେ ସୁଲୋଚନା ଦାସ(୪୫) ନାମ୍ନୀ ଜଣେ ମହିଳା ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ସୁଲୋଚନା ତାଙ୍କ ପଡ଼ୋଶୀ ଗଗନ ଦାସ, ଜୟନ୍ତୀ ଦାସ, ଦିବସ ଦାସ, ସୁନା ଦାସଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ (ନଂ.୩୨୮/୨୪) ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ସୁଲୋଚନା ଘର ନିକଟରେ ଥିବା ଏକ ନଳକୂପରୁ ପାଣି ଆଣିବା ବେଳେ ଆକ୍ରମଣକାରୀମାନେ ତାଙ୍କୁ ଏକ ଠେଙ୍ଗାରେ ମାଡ଼ ମାରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ପାଇଁ ସୁଲୋଚନା ପୋଲିସ ନିକଟରେ ଦାବି କରିଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମରେ ୨ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।

## ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୨୦।୧୦(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପଡ଼ା ପରିସରରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମିଶନ-୨୦୨୪ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା ଉଦ୍‌ଘାଟନ କରିଥିଲେ। ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ସିଦ୍ଧେଶ୍ୱର କରଣ, ଚିଲିକା ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ମାଝୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମଠାରୁ ତୃତୀୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆହରଣ ସମ୍ପର୍କରେ ଉନ୍ନତମାନର ଶିକ୍ଷା ପ୍ରଦର୍ଶନ ନିମନ୍ତେ ସଚେତନ କରାଯାଇଥିଲା। ୧୭ଟି କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସିଆର୍‌ସିସି ବିଦ୍ୟାଧର ଜେନା, ପ୍ରଶାନ୍ତ ନାୟକ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଜଲକ୍ଷ୍ମୀ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୀ,୨୦।୧୦(ଅଜିତ କୁମାର ମହାନ୍ତି)

ଗଜପତି ନଗରଛକସ୍ଥିତ ଶ୍ରୀକ୍ଷେତ୍ର ମା' ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଗଜଲକ୍ଷ୍ମୀ ପୂଜା ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହେଉଛି। ପୂଜାମଣ୍ଡପ ନିକଟରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୁରୀ ବିଧାୟକ ସୁନୀଲ ମହାନ୍ତି ଯୋଗଦେଇ ଅନୁଷ୍ଠାନର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ପୌରସଦସ୍ୟ ଯଜ୍ଞେଶ୍ୱର ମହାନ୍ତି, ଘନଶ୍ୟାମ ମର୍ଦ୍ଦରାଜ, ସବ୍ୟସାଚୀ ମହାପାତ୍ର, ବାବୁଲ ପ୍ରସାଦ, ପ୍ରୀତମ ଜଗଦ୍ଦେବ, ପୁଷ୍ପାଞ୍ଜଳି ରଣା, ନାରାୟଣ ପଟ୍ଟନାୟକ, ସୁକାନ୍ତ କୁମାର ସାହୁ, ଗୁଣଧର ଦାସ ମହାପାତ୍ର, ବିଭୁତି ଭୂଷଣ ଶେଠୀ, ପ୍ରଦୀପ୍ତ କୁମାର ନାୟକ, ଦେବରାଜ ସାହୁ, ପ୍ରଦୀପ୍ତ କୁମାର ମିଶ୍ର, ରବି ନାରାୟଣ ପଣ୍ଡା, ବଲରାମ ରେଡ୍ଡି, ରଶ୍ମି ରଞ୍ଜନ ସ୍ୱାଇଁ, କୋବିରି ମର୍କ, ରବୀନ୍ଦ୍ର ବିଶୋଇ, ସୁକାନ୍ତ କୁମାର ସାହୁ, ନିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ, ବତୀ ଚାମୁଚ, ମ୍ୟୁଜିକ ଚେୟାର, ରଚନା ଲିଖନ ଏବଂ ମହିଳାଙ୍କ ମଧ୍ୟରେ ଝୋଟି, ଚିତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରରଯାଇଥିଲା। ଶେଷରେ କୁନି ପିଲାଙ୍କ ମଧ୍ୟରେ ମିସ୍ ପୁରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁଷ୍ଠାନର ସଭାପତି ତ୍ରିନାଥ ମହାପାତ୍ର, ଯୁପିଏ ସଭାପତି ରାଜେଶ କୁମାର ମହାରଣା, ସମ୍ପାଦକ ବିଚିତ୍ର କୁମାର ଶତପଥୀ, ସହସମ୍ପାଦକ କୈଳାସ ପ୍ରସାଦ ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ମିଶ୍ର, କ୍ରୀଡ଼ା ସମ୍ପାଦକ ନିରଞ୍ଜନ ମହାରଣା, କୋଷାଧ୍ୟକ୍ଷ ସୁବ୍ରତ ସାମନ୍ତରାୟ, ଲାଇବ୍ରେରୀ ସମ୍ପାଦକ ନରେନ୍ଦ୍ର କୁମାର ମହାରଣାଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କାର୍ଯ୍ୟାଳୟକୁ ନିୟମିତ ଆସୁନାହାନ୍ତି ଅଧିକାରୀ

ପିପିଲି,୨୦।୧୦(ଦୁର୍ଗାମାଧବ ମିଶ୍ର)

ପିପିଲିରେ ପୋଷ୍ଟ ଅଫିସ ଇନ୍ସପେକ୍ଟର କାର୍ଯ୍ୟାଳୟ ଥିଲେ ମଧ୍ୟ ଅଧିକାରୀ ନିୟମିତ ଆସୁନାହାନ୍ତି। ଅଧିକାଂଶ ସମୟରେ କାର୍ଯ୍ୟାଳୟରେ ତାଲା ଝୁଲୁଛି। ଲୋକେ ନିରାଶରେ ଫେରୁଛନ୍ତି। ଏଥିଯୋଗୁ ଅସନ୍ତୋଷ ପ୍ରକାଶ ପାଉଛି। ଲୋକଙ୍କୁ ଡାକସେବା ଯୋଗାଇବା ଜରୁରୀ। ତେବେ ସେବା ଯୋଗାଇବା ପରିବର୍ତ୍ତେ ଚିଠିପତ୍ର ଫେରାଇ ଦିଆଯାଉଛି। ବଳଙ୍ଗା ଉପଡାକଘର ଅଧୀନସ୍ଥ ସରସ୍ୱତୀପୁର ପୋଷ୍ଟ ଅଫିସରେ ଏଭଳି କରାଯାଇଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ଉପଡାକଘର କର୍ତ୍ତୃପକ୍ଷ ପିପିଲି ଡାକ ଇନ୍ସପେକ୍ଟର ଓ ପୁରୀ ଜିଲା ମୁଖ୍ୟ ଅଧିକାରୀଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି। କେତେଜଣ ବ୍ୟକ୍ତି ଡାକ ଇନ୍ସପେକ୍ଟରଙ୍କୁ ଭେଟିବା ପାଇଁ ଯାଇଥିବାବେଳେ ତାଙ୍କ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖି ବିରକ୍ତି ପ୍ରକାଶ କରି ଫେରିଆସିଥିଲେ। ଏ ନେଇ ଡାକ ଇନ୍ସପେକ୍ଟରଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇ ଥିଲେ ମଧ୍ୟ ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ନିମାପଡ଼ା ଡାକବଙ୍ଗଳା ୨ ମହଲା ହେବ




ନିମାପଡ଼ା,୨୦।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାଠାରେ ଥିବା ବହୁ ପୁରାତନ ପୂର୍ତ୍ତ ବିଭାଗ ଡାକବଙ୍ଗଳାର ରୂପରେଖ ଖୁବ୍‌ଶୀଘ୍ର ବଦଳିବ। ଏହି ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଟିର ନବକଳେବର କରାଯିବ। ଏହାର ସମ୍ପ୍ରସାରଣ କରାଯାଇ ୨ ମହଲା ବିଶିଷ୍ଟ ଅତ୍ୟାଧୁନିକ, ଆକର୍ଷଣୀୟ ଡାକବଙ୍ଗଳାରେ ପରିଣତ କରାଯିବ। ଏନେଇ ନିମାପଡ଼ା ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଡାକବଙ୍ଗଳାର ନବକଳେବର ପାଇଁ ଆବଶ୍ୟକ ଆର୍ଥିକ ଅନୁଦାନର ବ୍ୟବସ୍ଥା ଖୁବ୍‌ଶୀଘ୍ର ସରକାରଙ୍କ ପକ୍ଷରୁ କରାଯିବା ସହ ଏହାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରାଯିବ। ପୁରୀ ଜିଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ତ୍ୱରାନ୍ୱିତ ସମ୍ପର୍କରେ ପୁରୀଠାରେ ଆୟୋଜିତ ଐତିହ୍ୟ ପ୍ରକଳ୍ପର ସମୀକ୍ଷା ବୈଠକରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ସୂଚନା ଦେଇଥିଲେ। ନିମାପଡ଼ା ପୂର୍ତ୍ତ ଡାକ ବଙ୍ଗଳାର ନବକଳେବର କରାଯିବା ସହ ସ୍ୱାଭିମାନ ନିମାପଡ଼ା ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଓ ଆର୍ଥିକ ବ୍ୟବସ୍ଥା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ପରିଡ଼ାଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଏହି ବଙ୍ଗଳା ଉପରେ ନିମାପଡ଼ାକୁ ବିଭିନ୍ନ ସଭା, ସମିତିରେ ଯୋଗଦେବାକୁ ଆସୁଥିବା ନେତା, ମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶ୍ରାମ ନେବାକୁ ନିର୍ଭର କରିଥାନ୍ତି। ହେଲେ ଏହି ବଙ୍ଗଳାଟିରେ ଅତିଥିମାନଙ୍କ ରହଣି ପାଇଁ ସେଭଳି କିଛି ଆଖିଦୃଶିଆ ଆକୋମୋଡେଶନର ବ୍ୟବସ୍ଥା ନ ଥିବାରୁ ଅତିଥିମାନେ ଏହି ବଙ୍ଗଳାରେ ରାତ୍ରି ଯାପନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ନିମାପଡ଼ାର ଏହି ଡାକ ବଙ୍ଗଳାଟିର ବିକାଶ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଥିଲା।

## ପାରମ୍ପରିକ ବାଦ୍ୟ, ନୃତ୍ୟରେ ମେଲାଣି ନେଲେ ମା'

ଅସ୍ତରଙ୍ଗ,୨୦।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)




ଧରାବତରଣ କରିଥିଲେ ମା'। ୫ଦିନର ପୂଜାର୍ଚ୍ଚନା ପରେ ରବିବାର ସନ୍ଧ୍ୟାରେ ମା' ମେଲାଣି ନେଇଛନ୍ତି। ପୋଲିସର କଡ଼ା ସୁରକ୍ଷା ଭିତରେ ଭସାଣି ଶୋଭାଯାତ୍ରାରେ ମା'ଙ୍କୁ ଭାବପୂର୍ଣ୍ଣ ବିଦାୟ ଦେଇଛନ୍ତି ଅସ୍ତରଙ୍ଗ ଅଞ୍ଚଳବାସୀ। ଚଳିତବର୍ଷ ଅସ୍ତରଙ୍ଗ ମା' ଦୁର୍ଗା କ୍ଲବ ୫୬ବର୍ଷରେ ପଦାର୍ପଣ ହୋଇଥିବା ବେଳେ ଥାଇଲାଣ୍ଡ ତୋରଣରେ ପୂଜା ପାଇଥିଲେ ମା' ଦୁର୍ଗା।

ରବିବାର ସନ୍ଧ୍ୟାରେ ଅସ୍ତରଙ୍ଗ ଦୁର୍ଗା କ୍ଲବ ପକ୍ଷରୁ ମା'ଙ୍କ ମେଲାଣି ପାଇଁ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ସମାରୋହରେ ଅସ୍ତରଙ୍ଗ ବଜାର ଦୁଲୁକି ଉଠିଥିଲା। ଦର୍ଶକଙ୍କ ମନମୋହିଲା ଅଘୋରୀ ନୃତ୍ୟ। ଶଙ୍ଖ, ଘଣ୍ଟ, ସିଂଘବାଜା, ତୂରୀ, ମହୁରୀ ସାଙ୍ଗକୁ ଦୁଲୁଦୁଲି ଢୋଲ ମର୍ଦ୍ଦଳରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇଉଠିଥିଲା। ସେହିଭଳି ସିଂହନାଚ, ଘୋଡ଼ାନାଚ, କଣ୍ଢେଇ ନାଚ ଆଦି ଦେଖଣାହାରୀଙ୍କ ମନକୁ ଛୁଇଁଥିଲା। ଏହି ଭସାଣି ଦେଖିବା ପାଇଁ ଅସ୍ତରଙ୍ଗ ବଜାର ଉଭୟ ପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ମା'ଙ୍କୁ ଦର୍ଶନ କରିଥିଲେ।

## ମନ୍ଦିର ହୁଣ୍ଡିରୁ ଟଙ୍କା ନେଇଗଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୦।୧୦(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ମାତିଛନ୍ତି ଚୋର ଓ ଲୁଟେରା। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳଦ୍ରିବିହାର ଅଞ୍ଚଳରେ ଥିବା ହନୁମାନ ମନ୍ଦିର ହୁଣ୍ଡିରୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଟଙ୍କା ଚୋରିକରି ନେଇଯାଇଛନ୍ତି। ହୁଣ୍ଡିରେ ଥିବା ୩୦ ହଜାରରୁ ଅଧିକ ଟଙ୍କା ଚୋରି ହୋଇଥିବା ନେଇ ମନ୍ଦିର କମିଟି ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଆରମ୍ଭ କରିଛି।

## ରାମାୟଣର ରାମଲୀଳା ଅଭିନୟରେ ଦର୍ଶକ ବିମୋହିତ



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ କଳାକାରବୃନ୍ଦ।

ନିମାପଡ଼ା,୨୦।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲଷ୍ଟାର ଗ୍ରୁପ ପକ୍ଷରୁ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକ ବିଭାଗ ଓଡ଼ିଶା ସରକାରଙ୍କ ସହାୟତାରେ ୨୩ତମ କୁମାର ଉତ୍ସବ ଫୁଲ ବଉଳବେଣୀ ଓ ସାଂସ୍କୃତିକ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦୁର୍ଗା ମଣ୍ଡପ ପଡ଼ିଆଠାରେ ଆୟୋଜିତ ସମାରୋହରେ ଅତିଥି ଭାବେ ଓଡ଼ିଶା ଖଣି ନିଗମର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅଶୋକ ବେହେରା, ଶିକ୍ଷାବିତ୍ ପ୍ରଣବ ସ୍ୱାଇଁ, ରବୀନ୍ଦ୍ରନାଥ ପାଢୀ, ବସନ୍ତ ସ୍ୱାଇଁ, ଅଧ୍ୟାପକ ସୁବ୍ରତ ମହାନ୍ତି, ବାନରସେନା ସମ୍ପାଦକ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ଅଜୟ ମିଶ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସି ପ୍ରଶଂସା କରିଥିଲେ। ଆୟୋଜିତ ସମାରୋହରେ ମଞ୍ଚାସୀନ ଅତିଥି, ବରିଷ୍ଠ ଶିକ୍ଷୟିତ୍ରୀ ଗୌରୀପ୍ରିୟା ନନ୍ଦ, ରାମଲୀଳା ଗ୍ରୁପର ନିର୍ଦ୍ଦେଶକ ଚିତ୍ତରଞ୍ଜନ ପରିଡ଼ା, ଅଭିନେତା ପ୍ରଶାନ୍ତ ରାଉତ, ଅଭିନେତ୍ରୀ କସ୍ତୁରୀ ବେହେରାଙ୍କ ସମେତ ସମସ୍ତ କଳାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ନୟାଗଡ଼ର ଯାତ୍ରା ବଜରଙ୍ଗୀ ଦଳ ପକ୍ଷରୁ ରାମାୟଣର କଥାବସ୍ତୁ ଉପରେ ଆଧାରିତ ରାମଲୀଳାରେ ମହାବୀର ହନୁମାନ, ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ମାତା ସୀତାଙ୍କ ଆକର୍ଷଣୀୟ ଅଭିନୟ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ରାମଲୀଳାର କଥାବସ୍ତୁ ଶୀର୍ଷକ ଲବକୁଶ ଜନ୍ମବୃତାନ୍ତରେ କଳାକାରମାନଙ୍କ ଉଚ୍ଚକୋଟୀର ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସମାରୋହରେ ଲିଟିଲଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ଅଧ୍ୟକ୍ଷତା କରି ଅତିଥି ପରିଚୟ ଦେଇଥିଲେ। ସମାରୋହରେ ବହୁ କଳାକାର, ଶିକ୍ଷାବିତ୍, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ନଭେମ୍ବର ୮ରେ ଷୋଳଶାସନ ଅମୃତମଣୋହୀ ଭୋଗ

ପୁରୀ,୨୦।୧୦(ଅଜିତ୍ କୁମାର ମହାନ୍ତି)

ପ୍ରତିବର୍ଷପରିଚଳିତବର୍ଷଜଗନ୍ନାଥ ଦେବଙ୍କ ଷୋଳଶାସନ ଅମୃତମଣୋହୀ ଭୋଗ ଆଗାମୀ କାର୍ତ୍ତିକ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ତଥା ନଭେମ୍ବର ୮ରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତସଭା ଆନୁକୂଲ୍ୟରେ ଯଥାବିଧି ଏହା କରାଯାଇ ଶ୍ରୀମନ୍ଦିରସ୍ଥ ନିର୍ମାଲ୍ୟ ଖଳାରେ ଜନସାଧାରଣଙ୍କ ମଧ୍ୟରେ ମହାପ୍ରସାଦ ବିତରଣ କରାଯିବ। ଉକ୍ତ କାର୍ଯ୍ୟ ନିମନ୍ତେ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯଥାଶକ୍ତି ଦାନ କରିବାକୁ ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ଯୋଗାଯୋଗ କରିପାରିବେ। ସାଧାରଣ ସମ୍ପାଦକ, ମୁକ୍ତିମଣ୍ଡପ ପଣ୍ଡିତସଭା ସା/ପୋ-ବୀରରାମଚନ୍ଦ୍ରପୁର, ଭାୟା-ସାକ୍ଷୀଗୋପାଳ, ଜି-ପୁରୀଙ୍କ ଠିକଣାରେ ମନିଅର୍ଡର କରିପାରିବେ, ଅଥବା ମୁକ୍ତିମଣ୍ଡପ ପଣ୍ଡିତସଭାର ଆକାଉଣ୍ଟ ଏସି ନଂ -୨୦୬୨୦୧୦୦୦୦ ୩୧୬୬, ଆଇଏଫ୍‌ସି କୋଡ ନଂ ୟୁସିବିସି- ୦୦୦୨୦୬୨ ୟୁକୋ ବ୍ୟାଙ୍କ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀକୁ ପଠାଇପାରିବେ ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ସୂଚନା ଦେଇଛନ୍ତି।

## ସରୁନି ପାନୀୟ ଜଳ ପ୍ରକଳ୍ପ କାମ, ପାଣି ପାଇଁ ଲୋକେ ହନ୍ତସନ୍ତ

ବଳଙ୍ଗା,୨୦।୧୦(କେଦାରେଶ୍ୱର ନନ୍ଦ)

ସରକାର ହର୍ ଘର୍ ଜଲ ସ୍ଲୋଗାନ ଦେଇ ଡିଣ୍ଡିମ ପିଟୁଥିବା ବେଳେ ବଳଙ୍ଗା ଥାନା ଅନ୍ତର୍ଗତ ବରିମୁଣ୍ଡ ଗ୍ରାମ ନିକଟବର୍ତ୍ତୀ ନୂଆପୋଖରୀ ସାହିରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ଏକଲକ୍ଷ ଲିଟର ବିଶିଷ୍ଟ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି, ଏହି କାମ ପାଞ୍ଚ ବର୍ଷ ବିତିଯାଇଥିଲେ ମଧ୍ୟ ସରିବାର ନାଁ ଧରୁନି। ଏହି କାମ କେବେ ସରିବ ଓ କେବେ ଲୋକମାନେ ପାଣି ପିଇବେ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପଟି ନିମ୍ନମାନର କାମ ହୋଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ ଉପରେ ବରିମୁଣ୍ଡ, ସାଦେରିଆ, ଗାଦିସାଦେରିଆ, ନୂଆପୋଖରୀ ସାହି ଆଦି ଗ୍ରାମର ଲୋକେ ନିର୍ଭର କରନ୍ତି। ଓଭର୍‌ହେଡ ଟାଙ୍କି ସମ୍ପୂର୍ଣ୍ଣ ହୋଇ ନ ଥିବା ଜଣାପଡ଼ିଛି। ପାଇପ ବିଛାଇବା ଓ ଟ୍ୟାପ୍ କାମ କରୁ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି। ଅନେକ ନଳକୂପ ଅଚଳ ହୋଇପଡ଼ିଥିବା ବେଳେ ଯେଉଁ କିଛି ସ୍ୱଳ୍ପ ପରିମାଣରେ ପାଣି ବାହାରୁଛି ତାହା ପାନୀୟ ଉପଯୋଗୀ ନୁହେଁ। ଅନେକ ପରିବାର ଜମିରେ ଥିବା ଏଲଆଇ ପଏଣ୍ଟ ଓ ପୋଖରୀରୁ ଜଳ ସଂଗ୍ରହ କରୁଛନ୍ତି।



ଏ ନେଇ ନିମାପଡ଼ା ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ ପ୍ରବୀର କୁମାର ବଳ କହିଛନ୍ତି, ନୂଆପୋଖରୀ ସାହିରେ କାମ କରୁଥିବା ଠିକାଦାରଙ୍କୁ ୩ମାସ ମଧ୍ୟରେ କାମ ଶେଷ କରିବାକୁ ନୋଟିସ୍ ଏବଂ ତାଗିଦ୍ କରାଯାଇଛି। ଯଦି ୩ ମାସ ମଧ୍ୟରେ କାମ ଶେଷ ନ କରନ୍ତି ତେବେ କାମ କ୍ୟାନ୍ସଲ କରାଯିବ, ଜରିମାନା ସହ ପେନାଲ୍ଟି କରାଯିବ ବୋଲି ସୂଚନା ଦେଇଛନ୍ତି। କାମ ଉପରେ ନଜର ଅଛି, ତୁରନ୍ତ ସରିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

# ଶୃଙ୍ଖଳିତ ଲକ୍ଷ୍ମୀପୂଜା ଭସାଣି ଉପରେ ଗୁରୁତ୍ୱ

**ଅଶ୍ଳୀଳ ସଙ୍ଗୀତ ପରିବେଷଣ, ମଦ୍ୟପାନ ମନା**

- ସହରରେ ମୁତୟନ ହେବେ ୩ ପ୍ଲାଟୁନ ଫୋର୍ସ
- ସନ୍ଧ୍ୟା ୬ଟାରେ ଆରମ୍ଭ ହେବ ଭସାଣି ଶୋଭାଯାତ୍ରା


ବୈଠକରେ ଏସ୍‌ପି ସାଗରିକା ନାଥ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୦।୧୦(ପ୍ରଭାତ ପାଣିଗ୍ରାହୀ)

ଚଳିତ ବର୍ଷ ଖୋର୍ଦ୍ଧା ସହରର ୩୬ଟି ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ଆସନ୍ତା ୨୩ତାରିଖରେ ମିଳିତ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ବ୍ୟବସ୍ଥିତ ଓ ଶୃଙ୍ଖଳିତ ଭସାଣୀ ଉତ୍ସବ ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ରବିବାର ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ପୂଜା କମିଟି ସଦସ୍ୟ ଯୋଗ ଦେଇଥିଲେ। ଶୃଙ୍ଖଳିତ ଭାବେ ଭସାଣି ଉପରେ ଏସ୍‌ପି ଗୁରୁତ୍ୱରୋପ କରିଛନ୍ତି। ପ୍ରଶାସନ ଓ ପୂଜା କମିଟି ସମନ୍ୱୟ ରଖି ଭସାଣି ଆୟୋଜନ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ଶୋଭାଯାତ୍ରାରେ ଡାକବାଜି ଯନ୍ତ୍ର ବ୍ୟବହାର ଲାଗି ପୂଜା କମିଟି ଅନୁମତି ନେବେ। ଶୋଭାଯାତ୍ରା ସମୟରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଗାଇଡ୍‌ଲାଇନ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଅତି ଶବ୍ଦଭେଦୀ ବାଣ ଓ ଡାକବାଜି ଯନ୍ତ୍ର ବ୍ୟବହାର କରିବେ ନାହିଁ। ଡାକବାଜି ଯନ୍ତ୍ରର ବ୍ୟବହାର ଯେପରି ଶବ୍ଦ ୬୫ ଡେସିବିଲ୍‌ରୁ ଅଧିକ ବ୍ୟବହାର କରିବେ ନାହିଁ। ଅଶ୍ଳୀଳ ସଙ୍ଗୀତ ପରିବେଷଣ କରିବେ ନାହିଁ। ଚଳିତ ବର୍ଷ ଡିଜେ ଓ ଲେଜର ଲାଇଟ ବ୍ୟବହାର ଉପରେ କଟକଣା କରାଯାଇଛି। କେହି ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସାଦା ପୋଷାକରେ ପୋଲିସ ତଦାରଖ କରିବେ। ଭସାଣୀ ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ଆଇନଶୃଙ୍ଖଳା, ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। ସହରରେ ୩ ପ୍ଲାଟୁନ ଫୋର୍ସ, ପୋଲିସ ଅଫିସର ନିୟୋଜିତ ରହିବେ। ଭିଡ଼ ନିୟନ୍ତ୍ରଣ ଲାଗି ଶୋଭାଯାତ୍ରା ଦେଇ ଯିବାକୁ ଥିବା ରାସ୍ତାକୁ ସଂଯୋଗ କରୁଥିବା ଗଳି ବନ୍ଦ କରାଯିବ। ଏଥିରେ ସହରବାସୀଙ୍କ ସହଯୋଗ ଜରୁରୀ। ଭସାଣି ସମୟରେ ସହର ଦେଇ ଭାରିଯାନ ଚଳାଚଳକୁ ବନ୍ଦ ରହିବ।

ସମସ୍ତ ପୂଜା କମିଟି ପୂର୍ବାହ୍ନ ୧୧ଟାରେ ପ୍ରସ୍ତୁତି ଆରମ୍ଭ କରିବେ, ଅପରାହ୍ନ ୪ଟା ସୁଦ୍ଧା ଭସାଣି ସ୍ଥଳରେ ପହଞ୍ଚିବେ। ସନ୍ଧ୍ୟା ୬ଟାରେ ଭସାଣି ଶୋଭାଯାତ୍ରା ଆରମ୍ଭ ହେବ। ରାତି ୧୦ଟା ସୁଦ୍ଧା ସମାପନ ହେବ। ଶୋଭାଯାତ୍ରା ବେଳେ ପୂଜା କମିଟି ଶୃଙ୍ଖଳା ବଜାୟ ରଖିବେ। ମଦ୍ୟପାନ ଉପରେ କଟକଣା ଜାରି କରାଯାଇଛି। ଏଥିପ୍ରତି କମିଟି କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। ସମସ୍ତ ପୂଜା କମିଟି ବିଜେବି ହାଇସ୍କୁଲ ପଡ଼ିଆ ନିକଟରେ ପହଞ୍ଚିବେ। ସେଠାରୁ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଜଣକ ପଛରେ ଜଣେ ରହିବେ। ଲମ୍ବାଧାଡିରେ ନୟାଗଡ ରୋଡକୁ ବାହାରି ପୁରୁଣା ବସଷ୍ଟାଣ୍ଡ, ଟ୍ରାଫିକ ଛକ, ସମବାୟ ଛକ, ଏସ୍‌ବିଆଇ ଛକ, ନୂଆବସଷ୍ଟାଣ୍ଡ ରୋଡ ଦେଇ ନୂଆବସଷ୍ଟାଣ୍ଡରୁ ଟିଏଲ୍‌ସି ଦେଇ ପୌର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବେ। ସେଠାରେ ପର୍ଯ୍ୟାପ୍ତ ମାତ୍ରାରେ ଆଲୋକ ବ୍ୟବସ୍ଥା କରାଯିବ। ଭସାଣୀ ସମୟରେ କୌଣସି ଅଘଟଣକୁ ଦୃଷ୍ଟିରେ ରଖି ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶାନ୍ତନୁ ମହାନ୍ତି, ସଦର ଏସ୍‌ଡିପିଓ ଅନିଲ ମହାନ୍ତି, ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ସମେତ ସମସ୍ତ ପୂଜା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭସାଣି ଶ୍ରେୟ ପାଇଁ କସରତ ଚର୍ଚ୍ଚା

ଖୋର୍ଦ୍ଧା,୨୦।୧୦(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧାରେ କୁମାରୋତ୍ସବଠାରୁ ଆରମ୍ଭ ହୋଇଛି ଗଜଲକ୍ଷ୍ମୀ ପୂଜା। ଖୋର୍ଦ୍ଧାରେ ଏହା ଏକ ଗଣପର୍ବରେ ପରିଣତ ହୋଇଥିବାବେଳେ ଭାଇଚାରା ବାର୍ତ୍ତା ବହନ କରୁଛି। ଗତ କିଛିବର୍ଷ ଧରି ମିଳିତ ଭସାଣି ଉତ୍ସବ ଆୟୋଜନ ହୋଇଆସୁଛି। ତେବେ ପୂଜା ଓ ଭସାଣି ଉତ୍ସବକୁ ନେଇ ୩ଥର ବୈଠକ ବସିଲାଣି। ମିଳିତ ଭସାଣି ଉତ୍ସବ ଶ୍ରେୟ ନେବା ପାଇଁ ଏକ ପ୍ରକାର କସରତ ଚାଲିଥିବା ଚର୍ଚ୍ଚା ହେଉଛି। ପ୍ରଥମେ ଜିଲା ପ୍ରଶାସନ ଆନୁକୂଲ୍ୟରେ ପୌର ପ୍ରଶାସନ, ପୋଲିସ, ସମସ୍ତ ପୂଜା କମିଟି କର୍ମକର୍ତ୍ତା ଏବଂ ବିଭାଗୀୟ ଅଧିକାରୀଙ୍କୁ ନେଇ ଟାଉନ ହଲରେ ବୈଠକ ବସିଥିଲା। ପରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସଭାପତିତ୍ୱରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। ରବିବାର ଏସ୍‌ପିଙ୍କ ସଭାପତିତ୍ୱରେ ତାଙ୍କ କାର୍ଯ୍ୟାଳୟରେ ବୈଠକ ହୋଇଯାଇଛି। ବାରମ୍ବାର ବୈଠକକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି।

# ଓସିଏସ୍‌ରେ ସୁଶ୍ରୀ ଶିବାନୀ, ରାକେଶଙ୍କ କୃତିତ୍ୱ




ବାଣପୁର,୨୦।୧୦(ଦିଲୀପ କୁମାର ସ୍ୱାଇଁ)

ରାଜ୍ୟ ପ୍ରଶାସନିକ ସେବା ୨୦୨୨ରେ ପ୍ରଥମ ଥର ପାଇଁ ଗୋଟିଏ ବର୍ଷରେ ବାଣପୁର ଅଞ୍ଚଳର ୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଭାମପୁର ଗୋଡ଼ିପଦର ସାହିର ସୁଶ୍ରୀ ଶିବାନୀ ରାଉତ ୧୭୦ତମ ସ୍ଥାନ ହାସଲ କରିଥିବାବେଳେ ଭାପୁର ଗ୍ରାମର ରାକେଶ କୁମାର ଜେନା ୨୪୭ତମ ସ୍ଥାନ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ଶିବାନୀ ହେଉଛନ୍ତି ନାରାୟଣ ରାଉତ ଏବଂ କବିତା ରାଉତଙ୍କ ଝିଅ। ନାରାୟଣ ବ୍ୟବସାୟୀ ହୋଇଥିବାବେଳେ କବିତା ଗୃହିଣୀ। ୪ ବର୍ଷ ଧରି ଶିବାନୀ ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଉଥିବାବେଳେ ୨ୟ ଚେଷ୍ଟାରେ ଚଳିତବର୍ଷ ସଫଳତା ହାସଲ କରିଛନ୍ତି। ସମାଜର ନିଷ୍ପେଷିତ ଏବଂ ଅସହାୟ ଜନ ସାଧାରଣଙ୍କୁ ସହଯୋଗ କରିବା ଜୀବନର ପ୍ରାଥମିକତା ରହିବ ବୋଲି ସୁଶ୍ରୀ ଶିବାନୀ କହିଛନ୍ତି। ରାକେଶ ହେଉଛନ୍ତି ପ୍ରକାଶ ଜେନା ଏବଂ ଗୀତା ଜେନାଙ୍କ ବଡ଼ ପୁଅ। ପ୍ରକାଶ ବିଦେଶରେ ଶ୍ରମିକ ଭାବେ କାର୍ଯ୍ୟରତ ଥିବାବେଳେ ଗୀତା ଜଣେ ଗୃହିଣୀ। ବର୍ତ୍ତମାନ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପଢିବା ସହ ୭ ବର୍ଷ ହେଲା ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି ଚଳାଉଥିଲେ। ତେବେ ସେ ପ୍ରଥମ ଥର ଏହି ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବହନ ସେବାରେ ଉନ୍ନତିର ଆବଶ୍ୟକତା ରହିଥିବାବେଳେ ଧୈର୍ଯ୍ୟର ସହ ନିୟମିତ କଠିନ ପରିଶ୍ରମ କଲେ ସୁନିଶ୍ଚିତ ସଫଳତା ମିଳିବ ବୋଲି ରାକେଶ କହିଛନ୍ତି।

# ଓସିଏସ୍ ପରୀକ୍ଷାରେ ଆଦ୍ୟାଶାଙ୍କ ସଫଳତା



ଟାଙ୍ଗି, ୨୦।୧୦ (ରଘୁନାଥ ସାହୁ)

ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ ଟାଙ୍ଗି ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ଆଦ୍ୟାଶା ପରିଡ଼ା ୪୨୭ତମ ସ୍ଥାନ ହାସଲ କରି ଟାଙ୍ଗି ପାଇଁ ଗୌରବ ଆଣିଛନ୍ତି। ଆଦ୍ୟାଶା ପ୍ରଥମ ଚେଷ୍ଟାରେ ସଫଳତା ପାଇଛନ୍ତି। ସେ ଶିକ୍ଷକ ବିରଞ୍ଚିନାରାୟଣ ପରିଡ଼ା ଓ ଉଷାରାଣୀ ପରିଡ଼ାଙ୍କ ତୃତୀୟ କନ୍ୟା। ସେ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି ଚଣ୍ଡିଖୋଲ ଉଚ୍ଚ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିଲେ। +୨ ନବଜ୍ୟୋତି ବିଦ୍ୟାଳୟ ଓ +୩ ପ୍ରାଣନାଥ ମହାବିଦ୍ୟାଳୟ ଖୋର୍ଦ୍ଧାରୁ ଉଭିଦ ବିଜ୍ଞାନ ଅନର୍ସରେ କୃତିତ୍ୱର ସହ ପାସ୍ କରିଥିଲେ। ନିଷ୍ଠା ଓ ଏକାଗ୍ରତାର ସହ ଅଧ୍ୟୟନ କଲେ ସଫଳତା ମିଳିପାରିବ ବୋଲି ଆଦ୍ୟାଶା କହିଛନ୍ତି।

## ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନର ବାର୍ଷିକୋତ୍ସବ

**ସମ୍ମାନିତ ହେଲେ ୧୦୦ ସିନେ କଳାକାର**

ଭୁବନେଶ୍ୱର,୨୦।୧୦(ଶର୍ମିଷ୍ଠା ପାଣିଗ୍ରାହୀ) – ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନର ବାର୍ଷିକ ଉତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁମ୍ବାଇ ସିନେ ୱାର୍କର୍ସ ଆସୋସିଏଶନ ସଭାପତି ସୁରେଶ ଶ୍ୟାମଲାଲ ଗୁପ୍ତା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ୧୦ମ ସିନେ ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଶାର ୧୦୦ଜଣ କଳାକାରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପ୍ରଯୋଜକ ରମେଶ ବାରିକ, ପ୍ରୀତମ, ଅଭିନେତ୍ରୀ ଶୀତଲ ପାତ୍ର, ଅନନ୍ୟା, ଶକ୍ତି ବରାଳ, ଅଭିଷେକ ଗିରି, ଉପସ୍ଥାପକ କେପି ପ୍ରମୁଖଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ସଂଘ ଉପଦେଷ୍ଟା ଶ୍ୟାମା ପ୍ରସାଦ ମିଶ୍ର, ଡ. ରଜନୀ ରଞ୍ଜନ, ପ୍ରଶାନ୍ତ ପାଢ଼ୀ, ପୁଷ୍ପା ପଣ୍ଡା, ପିଙ୍କି ପ୍ରଧାନ, ଡ. ବନ୍ଦନା ହରିଚନ୍ଦନ, ସଭାପତି ରବି ମିଶ୍ର, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଓ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ସଫଳତା ପାଇଁ ପୁରୁଷୋତ୍ତମ ସାହୁଙ୍କୁ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ହିମାଳୟ ଯୋଗ ଅଲିମ୍ପିଆଡ଼ରେ ପ୍ରତିଭା ଦେଖାଇଲେ ଛାତ୍ରିଛାତ୍ର

ଭୁବନେଶ୍ୱର, ୨୦।୧୦(ବନ୍ଦନା ସେଠୀ)– କ୍ରିଷ୍ଣା ବିକାଶ ଗ୍ରୁପ ପ୍ରତ୍ୟୋଜରେ ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟ ହିମାଳୟ ଯୋଗ ଅଲିମ୍ପିଆଡ୍ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ପାହାଳସ୍ଥିତ ଉତ୍କଳ ସିଙ୍ଗେଚରଠାରେ ଥିବା ବିଶ୍ୱବିଦ୍ୟାଳୟର ମୁଖ୍ୟ ଶାଖାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାର କଲେଜ ଓ ବିଶ୍ୱବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଯୋଗ ସମ୍ବନ୍ଧିତ ୮ଟି ଆସନରେ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଆସନ ଭିତରୁ ଗରୁଡ଼ାସନ, କୋଣାସନ, ହସ୍ତପାଦାସନ, ସର୍ବାଙ୍ଗାସନ ଓ ଚକ୍ରାସନରେ ପ୍ରତିଯୋଗୀମାନେ ନିଜର ପାରଦର୍ଶିତା ଦେଖାଇଥିଲେ। ଯୋଗ ଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୮ଟି ଗ୍ରୁପର ୨୪ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବାଙ୍ଗାଲୋରରେ ହେବାକୁ ଥିବା ଜାତୀୟ ଯୋଗ ପ୍ରତିଯୋଗିତାରେ ଏମାନେ ଭାଗନେବେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ସମରେନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୋଗ ବିଭାଗର ଡିନ୍ ପ୍ରଫେସର ଡ. ଦିନେଶ ପ୍ରସାଦ ସ୍ୱାଇଁ, ଯୋଗ ଶିକ୍ଷକ ସୁନୀଲ କୁମାର ମହାକୁଡ଼ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭିତରେ ଯୋଗ ପ୍ରତି ଆଗ୍ରହ ସୃଷ୍ଟି କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ।


ବାଙ୍କୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

# ବାଙ୍କୀର କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ

**ବାଙ୍କୀ ମହୋତ୍ସବର ୪ର୍ଥ ସନ୍ଧ୍ୟା**

କଳାପଥର,୨୦।୧୦(ଗଙ୍ଗାଧର ସାହୁ)

ବାଙ୍କୀ ମହୋତ୍ସବ ୪ର୍ଥ ସନ୍ଧ୍ୟା ଉତ୍ସବ ରବିବାର କଲେଜ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ପ୍ରତିଷ୍ଠାତା ସଭାପତି ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାମୂହିକ ସଙ୍ଗୀତ ଗାନ ପରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ତଥା ମହୋତ୍ସବ ଉପସଭାପତି ପ୍ରସନ୍ନ କିଶୋର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। 'ସମ୍ବାଦ' ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଙ୍କୀର ଉଚ୍ଚ ସାଂସ୍କୃତିକ ଐତିହ୍ୟର ପ୍ରସାର ଓ ପ୍ରଚାର ଲକ୍ଷ୍ୟ ନେଇ ମହୋତ୍ସବ ଆରମ୍ଭ ହୋଇଛି ବୋଲି କହିଥିଲେ। ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଙ୍କୀର କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସମାଜର ସମ୍ପାଦକ ଗୋବିନ୍ଦ ଚାନ୍ଦ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହୋତ୍ସବ ଉପସଭାପତି ଭାଗୀରଥି ପାଣି, ସୁରଞ୍ଜନ ପଣ୍ଡା, ଗତିକୃଷ୍ଣ ସ୍ୱାଇଁ, ଅନନ୍ତ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ଅତିଥି ଭାବେ ମହୋତ୍ସବ କାର୍ଯ୍ୟକାରୀ ସଭାପତି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କବୟିତ୍ରୀ ଅମୂଲ୍ୟବାଳା ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଚରଣ ତଳେ ମୋ ଲୁହ ଢାଳେ' ଉନ୍ମୋଚିତ ହୋଇଥିଲା। ବାଙ୍କୀ ସହରରେ ପ୍ରତିଷ୍ଠା ହୋଇଥିବା ମେଡ଼ଗୁଡ଼ିକର ମୂଲ୍ୟାୟନ କରାଯାଇ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ମେଢ଼ୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଭରତ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଭୁବନେଶ୍ୱର କଳା କେନ୍ଦ୍ରର ନୂଆ କାର୍ଯ୍ୟକାରିଣୀ କମିଟି

ଭୁବନେଶ୍ୱର,୨୦।୧୦(ଶର୍ମିଷ୍ଠା ପାଣିଗ୍ରାହୀ): ଭୁବନେଶ୍ୱର କଳା କେନ୍ଦ୍ରର କାର୍ଯ୍ୟକାରିଣୀ କମିଟି ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ନମିତା ଭଟ୍ଟାଚାର୍ଯ୍ୟ ଆଗାମୀ ତିନିବର୍ଷ ପାଇଁ ନିର୍ବାଚିତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ସଭାପତି ଭାବେ ସାତକଡ଼ି ମହାନ୍ତି, ଉପସଭାପତି ନାଗାର୍ଜୁନ ସେଠୀ, ସାଧାରଣ ସମ୍ପାଦକ ମିନକେତନ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ହେମନ୍ତ ପରମଗୁରୁ, କାର୍ଯ୍ୟାଳୟ ସମ୍ପାଦକ ଉପେନ୍ଦ୍ର ପତି, କୋଷାଧ୍ୟକ୍ଷ ଅଶୋକ ଦାସ ଏବଂ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ପ୍ରଣବ ଦାସ, ତ୍ରିନାଥ ପଲେଇ, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ଧନେଶ୍ୱର ସାହୁ, ଅଶୋକ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି।

# ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

କଳାପଥର,୨୦।୧୦(ଗଙ୍ଗାଧର ସାହୁ)

ବାଙ୍କୀ ମହୋତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ବାଙ୍କୀ ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପାଠୋତ୍ସବରେ ବିଭିନ୍ନ ଜିଲାର ଶତାଧିକ କବୟିତ୍ରୀ ଓ କବିମାନେ ଯୋଗଦେଇ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ଇଂ. ସତ୍ୟବ୍ରତ ରଥ, ମହୋତ୍ସବ ଉପସଭାପତି ସନାତନ ବେହେରା, ଉପନଗରପାଳ ସନ୍ତୋଷ ରଣା, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ଅନନ୍ତ ଦାସ, ରବୀନ୍ଦ୍ର ରାଉତ ଅତିଥି ଭାବେ ଯୋଗଦେଇଥିଲେ। କବି ରବି ମଙ୍ଗରାଜ, କବୟିତ୍ରୀ ଅମୂଲ୍ୟବାଳା ପଟ୍ଟନାୟକ ଏବଂ ମନୁଥ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


କବିତା ପାଠୋତ୍ସବରେ ଅତିଥି ଏବଂ ଉପସ୍ଥିତ କବି।

# କବି ଆର୍ତ୍ତତ୍ରାଣ ସାହୁଙ୍କୁ ଗ୍ଲୋବାଲ ଆଇକନ ଆୱାର୍ଡ


କବି ଆର୍ତ୍ତତ୍ରାଣ ସାହୁଙ୍କୁ ଗ୍ଲୋବାଲ ଆଇକନ ଆୱାର୍ଡ ପ୍ରଦାନ କରାଯାଉଛି।

ନିରାକାରପୁର,୨୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଅଞ୍ଚଳର ଲଳିତ କବି ଡ. ଆର୍ତ୍ତତ୍ରାଣ ସାହୁ ସମ୍ମାନଜନକ ଗ୍ଲୋବାଲ ଆଇକନ ଆୱାର୍ଡ-୨୦୨୪ରେ ସମ୍ମାନିତ ହୋଇଛନ୍ତି। ଥାଇଲାଣ୍ଡର ପଟ୍ଟାୟାଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଣ୍ଟରନ୍ୟାସନାଲ ଡେଭେଲପମେଣ୍ଟ ଫାଉଣ୍ଡେସନ ଅଧ୍ୟକ୍ଷ ଡ. ରାମ ଅବତାର ଶର୍ମା, ସ୍ୱତନ୍ତ୍ର ଅତିଥି ଗୁରୁମା କମଳ ରାଣୀ ଓ ସାମାଜିକ କର୍ମୀ ଉଷାରାଣୀ ଗାନ୍ଧୀ ପ୍ରମୁଖ ଯୋଗଦେଇ ସାହିତ୍ୟ କ୍ଷେତ୍ରରେ ଡ. ସାହୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ତାଙ୍କ ସହଧର୍ମିଣୀ ମିନତି ସାହୁ ମଧ୍ୟ ଉପସ୍ଥିତ ଥିଲେ। ତାଙ୍କର ୨୦୧୮ରୁ ୨୦୨୩ ମଧ୍ୟରେ ଡ. ସାହୁ ସତ୍ୟାନୁସରଣ, ସତ୍ୟାନୁସନ୍ଧାନ, ସତୀ ଉପାଖ୍ୟାନ, ସତ୍ୟ ଧର୍ମ, ଶିବ ସ୍ୱରୂପ, ସଙ୍କଟ ମୋଚନ, ସକଳ ତୀର୍ଥ ସରିତ, ଶାଶ୍ୱତ, ଶାଞ୍ଜ ଗଣେଶ ଓ ଅଭୁଲା ସ୍ମୃତିକୁ ନେଇ ୧୦ ଖଣ୍ଡ ପ୍ରମୁଖ ପୁସ୍ତକ ରଚନା କରିଛନ୍ତି। ଏହି ପୁରସ୍କାର ମିଳିବା ପରେ ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଦୁଇଟି ଭାଷା ମଧ୍ୟରେ ଯୋଗସୂତ୍ର ସ୍ଥାପନ କରେ ଅନୁବାଦ ସାହିତ୍ୟ

ଖୋର୍ଦ୍ଧା,୨୦।୧୦(ପ୍ରଭାତ ପାଣିଗ୍ରାହୀ)

ବିଜ୍ଞାନର ଅଭୂତପୂର୍ବ ବିକାଶ ଯୋଗୁ ଗୋଟିଏ ଦେଶର ଚିନ୍ତା ଚେତନା ଅନ୍ୟକ୍ଷେତ୍ରରେ ଅନ୍ୟ ଏକ ଦେଶକୁ ସମ୍ପ୍ରସାରିତ ହୋଇଯାଉଛି। ସାହିତ୍ୟ ମଧ୍ୟ ସେଥିରୁ ବାଦ୍ ପଡ଼ିନାହିଁ। ଏ କ୍ଷେତ୍ରରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି 'ଆମରି ସତ୍ୟ ବିକାଶ ପରିଷଦ' ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସଭାପତିତ୍ୱ କରି କହିଥିଲେ, ଅନୁବାଦ ସାହିତ୍ୟ ବିଶ୍ୱ ମାନବ ପାଇଁ ଏକ ଗବାକ୍ଷ। ଏହା ଏକ କଳା। ଏହା ଦୁଇଟି ଭାଷା ମଧ୍ୟରେ ଯୋଗ ସୂତ୍ର ସ୍ଥାପନ କରିଥାଏ ବୋଲି ସେ କହିଥିଲେ। ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଅନୁବାଦକ ଆଶିଷ କୁମାର ରାୟ ଯୋଗଦେଇ ନିଜର ବିଭିନ୍ନ ଅନୁବାଦ ସାହିତ୍ୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ ପ୍ରାଚୀନ ସାହିତ୍ୟକୁ ବିଭିନ୍ନ ଯଶସ୍ୱୀ ଲେଖକ ଓଡ଼ିଆ କବିମାନଙ୍କ ଅନୁବାଦ ସାହିତ୍ୟ ଯେଉଁଭଳି ବାଣୀଭଣ୍ଡାରକୁ ଭୂଷିତ କରିଛି ସେ ନେଇ ଏକ ବିସ୍ତୃତ ରେଖାପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ସତ୍ୟବାଦୀ କଳିୟାରସିଂହ କହିଥିବାଲେ, ଅନୁବାଦ ସାହିତ୍ୟ ଆମକୁ ବିଭିନ୍ନ ଭାଷା ସହିତ ସମ୍ପର୍କ ସ୍ଥାପନ କରିବାରେ ସହାୟତା ହୋଇଥାଏ। ପ୍ରାରମ୍ଭରେ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣରେ ଅନୁବାଦ ସାହିତ୍ୟର ବିଭିନ୍ନ ଦିଗ ଉପରେ ରେଖାପାତ କରିଥିଲେ। ଓଡ଼ିଆ ଅସ୍ମିତାକୁ ବିଭିନ୍ନ ରାଜ୍ୟରେ ପହଞ୍ଚାଇବା ପାଇଁ ଅନୁବାଦ ସାହିତ୍ୟ ଏକ ପ୍ରତିଷ୍ଠିତ ମାର୍ଗ ବୋଲି ପଣ୍ଡିତ ରମାକାନ୍ତ ମିଶ୍ର, ମାର୍ଗଦର୍ଶୀ ସମ୍ପାଦକ ଉମାଶଙ୍କର ପ୍ରସାଦ, ବ୍ରଜବନ୍ଧୁ ନାଏକ, ଆଦି ନାରାୟଣ ଖଣ୍ଡୁଆଳ ପ୍ରମୁଖ କହିଥିଲେ। ଶିକ୍ଷାବିତ୍ ଜବାହରଲାଲ ପୁରୁଷ୍ଟି ଧନ୍ୟବାଦ ଦେଇଥିଲେ। କବିତାପାଠକୁ ଗୋବିନ୍ଦ ଚନ୍ଦ୍ର ମହାରଣା, ଆରତୀ ମଞ୍ଜରୀ ଦାଶ ଓ ସୌଦାମିନୀ ପଟ୍ଟନାୟକ ସଂଯୋଜନା କରିଥିଲେ। ବାଇଧର ମିଶ୍ର, ବିଜୟାନନ୍ଦ ପଟ୍ଟନାୟକ, ପଦ୍ମଲୋଚନ ସାହୁ, ଗୋବିନ୍ଦ ଚନ୍ଦ୍ର ମହାରଣା, ଆରତୀ ମଞ୍ଜରୀ ଦାଶ, ନଳିନୀ ଦାଶ, ସୌଦାମିନୀ ପଟ୍ଟନାୟକ, ନାରାୟଣ ଦାସ, ବସନ୍ତ କୁମାର ପାଢ଼ଶାଣୀ, ପ୍ରଦୀପ କୁମାର ବେହେରା, କିଶୋର ଚନ୍ଦ୍ର ପାଇକରାୟ, ଅର୍ଜୁନ ବାରିକ, ରାଜଶ୍ରୀ ରାୟ, ପ୍ରଭାସ ମଙ୍ଗରାଜ, ବିଜୟ କୁମାର ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ।


ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥିଙ୍କ ସହରେ ସାହିତ୍ୟିକ ଓ ଅନ୍ୟମାନେ।

## ସଂକ୍ଷେପରେ

### ସରିଲା ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ବାରଙ୍ଗ,୨୦।୧୦ (ଲିଙ୍ଗରାଜ ରାଉତ)

କୁହ୍ନେଇଁପଡ଼ା ଗ୍ରାମ ପଞ୍ଚାୟତର ବ୍ରାହ୍ମଣୀଗାଁରେ ୫ ଦିନ ବ୍ୟାପୀ ବହୁ ଆଡ଼ମ୍ବର ଭାବେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ରବିବାର ସରିଛି। ଚଳିତବର୍ଷ ବ୍ରାହ୍ମଣୀଗାଁ ପୂଜା କମିଟି ପକ୍ଷରୁ ୧୯ତମ ବାର୍ଷିକ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ରବିବାର ରାତିରେ ଭସାଣି ଉତ୍ସବରେ ପାରମ୍ପରିକ ବାଦ୍ୟର ଶୋଭାଯାତ୍ରାରେ ଗ୍ରାମର ଯୁବକମାନଙ୍କ ବିରାଟ ପଟୁଆର ଶୋଭାଯାତ୍ରାକୁ ବେଶ ମନଲୋଭା କରିଥିଲା। ଗ୍ରାମ ପରିକ୍ରମା କରାଯାଇ ନିକଟ ନଦୀରେ ମା'ଙ୍କୁ ବିସର୍ଜନ କରାଯାଇଥିଲା।

### ୪୮ ମଣ୍ଡଳ ନାମ ସଂକୀର୍ତ୍ତନ ପ୍ରସ୍ତୁତି ବୈଠକ

ତ୍ରିଶୂଳିଆ,୨୦।୧୦ (ତୁଷାରକାନ୍ତ ବେହେରା)

କାର୍ତ୍ତିକ ପୂର୍ଣ୍ଣିମାରେ ହେବାକୁ ଥିବା ସଂକୀର୍ତ୍ତନ ମହୋତ୍ସବ ଲାଗି ବାରଙ୍ଗ ୪୮ ମଣ୍ଡଳ ନାମ ସଂକୀର୍ତ୍ତନ କମିଟି ପକ୍ଷରୁ ପୁରୁଣା ବାରଙ୍ଗସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ମହନ୍ତ ଡ. ମନ୍ମଥ ପାଣି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ, ସମ୍ପାଦକ ଡ. ପୂର୍ଣ୍ଣଚନ୍ଦ୍ର ବେଉରା, ଉପଦେଷ୍ଟା ଡ. କିଶୋର ଚନ୍ଦ୍ର ପାଣି, ଆର୍ତ୍ତଚନ୍ଦ୍ର ବିଶ୍ୱାଳ, ଭାଗୀରଥି ବିଶୋଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଦିନ ୨ଟାରୁ ସଂକୀର୍ତ୍ତନ ମହୋତ୍ସବ ଆରମ୍ଭ କରାଯିବ। ସବୁ ଗାଁର ସଂକୀର୍ତ୍ତନ ମଣ୍ଡଳୀକୁ କିଭଳି ନିମନ୍ତ୍ରଣ ଦିଆଯିବ, ଛାଡ଼ଖାଇ ବାସି ମହାସଂକୀର୍ତ୍ତନ କରାଯିବ, ସେ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନିଆଯାଇଛି।

### ସୁନାହାର ଲୁଟ ମାମଲା: ୩ ଗିରଫ

କଟକ,୨୦।୧୦(କାର୍ତ୍ତିକ ସାହୁ)

ମହିଳାଙ୍କ ବେକରୁ ସୁନାହାର ଲୁଟ୍ ଅଭିଯୋଗରେ ମଙ୍ଗଳାବାଗ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହେଲେ କଟକ ଯୋବ୍ରା ମାଟିଆମଙ୍ଗଳା ସାହିରେ ରହୁଥିବା ଗଞ୍ଜାମ ବିରଜିପୁର ବଜାରର ପି.ରାଜୁ (୫୯), ସଙ୍ଗୀତା (୩୯) ଓ ଏସ୍.ଜ୍ୟୋତି (୩୫)। ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ହାରର କିଛି ଅଂଶ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ ଜୁଲାଇ ୨୨ ତାରିଖରେ ବାଦାମବାଡ଼ି ରକ୍ସିଲେନ୍‌ର ଦୀପକ କୁମାର ଜେନା ତାଙ୍କ ସ୍ତ୍ରୀଙ୍କୁ ନେଇ ପୂଜାର୍ଚ୍ଚନା କରିବାକୁ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରକୁ ଯାଇଥିଲେ। ସେହି ସମୟରେ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଦୀପକଙ୍କ ସ୍ତ୍ରୀ ମନ୍ଦିର ଭିତରକୁ ଯିବାବେଳେ ତାଙ୍କ ପଛରେ ଆଉ ଦୁଇ ମହିଳା ଯାଇଥିଲେ। ସେମାନଙ୍କ ସହ ଯାଇଥିବା ଜଣେ ପୁରୁଷ ବ୍ୟକ୍ତି ମନ୍ଦିର ବାହାରେ ଠିଆ ହୋଇଥିଲେ। ଦୀପକଙ୍କ ସ୍ତ୍ରୀ ମହାଦେବଙ୍କୁ ଜଳାଭିଷେକ କରୁଥିବାବେଳେ ମହିଳାଦ୍ୱୟ କୌଶଳକ୍ରମେ ତାଙ୍କ ବେକରୁ ସୁନାହାର ଲୁଟ୍ କରି ଚମ୍ପଟ ମାରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ୩ ଅଭିଯୁକ୍ତ ଏକତ୍ର ଭାବେ ଏକାଧିକ କ୍ୟାମେରାରେ ଦେଖିବାକୁ ମିଳିଥିଲା।

# ହିମାଳୟ ଯୋଗ ଅଲିମ୍ପିଆଡ୍‌ରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୦।୧୦(ବନ୍ଦନା ସେଠୀ)



ପ୍ରତିଯୋଗିତାରେ ଛାତ୍ରୀମାନେ ଆସନ ପ୍ରଦର୍ଶନ କରୁଛନ୍ତି। (ଫଟୋ- ବିକାଶ ନାୟକ)

କ୍ରିଷ୍ଣା ବିକାଶ ଗ୍ରୁପ୍ ପ୍ରଚେଷ୍ଟାରେ ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟ ହିମାଳୟ ଯୋଗ ଅଲିମ୍ପିଆଡ୍ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ପାହାଳସ୍ଥିତ ଉତ୍କଳ ସିଗ୍ନେଚରଠାରେ ଥିବା ବିଶ୍ୱବିଦ୍ୟାଳୟର ମୁଖ୍ୟ ଶାଖାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାର କଲେଜ ଓ ବିଶ୍ୱବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଯୋଗ ସମ୍ବନ୍ଧିତ ୮ଟି ଆସନରେ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଆସନ ଭିତରୁ ଗରୁଡ଼ାସନ, କୋଣାସନ, ହସ୍ତପାଦାସନ, ସଲଭାସନ ଓ ଚକ୍ରାସନରେ ପ୍ରତିଯୋଗୀମାନେ ନିଜର ପାରଦର୍ଶିତା ଦେଖାଇଥିଲେ। ଯୋଗ ଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୮ଟି ଗ୍ରୁପ୍‌ର ୨୪ଜଣ କୃତୀ ଛାତ୍ରୀଛାତ୍ରୀଙ୍କୁ ଚୟନ କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବାଙ୍ଗାଲୋରରେ ହେବାକୁ ଥିବା ଜାତୀୟ ଯୋଗ ପ୍ରତିଯୋଗିତାରେ ଏମାନେ ଭାଗନେବେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ସମରେନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୋଗ ବିଭାଗର ଡିନ୍ ପ୍ରଫେସର ଡ. ଦିନେଶ ପ୍ରସାଦ ସ୍ୱାଇଁ, ଯୋଗ ଶିକ୍ଷକ ସୁନୀଲ କୁମାର ମହାକୁଡ଼ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭିତରେ ଯୋଗ ପ୍ରତି ଆଗ୍ରହ ସୃଷ୍ଟି କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ।

# ସମ୍ମାନିତ ହେଲେ ୧୦୦ ସିନେ କଳାକାର



ଉତ୍ସବରେ ଅତିଥିମାନେ ସିନେ ଆୱାର୍ଡ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୦।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

### ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନର ବାର୍ଷିକୋତ୍ସବ

ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନର ବାର୍ଷିକ ଉତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁମ୍ବାଇ ସିନେ ୱାର୍କର୍ସ ଆସୋସିଏଶନ ସଭାପତି ସୁରେଶ ଶ୍ୟାମଲାଲ ଗୁପ୍ତା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ୧୦ମ ସିନେ ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଶାର ୧୦୦ଜଣ କଳାକାରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପ୍ରଯୋଜକ ରମେଶ ବାରିକ, ପ୍ରୀତମ, ଅଭିନେତ୍ରୀ ଶୀତଲ ପାତ୍ର, ଅନନ୍ୟା, ଶକ୍ତି ବରାଳ, ଅଭିଷେକ ଗିରି, ଉପସ୍ଥାପକ କେପି ପ୍ରମୁଖଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ସଂଘ ଉପଦେଷ୍ଟା ଶ୍ୟାମା ପ୍ରସାଦ ମିଶ୍ର, ଡ. ରଜନୀ ରଞ୍ଜନ, ପ୍ରଶାନ୍ତ ପାଢ଼ୀ, ପୁଷ୍ପା ପଣ୍ଡା, ପିଙ୍କି ପ୍ରଧାନ, ଡ. ବନ୍ଦନା ହରିଚନ୍ଦନ, ସଭାପତି ବବି ମିଶ୍ର, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଓ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ସଫଳତା ପାଇଁ ପୁରୁଷୋତ୍ତମ ସାହୁଙ୍କୁ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରବିନାରାୟଣ ସେନାପତିଙ୍କ ୨ ପୁସ୍ତକ ଉନ୍ମୋଚିତ


ଅତିଥିମାନେ ପୁସ୍ତକ 'କବିତା ସମ୍ଭାର' ଓ 'ଜୀବନ ନଈର କୂଳେ'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୦।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଅବସରପ୍ରାପ୍ତ ଆଇଏଏସ୍ ଅଫିସର ତଥା କବି ଡ. ରବିନାରାୟଣ ସେନାପତିଙ୍କ ୨ଟି ପୁସ୍ତକ 'କବିତା ସମ୍ଭାର' ଓ 'ଜୀବନ ନଈର କୂଳେ'ରବିବାର ରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷରେ ଲୋକାର୍ପିତ ହୋଇଯାଇଛି। ଏଥେନା ବୁକ୍‌ସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସେ କହିଲେ, କବିତା କେବଳ ଥରେ ପଢିଦେଲେ ସରିଯାଏ ନାହିଁ, ବରଂ ମନ ଓ ପ୍ରାଣରେ ଦୀର୍ଘ ସମୟ ଧରି ସଞ୍ଚାରି ରହିଥାଏ। ରବିନାରାୟଣ କବିତାକୁ ପଢ଼ିଲେ ସେମିତି ହିଁ ଲାଗେ। ମୁଖ୍ୟବକ୍ତା ପ୍ରଫେସର ବିଜୟ କୁମାର ଶତପଥୀ କହିଲେ, ଜଣେ ପ୍ରଶାସକର ହୃଦୟ ଯେ କବିତାର ଶବ୍ଦରେ ଏତେ ଛଳଛଳ ହୋଇପାରେ ତାହାର ନିଦର୍ଶନ ହେଉଛନ୍ତି କବି ରବିନାରାୟଣ ସେନାପତି। କବିତାଗୁଡ଼ିକର ପ୍ରତ୍ୟେକ ଶବ୍ଦରେ ଭରିରହିଛି ଜୀବନବାଦ, ପ୍ରକୃତି ଓ ସୌନ୍ଦର୍ଯ୍ୟର ଚମତ୍କାରିତା। ସମ୍ମାନିତ ଅତିଥି ବିଶିଷ୍ଟ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ, କବି ରବିନାରାୟଣ ସେନାପତିଙ୍କ ଗୀତିକବିତା ' ଜୀବନ ନଈର କୂଳେ' ଓଡ଼ିଆ ଗୀତିକବିତା ଜଗତରେ ଏକ ମାଇଲ ଖୁଣ୍ଟ। ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ଦୁଇଟିଯାକ ପୁସ୍ତକର ସଫଳତା କାମନା କରିଥିଲେ। ଗାୟିକା ଅନିନ୍ଦିତା ଦାସ ସଙ୍ଗୀତ ଗାନ କରିଥିଲେ। ଡ. ରମେଶ ଚନ୍ଦ୍ର ପାଣି ସ୍ୱାଗତ ଭାଷଣ, ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ଓ ରାଜକିଶୋର ଦାସ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱର କଳାକେନ୍ଦ୍ରର ନୂଆ କାର୍ଯ୍ୟକାରିଣୀ କମିଟି

ଭୁବନେଶ୍ୱର,୨୦।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର କଳାକେନ୍ଦ୍ରର ସାଧାରଣ ସଭା ଓ କାର୍ଯ୍ୟକାରିଣୀ କମିଟି ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଜୀବନ ସଭ୍ୟା ତଥା ନିର୍ବାଚନ ଅଧିକାରୀ ନମିତା ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ସମସ୍ତ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ଆଗାମୀ ତିନିବର୍ଷ ପାଇଁ ନିର୍ବାଚିତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ସଭାପତି ଭାବେ ସୀତାକାନ୍ତ ମହାନ୍ତି, ଉପସଭାପତି ନାଗାର୍ଜୁନ ସେଠୀ, ସାଧାରଣ ସମ୍ପାଦକ ମୀନକେତନ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ହେମନ୍ତ କୁମାର ପରମଗୁରୁ, କାର୍ଯ୍ୟାଳୟ ସମ୍ପାଦକ ଉପେନ୍ଦ୍ର ପତି, କୋଷାଧ୍ୟକ୍ଷ ଅଶୋକ କୁମାର ଦାସ ଏବଂ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ପ୍ରଣବ ଦାସ, ତ୍ରିନାଥ ପଲେଇ, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ଧନେଶ୍ୱର ସାହୁ, ଅଶୋକ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି।

# ମନ୍ଦିର ହୁଣ୍ଡିରୁ ଟଙ୍କା ନେଇଗଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୦।୧୦ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ମାତିଛନ୍ତି ଚୋର ଓ ଲୁଟେରା। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳଦ୍ରିବିହାର ଅଞ୍ଚଳରେ ଥିବା ହନୁମାନ ମନ୍ଦିର ହୁଣ୍ଡିରୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଟଙ୍କା ଚୋରିକରି ନେଇଯାଇଛନ୍ତି। ହୁଣ୍ଡିରେ ଥିବା ୩୦ ହଜାରରୁ ଅଧିକ ଟଙ୍କା ଚୋରି ହୋଇଥିବା ନେଇ ମନ୍ଦିର କମିଟି ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଆରମ୍ଭ କରିଛି।

# ସକାରାତ୍ମକ ବିଚାର ସୁଖୀ ଜୀବନର ଆଧାର

ଭୁବନେଶ୍ୱର, ୨୦।୧୦(ବନ୍ଦନା ସେଠୀ)


ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ରାଜଯୋଗିନୀ ବ୍ରହ୍ମାକୁମାରୀ ଉଷା ଦିଦି ପ୍ରମୁଖ କାର୍ଯ୍ୟକ୍ରମକୁ ପ୍ରବଚନ ମାଳାକୁ ଉଦ୍‌ଘାଟନ କରୁଛନ୍ତି।

ବ୍ରହ୍ମାକୁମାରୀସ୍ ଭୁବନେଶ୍ୱର ପକ୍ଷରୁ ରବିବାର ଆଧ୍ୟାତ୍ମିକ ସଶକ୍ତୀକରଣ ପ୍ରବଚନ ମାଳା 'ଗୀତାଜ୍ଞାନ ଦ୍ୱାରା ମନର ମାଲିକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ଆଧୁନିକ ଯୁଗରେ ମଧ୍ୟ ଗୀତାଜ୍ଞାନର ମହତ୍ୱ କିପରି ରହିଛି ସେ ନେଇ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମାଉଣ୍ଟଆବୁରୁ ଆସିଥିବା ରାଜଯୋଗିନୀ ବ୍ରହ୍ମାକୁମାରୀ ଉଷା ଦିଦି କହିଲେ, ଆଜିର ସମାଜରେ ସୁସ୍ଥ ମନ, ସୁସ୍ଥ ଜୀବନ ଏବଂ ସୁସ୍ଥ ପରିବେଶ ନିର୍ମାଣ ପାଇଁ ଶ୍ରେଷ୍ଠ ମନ, ସର୍ବୋତ୍ତମ ମିତ୍ର ଆବଶ୍ୟକ। ସଫଳ ଓ ସୁଖୀ ଜୀବନର ଆଧାର ଭାବେ ସକାରାତ୍ମକ ବିଚାର ଜରୁରୀ ବୋଲି ସେ ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱାମିଜୀ ରିତାଞ୍ଜାନନ୍ଦ ସରସ୍ୱତୀ ଯୋଗଦେଇ ଗୀତାଜ୍ଞାନର ଗୂଢତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ ବର୍ଣ୍ଣାଳି ହୋତାଙ୍କ ସଂଗୀତ ସମସ୍ତଙ୍କୁ ଅମୋଦିତ କରିଥିଲା। ବ୍ରହ୍ମାକୁମାରିସ ସବ୍‌ଜୋନ ୟୁନିଟ-୯ର ସଞ୍ଚାଳିକା ଗୀତା ଭଉଣୀ ମଞ୍ଚ ପରିଚାଳନା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ଘରୁ ଚୋରି କରିନେଲେ ୧୫ ହଜାର

ବାରଙ୍ଗ,୨୦।୧୦(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ଗଦେଇକୁଦରେ ଥିବା ବାବା କପିଳେଶ୍ୱର ମନ୍ଦିର ପୂଜକ ପରେଶ ଜେନାଙ୍କ ଘରୁ ଶନିବାର ଅପରାହ୍ନରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଝରକା ଦେଇ ଘରେ ପଶି ଆଲମିରାରୁ ନଗଦ ୧୫ ହଜାର ଟଙ୍କା ନେଇ ପଳାଇ ଯାଇଛନ୍ତି। ମନ୍ଦିରକୁ ଲାଗି ରହିଥିବା ଘରେ ପୂଜକ ପରେଶ ତାଙ୍କ ପରିବାର ସହ ରହୁଥିଲେ। ଶନିବାର ଅପରାହ୍ନରେ ପରେଶ ଓ ତାଙ୍କ ପୁଅ ବାହାରକୁ ଯାଇଥିଲେ। ସ୍ତ୍ରୀ ଘର ବନ୍ଦ କରି ମନ୍ଦିରରେ ଥିଲେ। ଏହି ସୁଯୋଗରେ ଘରର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ଆଲମିରାରେ ଥିବା ନଗଦ ୧୫ ହଜାରରେ ଟଙ୍କା ନେଇ ପଳାଇଥିଲେ। ପରେଶଙ୍କ ସ୍ତ୍ରୀ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ଏ ସମ୍ପର୍କରେ ପରେଶଙ୍କୁ ଜଣାଇଥିଲେ। ତେବେ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ଗୁରୁପ୍ରସାଦ ମହାନ୍ତି ଓଡ଼ିଆ କବି ଜଗତର ଅସାଧାରଣ ପ୍ରତିଭା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୦।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

### ଜନ୍ମ ଶତବାର୍ଷିକୀ ଉତ୍ସବ

କବି ଗୁରୁପ୍ରସାଦ ମହାନ୍ତିଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବ ରବିବାର ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଗୁରୁପ୍ରସାଦ ମହାନ୍ତି ହେଉଛନ୍ତି ଓଡ଼ିଆ କବି ଜଗତର ଅନନ୍ୟ ଓ ଅସାଧାରଣ ପ୍ରତିଭା, ଯାହାଙ୍କୁ ଅନତିକ୍ରମଣୀୟ କୁହାଯାଇପାରେ। ତାଙ୍କ କବିତାଗୁଡ଼ିକ ଅର୍ଥ ନ ଥାଇ ଅନେକ ଅର୍ଥର ସମାହାର ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଫନୀ ମହାନ୍ତି ଗୁରୁପ୍ରସାଦଙ୍କ କବିତାରେ ପ୍ରକୃତି, ଜୀବନବାଦ କେତେ ଜୀବନ୍ତ ଭାବରେ ରୂପ ପାଇଛି ତାହାର ସେ ଉପସ୍ଥାପନା କରିଥିଲେ। ପ୍ରଫେସର ବସନ୍ତ ପଣ୍ଡା କବି ଗୁରୁପ୍ରସାଦଙ୍କ କବିତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା କଥାଶିଳ୍ପୀ ଡ. ଗୌରହରି ଦାସ ପ୍ରତ୍ୟେକ ଗପ କିପରି ଏକ ଏକ କବିତା ଓ ପ୍ରତ୍ୟେକ କବିତା କିପରି ଏକଏକ ଗପ, ତାହାକୁ ସେ ଏକ ମାର୍ମିକ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମମତା ଦାଶ ଯୋଗଦେଇଥିଲେ। ଏହି ଅବସରରେ କବିମାନେ ଗୁରୁପ୍ରସାଦଙ୍କ କବିତା ଗାନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ 'ଜୀବନ ପାତ୍ର ମୋ ଭରିଛ କେତେ ମତେ' କଣ୍ଠଶିଳ୍ପୀ ଅନିନ୍ଦିତା ଦାଶ ଗାଇବାପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କବିଙ୍କ କନ୍ୟା ପ୍ରିୟଦର୍ଶିନୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ତୃପ୍ତି ଦାସଙ୍କୁ 'ସରଗମ୍ ସମ୍ମାନ'




ଭୁବନେଶ୍ୱର,୨୦।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ସରଗମ୍ ମ୍ୟୁଜିକ କ୍ଲାସେସ୍‌ର ବାର୍ଷିକ ଉତ୍ସବ ଓ ସଙ୍ଗୀତ କାର୍ଯ୍ୟକ୍ରମ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କୁ 'ସରଗମ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ଇଞ୍ଜିନିୟର କମଳାକାନ୍ତ ମହାନ୍ତି, ଲାୟନ୍ସର ପୂର୍ବତନ ସଭାପତି ରାମ ପ୍ରସାଦ ପାତ୍ର, ସିନେମା ସମୀକ୍ଷକ ଦିଲୀପ ହାଲି, ବରିଷ୍ଠ ସାମ୍ବାଦିକ ପୀୟୂଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

କଣ୍ଠଶିଳ୍ପୀ ରିତିକା ରିମଝିମ୍‌ଙ୍କ ଦ୍ୱାରା ସଂଯୋଜିତ ରାଗ ମାଲକୋସ୍‌ରେ ଏକ ବୃନ୍ଦଗାନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବରଦା, କିଶୋର, ପ୍ରୀୟରଞ୍ଜନ ମହାନ୍ତି, ପ୍ରଶାନ୍ତ, ଦୁଷ୍ମନ୍ତ ଓ ରମା ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପାଦ ଶବଦ ଶୁଣି, ବେଖୁଦି ମେ ସନମ, ୱାଦାରାହା ସନମ, ରହେ ନା ରହେ ହମ, ଏକ ପ୍ୟାରକା ନଗମା ହୈ, ୟେ ପରଦା ହଟଦୋ, ଭିଗିଭିଗି ରାତୋ ମେ, ଲେକେ ପେହେଲା ପେହେଲା ପ୍ୟାର, ତୁମ ହେଁ ଆପନା ବନାନେ କି କସମ, ହୋ ଗୟା ତୁଝେକୋ ପ୍ୟାର ସଜନା ଆଦି ଗୀତକୁ ରିତିକା ରିମଝିମ୍. ଚିତ୍ତରଞ୍ଜନ, ସପନ, ପ୍ରଜ୍ଞା, ରାଜୁ, ସବ୍ୟସାଚୀ, ସତ୍ୟବାନ, ମଞ୍ଜୁ, ସୁମିତ୍ରା, ପୂଜା, ସୋନାଲି, ରିତେଶ ପ୍ରମୁଖ ଗାଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଭାଇରାଲ ବଏ ଶାନ୍ତନୁ। ଗୁଲ୍‌ସନ ନଦୀମ ଓ ଅଧକ୍ଷ ରୁଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଟ୍ରଷ୍ଟର ସମ୍ପାଦିକା ଅନୁକା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ନ୍ୟାୟ ପାଇଁ ଯାଦବମାନଙ୍କୁ ସଂଗ୍ରାମ କରିବାକୁ ପଡ଼ିବ

ଭୁବନେଶ୍ୱର, ୨୦।୧୦(ବନ୍ଦନା ସେଠୀ)



ଅତିଥିମାନେ ନବ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଯାଦବମାନଙ୍କୁ ନ୍ୟାୟ ପାଇବା ପାଇଁ ସଂଗ୍ରାମ କରିବାକୁ ପଡ଼ିବ। ଯାଦବ ଜାତିର ଉନ୍ନତି ଏବଂ ସେମାନଙ୍କର ଶିକ୍ଷା, ସଂସ୍କୃତି, ଆର୍ଥିକ ଉନ୍ନତି ଦିଗରେ ସେମାନଙ୍କୁ ଏକାଠିହୋଇ ଆନ୍ଦୋଳନ କରିବାକୁ ପଡ଼ିବ। ପ୍ରତ୍ୟେକସ୍ତରରେ ଏମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ହୋଇପାରିଲେ ଯାଦବ ଜାତିର ବିକାଶ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ରବିବାର ରୋଟାରି ଭବନଠାରେ ବିଦ୍ୟାଧର ବାରିକ ମେମୋରିଆଲ ଟ୍ରଷ୍ଟ ଓ ରତ୍ନାକର ମାଣିଆ ଫାଉଣ୍ଡେଶନ ପକ୍ଷରୁ ଅଖିଳ ଭାରତୀୟ ଯାଦବ ମହାସଭାରେ ଅତିଥିମାନେ ଏହା କହିଛନ୍ତି। ଏହି ଅବସରରେ ନବରାଷ୍ଟ୍ରୀୟ ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି କୁମରବର ଦାସ, ସାମାଜିକ କର୍ମୀ ଅର୍ଜୁନ ମହାକୁଡ଼, ଝାଡ଼ଖଣ୍ଡ ଯାଦବ ମହାସଭାର ସଭାପତି ତଥା ରାଷ୍ଟ୍ରୀୟ ଉପସଭାପତି ପୀତାମ୍ବର ଦାସ, ସମାଜବାଦୀ ନେତା ରବି ବେହେରା ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ଉପାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ଡ. କାର୍ତ୍ତିକ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହାସଭାରେ ବିଏମ୍‌ଟି ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ମନୋଜ ବାରିକ ସ୍ୱାଗତ ଭାଷଣ ଦେଇଥିବାବେଳେ ଫାଉଣ୍ଡେଶନ ପକ୍ଷରୁ ସାଧାରଣ ସମ୍ପାଦକ ରାଜକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କାର୍ତ୍ତିକ ସୋମବାର ପାଇଁ ଚଳଚଞ୍ଚଳ ଧବଳେଶ୍ୱର ପୀଠ

**ଖୁଣ୍ଟୁଣୀ,୨୦।୧୦(ସଚ୍ଚିଦାନନ୍ଦ ପଣ୍ଡା)**

କାର୍ତ୍ତିକର ପ୍ରଥମ ସୋମବାର ଉପଲକ୍ଷେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଛି। ସୋମବାର ଭୋର ୪ଟାରେ ଠାକୁରଙ୍କ ଦ୍ୱାରଫିଟା ଯାଇ ସ୍ନାନ, ଆଳତି ଓ ଅନ୍ୟାନ୍ୟ ନୀତି ପରେ ବିଭିନ୍ନ ଫୁଲରେ ସଜ୍ଜିତ କରାଯିବ। ସାଢେ ୪ଟାରେ ଦ୍ୱାର ଫିଟାଯିବା ପରେ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିବେ ବୋଲି ଠାକୁରଙ୍କ ନୀତି ପାଳିଆ ବ୍ରହ୍ମାନନ୍ଦ ପତ୍ରୀ କହିଛନ୍ତି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ଏକ ପ୍ଲାଟୁନ ଫୋର୍ସ ମୁତୟନ ସହ ୨ଜଣ ଇନ୍ସପେକ୍ଟର, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଆଠଗଡ଼ ଦେବୋତ୍ତର ବିଭାଗ ପକ୍ଷରୁ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ରହିବେ ବୋଲି ଆଇଆଇସି ପରେଶ କୁମାର ମହାନ୍ତି କହିଛନ୍ତି। ମନ୍ଦିର ମଧ୍ୟରେ ପୂଜକ ସମାଜ ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଶୃଙ୍ଖଳିତ ଠାକୁର ଦର୍ଶନ ବ୍ୟବସ୍ଥା କରିବେ ବୋଲି ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରୀ ଓ ପ୍ରକାଶ ପତ୍ରୀ କହିଛନ୍ତି।

### ସରିଲା ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

**ବାରଙ୍ଗ,୨୦।୧୦ (ଲିଙ୍ଗରାଜ ରାଉତ)**

କୁନ୍ଦେଇଁପଡ଼ା ଗ୍ରାମ ପଞ୍ଚାୟତର ବ୍ରାହ୍ମଣୀଗାଁରେ ୫ ଦିନ ବ୍ୟାପୀ ଆଡ଼ମ୍ବର ଭାବେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ରବିବାର ସରିଛି। ଚଳିତବର୍ଷ ବ୍ରାହ୍ମଣୀଗାଁ ପୂଜା କମିଟି ପକ୍ଷରୁ ୧୯ତମ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା। ରବିବାର ରାତିରେ ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟର ତାଳେ ତାଳେ ଗ୍ରାମର ଯୁବକମାନେ ନୃତ୍ୟ ପରିବେଷଣ କରିଥିଲେ। ମା'ଙ୍କ ମୂର୍ତ୍ତି ଗ୍ରାମ ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା।

### ୪୮ ମଣ୍ଡଳ ନାମ ସଂକୀର୍ତ୍ତନ ପ୍ରସ୍ତୁତି ବୈଠକ

**ତ୍ରିଶୂଳିଆ,୨୦।୧୦(ତୁଷାରକାନ୍ତ ବେହେରା)**

କାର୍ତ୍ତିକ ପୂର୍ଣ୍ଣିମାରେ ହେବାକୁ ଥିବା ସଂକୀର୍ତ୍ତନ ମହୋତ୍ସବ ଲାଗି ବାରଙ୍ଗ ୪୮ ମଣ୍ଡଳ ନାମ ସଂକୀର୍ତ୍ତନ କମିଟି ପକ୍ଷରୁ ପୁରୁଣା ବାରଙ୍ଗସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ମହନ୍ତ ଡ. ମନ୍ମଥ ପାଣି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ, ସମ୍ପାଦକ ଡ. ପୂର୍ଣ୍ଣଚନ୍ଦ୍ର ବେଉରା, ଉପଦେଷ୍ଟା ଡ. କିଶୋର ଚନ୍ଦ୍ର ପାଣି, ଆର୍ତ୍ତଚନ୍ଦ୍ର ବିଶ୍ୱାଳ, ଭାଗୀରଥି ବିଶୋଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଦିନ ୨ଟାରୁ ସଂକୀର୍ତ୍ତନ ମହୋତ୍ସବ ଆରମ୍ଭ ହେବ। ସବୁ ଗାଁର ସଂକୀର୍ତ୍ତନ ମଣ୍ଡଳୀକୁ କିଭଳି ନିମନ୍ତ୍ରଣ ଦିଆଯିବ, ଛାଡ଼ଖାଇ ବାସି ମହାସଂକୀର୍ତ୍ତନ କରାଯିବ, ସେ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନିଆଯାଇଛି।

# 'ଭାଷା ସୁରକ୍ଷା ପାଇଁ ଆରମ୍ଭ ହୋଇଥିଲା ଭଞ୍ଜ ଜୟନ୍ତୀ'

**କଟକ,୨୦।୧୦(କାର୍ତ୍ତିକ ସାହୁ)**

ପ୍ରାଚୀନ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ୮୧ତମ ଐତିହାସିକ ଭଞ୍ଜ ଜୟନ୍ତୀ କଟକ ମିଶନରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପରେ ରବିବାର ଉଦ୍‌ଘାଟିତ ହୋଇଛି। କଳିଙ୍ଗ ଭାରତୀ ଉପେନ୍ଦ୍ର ଭଞ୍ଜଙ୍କୁ କବି ସମ୍ରାଟ ଭାବେ ଅଭିଷିକ୍ତ କରିଥିଲା। ଓଡ଼ିଆ ଅସ୍ମିତା ସଙ୍କଟ ସମୟରେ ଭାଷାର ସୁରକ୍ଷା ପାଇଁ ଏହି ଅନୁଷ୍ଠାନ ଦ୍ୱାରା ଭଞ୍ଜ ଜୟନ୍ତୀ ଆରମ୍ଭ ହୋଇଥିଲା। ଏହା ଏକ ଜାତୀୟ ଆନ୍ଦୋଳନରେ ପରିବର୍ତ୍ତନ ହୋଇ ଓଡ଼ିଆଙ୍କୁ ଉଦ୍‌ବୁଦ୍ଧ କରିଥିଲା। ଫଳସ୍ୱରୂପ ଓଡ଼ିଆ ଭାଷାର ସୁରକ୍ଷା ସହ ଶାସ୍ତ୍ରୀୟ ମାନ୍ୟତା ପାଇଛି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି ଡା. ଶୈଳେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଭଞ୍ଜ



ଭଞ୍ଜ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଭଞ୍ଜ ଜୟନ୍ତୀ ଉଦ୍‌ଘାଟିତ**

ରାଜବଂଶର ଦାୟାଦ ପ୍ରବୋଧ ଭଞ୍ଜ ଓ ରାଣୀ ବିଜୟିନୀ ଭଞ୍ଜ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଭଞ୍ଜ ଗବେଷକ ଇଂ. ଚନ୍ଦ୍ରଶେଖର ନନ୍ଦ, ମୁଖ୍ୟବକ୍ତା ଭାବେ ବାବାଜୀ ଚରଣ ପଟ୍ଟନାୟକ ଓ ସମ୍ମାନିତ ବକ୍ତା ଭାବେ ସାଗରିକା ପ୍ରହରାଜ ଯୋଗଦେଇ ଭଞ୍ଜ ସାହିତ୍ୟର ଆଲୋଚନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଆଡ୍‌ଭୋକେଟ ପ୍ରସନ୍ନ କୁମାର ନନ୍ଦ, କାର୍ଯ୍ୟନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ, ଉପ ସଭାପତି ରାଜଲକ୍ଷ୍ମୀ ମହାନ୍ତି, ଶକ୍ତିଶଙ୍କର ମହାନ୍ତି, ଅମ୍ଳାନ ପଟ୍ଟନାୟକ, ସତ୍ୟ ଗୋପାଳ ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ କଳା ବିକାଶ କେନ୍ଦ୍ରର ସଙ୍ଗୀତ ବିଭାଗର ଛାତ୍ରୀମାନେ ଗୁରୁ ତନ୍ମୟ ହୋତାଙ୍କ ନିର୍ଦ୍ଦେଶନାରେ ସମବେତ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ। କଳା ବିକାଶ କେନ୍ଦ୍ର ନୃତ୍ୟ ବିଭାଗର କଳାକାର କିଶୋର କୁମାର ଦଳାଇ, ଜ୍ୟୋତି ଦାସ, ପ୍ରତିଶ୍ରୁତି ସାହୁ ପ୍ରମୁଖ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# 'ଭେଣ୍ଡିଂଜୋନ୍‌ରେ ଥଇଥାନ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ'

**କଟକ,୨୦।୧୦(କାର୍ତ୍ତିକ ସାହୁ)**

କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ଖାନ୍‌ନଗର ଉତ୍ତରେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ଅମରେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମହାସଂଘ ପକ୍ଷରୁ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ଉଠାଦୋକାନୀଙ୍କୁ ବ୍ୟବସାୟ ପାଇଁ ବହୁଥର ଆଲୋଚନା ସହ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ସେମାନଙ୍କୁ ଭେଣ୍ଡିଂ ଜୋନ୍ ଯୋଗାଇ ଦିଆଯାଉନାହିଁ ବୋଲି ମହାନ୍ତି ଆଲୋଚନା କରିଥିଲେ। ଏହାକୁ ନେଇ ଉଠାଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଆଗାମୀ କାର୍ଯ୍ୟପନ୍ଥା ନେଇ ବୈଠକରେ ନିଷ୍ପତ୍ତି ଗୃହୀତ ହୋଇଛି। ଉଠାଦୋକାନୀଙ୍କୁ ଭେଣ୍ଡିଂ ଜୋନ୍ ଜରିଆରେ ଥଇଥାନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ନିଷ୍ପତ୍ତି ହୋଇଛି। ସେ ପର୍ଯ୍ୟନ୍ତ ବ୍ୟବସାୟ କରିବା ପାଇଁ ଅନୁମତି ଦେବା, ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ନିମନ୍ତେ କଟକ ଭେଣ୍ଡିଂ କମିଟି ଗଠନ କରିବା ଆଦି ଦାବିରେ ଆସନ୍ତା ୨୮ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ ରାଣୀହାଟ ୱାଚ୍ ଟାୱାର ନିକଟରେ ଧାରଣା ଓ ସାଧାରଣ ସଭା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ମହାସଂଘ ଉପଦେଷ୍ଟା ବିନୋଦ ବେହେରା, ସିପିଆଇ କଟକ ନଗର କମିଟି ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର, ଉଠା ଦୋକାନୀ ନିତ୍ୟାନନ୍ଦ ନାୟକ, ଛବି ଖୁଣ୍ଟିଆ, ଶିବ ବେହେରା, ନେନା ଦେହୁରୀ, ରବୀନ୍ଦ୍ରନାଥ ନାୟକ, ସନ୍ତୋଷ ସାହୁ, ଜ୍ଞାନଗୁରୁ ଦାସ, ନବଘନ ରାଉତ, ଲକ୍ଷ୍ମୀଧର ରାଉତ, ଅକ୍ଷୟ ସାହୁ, ନିରଞ୍ଜନ ସାହୁ, ସନ୍ତୋଷ ପାଣି, ବାସନ୍ତୀ ସ୍ୱାଇଁ, ସୁକାନ୍ତି ପଢ଼ିହାରୀ ଯୋଗଦେଇଥିଲେ।



ବୈଠକରେ ଉଠା ଦୋକାନୀଙ୍କ ସମେତ ଅନ୍ୟମାନେ।



ଭସାଣି ପାଇଁ ଚୌଦ୍ୱାର ରୂପଯାତ୍ରା ପଡ଼ିଆରେ ଏକତ୍ରିତ ହୋଇଥିବା ମେଢ଼।

# ସରିଲା ଚୌଦ୍ୱାର ରୂପଯାତ୍ରା

**ଚୌଦ୍ୱାର,୨୦।୧୦(ଆଶୁତୋଷ ଦାସ)**

ଚୌଦ୍ୱାର ରୂପଯାତ୍ରାର ଅନ୍ତିମ ପର୍ବ ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗା, ମହାଲକ୍ଷ୍ମୀ, ଗଜଲକ୍ଷ୍ମୀ, ମହାଦେବ, ହରପାର୍ବତୀ, ରାଧାକୃଷ୍ଣ, ଲକ୍ଷ୍ମୀ ନାରାୟଣ, ହନୁମାନ ମୂର୍ତ୍ତି ଶନିବାର ଶୋଭାଯାତ୍ରାରେ ସାହି ପରିକ୍ରମା କରି ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ପରମ୍ପରା ଅନୁଯାୟୀ ରବିବାର ସକାଳେ ମଠସାହି ମେଢ ପୂଜା କମିଟି ପକ୍ଷରୁ ଛନ୍ଦା ଗ୍ରହଣ କରି ମେଢଗୁଡିକ କ୍ରମାନ୍ୱୟରେ ଶୋଭାଯାତ୍ରାରେ ଯାଇ ବିରୂପା ନଦୀକୂଳରେ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଏହି ଅବସରରେ ଚୌଦ୍ୱାର ନଗର ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପ୍ରେମଚାନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରାଙ୍କ ସମେତ କାଉନସିଲରମାନେ ଉପସ୍ଥିତ ରହି ସମସ୍ତ ମେଢର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଭାଜପା ନେତା ନୟନ କିଶୋର ମହାନ୍ତି, ସନ୍ତୋଷ ମହାନ୍ତି, ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶୋଭାଯାତ୍ରାରେ ବାଜୁଥିବା ବିଭିନ୍ନ ବାଦ୍ୟର ତାଳେ ତାଳେ ମେଢ଼ କମିଟିର କର୍ମକର୍ତ୍ତା ଓ ଯୁବକମାନେ ନୃତ୍ୟ କରିଥିଲେ। ଏଥିସହ ଢୋଲ, ମାଦଳ, ଘଣ୍ଟ, ପଶ୍ଚିମ ଓଡ଼ିଶାର ସିଙ୍ଗ ବାଜା, ତାଳମୂଳି ଆଦି ପାରମ୍ପରିକ ବାଦ୍ୟରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଭସାଣି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ଘରୁ ଚୋରି କରିନେଲେ ୧୫ ହଜାର ଟଙ୍କା

**ବାରଙ୍ଗ,୨୦।୧୦(ଲିଙ୍ଗରାଜ ରାଉତ)**

ବାରଙ୍ଗ ଥାନା ଅଧୀନ ଗଦେଇକୁଦରେ ଥିବା ବାବା କପିଳେଶ୍ୱର ମନ୍ଦିର ପୂଜକ ପରେଶ ଜେନାଙ୍କ ଘରୁ ଶନିବାର ଅପରାହ୍ନରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଝରକା ଦେଇ ଘରେ ପଶି ଆଲମିରାରୁ ନଗଦ ୧୫ ହଜାର ଟଙ୍କା ନେଇ ଯାଇଛନ୍ତି। ମନ୍ଦିରକୁ ଲାଗି ରହିଥିବା ଘରେ ପୂଜକ ପରେଶ ତାଙ୍କ ପରିବାର ସହ ରହୁଥିଲେ। ଶନିବାର ଅପରାହ୍ନରେ ପରେଶ ଓ ତାଙ୍କ ପୁଅ ବାହାରକୁ ଯାଇଥିଲେ। ସ୍ତ୍ରୀ ଘର ବନ୍ଦ କରି ମନ୍ଦିରରେ ଥିଲେ। ଏହି ସୁଯୋଗରେ ଘରର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ଆଲମିରାରେ ଥିବା ନଗଦ ୧୫ ହଜାରେ ଟଙ୍କା ନେଇ ପଳାଇଥିଲେ। ପରେଶଙ୍କ ସ୍ତ୍ରୀ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ଏ ସମ୍ପର୍କରେ ପରେଶଙ୍କୁ ଜଣାଇଥିଲେ। ତେବେ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### କୃଷ୍ଣ ଚେତନା ଓ ସଂକୀର୍ତ୍ତନ ପଦଯାତ୍ରା

**ତ୍ରିଶୂଳିଆ,୨୦।୧୦(ତୁଷାରକାନ୍ତ ବେହେରା)**

ବାରଙ୍ଗ ବ୍ଲକ ଅଧୀନ ଗୋଡ଼ିସାହି ଶ୍ରୀରାମ ମନ୍ଦିର ପରିସରରେ ଭୁବନେଶ୍ୱରସ୍ଥିତ ଇସ୍କନ ପକ୍ଷରୁ ରବିବାର ଏକ କୃଷ୍ଣ ଚେତନା ଓ ସଂକୀର୍ତ୍ତନ ପଦଯାତ୍ରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଇସ୍କନର ବରିଷ୍ଠ ଭକ୍ତ ଶ୍ରୀପାଦ ମଦନମୋହନ ଦାସ ଏହି ସଂକୀର୍ତ୍ତନ ପଦଯାତ୍ରା ପରିଚାଳନା କରୁଛନ୍ତି। ଏଥିରେ ବ୍ରହ୍ମଚାରୀ ପ୍ରବକ୍ତା ଶ୍ରୀପାଦ ନମଚାର୍ଯ୍ୟ ଦାସ ଭଜନ କୀର୍ତ୍ତନରେ ସହଯୋଗ କରିଛନ୍ତି। ଶ୍ରୀପାଦ ଗୁଣନାବ ଦାସ ଓ ଶ୍ରୀପାଦ ପୁରନ୍ଦର ଦାସ, ରୁଷିଆ ମହାଦେଶର ମାତାଜୀ ସୁନ୍ଦରୀ ଦେବୀ ଦାସୀ ଯୋଗଦେଇଥିଲେ। ସେ କିପରି କୃଷ୍ଣଙ୍କ ଭକ୍ତ ହେବା ସହିତ ସନାତନ ଧର୍ମ ଗ୍ରହଣ କଲେ, କୃଷ୍ଣଙ୍କ ଚେତନାରେ ପ୍ରବେଶ କଲେ ସେ ସମ୍ପର୍କରେ ତାଙ୍କ ଅନୁଭୂତି ପ୍ରକାଶ କରିଥିଲେ। ପ୍ରବଚନ ଶୁଣିବାକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

### ବିଜ୍ଞାନ ପ୍ରଚାର ସମିତିର ଅଧିବେଶନ

**କଟକ,୨୦।୧୦ (କାର୍ତ୍ତିକ ସାହୁ)**

ବିଜ୍ଞାନ ପ୍ରଚାର ସମିତିର ପାକ୍ଷିକ ଅଧିବେଶନ କଟକ ଦୋଳମୁଣ୍ଡାଇସ୍ଥିତ ସମିତି କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପ୍ରବନ୍ଧ ପାଠ କରାଯାଇଥିଲା। ଏଥିରେ ଡା. ସଚ୍ଚିଦାନନ୍ଦ ଶତପଥୀଙ୍କ ପଠିତ ପ୍ରବନ୍ଧ ସ୍କ୍ରବ୍ ଟାଇଫସ୍, ଡ. ଭାରତୀ ବେହେରାଙ୍କ ପ୍ରବନ୍ଧ ହେନେରିଏଟା ଲାକ୍ସ, ବ୍ରଜବନ୍ଧୁ ପୃଷ୍ଟିଙ୍କ ପ୍ରବନ୍ଧ ଆଲ୍‌ବର୍ଟ ଆବ୍ରାହାମ ମାଇକେଲସନଙ୍କ ବର୍ଣ୍ଣାଳୀ ବିଶ୍ଳେଷଣ ଓ ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ପ୍ରବନ୍ଧ ଥିଲା ଅଶକ୍ତ ଅସ୍ଥି ଉଲ୍ଲେଖନୀୟ। ଏଥିସହ ସମିତିର ଉନ୍ନୟନ ଦିଗରେ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ସମିତିର ସଭ୍ୟ ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ଡ. ବରଦା ଚରଣ ମହାନ୍ତି, ଶ୍ରୀବତ୍ସ ବିଶ୍ୱାଳ, ଡ. ଶିବଶଙ୍କର ନାୟକ, ଡ. ହେମନ୍ତ କୁମାର ପରିଡ଼ା, ଡ. ଦେବେନ୍ଦ୍ରନାଥ ସାହୁ, ନିରଞ୍ଜନ ପାତ୍ର ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। କବିତା ପାଢ଼ଶାଣୀ ଧନ୍ୟବାଦ ଦେଇଥିଲେ।

### ରୂପଯାତ୍ରାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଭାଜପା ନେତା ସନ୍ତୋଷ ମହାନ୍ତିଙ୍କ ସମେତ ସମ୍ବର୍ଦ୍ଧିତ ଗଣମାଧ୍ୟମ ପ୍ରତିନିଧି।

**ମଙ୍ଗୁଳି-ଜଗତପୁର,୨୦।୧୦(ମାନସ ସାମଲ)**

ଚୌଦ୍ୱାର ରୂପଯାତ୍ରା ଅବସରରେ ରୂପଯାତ୍ରା ପଡିଆରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଏବଂ ଯାତ୍ରାରେ ସାମିଲ ଥିବା ୪୩ ମେଢ଼ ମାଲିକଙ୍କୁ ଭାଜପା କଟକ ନଗର(ଜିଲା) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚୌଦ୍ୱାର-କଟକର ବରିଷ୍ଠ ଭାଜପା ନେତା ସନ୍ତୋଷ ମହାନ୍ତି ଏଥିରେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ମିର୍ଜା ନସିମ ବେଗ, ରୁଦ୍ରାଶିଷ ନାଥ, ମଳୟ ମହାପାତ୍ର, ଶଙ୍କର୍ଷଣ ମହାପାତ୍ର, ସୁରେନ୍ଦ୍ର ସାହୁ, ମହେନ୍ଦ୍ର ବିଶ୍ୱାଳ, ହେମନ୍ତ ରାଉତ, ସରୋଜ କୁମାର ଭଦ୍ରା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ଭାଜପା ସଦସ୍ୟା ଝୁନୁରାଣୀ ଦାସ ଓ ବର୍ଷାରାଣୀ ପଲେଇ କାର୍ଯ୍ୟକ୍ରମ ପରିଚଳନା କରିଥିଲେ।

# ସୁନାହାର ଲୁଟ ମାମଲା: ୩ ଗିରଫ

**କଟକ,୨୦।୧୦(କାର୍ତ୍ତିକ ସାହୁ)**

ମହିଳାଙ୍କ ବେକରୁ ସୁନାହାର ଲୁଟ୍ ଅଭିଯୋଗରେ ମଙ୍ଗଳାବାଗ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହେଲେ କଟକ ଯୋବ୍ରା ମାଟିଆମଙ୍ଗଳା ସାହିରେ ରହୁଥିବା ଗଞ୍ଜାମ ବିରଜିପୁର ବଜାରର ପି.ରାଜୁ (୫୯), ସଙ୍ଗୀତା (୩୯) ଓ ଏସ୍.ଜ୍ୟୋତି (୩୫)। ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ହାରର କିଛି ଅଂଶ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ ଜୁଲାଇ ୨୨ ତାରିଖରେ ବାଦାମବାଡ଼ି ରକ୍ସିଲେନ୍‌ର ଦୀପକ କୁମାର ଜେନା ତାଙ୍କ ସ୍ତ୍ରୀଙ୍କୁ ନେଇ ପୂଜାର୍ଚ୍ଚନା କରିବାକୁ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରକୁ ଯାଇଥିଲେ। ସେହି ସମୟରେ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଦୀପକଙ୍କ ସ୍ତ୍ରୀ ମନ୍ଦିର ଭିତରକୁ ଯିବାବେଳେ ତାଙ୍କ ପଛରେ ଆଉ ଦୁଇ ମହିଳା ଯାଇଥିଲେ। ସେମାନଙ୍କ ସହ ଯାଇଥିବା ଜଣେ ପୁରୁଷ ବ୍ୟକ୍ତି ମନ୍ଦିର ବାହାରେ ଠିଆ ହୋଇଥିଲେ। ଦୀପକଙ୍କ ସ୍ତ୍ରୀ ମହାଦେବଙ୍କୁ ଜଳାଭିଷେକ କରୁଥିବାବେଳେ ମହିଳାଦ୍ୱୟ କୌଶଳକ୍ରମେ ତାଙ୍କ ବେକରୁ ସୁନାହାର ଲୁଟ୍ କରି ଚମ୍ପଟ ମାରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ୩ ଅଭିଯୁକ୍ତ ଏକତ୍ର ଭାବେ ଏକାଧିକ କ୍ୟାମେରାରେ ଦେଖିବାକୁ ମିଳିଥିଲା। ତଦନ୍ତବେଳେ ଅଧିକ ସୂଚନା ମିଳିବା ପରେ ପୋଲିସ ଯୋବ୍ରାରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ରବିବାର ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଆହେ ଚକା ଆଖି'ର ଏକ ଦୃଶ୍ୟ।

# 'ଖାଦ୍ୟ ପରିବେଷଣରେ ସ୍ୱଚ୍ଛତା ଜରୁରୀ'

**କଟକ,୨୦।୧୦ (କାର୍ତ୍ତିକ ସାହୁ)**

କଟକ କ୍ୟାଟରିଂ ସଂଘର ଷଷ୍ଠ ବାର୍ଷିକ ଉତ୍ସବ ବକ୍ରକବାଟି ରୋଡ୍‌ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀକାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଖାଦ୍ୟ ପରିବେଷଣରେ ସ୍ୱଚ୍ଛତା ଜରୁରୀ ବୋଲି କହିଛନ୍ତି। ଏଥିରେ ମୁଖ୍ୟବକ୍ତା ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସମ୍ମାନିତ ଅତିଥି ଭାବେ ଭାରତ ମସଲାର ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡା, ଅନ୍ୟ ଅତିଥି ଭାବେ ଓଡ଼ିଶା କ୍ୟାଟରିଂ ସଂଘର ଉପଦେଷ୍ଟା ନବ ପଟ୍ଟନାୟକ, ଅଧ୍ୟକ୍ଷ ଅନୁପ ବଗାଇ, ସଭାପତି ବିନୟ ଭୂଷଣ ପଟ୍ଟନାୟକ, ସାଧାରଣ ସମ୍ପାଦକ



ବାର୍ଷିକ ଉତ୍ସବରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟମାନେ।

**କଟକ କ୍ୟାଟରିଂ ସଂଘର ବାର୍ଷିକ ଉତ୍ସବ**

ଦେବୀ ପ୍ରସାଦ ରଥ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ରଘୁନାଥ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଂଘର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ସଂଘର ଉପଦେଷ୍ଟା ବୃନ୍ଦାବନ ସ୍ୱାଇଁ, ସହ ସମ୍ପାଦକ ଧବଳ କୁମାର ସାହୁ, କୋଷାଧ୍ୟକ୍ଷ ନଗେନ ସାମଲ, ସହ କୋଷାଧ୍ୟକ୍ଷ ଦିବାକର ବେହେରା, ସଂଯୋଜକ ଅଖିଳ ପ୍ରସାଦ ମହାପାତ୍ର ଏବଂ କେଦାର ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଶୃଙ୍ଖଳିତ ଲକ୍ଷ୍ମୀପୂଜା ଭସାଣି ଉପରେ ଗୁରୁତ୍ୱ

**ଅଶ୍ଳୀଳ ସଙ୍ଗୀତ ପରିବେଷଣ, ମଦ୍ୟପାନ ମନା**

- ସହରରେ ମୁତୟନ ହେବେ ୩ ପ୍ଲାଟୁନ ଫୋର୍ସ
- ସନ୍ଧ୍ୟା ୬ଟାରେ ଆରମ୍ଭ ହେବ ଭସାଣି ଶୋଭାଯାତ୍ରା


ବୈଠକରେ ଏସ୍‌ପି ସାଗରିକା ନାଥ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୨୦।୧୦(ପ୍ରଭାତ ପାଣିଗ୍ରାହୀ)**

ଚଳିତ ବର୍ଷ ଖୋର୍ଦ୍ଧା ସହରର ୩୬ଟି ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ଆସନ୍ତା ୨୩ତାରିଖରେ ମିଳିତ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ବ୍ୟବସ୍ଥିତ ଓ ଶୃଙ୍ଖଳିତ ଭସାଣୀ ଉତ୍ସବ ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ରବିବାର ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ପୂଜା କମିଟି ସଦସ୍ୟ ଯୋଗ ଦେଇଥିଲେ। ଶୃଙ୍ଖଳିତ ଭାବେ ଭସାଣି ଉପରେ ଏସ୍‌ପି ଗୁରୁତ୍ୱରୋପ କରିଛନ୍ତି। ପ୍ରଶାସନ ଓ ପୂଜା କମିଟି ସମନ୍ୱୟ ରଖି ଭସାଣି ଆୟୋଜନ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ଶୋଭାଯାତ୍ରାରେ ଡାକବାଜି ଯନ୍ତ୍ର ବ୍ୟବହାର ଲାଗି ପୂଜା କମିଟି ଅନୁମତି ନେବେ। ଶୋଭାଯାତ୍ରା ସମୟରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଗାଇଡ୍‌ଲାଇନ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଅତି ଶବ୍ଦଭେଦୀ ବାଣ ଓ ଡାକବାଜି ଯନ୍ତ୍ର ବ୍ୟବହାର କରିବେ ନାହିଁ। ଡାକବାଜି ଯନ୍ତ୍ରର ବ୍ୟବହାର ଯେପରି ଶବ୍ଦ ୬୫ ଡେସିବିଲ୍‌ରୁ ଅଧିକ ବ୍ୟବହାର କରିବେ ନାହିଁ। ଅଶ୍ଳୀଳ ସଙ୍ଗୀତ ପରିବେଷଣ କରିବେ ନାହିଁ। ଚଳିତ ବର୍ଷ ଡିଜେ ଓ ଲେଜର ଲାଇଟ ବ୍ୟବହାର ଉପରେ କଟକଣା କରାଯାଇଛି। କେହି ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସାଦା ପୋଷାକରେ ପୋଲିସ ତଦାରଖ କରିବେ। ଭସାଣୀ ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ଆଇନଶୃଙ୍ଖଳା, ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। ସହରରେ ୩ ପ୍ଲାଟୁନ ଫୋର୍ସ, ପୋଲିସ ଅଫିସର ନିୟୋଜିତ ରହିବେ। ଭିଡ଼ ନିୟନ୍ତ୍ରଣ ଲାଗି ଶୋଭଯାତ୍ରା ଦେଇ ଯିବାକୁ ଥିବା ରାସ୍ତାକୁ ସଂଯୋଗ କରୁଥିବା ଗଳି ବନ୍ଦ କରାଯିବ। ଏଥିରେ ସହରବାସୀଙ୍କ ସହଯୋଗ ଜରୁରୀ। ଭସାଣି ସମୟରେ ସହର ଦେଇ ଭାରିଯାନ ଚଳାଚଳକୁ ବନ୍ଦ ରହିବ।

ସମସ୍ତ ପୂଜା କମିଟି ପୂର୍ବାହ୍ନ ୧୧ଟାରେ ପ୍ରସ୍ତୁତି ଆରମ୍ଭ କରିବେ, ଅପରାହ୍ନ ୪ଟା ସୁଦ୍ଧା ଭସାଣି ସ୍ଥଳରେ ପହଞ୍ଚିବେ। ସନ୍ଧ୍ୟା ୬ଟାରେ ଭସାଣି ଶୋଭାଯାତ୍ରା ଆରମ୍ଭ ହେବ। ରାତି ୧୦ଟା ସୁଦ୍ଧା ସମାପନ ହେବ। ଶୋଭାଯାତ୍ରା ବେଳେ ପୂଜା କମିଟି ଶୃଙ୍ଖଳା ବଜାୟ ରଖିବେ। ମଦ୍ୟପାନ ଉପରେ କଟକଣା ଜାରି କରାଯାଇଛି। ଏଥିପ୍ରତି କମିଟି କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। ସମସ୍ତ ପୂଜା କମିଟି ବିଜେବି ହାଇସ୍କୁଲ ପଡ଼ିଆ ନିକଟରେ ପହଞ୍ଚିବେ। ସେଠାରୁ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଜଣକ ପଛରେ ଜଣେ ରହିବେ। ଲମ୍ବାଧାଡିରେ ନୟାଗଡ ରୋଡକୁ ବାହାରି ପୁରୁଣା ବସଷ୍ଟାଣ୍ଡ, ଟ୍ରାଫିକ ଛକ, ସମବାୟ ଛକ, ଏସ୍‌ବିଆଇ ଛକ, ନୂଆବସଷ୍ଟାଣ୍ଡ ରୋଡ ଦେଇ ନୂଆବସଷ୍ଟାଣ୍ଡରୁ ଟିଏଲ୍‌ସି ଦେଇ ପୌର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବେ। ସେଠାରେ ପର୍ଯ୍ୟାପ୍ତ ମାତ୍ରାରେ ଆଲୋକ ବ୍ୟବସ୍ଥା କରାଯିବ। ଭସାଣୀ ସମୟରେ କୌଣସି ଅଘଟଣକୁ ଦୃଷ୍ଟିରେ ରଖି ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶାନ୍ତନୁ ମହାନ୍ତି, ସଦର ଏସ୍‌ଡିପିଓ ଅନିଲ ମହାନ୍ତି, ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ସମେତ ସମସ୍ତ ପୂଜା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭସାଣି ଶ୍ରେୟ ପାଇଁ କସରତ ଚର୍ଚ୍ଚା

ଖୋର୍ଦ୍ଧା,୨୦।୧୦(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧାରେ କୁମାରୋତ୍ସବଠାରୁ ଆରମ୍ଭ ହୋଇଛି ଗଜଲକ୍ଷ୍ମୀ ପୂଜା। ଖୋର୍ଦ୍ଧାରେ ଏହା ଏକ ଗଣପର୍ବରେ ପରିଣତ ହୋଇଥିବାବେଳେ ଭାଇଚାରା ବାର୍ତ୍ତା ବହନ କରୁଛି। ଗତ କିଛିବର୍ଷ ଧରି ମିଳିତ ଭସାଣି ଉତ୍ସବ ଆୟୋଜନ ହୋଇଆସୁଛି। ତେବେ ପୂଜା ଓ ଭସାଣି ଉତ୍ସବକୁ ନେଇ ୩ଥର ବୈଠକ ବସିଲାଣି। ଭସାଣୀ ଉତ୍ସବ ଶ୍ରେୟ ନେବା ପାଇଁ ଏକ ପ୍ରକାର କସରତ ଚାଲିଥିବା ଚର୍ଚ୍ଚା ହେଉଛି। ପ୍ରଥମେ ଜିଲା ପ୍ରଶାସନ ଆନୁକୂଲ୍ୟରେ ପୌର ପ୍ରଶାସନ, ପୋଲିସ, ସମସ୍ତ ପୂଜା କମିଟି କର୍ମକର୍ତ୍ତା ଏବଂ ବିଭାଗୀୟ ଅଧିକାରୀଙ୍କୁ ନେଇ ଟାଉନ ହଲରେ ବୈଠକ ବସିଥିଲା। ପରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସଭାପତିତ୍ୱରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। ରବିବାର ଏସ୍‌ପିଙ୍କ ସଭାପତିତ୍ୱରେ ତାଙ୍କ କାର୍ଯ୍ୟାଳୟରେ ବୈଠକ ହୋଇଯାଇଛି। ବାରମ୍ବାର ବୈଠକକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି।

## ତହସିଲଦାରଙ୍କ ବଦଳି ବାତିଲ ପାଇଁ ଦାବି

**କଣାସ,୨୦।୧୦(ବିଭୂତି ଭୂଷଣ ତ୍ରିପାଠୀ)**

ରାଜ୍ୟ ସରକାର ରେଭିନ୍ୟୁ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ପତ୍ରସଂଖ୍ୟା–୩୫୬୦୮ରେ ଓଡ଼ିଶାର ବିଭିନ୍ନ ଜିଲାର ତହସିଲ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ୧୧୮ଜଣ ଓଏଏସ୍ ଅଧିକାରୀଙ୍କ ବିଭିନ୍ନ ତହସିଲ ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ପ୍ରକାଶ ପାଇଛି। କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ସତ୍ୟବାଦୀ ତହସିଲ୍‌ଦାର ଭାବେ ବଦଳି କରାଯାଇଥିବା ବେଳେ ଏହି ବଦଳିକୁ ନେଇ କଣାସ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇବା ସହ ତହସିଲ୍‌ଦାରଙ୍କୁ ବଦଳି ନ କରିବା ପାଇଁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ନିକଟରେ ବହୁ ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ତହସିଲଦାର ପାଣିଗ୍ରାହୀ ୨୦୨୩ ଜାନୁଆରୀରେ କଣାସ ତହସିଲ୍‌ଦାର ଭାବେ ଯୋଗଦେଇଥିଲେ। ସେ କାର୍ଯ୍ୟରେ ଯୋଗଦେବା ସମୟରେ ୨୦ବର୍ଷ ତଳର କାଗଜପତ୍ର କାମ ନ ହୋଇ କଣାସ ତହସିଲ୍‌ରେ ପଡ଼ି ରହିଥିବାରୁ ଅଗ୍ରାଧିକାର ଭିତ୍ତିରେ ସେଗୁଡ଼ିକ ସମାଧାନ କରିବା ସହିତ ଜନସାଧାରଣଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରମାଣପତ୍ର ଆବେଦନ କରୁଥିବାରୁ ସେଗୁଡ଼ିକ ସଙ୍ଗେ ସଙ୍ଗେ ପ୍ରଦାନ କରୁଥିଲେ। ଦୁଇଦିନ ତଳେ ଅନୁଷ୍ଠିତ ହୋଇଥିବା ରୋଗୀ କଲ୍ୟାଣ ସମିତି ବୈଠକରେ କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ନୀଳାଚଳ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଗଜେନ୍ଦ୍ର, ସାମାଜିକ କର୍ମୀ ଶ୍ରୀକାନ୍ତ ପାଢୀଯୋଷୀ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଓ ଅନେକ ଲୋକ ପ୍ରତିନିଧି ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଭେଟି ବଦଳି ବାତିଲ୍ କରିବା ପାଇଁ ଦାବି କରିଥିଲେ।

## ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନର ବାର୍ଷିକୋତ୍ସବ

**ଭୁବନେଶ୍ୱର,୨୦।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନର ବାର୍ଷିକ ଉତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁମ୍ବାଇ ସିନେ ୱାର୍କର୍ସ ଆସୋସିଏଶନ ସଭାପତି ସୁରେଶ ଶ୍ୟାମଲାଲ ଗୁପ୍ତା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ୧୦ମ ସିନେ ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଶାର ୧୦୦ଜଣ କଳାକାରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପ୍ରଯୋଜକ ରମେଶ ବାରିକ, ପ୍ରୀତମ, ଅଭିନେତ୍ରୀ ଶୀତଲ ପାତ୍ର, ଅନନ୍ୟା, ଶକ୍ତି ବରାଳ, ଅଭିଷେକ ଗିରି, ଉପସ୍ଥାପକ କେପି ପ୍ରମୁଖଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ସଂଘ ଉପଦେଷ୍ଟା ଶ୍ୟାମା ପ୍ରସାଦ ମିଶ୍ର, ଡ. ରଜନୀ ରଞ୍ଜନ, ପ୍ରଶାନ୍ତ ପାଢ଼ୀ, ପୁଷ୍ପା ପଣ୍ଡା, ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବାଙ୍କୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

## ବାଙ୍କୀର କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ

**ବାଙ୍କୀ ମହୋତ୍ସବର ୪ର୍ଥ ସନ୍ଧ୍ୟା**

**କଳାପଥର,୨୦।୧୦(ଗଙ୍ଗାଧର ସାହୁ)**

ବାଙ୍କୀ ମହୋତ୍ସବର ୪ର୍ଥ ସନ୍ଧ୍ୟା ଉତ୍ସବ ରବିବାର କଚେରୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସଭାପତି ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାମୂହିକ ସଙ୍ଗୀତ ଗାନ ପରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ତଥା ମହୋତ୍ସବ ଉପସଭାପତି ପ୍ରଣବ କିଶୋର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। 'ସମ୍ବାଦ' ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଙ୍କୀର ଉଚ୍ଚ ସାଂସ୍କୃତିକ ଐତିହ୍ୟର ପ୍ରସାର ଓ ପ୍ରଚାର ଲକ୍ଷ୍ୟ ନେଇ ମହୋତ୍ସବ ଆରମ୍ଭ ହୋଇଛି ବୋଲି କହିଥିଲେ। ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଙ୍କୀର କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସମାଜର ସଭାପତି ଗୋବିନ୍ଦ ଚାନ୍ଦ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହୋତ୍ସବ ଉପସଭାପତି ଭାଗୀରଥି ପାଣି, ସୁରଞ୍ଜନ ପଣ୍ଡା, ଗତିକୃଷ୍ଣ ସ୍ୱାଇଁ, ଅନନ୍ତ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ଅତିଥି ଭାବେ ମହୋତ୍ସବ କାର୍ଯ୍ୟକାରୀ ସଭାପତି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କବୟିତ୍ରୀ ଅମୂଲ୍ୟବାଳା ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଚରଣ ତଳେ ମୋ ଲୁହ ଡାଳେ' ଉନ୍ମୋଚିତ ହୋଇଥିଲା। ବାଙ୍କୀ ସହରରେ ପ୍ରତିଷ୍ଠା ହୋଇଥିବା ମେଢଗୁଡ଼ିକର ମୂଲ୍ୟାୟନ କରାଯାଇ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ମେଢକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଭରତ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଭୁବନେଶ୍ୱର କଳା କେନ୍ଦ୍ରର ନୂଆ କାର୍ଯ୍ୟକାରିଣୀ କମିଟି

ଭୁବନେଶ୍ୱର,୨୦।୧୦(ଶର୍ମିଷ୍ଠା ପାଣିଗ୍ରାହୀ): ଭୁବନେଶ୍ୱର କଳା କେନ୍ଦ୍ରର କାର୍ଯ୍ୟକାରିଣୀ କମିଟି ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ନମିତା ଭଟ୍ଟାଚାର୍ଯ୍ୟ ଆଗାମୀ ତିନିବର୍ଷ ପାଇଁ ନିର୍ବାଚିତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ସଭାପତି ଭାବେ ସୀତାକାନ୍ତ ମହାନ୍ତି, ଉପସଭାପତି ନାଗାର୍ଜୁନ ସେଠୀ, ସାଧାରଣ ସମ୍ପାଦକ ମିନକେତନ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ହେମନ୍ତ ପରମଗୁରୁ, କାର୍ଯ୍ୟାଳୟ ସମ୍ପାଦକ ଉପେନ୍ଦ୍ର ପତି, କୋଷାଧ୍ୟକ୍ଷ ଅଶୋକ ଦାସ ଏବଂ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ପ୍ରଣବ ଦାସ, ତ୍ରିନାଥ ପଲେଇ, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ଧନେଶ୍ୱର ସାହୁ, ଅଶୋକ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି।

## କବି ଆର୍ତ୍ତତ୍ରାଣ ସାହୁଙ୍କୁ ଗ୍ଲୋବାଲ ଆଇକନ ଆୱାର୍ଡ


କବି ଆର୍ତ୍ତତ୍ରାଣ ସାହୁଙ୍କୁ ଗ୍ଲୋବାଲ ଆଇକନ ଆୱାର୍ଡ ପ୍ରଦାନ କରାଯାଉଛି।

**ନିରାକାରପୁର,୨୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ଅଞ୍ଚଳର ଲଳିତ କବି ଡ. ଆର୍ତ୍ତତ୍ରାଣ ସାହୁ ସମ୍ମାନଜନକ ଗ୍ଲୋବାଲ ଆଇକନ ଆୱାର୍ଡ–୨୦୨୪ରେ ସମ୍ମାନିତ ହୋଇଛନ୍ତି। ଥାଇଲାଣ୍ଡର ପଟ୍ଟାୟାଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଣ୍ଟରନ୍ୟାଶନାଲ ୱେଲଫେୟାର ହ୍ୟୁମାନ ରାଇଟ୍ ଫାଉଣ୍ଡେଶନ ଅଧ୍ୟକ୍ଷ ଡ. ରାମ ଅବତାର ଶର୍ମା, ସ୍ୱତନ୍ତ୍ର ଅତିଥି ଗୁରୁମା କମଳ ରାଣୀ ଓ ସାମାଜିକ କର୍ମୀ ଉଷାରାଣୀ ଗାନ୍ଧୀ ପ୍ରମୁଖ ଯୋଗଦେଇ ସାହିତ୍ୟ କ୍ଷେତ୍ରରେ ଡ. ସାହୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ତାଙ୍କ ସହଧର୍ମିଣୀ ମିନତି ସାହୁ ମଧ୍ୟ ଉପସ୍ଥିତ ଥିଲେ। ତାଙ୍କର ୨୦୧୮ରୁ ୨୦୨୩ ମଧ୍ୟରେ ଡ. ସାହୁ ସତ୍ୟାନୁସରଣ, ସତ୍ୟାନୁସନ୍ଧାନ, ସତୀ ଉପାଖ୍ୟାନ, ସତ୍ୟ ଧର୍ମ, ଶିବ ସ୍ୱରୂପ, ସଙ୍କଟ ମୋଚନ, ସକଳ ତୀର୍ଥ ସରିତ, ଶାଶ୍ୱତ, ଶୀଙ୍କ ଗଣେଶ ଓ ଅଭୁଲା ସ୍ମୃତି ଭଳି ୧୦ ଖଣ୍ଡ ପ୍ରମୁଖ ପୁସ୍ତକ ରଚନା କରିଛନ୍ତି। ଏହି ପୁରସ୍କାର ମିଳିବା ପରେ ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଓସିଏସ୍‌ରେ ସୁଶ୍ରୀ ଶିବାନୀ, ରାକେଶଙ୍କ କୃତିତ୍ୱ





**ବାଣପୁର,୨୦।୧୦(ଦିଲୀପ କୁମାର ସ୍ୱାଇଁ)**

ରାଜ୍ୟ ପ୍ରଶାସନିକ ସେବା ୨୦୨୨ରେ ପ୍ରଥମ ଥର ପାଇଁ ଗୋଟିଏ ବର୍ଷରେ ବାଣପୁର ଅଞ୍ଚଳର ୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଭୀମପୁର ଗୋଡ଼ିପଦର ସାହିର ସୁଶ୍ରୀ ଶିବାନୀ ରାଉତ ୧୭୦ତମ ସ୍ଥାନ ହାସଲ କରିଥିବାବେଳେ ଭାପୁର ଗ୍ରାମର ରାକେଶ କୁମାର ଜେନା ୨୪୭ତମ ସ୍ଥାନ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ଶିବାନୀ ହେଉଛନ୍ତି ନାରାୟଣ ରାଉତ ଏବଂ କବିତା ରାଉତଙ୍କ ଝିଅ। ନାରାୟଣ ବ୍ୟବସାୟୀ ହୋଇଥିବାବେଳେ କବିତା ଗୃହିଣୀ। ୪ ବର୍ଷ ଧରି ଶିବାନୀ ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ୨ୟ ଚେଷ୍ଟାରେ ଚଳିତବର୍ଷ ସଫଳତା ହାସଲ କରିଛନ୍ତି। ସମାଜର ନିଷ୍ପେଷିତ ଏବଂ ଅସହାୟ ଜନ ସାଧାରଣଙ୍କୁ ସହଯୋଗ କରିବା ଜୀବନର ପ୍ରାଥମିକତା ରହିବ ବୋଲି ସୁଶ୍ରୀ ଶିବାନୀ କହିଛନ୍ତି। ରାକେଶ ହେଉଛନ୍ତି ପ୍ରକାଶ ଜେନା ଏବଂ ରୀନା ଜେନାଙ୍କ ବଡ଼ ପୁଅ। ପ୍ରକାଶ ବିଦେଶରେ ଶ୍ରମିକ ଭାବେ କାର୍ଯ୍ୟରତ ଥିବାବେଳେ ରୀନା ଜଣେ ଗୃହିଣୀ। ବର୍ତ୍ତମାନ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପଢିବା ସହ ୭ ବର୍ଷ ହେଲା ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି ଚଳାଇଥିଲେ। ତେବେ ସେ ପ୍ରଥମ ଥର ଏହି ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବହନ ସେବାରେ ଉନ୍ନତିର ଆବଶ୍ୟକତା ରହିଥିବାବେଳେ ଧୈର୍ଯ୍ୟର ସହ ନିୟମିତ କଠିନ ପରିଶ୍ରମ କଲେ ସୁନିଶ୍ଚିତ ସଫଳତା ମିଳିବ ବୋଲି ରାକେଶ କହିଛନ୍ତି।

## ଓସିଏସ୍‌ରେ ଉତ୍ତୀର୍ଣ୍ଣ ହେଲେ ପ୍ରିୟଙ୍କା, ସୁଦର୍ଶନ

**କଣାସ,୨୦।୧୦(ବିଭୂତି ଭୂଷଣ ତ୍ରିପାଠୀ)**





କଣାସ ବ୍ଲକ ହରଷପଡା ଗ୍ରାମର ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶ୍ୱାଳ ୨୦୨୨–୨୩ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ୨୨ନମ୍ବର ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେ ୨୦୨୧–୨୨ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ୧୧୭ ନମ୍ବର ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବାରୁ ପୁନଶ୍ଚ ପରୀକ୍ଷା ଦେଇଥିଲେ। ତାଙ୍କର ପିତା ବିଦ୍ୟାଧର ବିଶ୍ୱାଳ ଜଣେ ପ୍ରାଥମିକ ଶିକ୍ଷକ ଓ ମାତା ମିନତୀ ବିଶ୍ୱାଳ ଜଣେ ସାମାଜିକ କର୍ମୀ। ସେହିପରି କଉଡ଼ିଖଣି ଗ୍ରାମର ସୁଦର୍ଶନ ବେହେରା ୨୦୨୨–୨୩ ଓସିଏସ୍ ପରୀକ୍ଷାରେ ୫୩୯ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସୁଦର୍ଶନ ରେଳ ବିଭାଗରେ ଚାକିରି କରି ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଖବର ତାଙ୍କ ଗ୍ରାମ କଉଡ଼ିଖଣିରେ ପହଞ୍ଚିବା ପରେ ଆନନ୍ଦର ଲହରି ଖେଳିଯାଇଛି।

## ୩ ମହିଳାଙ୍କୁ କଟୁରିରେ ହାଣି ଯୁବକ ଗିରଫ

**ନିମାପଡ଼ା,୨୦।୧୦(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ଅଧୀନ ଅରିଷଣ୍ଡ ପଞ୍ଚାୟତର ପଡ଼ାଗୁଆଡିରା ଗ୍ରାମରେ ଶନିବାର ଜଣେ ଯୁବକ ୩ ଜଣ ମହିଳାଙ୍କୁ କଟୁରିରେ ହାଣିଛନ୍ତି। ଏଥିରେ ଗ୍ରାମର ଛବି ଭୋଇ, ମନି ଭୋଇ, ଅହଲ୍ୟା ଭୋଇ ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ଆହତ ଛବିଙ୍କ ପୁଅ ଟୁଲୁ ଭୋଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆକ୍ରମଣକାରୀ ଯୁବକ ଗ୍ରାମର ସରୋଜ ଭୋଇ(୨୫)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏଥିରେ ୩୩୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସରୋଜଙ୍କଠାରୁ ରକ୍ତଭିଜା କଟୁରି ଜବତ କରିଛି।

ଅପରାହ୍ନ ସମୟରେ ଗଜଲକ୍ଷ୍ମୀ ମଣ୍ଡପ ନିକଟରେ ଟୁଲୁଙ୍କ ମା' ଛବି, ଭାଉଜ ମିତା ଭୋଇ, ଅହଲ୍ୟା, ମନି, ପିଣ୍ଟୁ ଭୋଇ ପ୍ରମୁଖ ବସି କଥା ହେଉଥିଲେ। ଏହି ସମୟରେ ସରୋଜ କଟୁରି ଧରି ସେଠାରେ ପହଞ୍ଚି କୌଣସି ଏକ କାରଣକୁ ନେଇ ମହିଳାମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ପରେ କ୍ରୋଧାନ୍ୱିତ ହୋଇ ଛବି, ଅହଲ୍ୟା ଓ ମନିଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଏହା ଦେଖି ମିତା ଓ ପିଣ୍ଟୁ ସେଠାରୁ ଭୟରେ ପଳାଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ଆହତ ମହିଳାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ।

## ଦୁଇଟି ଭାଷା ମଧ୍ୟରେ ଯୋଗସୂତ୍ର ସ୍ଥାପନ କରେ ଅନୁବାଦ ସାହିତ୍ୟ

**ଖୋର୍ଦ୍ଧା,୨୦।୧୦(ପ୍ରଭାତ ପାଣିଗ୍ରାହୀ)**

ବିଜ୍ଞାନର ଅଭୁତପୂର୍ବ ବିକାଶ ଯୋଗୁ ଗୋଟିଏ ଦେଶର ଚିନ୍ତା ଚେତନା ଅକ୍ଳେଶରେ ଅନ୍ୟ ଏକ ଦେଶକୁ ସମ୍ପ୍ରସାରିତ ହୋଇଯାଉଛି। ସାହିତ୍ୟ ମଧ୍ୟ ସେଥିରୁ ବାଦ୍ ପଡ଼ିନାହିଁ। ଏ କ୍ଷେତ୍ରରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି 'ଆମରି ସତ୍ୟ ବିକାଶ ପରିଷଦ' ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସଭାପତିତ୍ୱ କରି କହିଥିଲେ, ଅନୁବାଦ ସାହିତ୍ୟ ବିଶ୍ୱ ମାନବ ପାଇଁ ଏକ ଗବାକ୍ଷ। ଏହା ଏକ କଳା। ଏହା ଦୁଇଟି ଭାଷା ମଧ୍ୟରେ ଯୋଗ ସୂତ୍ର ସ୍ଥାପନ କରିଥାଏ ବୋଲି ସେ କହିଥିଲେ। ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଅନୁବାଦକ ଆଶିଷ କୁମାର ରାୟ ଯୋଗଦେଇ ନିଜର ବିଭିନ୍ନ ଅନୁବାଦ ସାହିତ୍ୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ ପ୍ରାଚୀନ ସାହିତ୍ୟକୁ ବିଭିନ୍ନ ଯଶସ୍ୱୀ ଲେଖକ ତଥା କବିମାନଙ୍କ ଅନୁବାଦ ସାହିତ୍ୟ ଯେଭଳି ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛି ସେ ନେଇ ଏକ ବିସ୍ତୃତ ରେଖାପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ କହିଥବଲେ, ଅନୁବାଦ ସାହିତ୍ୟ ଆମକୁ ବିଭିନ୍ନ ଭାଷା ସହିତ ସମ୍ପର୍କ ସ୍ଥାପନ କରିବାରେ ସହାୟତା ହୋଇଥାଏ। ପ୍ରାରମ୍ଭରେ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣରେ ଅନୁବାଦ ସାହିତ୍ୟର ବିଭିନ୍ନ ଦିଗ ଉପରେ ରେଖାପାତ କରିଥିଲେ। ଓଡ଼ିଆ ଅସ୍ମିତାକୁ ବିଭିନ୍ନ ରାଜ୍ୟରେ ପହଞ୍ଚାଇବା ପାଇଁ ଅନୁବାଦ ସାହିତ୍ୟ ଏକ ପ୍ରତିଷ୍ଠିତ ମାର୍ଗ ବୋଲି ପଣ୍ଡିତ ରମାକାନ୍ତ ମିଶ୍ର, ମାର୍ଗଦର୍ଶୀ ସମ୍ପାଦକ ଉମାଶଙ୍କର ପ୍ରସାଦ, ବ୍ରଜବନ୍ଧୁ ନାଏକ, ଆଦି ନାରାୟଣ ଖଣ୍ଡୁଆଳ ପ୍ରମୁଖ କହିଥିଲେ। ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। କବିତାପାଠକୁ ଗୋବିନ୍ଦ ଚନ୍ଦ୍ର ମହାରଣା, ଆରତୀ ମଞ୍ଜରୀ ଦାଶ ଓ ସୌଦାମିନୀ ପଟ୍ଟନାୟକ ସଂଯୋଜନା କରିଥିଲେ। ବାଇଧର ମିଶ୍ର, ବିଜୟାନନ୍ଦ ପଟ୍ଟନାୟକ, ପଦ୍ମଲୋଚନ ସାହୁ, ଗୋବିନ୍ଦ ଚନ୍ଦ୍ର ମହାରଣା, ଆରତୀ ମଞ୍ଜରୀ ଦାଶ, ନଳିନୀ ଦାଶ, ସୌଦାମିନୀ ପଟ୍ଟନାୟକ, ନାରାୟଣ ଦାସ, ବସନ୍ତ କୁମାର ପାଢଶାଣୀ, ପ୍ରଦୀପ କୁମାର ବେହେରା, କିଶୋର ଚନ୍ଦ୍ର ପାଇକରାୟ, ଅର୍ଜୁନ ବାରିକ, ରାଜଶ୍ରୀ ରାୟ, ପ୍ରଭାସ ମଙ୍ଗରାଜ, ବିଜୟ କୁମାର ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ସାହିତ୍ୟିକ ଓ ଅନ୍ୟମାନେ।

# ବତୀଘର ଆମ ଐତିହାସିକ ବୈଭବର ପରିଚୟ: ମୁଖ୍ୟମନ୍ତ୍ରୀ

## 'ଲାଇଟ୍‌ହାଉସ ପର୍ଯ୍ୟଟନ ମହୋତ୍ସବ' ଉଦ୍‌ଯାପିତ

■ପାରାଦୀପରେ ଜାହାଜ ନିର୍ମାଣ ଓ ମରାମତି ପାଇଁ କ୍ଲଷ୍ଟରର ବିକାଶ କରାଯିବ: ସୋନୱାଲ



'ଲାଇଟ୍‌ହାଉସ ପର୍ଯ୍ୟଟନ ମହୋତ୍ସବ' ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏବଂ ଅନ୍ୟ ଅତିଥି।

ପୁରୀ,୨୦।୧୦(ଅଜିତ୍ କୁମାର ମହାନ୍ତି)

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ପୁରୀରେ ଆୟୋଜିତ ହୋଇଥିବା ଦୁଇଦିନିଆ ଦ୍ୱିତୀୟ ଜାତୀୟ ଲାଇଟ୍ ହାଉସ୍ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଦେଶର ୭୫ଟି ଲାଇଟହାଉସ୍‌ର ବିକାଶ କରାଯାଇଛି। ଏଥିରେ ଓଡ଼ିଶାର ଗୋପାଳପୁର, ପୁରୀ, ଚନ୍ଦ୍ରଭାଗା, ଫଲ୍‌ସ ପଏଣ୍ଟ ଓ ପାରାଦୀପ ଲାଇଟ ହାଉସ୍ ରହିଛି। ଓଡ଼ିଶାର ପର୍ଯ୍ୟଟନସ୍ଥଳଗୁଡ଼ିକ ମଧ୍ୟରେ ବତୀଘର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାନ ପାଇବ। ବତୀଘରକୁ ଯେ ଏକ ପର୍ଯ୍ୟଟନସ୍ଥଳୀ ଭାବେ ବ୍ୟବହାର କରାଯାଇପାରିବ, ଏହା ସାମାନ୍ୟ ଚିନ୍ତାଧାରାର ବାହାରେ ଥିଲା। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ଚିନ୍ତାଧାରା ଓ ଦୂରଦୃଷ୍ଟି ଯୋଗୁ ଆଜି ଆମର ବତୀଘରଗୁଡ଼ିକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାନ ପାଇବା ସହିତ ନୌବାଣିଜ୍ୟ ଐତିହ୍ୟର ପ୍ରସାର କରୁଛନ୍ତି। ଲାଇଟହାଉସଗୁଡ଼ିକୁ ବିକଶିତ କରାଯାଇ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଅନେକ ସୁବିଧାର ବିକାଶ ମଧ୍ୟ କରାଯାଇଛି। ଏହି ଅବସରରେ ସ୍ୟାଣ୍ଡ ଆର୍ଟ, ବୋର୍ଟ ଆର୍ଟ, ବିଚ୍ କ୍ଲିନ୍-ଅପ୍ ଡ୍ରାଇଭ୍, ଯୋଗ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଫୁଡ୍ ଫେଷ୍ଟିଭାଲ୍ ଆଦିର ଆୟୋଜନ ହୋଇଛି। ବତୀଘର ବା ଲାଇଟହାଉସ ଆମ ଐତିହାସିକ ବୈଭବର ପରିଚୟ ଦିଏ। ଇତିହାସରୁ ଜଣାଯାଏ ଯେ, ପ୍ରାଚୀନ ସିନ୍ଧୁ ସଭ୍ୟତାରେ ଏକ ଦୃଢ ନୌବାଣିଜ୍ୟ ପରମ୍ପରା ରହିଥିଲା। ସେ ସମୟରେ ସେଠାରେ ବତୀଘର ପରମ୍ପରା ଥିବାର ଅନୁମାନ କରାଯାଏ। ପ୍ରାଚୀନ ଭାରତରେ ତାମିଲନାଡୁର ମହାବଳୀପୁରମଠାରେ ଥିବା ଓଲାକାନେଶ୍ୱର ମନ୍ଦିର ଏକ ବତୀଘର ଭାବେ ବ୍ୟବହୃତ ହେଉଥିବାର ପ୍ରମାଣ ମିଳେ। ତେଣୁ ଭାରତର ନୌବାଣିଜ୍ୟ ପରମ୍ପରା ଓ ବତୀଘରର ପ୍ରଚଳନ ଯେ ବହୁ ପୁରାତନ, ଏଥିରେ ସନ୍ଦେହ ନାହିଁ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ବର୍ତ୍ତମାନ ସରକାର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଦେଇଥିବାବେଳେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ୫୦୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରିଛନ୍ତି। ଶୃଙ୍ଖଳିତ ନୀତିକାନ୍ତି ଓ ସୁରକ୍ଷିତ ଦର୍ଶନ ବ୍ୟବସ୍ଥା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ପାରାଦୀପ ବନ୍ଦରରେ ଦୁଇଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ପାରାଦୀପ ବନ୍ଦରରେ ମାଲ ପରିବହନର ସୁବିଧା ପାଇଁ ଗୋଟିଏ ଫ୍ଲାଇ-ଓଭର ଏବଂ ଚାରିଲେନ୍ ବିଶିଷ୍ଟ ଏକ ସଡ଼କ ନିର୍ମାଣ କରାଯାଇଛି। କାର୍ଗୋ ହାଣ୍ଡଲିଙ୍ଗରେ ସୁବିଧା ପାଇଁ ଏହାର ଆଧୁନିକୀକରଣ କରାଯିବ। ଏହାଦ୍ୱାରା ଘଣ୍ଟାକୁ ୩୦ହଜାର ଟନ ଲୁହାପଥର କାରବାର କରାଯାଇପାରିବ। କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଯୋଗଦେଇ କହିଥିଲେ, ପାରାଦୀପ ବନ୍ଦରର ବିକାଶ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ପାରାଦୀପ ବନ୍ଦରରେ ଜାହାଜ ନିର୍ମାଣ ଓ ମରାମତି ପାଇଁ ଏକ କ୍ଲଷ୍ଟରର ବିକାଶ କରାଯିବ। ଓଡ଼ିଶାର ୪୮୦ କିଲୋମିଟର ଉପକୂଳ ଅଞ୍ଚଳର ସମନ୍ୱିତ ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ବ୍ରାହ୍ମଣୀ ଓ ମହାନଦୀରେ କାର୍ଗୋ ପରିବହନ ପାଇଁ କେନ୍ଦ୍ର ସରକାର ସହଯୋଗ ଯୋଗାଇ ଦେବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ବିଭାଗର ସଚିବ ଟି.କେ. ରାମଚନ୍ଦ୍ରନ୍ ସ୍ୱାଗତ ଭାଷଣ ଦେଇଥିଲେ। ପାରାଦୀପ ବନ୍ଦର ଅଧ୍ୟକ୍ଷ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଶୁତୋଷ


@ ଦେବରାଜ


@ ରାମବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମଦ ବୋତଲରେ ଆକ୍ରମଣ, ବ୍ୟବସାୟୀ ଗୁରୁତର

ବାଲିଅନ୍ତା,୨୦।୧୦(ନୀଳମାଧବ ସାହୁ)

ବାଲିଅନ୍ତା ସାପ୍ତାହିକ ହାଟରେ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମଦ ବୋତଲ ଆକ୍ରମଣରେ ଜଣେ ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବିଶ୍ୱନାଥ ରାଉତ (୪୨)। ତାଙ୍କ ଆଖିପତା ଓ ହାତର ବିଭିନ୍ନ ସ୍ଥାନ କଟିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀ ରମାକାନ୍ତ ରାଉତ (୪୬)ଙ୍କୁ ସ୍ଥାନୀୟ ହାଟ ବ୍ୟବସାୟୀମାନେ ଧରି ବାଲିଅନ୍ତା ପୋଲିସ ଜିମା ଦେଇଛନ୍ତି। ଉଭୟ ବିଶ୍ୱନାଥ ଓ ରମାକାନ୍ତ ସମ୍ପର୍କୀୟ ଭାଇ। ଉଭୟଙ୍କ ଘର କଟକ ସଦର ଥାନା ଅଧୀନ କୁରାଙ୍ଗ ଶାସନ ପଞ୍ଚାୟତର କୁଆଁଇଲୋ ଗ୍ରାମରେ। ତେବେ ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଏହା ପଛରେ ବ୍ୟକ୍ତିଗତ ଶତ୍ରୁତା ଥାଇପାରେ ବୋଲି କୁହାଯାଉଛି। ବିଶ୍ୱନାଥ ହାଟରେ ପନିପରିବା ବିକୁଥିବାବେଳେ ରମାକାନ୍ତ ଏକ ମଦ ବୋତଲରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ସେ ଏଥିରେ ପ୍ରତିବାଦ କରିବାରୁ ରମାକାନ୍ତ ଉକ୍ତ ଭଙ୍ଗା ବୋତଲକୁ ତାଙ୍କ ହାତ ଓ ଆଖିପତାରେ ବାରମ୍ବାର ଆକ୍ରମଣ କରିଥିଲେ। ସ୍ଥାନୀୟ ବ୍ୟବସାୟୀମାନେ ଆସି ରମାକାନ୍ତଙ୍କୁ କାବୁ କରି ପୋଲିସକୁ ଖବର ଦେବା ସହ ବିଶ୍ୱନାଥଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ।





## ବର୍ଜ୍ୟ ରେଳ ଯନ୍ତ୍ରପାତିରୁ କଳାକୃତି

### ପୂର୍ବତଟ ରେଳପଥର ନିଆରା ସ୍ୱଚ୍ଛତା ଅଭିଯାନ

ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)





ସ୍ୱଚ୍ଛତା ଅଭିଯାନକୁ ଭିନ୍ନ ଢଙ୍ଗରେ ପ୍ରୋତ୍ସାହିତ କରୁଛି ପୂର୍ବତଟ ରେଳପଥ। ରେଳ ବର୍ଜ୍ୟବସ୍ତୁ ଓ ଅବ୍ୟବହୃତ ଯନ୍ତ୍ରାଂଶକୁ କଳାକୃତିର ରୂପ ଦିଆଯାଉଛି, ଯାହା ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଡିଜେଲ ଓ ଇଲେକ୍ଟ୍ରିକ୍ ଲୋକୋ ଶେଡ୍, ଟ୍ରାକ୍ସନ ସବ୍‌ଷ୍ଟେଶନ ଏବଂ ଟ୍ରାକ୍ସନ ବଣ୍ଟନ ବିଭାଗର କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଏହି ସୃଜନଶୀଳ ପ୍ରୟାସ ରେଳ ପରିସରର ସୌନ୍ଦର୍ଯ୍ୟକୁ ବୃଦ୍ଧି କରୁଛି। 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ପକ୍ଷ ପାଳନ ଅଭିଯାନର ଏକ ଅଂଶ ଭାବରେ ରେଳ ଇଞ୍ଜିନ ସହିତ ଇଲେକ୍ଟ୍ରିକାଲ ଯନ୍ତ୍ରପାତିଗୁଡିକର ବର୍ଜନ ହୋଇଥିବା ସାମଗ୍ରୀକୁ ବ୍ୟବହାରକରି ରେଳ କର୍ମଚାରୀମାନେ ବିଭିନ୍ନ କଳାକୃତି ଓ ପ୍ରତିକୃତି ନିର୍ମାଣ କରୁଛନ୍ତି। ଏହି ଅବ୍ୟବହୃତ ଯନ୍ତ୍ରପାତି ଓ ଯନ୍ତ୍ରାଂଶଗୁଡିକ ମଧ୍ୟରୁ ବୁଲ୍ ଗିୟର, ଟ୍ରାକ୍ସନ ବାର୍, କମ୍ପ୍ରେସର ଭାଲ୍‌ବ ସହ ଅନ୍ୟାନ୍ୟ ବର୍ଜ୍ୟସାମଗ୍ରୀ ଦ୍ୱାରା କଳାକୃତି ପ୍ରସ୍ତୁତ କରାଯାଉଛି। ଏସବୁକୁ କାର୍ଯ୍ୟସ୍ଥଳ, କାରଖାନା ପରିସର ମଧ୍ୟରେ ସଜାଯାଇଛି। ଏହି କଳାକୃତିଗୁଡିକ ମଧ୍ୟରେ ତ୍ରିରଙ୍ଗା, ଭାରତର ମାନଚିତ୍ର, କୁତବମିନାର, ବ୍ରିଜ୍, ଟନେଲ ଭଳି ବହୁ ପ୍ରସିଦ୍ଧ ଲ୍ୟାଣ୍ଡମାର୍କର ମଡେଲ ଏବଂ ଡାଇନୋସର, ବାଦ୍ୟଯନ୍ତ୍ର ଆଦି ରହିଛି। ଏହି ପଦକ୍ଷେପ ରେଳ କର୍ମଚାରୀଙ୍କ ଦକ୍ଷତା ବିକାଶ ପାଇଁ ଏକ ପ୍ଲାଟଫର୍ମ ଭାବରେ ଉଭା ହୋଇଥିବାବେଳେ ବିଶାଖାପାଟଣା, ବିଜୟନଗରମ ଏବଂ ଆରାକୁ ଆଦି ବିଭିନ୍ନ ସ୍ଥାନରେ ରେଳ କର୍ମଚାରୀମାନେ ଅବକାଶ ସମୟରେ ନିଜ କଳା ମାଧ୍ୟମରେ ଏପରି ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ ହୋଇଥିଲେ।

## ମହାନଦୀରେ ବୁଡ଼ି ଯୁବକ ନିଖୋଜ

କଳାପଥର,୨୦।୧୦(ଗଙ୍ଗାଧର ସାହୁ)

ବାଙ୍କୀ ବ୍ଲକ ପାଟପୁର ପଞ୍ଚାୟତସ୍ଥିତ ମହାନଦୀ କୂଳ ମୁରାରୀପୁର ତୁଠରେ ରବିବାର ଜଣେ ଯୁବକ ଗାଧୋଉଥିବାବେଳେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଡମପଡ଼ା ବ୍ଲକ ଗୋପାଳପୁର ପଞ୍ଚାୟତସ୍ଥିତ ପାଟପୁର ଗ୍ରାମର ଜ୍ଞାନେନ୍ଦ୍ର ବାରିକ(୨୯)। ଜ୍ଞାନେନ୍ଦ୍ର କୌଣସି କାର୍ଯ୍ୟରେ ଅମେରେନ୍ଦ୍ରପୁର ଗ୍ରାମକୁ ଆସିଥିଲେ। ରବବିରା ପୂର୍ବାହ୍ନ ୧୦ ସମୟରେ ସେ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ପ୍ରଖର ସ୍ରୋତ ଥିବାରେ ସେ ବୁଡ଼ି ଯାଇଥିଲେ। ଖବର ପାଇ କଇଁମୁଣ୍ଡି ଫାଣ୍ଡି ଅଧିକାରୀ ଶେକ ସାହା ନୱାଜ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଡମପଡ଼ା ଅଗ୍ନିଶମ ବିଭାଗ ପହଞ୍ଚି ଜ୍ଞାନେନ୍ଦ୍ରଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ।

## ଦୁର୍ଘଟଣା ଘଟାଇ ଫେରାର ଥିବା ବସ୍ ଚାଳକ ଗିରଫ

ତ୍ରିଶୂଳିଆ,୨୦।୧୦
(ତୁଷାରକାନ୍ତ ବେହେରା)

ଏକ ଘରୋଇ ସ୍କୁଲ ବସ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ବସ୍ ଚାଳକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ କଳାରାହାଙ୍ଗ ଗ୍ରାମର ସଞ୍ଜୟ କୁମାର ବେହେରା। ଏଥିସହ ପୋଲିସ ଉକ୍ତ ବସ୍‌କୁ ଜବତ କରିଛି। ସୂଚନାଥାଉ କି, କଲ୍ୟାଣପୁର ଗ୍ରାମର ନିଶା ସାହୁ (୯୦) ଗାଁମୁଣ୍ଡ ନଦୀରେ ଶୌଚ ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ଗାଁ ଭିତରେ ଏକ ଘରୋଇ ସ୍କୁଲ ବସ୍‌ଟି ବୃଦ୍ଧାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଉପସ୍ଥିତ ଗାଁଲୋକ ନିଶାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଉଥିବା ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲରେ ନନ୍ଦନକାନନ ଥାନା ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।



କଟକ ଟାଉନହଲ୍‌ଠାରେ ରବିବାର ଜାଗୃତ ଓଡ଼ିଶା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜାତିସଂଘ ଦ୍ୱାରା ଧାର୍ଯ୍ୟ ଓଡ଼ିଶାର ନିରନ୍ତର ବିକାଶ ଲକ୍ଷ୍ୟ କ୍ଷେତ୍ରରେ ସିଭିଲ ସୋସାଇଟିର ଭୂମିକା ସମ୍ପର୍କରେ ଆୟୋଜିତ କର୍ମଶାଳାରେ ଉପସ୍ଥିତ ବିଭିନ୍ନ ସଙ୍ଗଠନର ସଦସ୍ୟ ଓ କର୍ମକର୍ତ୍ତା।

## ଚିକିତ୍ସା ଅବହେଳାରୁ ଶିଶୁକନ୍ୟାଙ୍କ ଜୀବନଗଲା

■ଥାନାର ଦ୍ୱାରସ୍ଥ ହେଲେ ପରିବାର ସଦସ୍ୟ

■ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କଟକ,୨୦।୧୦(ଶିଲ୍ପା ପ୍ରିୟଦର୍ଶିନୀ)





ଡା. ଶିବଶଙ୍କର ବେରିଆଙ୍କ କ୍ୱାର୍ଟର୍ସ ସମ୍ମୁଖରେ ଏକତ୍ରିତ ହୋଇଥିବା ତମନ୍ନାଙ୍କ ପରିବାର ସଦସ୍ୟ ଓ ଅନ୍ୟମାନେ। ମୃତ ତମନ୍ନା ସାହୁ।

ମୋବାଇଲରେ ରିପୋର୍ଟ ଦେଖାଇବା କାଳ ହେଲା। ଠିକ୍ ଚିକିତ୍ସା ନ ପାଇବାରୁ ଜଣେ ୧୨ ବର୍ଷୀୟା ଶିଶୁକନ୍ୟାଙ୍କ ଜୀବନ ଯାଇଛି। ସେ ହେଲେ କଟକ ନନ୍ଦିସାହିର ସିତାଂଶୁ ସାହୁଙ୍କ ଝିଅ ତମନ୍ନା ସାହୁ। ଚିକିତ୍ସା ଅବହେଳା ଅଭିଯୋଗ କରି ତମନ୍ନାଙ୍କ ପରିବାର ସଦସ୍ୟ ରବିବାର ଶିଶୁଭବନ ପରିସରରେ ଥିବା ଡା. ଶିବଶଙ୍କର ବେରିଆଙ୍କ କ୍ୱାର୍ଟର୍ସ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ଏଥିସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲାଲବାଗ ଥାନାରେ ଏତଲା ଦେଇଥିଲେ।

ସୂଚନା ଅନୁଯାୟୀ, ବୁଧବାର ତମନ୍ନାଙ୍କ ପେଟରେ ଯନ୍ତ୍ରଣା ସହ ବାନ୍ତି ହୋଇଥିଲା। ଫଳରେ ସିତାଂଶୁ ତାଙ୍କୁ ନେଇ ଶିଶୁଭବନରେ କାର୍ଯ୍ୟରତ ଥିବା ଡା. ବେରିଆଙ୍କ କ୍ୱାର୍ଟର୍ସକୁ ନେଇଥିଲେ। ସେଠାରେ ଡା. ବେରିଆ ତମନ୍ନାଙ୍କ ଚିକିତ୍ସା କରି ଔଷଧ ଦେବା ସହ କିଛି ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ପରୀକ୍ଷା ରିପୋର୍ଟ ମୋବାଇଲ ହ୍ୱାଟ୍ସଆପ୍‌ରେ ପଠାଇବାକୁ ଡା. ବେରିଆ କହିଥିଲେ। ପରେ ତମନ୍ନାଙ୍କ ସମସ୍ତ ପରୀକ୍ଷା ରିପୋର୍ଟ ସିତାଂଶୁ ଡା. ବେରିଆଙ୍କୁ ପଠାଇଥିଲେ। ଏହି ରିପୋର୍ଟରେ କୌଣସି ଅସୁବିଧା ନ ଥିବା କହି ମେଡିସିନ ସେବନ କରିବାକୁ ବେରିଆ ପରାମର୍ଶ ଦେଇଥିଲେ। ହେଲେ ଗୁରୁବାର ରାତିରେ ହଠାତ୍ ତମନ୍ନାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସିତାଂଶୁ ଏନେଇ ଡା. ବେରିଆଙ୍କୁ ଯୋଗାଯୋଗ କରି ବିଫଳ ହୋଇଥିଲେ। କୌଣସି ଉପାୟ ନ ପାଇ ଅନ୍ୟ ଡାକ୍ତରଙ୍କ ସହ ସିତାଂଶୁ ପରାମର୍ଶ କରି କଟକ ଖାନ୍‌ନଗର ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ତମନ୍ନାଙ୍କୁ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ତମନ୍ନାଙ୍କୁ ଭୁବନେଶ୍ୱରର ଅନ୍ୟ ହସ୍ପିଟାଲକୁ ନେଇଯିବା ପାଇଁ ତାଙ୍କ ପରିବାର ସଦସ୍ୟଙ୍କୁ କହିଥିଲେ। ଫଳରେ ଭୁବନେଶ୍ୱର ନେବା ପାଇଁ ପରିବାର ସଦସ୍ୟ ପ୍ରସ୍ତୁତ ହେଉଥିବାବେଳେ ତମନ୍ନାଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ଡା. ବେରିଆଙ୍କ ଏଭଳି ଅବହେଳା ଯୋଗୁ ତମନ୍ନାଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିଛନ୍ତି।

ଏନେଇ ସିତାଂଶୁ କହିଛନ୍ତି, ଝିଅର ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ସତ୍ତ୍ୱେ ଡାକ୍ତର ଜଣଙ୍କ ଠିକ୍ ପରୀକ୍ଷା କରାଇବାକୁ କହିନାହାନ୍ତି। ଏପରି କି ଠିକ୍‌ଭାବେ ରିପୋର୍ଟ ମଧ୍ୟ ଦେଖିନାହାନ୍ତି। କେବଳ ଔଷଧ ଖାଇବାକୁ କହି ନିଜ ଦାୟିତ୍ୱରୁ ଓହରି ଯାଇଛନ୍ତି। ଠିକ୍ ଭାବେ ଚିକିତ୍ସା ନ ପାଇ ତମନ୍ନାଙ୍କ ମୃତ୍ୟୁ ଘଟିଛି। ତେଣୁ ଡା. ବେରିଆଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛି। ପୋଲିସ ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛି। ଅପରପକ୍ଷରେ ଡା. ବେରିଆ କହିଛନ୍ତି, ତମନ୍ନାଙ୍କୁ ତାଙ୍କ ବାପା ଚିକିତ୍ସା କରିବାକୁ ଆଣିଥିଲେ। ସମସ୍ତ ପରୀକ୍ଷା କରାଇବାକୁ କହିଥିଲି। ଇତିମଧ୍ୟରେ ମୋର କୋରାପୁଟ ମେଡିକାଲକୁ ବଦଳି ହୋଇଯାଇଥିବା ନେଇ ତମନ୍ନାଙ୍କ ପରିବାର ଲୋକଙ୍କୁ ଜଣାଇଥିଲି। ବଦଳି ଯୋଗୁ କୋରାପୁଟ ଅଭିମୁଖେ ବାହାରିବା ପରେ ତମନ୍ନାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟଗୁଡିକ ହ୍ୱାଟ୍ସଆପ୍ ଜରିଆରେ ମୋ ପାଖକୁ ଆସିଥିଲା। ହେଲେ ନେଟ୍‌ୱର୍କ ଠିକ୍ ଭାବେ କାମ କରୁ ନ ଥିବାରୁ ସେଥିମଧ୍ୟରୁ ଗୋଟିଏ ରିପୋର୍ଟ ଦେଖିପାରିଥିଲି ବୋଲି ଡା. ବେରିଆ କହିଛନ୍ତି। ଅନ୍ୟପଟେ ଲାଲବାଗ ଆଇଆଇସି ଦୟାନିଧି ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।




ପୁଞ୍ଜି ଆକର୍ଷଣ ପାଇଁ ବ୍ରିଟେନ ଯାଇଥିବା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ରବିବାର ଗସ୍ତ ଶେଷକରି ଜୟପୁର ଫେରିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। (ଫଟୋ: ପି.ଟି.)

# ଦିଲ୍ଲୀରେ ଆଜି ଭାଜପାର ସାଙ୍ଗଠନିକ ନିର୍ବାଚନ ସମ୍ବନ୍ଧିତ କର୍ମଶାଳା

- ପ୍ରତାପ ଷଡ଼ଙ୍ଗୀ ଭାଜପାର ରାଜ୍ୟ ନିର୍ବାଚନ ଅଧିକାରୀ ନିଯୁକ୍ତ
- ଯତୀନ, ସୁକେଶି, ସୁକାନ୍ତ ସହ ନିର୍ବାଚନ ଅଧିକାରୀ



ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଜୋରଦାର ଭାବେ ଚାଲିଛି। ଦଳ ଏଥର ଏକ କୋଟି ସଦସ୍ୟଙ୍କୁ ଯୋଡ଼ିବା ନେଇ ଲକ୍ଷ୍ୟ ରଖିଛି। ତେବେ ସଦସ୍ୟତା ଅଭିଯାନ ଶେଷ ହେବା କ୍ଷଣି ଦଳର ସାଙ୍ଗଠନିକ ପ୍ରକ୍ରିୟା ଅନୁଯାୟୀ ନିର୍ବାଚନ ହେବ। ଏହାକୁ ଦଳର ସାଙ୍ଗଠନିକ ନିର୍ବାଚନ କୁହାଯାଇଥାଏ। ଏଥିରେ ବୁଥ୍ ସଭାପତିଙ୍କଠାରୁ ଆରମ୍ଭକରି ରାଷ୍ଟ୍ରୀୟ ଅଧକ୍ଷଙ୍କ ପର୍ଯ୍ୟନ୍ତ ନିଯୁକ୍ତ ହେବେ। ତେବେ ଏହି କ୍ରମରେ ରାଜ୍ୟରେ ବୁଥ୍ ସଭାପତିଙ୍କଠାରୁ ଆରମ୍ଭକରି ରାଜ୍ୟ ସଭାପତିଙ୍କ ପର୍ଯ୍ୟନ୍ତ ସବୁ ପଦବୀ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ଏହିକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ଓଡ଼ିଶାର ସାଙ୍ଗଠନିକ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ରୀୟ ନିର୍ବାଚନ ଅଧିକାରୀ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ତାଙ୍କ ସମେତ ସହ ନିର୍ବାଚନ ଅଧିକାରୀ ଭାବେ ୩ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ହେଲେ ସୁକାନ୍ତ ପାଣିଗ୍ରାହୀ, ସୁକେଶି ଓରାମ ଏବଂ ଯତୀନ ମହାନ୍ତି। ତେବେ ସାଙ୍ଗଠନିକ ନିର୍ବାଚନ ପୂର୍ବରୁ ପ୍ରତାପ ଷଡ଼ଙ୍ଗୀଙ୍କୁ ଦିଲ୍ଲୀରୁ ଡାକରା ଆସିଛି। ରାଜ୍ୟ ଭାଜପାର ସାଙ୍ଗଠନିକ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ମିଳିବା ପରେ ଦିଲ୍ଲୀରେ ସୋମବାର ବସିବାକୁ ଥିବା କର୍ମଶାଳାରେ ଯୋଗଦେବେ। ସାଙ୍ଗଠନିକ ନିର୍ବାଚନ ସମ୍ବନ୍ଧରେ ଏହି କର୍ମଶାଳାରେ ଆଲୋଚନା ହେବ ବୋଲି ଜଣାପଡିଛି।

# ୨୦୨୫ ଶେଷ ସୁଦ୍ଧା ରାଜ୍ୟରେ କଂଗ୍ରେସ-ବିଜେଡି ମେଣ୍ଟ ସରକାର: ଜୟଦେବ

## ଆନନ୍ଦପୁର ମ୍ୟୁନିସିପାଲିଟି କଂଗ୍ରେସ କମିଟିର ବନ୍ଧୁମିଳନ

ଆନନ୍ଦପୁର,୨୦।୧୦ (ଉମେଶ ଚନ୍ଦ୍ର ପାଢ଼ୀ)




ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ଅନ୍ୟମାନେ।

୨୦୨୫ ଶେଷ ସୁଦ୍ଧା ରାଜ୍ୟରେ କଂଗ୍ରେସ ଓ ବିଜେଡି ମେଣ୍ଟ ସରକାର ହେବ ଏବଂ ଭାଜପା ସରକାର ରାଜ୍ୟରେ ଭାଙ୍ଗିବା ସୁନିଶ୍ଚିତ ବୋଲି ପୂର୍ବତନ ପିସିସି ସଭାପତି ତଥା ଆନନ୍ଦପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜୟଦେବ ଜେନା କହିଛନ୍ତି। ରବିବାର ଆନନ୍ଦପୁର ବ୍ରିଜ୍ ଛକ ନିକଟରେ ଥିବା କଲ୍ୟାଣମଣ୍ଡପରେ ଅନୁଷ୍ଠିତ କେନ୍ଦୁଝର ଜିଲା ଆନନ୍ଦପୁର ମ୍ୟୁନିସିପାଲିଟି କଂଗ୍ରେସ କମିଟିର ବନ୍ଧୁମିଳନ ଅବସରରେ ସେ ଏହା କହିଛନ୍ତି।

ମ୍ୟୁନିସିପାଲିଟିର ପୂର୍ବତନ ସଭାପତି ହାଡ଼ିବନ୍ଧୁ ଖୁଣ୍ଟିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରକୁ ସମାଲୋଚନା କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ କୁମାର ଜେନା, ବ୍ଲକର ପୂର୍ବତନ ସଭାପତି ବିଷ୍ଣୁ ପ୍ରସାଦ ସାହଙ୍କ ସମେତ ନିକୁଞ୍ଜ ବିହାରୀ ମିଶ୍ର, ଶ୍ରୀଧର ଦଳାଇ, ସୁରେଶ ଜେନା, ଦେବୁ ତ୍ରିପାଠୀ, ଅକ୍ଷୟ ମହାନ୍ତି, ମୁରଲୀ ବେହେରା, ପ୍ରଶାନ୍ତ ଜେନା, ନିମାଇ ଚରଣ ଦାସ, ବିଭୁ ଘଡ଼େଇ ଓ ଚିତ୍ତ ପାତ୍ର ଯୋଗ ଦେଇଥିଲେ। ଏହି ବନ୍ଧୁମିଳନରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ବିଦେଶରେ ଭାରତୀୟଙ୍କ ସହିତ ରହିବା ଖୁସିର ବିଷୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୦।୧୦ (ସୁନିତ୍ ମିଶ୍ର)

ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ସହ ଶିକ୍ଷା କ୍ଷେତ୍ରରେ ସମ୍ପର୍କକୁ ମଜଭୁତ କରିବା ପାଇଁ ୭ ଦିନିଆ ବିଦେଶ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଗସ୍ତର ପ୍ରଥମ ଦିନରେ ସେଠାରେ ରହୁଥିବା ଭାରତୀୟ ସମୁଦାୟଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି। ପ୍ରବାସୀ ଭାରତୀୟମାନଙ୍କ ଆତିଥେୟତାକୁ ପ୍ରଶଂସା କରି ଧର୍ମେନ୍ଦ୍ର କହିଛନ୍ତି, ବିଦେଶରେ ଭାରତୀୟଙ୍କ ଗହଣରେ ରହିବା ଏବଂ ସେମାନଙ୍କ ସହ ଭୋଜନରେ ସାମିଲ ହେବା ତାଙ୍କ ପାଇଁ ଖୁସିର ବିଷୟ। ସିଙ୍ଗାପୁର-ଭାରତ ଭାଗୀଦାରିକୁ ଅଧିକ ମଜଭୁତ କରିବାରେ ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେମାନେ ବାହାରେ ରହି ମଧ୍ୟ ଭାରତର ସଂସ୍କୃତିକୁ ପାଳନ କରୁଛନ୍ତି। ସିଙ୍ଗାପୁରର ପ୍ରଗତିରେ ତାଙ୍କ ଯୋଗଦାନ ଅନେକ ରହିଛି। ବର୍ତ୍ତମାନ ସମୟରେ ପୁଞ୍ଜିନିବେଶ ଏବଂ ସୁଯୋଗ ପାଇଁ ଭାରତ ହେଉଛି ବିଶ୍ୱର ସବୁଠୁ ଆକର୍ଷଣୀୟ ସ୍ଥାନ। ପ୍ରବାସୀମାନେ ଭାରତରେ ଥିବା ନିଜର ଆତ୍ମୀୟ ଏବଂ ସଂସ୍କୃତି ସହିତ ସବୁବେଳେ ଯୋଡ଼ିହୋଇ ରହିବା ସହ ଭାରତର ଅଭିବୃଦ୍ଧି ଯାତ୍ରାରେ ଯୋଗଦାନ ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଭାରତ ଓ ସିଙ୍ଗାପୁରକୁ ଗର୍ବିତ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି। ସିଙ୍ଗାପୁରରେ ପ୍ରବାସୀଙ୍କ ସହ ଆଲୋଚନା କାଳରେ ଭାରତର ଯୁବକମାନଙ୍କୁ ଦକ୍ଷ କରିବାରେ ଜାତୀୟ ଶିକ୍ଷା ନୀତି-୨୦୨୦ର ଭୂମିକା ଏବଂ ଭାରତରେ ଶିକ୍ଷାର ବ୍ୟାପକତା ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଛନ୍ତି। ଭାରତ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିର ଲକ୍ଷ୍ୟ ନେଇ କାମ କରିବା ତଥା ଏହାଦ୍ୱାରା ହେବାକୁ ଥିବା ବିକାଶ ଉପରେ ଚର୍ଚ୍ଚା କରିଛନ୍ତି। ସେହିପରି ୨୦୭୦ ସୁଦ୍ଧା ନେଟ୍ ଜିରୋ ଆଡ଼କୁ ଅଗ୍ରସର ହେବା ଏବଂ ବିଶ୍ୱ ସବୁଜ ଉର୍ଜା ମଡେଲକୁ ଆକାର ଦେବା ପାଇଁ ପ୍ରବାସୀଙ୍କ ସମ୍ଭାବନା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଭାରତର ଐତିହ୍ୟ ସହ ଜଡ଼ିତ ବିଷୟ ସହିତ ଯୋଡ଼ିହୋଇ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଧର୍ମେନ୍ଦ୍ର ପ୍ରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ସିଙ୍ଗାପୁର ଗସ୍ତ କାଳରେ ଧର୍ମେନ୍ଦ୍ର ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍, ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗ୍, ଶିକ୍ଷା ମନ୍ତ୍ରୀ ଚାନ୍ ଚୁନ୍ ସିଂ ଏବଂ ବୈଦେଶିକ ମନ୍ତ୍ରୀ ଭିଭିଆନ୍ ବାଲକ୍ରିଷ୍ଣନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।




ସିଙ୍ଗାପୁରଠାରେ ପ୍ରବାସୀ ଭାରତୀୟଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଭୂପିନ୍ଦରଙ୍କ ଗୋଲ୍‌କିପର ମନ୍ତବ୍ୟକୁ ଅମରଙ୍କ ସ୍ୱାଗତ

ଭୁବନେଶ୍ୱର, ୨୦।୧୦ (ସୁନୀତ ମିଶ୍ର)

୨୦୨୪ ନିର୍ବାଚନ ସରିବା ୩ ମାସରୁ ଅଧିକ ସମୟ ବିତି ଗଲାଣି। ହେଲେ ପରାଜୟକୁ ନେଇ ବିଜେଡି ନେତାଙ୍କ ମଧ୍ୟରେ ବୟାନବାଜି ଜାରି ରହିଛି। ଜଣଙ୍କ ପରେ ଜଣେ ବରିଷ୍ଠ ବିଜେଡି ନେତା ଦଳୀୟ ନେତୃତ୍ୱ ଓ ଦ୍ୱିତୀୟ କ୍ଷମତା କେନ୍ଦ୍ରକୁ ନେଇ ଗଣମାଧ୍ୟମରେ ମନ୍ତବ୍ୟ ଦେବାରେ ଲାଗିଛନ୍ତି। ରବିବାର ଭୁପିନ୍ଦର ସିଂ ମଧ୍ୟ ବିଜେଡିକୁ କଟାକ୍ଷ କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ଆତ୍ମଘାତୀ ଗୋଲ୍ ହେଲେ ପରାଜୟ ସୁନିଶ୍ଚିତ। ଗୋଲ୍‌କିପର ଯଦି ସ୍ଲିପର ସେଲ ହେବେ, ତାହାହେଲେ କ'ଣ କରାଯାଇ ପାରିବ ବୋଲି କହି ପରୋକ୍ଷରେ ସେ ଦଳକୁ ଇଙ୍ଗିତ କରିଛନ୍ତି। ସେ ଆହୁରି କହିଛନ୍ତି, ରାଜନୀତି ହେଉଛି ସ୍ପୋର୍ଟ୍ସ ଭଳି ଟିମ୍ ଗେମ୍। ଏଠାରେ ବହୁତ ଖେଳାଳି ବାହାରିଲେଣି। କିଣାବିକା ମଧ୍ୟ ବଢୁଛି। ଏହାହିଁ ଭବିଷ୍ୟତର ରାଜନୀତି। ଯେଉଁ ସବୁ ପ୍ରତିଷ୍ଠାତା ସଦସ୍ୟ ଓ ବରିଷ୍ଠ ନେତାମାନେ ମତ ମନ୍ତବ୍ୟ ଦେଉଛନ୍ତି, ତାହା ତାଙ୍କ ମତ ନୁହେଁ ବରଂ ଲୋକଙ୍କ ମତ। ସଭାପତି ମଧ୍ୟ ତାକୁ ଖେଳୁଆଡ଼ ମନୋଭାବରେ ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଭୂପିନ୍ଦରଙ୍କ ଏଭଳି ମନ୍ତବ୍ୟକୁ ଅମର ପ୍ରସାଦ ଶତପଥୀ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଭୂପିନ୍ଦର ଜଣେ ଖେଳାଳି। ତାଙ୍କ ବିବୃତ୍ତି ପ୍ରଣିଧାନଯୋଗ୍ୟ। ଆତ୍ମଘାତୀ ପାଇଁ ଯେ ଦଳ ହାରିଲା, ତାହା ବୁଝିବା କ'ଣ ଆଉ ବାକି ଅଛି କି। ନବୀନବାବୁଙ୍କ ପାଇଁ ଏଥର କିଛି ସଙ୍କଟ ନ ଥିଲା, ମାତ୍ର ସବୁ ଥାଇ ଏମିତି କ'ଣ ହେଲା, ଯେଉଁଥିପାଇଁ ଦଳ ହାରିଲା ବୋଲି ଅମର କହିଛନ୍ତି। ତେବେ ସେ ହେଉଛନ୍ତି ଦୁବ ଘାସ। ତେଣୁ ସେ ସବୁ ପରିସ୍ଥିତିକୁ ସାମ୍ନା କରି ପାରିବେ ବୋଲି ଅମର କହିଛନ୍ତି।

ଅନ୍ୟାନ୍ୟ ଖବର

# ୩ କବି ପାଇଲେ 'ବର୍ଷା ସମ୍ମାନ'

## ବର୍ଷା ଉତ୍ସବ ୨୦୨୪

ଭୁବନେଶ୍ୱର,୨୦।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)




ରବିବାର ଗୀତଗୋବିନ୍ଦ ସଦନଠାରେ ବର୍ଷା ଉତ୍ସବ ୨୦୨୪ର ପୁରସ୍କୃତ କବିଙ୍କ ଗହଣରେ ଅତିଥିମାନେ।

ବର୍ଷା ପବ୍ଲିକେଶନ ପକ୍ଷରୁ ରବିବାର ଗୀତଗୋବିନ୍ଦ ସଦନଠାରେ ବର୍ଷା ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ପବ୍ଲିକେଶନର ନିର୍ଦ୍ଦେଶକ କବି ବାଦଲ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କଥାକାର ଅଲେଖ ବେହେରାଙ୍କୁ ତାଙ୍କ ଗଳ୍ପ ପୁସ୍ତକ 'ଦୀନାଭାଇ ଶୁଣୁଛ!' ପାଇଁ 'ବର୍ଷା ଗଳ୍ପ ସମ୍ମାନ', କବି କେଦାର ମିଶ୍ରଙ୍କ କବିତା ପୁସ୍ତକ 'ନଈ ପରି ମୁଁ ବୋହିଯାଉଥାଏ'କୁ 'ବର୍ଷା କବିତା ସମ୍ମାନ' ଏବଂ ଯୁବ କଥାକାର ଭାନୁଶଙ୍କର ମହାନ୍ତିଙ୍କୁ ତାଙ୍କର ଗଳ୍ପ ପୁସ୍ତକ 'ଦେଖି ନ ଥିବା ଘରପୋଡ଼ିର ଦୃଶ୍ୟ' ପାଇଁ 'ବର୍ଷା ନବ ଉନ୍ମେଷ ସମ୍ମାନ' ପ୍ରଦାନ କରାଯାଇଥିଲା। କଥାକାର ଗୌରହରି ଦାସ, କଥାକାର ସୁରେନ୍ଦ୍ର ମିଶ୍ର, କଥାକାର ଅଜୟ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ବର୍ଷା ପବ୍ଲିକେଶନ ପ୍ରକାଶିତ ଆଠଟି ପୁସ୍ତକର ଲୋକାର୍ପଣ କରାଯିବା ସହ 'ଓଡ଼ିଆ କଥା ସାହିତ୍ୟରେ ଗାଁର କଥା ଓ ବ୍ୟଥା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଦ୍ୱିତୀୟ ଅଧିବେଶନରେ ୪ ଦୀର୍ଘ କବିତାକୁ ନେଇ ଆଭାଷୀ ନାଟକ ପରିବେଷଣ କରାଯାଇଥିଲା। ଗାଳ୍ପିକ କ୍ଷୀରୋଦ ବିଶ୍ୱାଳ, ଯୁବ ନାଟ୍ୟ ନିର୍ଦ୍ଦେଶକ ଚକ୍ରଧର ପାତ୍ର, କଣ୍ଠଶିଳ୍ପୀ ଓ ଯୁବ କବି ଅମ୍ଳାନ ଦାସ ଏବଂ ଯୁବ ନୃତ୍ୟଶିଳ୍ପୀ ପ୍ରତାପ ବାରିକ ଏହାକୁ ପ୍ରସ୍ତୁତ କରିଥିଲେ। ପରେ କବିତା ଆସର 'ଗାଁର କବିତା' ଅନୁଷ୍ଠିତ ହୋଇଥିଲା। ଅତିଥି କବି ଭାବେ ଯୋଗଦେଇଥିଲେ ବିଶିଷ୍ଟ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ଓ କବି ନର୍ମଦା ନୀଳୋତ୍ପଳା। ଉତ୍ସବଟି ଗାଁର ଭାବମୟ ପରିବେଶ ସୃଷ୍ଟି କରିଥିଲା। ଯୁବ କବି ବିଶ୍ୱନାଥ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦକ୍ଷତା ବିକାଶ ଯୁବବର୍ଗଙ୍କୁ ସଶକ୍ତ କରିବ

## କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୨୦।୧୦ (ଅନୁରାଧା ମହାରଣା)




କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କଶ୍ମୀର ଯୁବତୀ ଯୁବକ।

ଦେଶର ବିକାଶ କ୍ଷେତ୍ରରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯୁବବର୍ଗଙ୍କ ଦକ୍ଷତା ବିକାଶ ହିଁ ସେମାନଙ୍କୁ ସଶକ୍ତ କରିବ। ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଖୋର୍ଦ୍ଧାସ୍ଥିତ ନେହେରୁ ଯୁବକେନ୍ଦ୍ର ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ ବିଭାଗର ଯୁଗ୍ମ ସଚିବ ଡ. ଜନ୍ମେଜୟ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. କାଳିକିଙ୍କର ସେନାପତି, ନେହେରୁ ଯୁବକେନ୍ଦ୍ର ସଂଗଠନର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର, ଯୁବ ଅଧିକାରୀ ବିପିନ କୁମାର ପ୍ରମୁଖ ଯୋଗ ଦେଇଥିଲେ। ୬ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ କଶ୍ମୀରର ଯୁବତୀଯୁବକମାନେ ଓଡିଶାର ଆତିଥ୍ୟ, ସଂସ୍କୃତି ଓ ପରମ୍ପରାକୁ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନେହେରୁ ଯୁବକେନ୍ଦ୍ର ସଂଗଠନର ରୋହିତ ନନ୍ଦେଶ୍ୱର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶୁଭେନ୍ଦ୍ର ନାଥ ସାହୁ, କୁଳମଣି ମଲ୍ଲିକ, ସତ୍ୟ ନାରାୟଣ ଶ୍ରୀଚନ୍ଦନ, ମନୋରଞ୍ଜନ ପାତ୍ର, ବିଶ୍ୱଜିତ ରାଉତରାୟ, ଜନାର୍ଦ୍ଦନ ପୃଷ୍ଟି, ଦେବସ୍ମିତା ସାହୁ ଏବଂ ସୁମିତ୍ରା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିଏସ୍‌ଆର୍ ଅର୍ଥ ଇଣ୍ଟର୍ନଶିପ୍ ସ୍କିମ୍‌ରେ ଖର୍ଚ୍ଚ କରିପାରିବେ ପିଏସ୍‌ୟୁ

ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ଇଣ୍ଟର୍ନଶିପ ଯୋଜନାକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ପବ୍ଲିକ୍ ସେକ୍ଟର କମ୍ପାନି (ପିଏସ୍‌ୟୁ) ଗୁଡିକ ସେମାନଙ୍କର ସିଏସଆର ଟଙ୍କା ସରକାରଙ୍କ ଏହି ଯୋଜନାରେ ଖର୍ଚ୍ଚ କରିବାକୁ ସମର୍ଥ ହେବେ। ଏଥିପାଇଁ ସରକାର ପିଏସ୍‌ୟୁଗୁଡିକ ପାଇଁ ଚଳିତ ଆର୍ଥିକ ବର୍ଷ ଲାଗି କର୍ପୋରେଟ ସାମାଜିକ ଦାୟିତ୍ୱର ନିର୍ଦ୍ଦେଶାବଳୀରେ ସଂଶୋଧନ କରିଛନ୍ତି। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ଇଣ୍ଟର୍ନଶିପ ସ୍କିମ ମଧ୍ୟ ଏହି କମ୍ପାନୀଗୁଡିକର ସିଏସଆରରେ ଏକ ସାଧାରଣ ବିଷୟ ବା ଥିମ ଭାବରେ ଅନ୍ତର୍ଭୁକ୍ତ ହେବ। ଜଣେ ବରିଷ୍ଠ ଅଧିକାରୀଙ୍କ ଅନୁଯାୟୀ, ପ୍ରତିବର୍ଷ ସାର୍ବଜନୀନ କ୍ଷେତ୍ର କମ୍ପାନୀଗୁଡିକ ସେମାନଙ୍କର ସାମାଜିକ ଦାୟିତ୍ୱ ପୂରଣ କରିବାକୁ ଏକ ଥିମ କିମ୍ବା ବିଷୟ ସ୍ଥିର କରନ୍ତି। ସେମାନଙ୍କୁ କେବଳ ଏହି ଥିମ ପାଇଁ ସେମାନଙ୍କର ସିଏସଆର ପାଣ୍ଠିର ୬୦ ପ୍ରତିଶତ ଖର୍ଚ୍ଚ କରିବାକୁ ପଡିବ। ସେ କହିଛନ୍ତି ଯେ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସିଏସଆର ଲାଗି ଏକ ସାଧାରଣ ଥିମ ଭାବରେ 'ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର'ରେ ପିଏମ୍ ଇଣ୍ଟର୍ନଶିପ ସ୍କିମ ଯୋଡ଼ାଯାଇଛି। ବର୍ତ୍ତମାନ ସାର୍ବଜନୀନ କ୍ଷେତ୍ର କମ୍ପାନୀଗୁଡିକ ସେମାନଙ୍କର ଆର୍ଥିକ ବର୍ଷରେ ୬୦% ସିଏସଆର ପାଣ୍ଠି ଖର୍ଚ୍ଚ କରିବାକୁ ସକ୍ଷମ ହେବେ। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଏହି ମାସ ଆରମ୍ଭରେ ଇଣ୍ଟର୍ନଶିପ ସ୍କିମ ଅନ୍ତର୍ଗତ କମ୍ପାନୀ ତଥା ଅନଲାଇନ୍ ପଞ୍ଜୀକରଣ ଆରମ୍ଭ କରିଛି। ଏହି ଯୋଜନା ଅଧୀନରେ ଏକ କୋଟି ଯୁବକଙ୍କୁ ଚଳିତ ବର୍ଷରେ ଇଣ୍ଟର୍ନଶିପ ଦିଆଯିବ। ପାଇଲଟ ପ୍ରୋଜେକ୍ଟ ଅଧୀନରେ ୧୨ ମାସର ଇଣ୍ଟର୍ନଶିପ ଡିସେମ୍ବର ୨ରୁ ଆରମ୍ଭ ହେବାକୁ ଯାଉଛି। ଏହାର ମୂଲ୍ୟ ପ୍ରାୟ ୮୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ମାର୍ଚ୍ଚ ୨୦୨୫ ଶେଷ ହେବାକୁ ଥିବା ଆର୍ଥିକ ବର୍ଷରେ ୧.୨୫ ଲକ୍ଷ ଯୁବକଙ୍କୁ ଏହା ଅଧୀନରେ ଆଣିବା ଲକ୍ଷ୍ୟ ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ପିଏମ୍ ଇଣ୍ଟର୍ନଶିପ ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନା ଅଧୀନରେ, ଶ୍ରେଷ୍ଠ ୫୦୦ କମ୍ପାନୀ ୨୧ ରୁ ୨୪ ବର୍ଷ ବୟସର ଯୁବକମାନଙ୍କୁ ଇଣ୍ଟର୍ନସିପ ସୁଯୋଗ ପ୍ରଦାନ କରିବେ। ଏହା ବ୍ୟତୀତ ସେମାନଙ୍କୁ ଜୀବନ ବୀମା ମଧ୍ୟ ଦିଆଯିବ। ଗୋଟିଏ ବର୍ଷ ପାଇଁ ୫୦୦୦ ଟଙ୍କା ମାସିକ ଆର୍ଥିକ ସହାୟତା ବ୍ୟତୀତ ଇଣ୍ଟର୍ନଙ୍କୁ ୬,୦୦୦ ଟଙ୍କା ଅନୁଦାନ ପ୍ରଦାନ କରାଯିବ। ମାସିକ ସହାୟତାରେ ୪୫୦୦ ଟଙ୍କା ସରକାର ଏବଂ ୫୦୦ ଟଙ୍କା କମ୍ପାନୀ ଏହାର ସିଏସଆର ପାଣ୍ଠିରୁ ପ୍ରଦାନ କରାଯିବ। ଏହି ଯୋଜନାରେ ପୋର୍ଟାଲରେ ୨୫ ଅକ୍ଟୋବର ପର୍ଯ୍ୟନ୍ତ ପଞ୍ଜୀକରଣ କରାଯାଇପାରିବ। ୨୬ ଅକ୍ଟୋବରରେ ଯୁବକମାନଙ୍କୁ ଚୟନ କରାଯିବ। ଏହା ପରେ ଅକ୍ଟୋବର ୨୭ ରୁ ନଭେମ୍ବର ୭ ପର୍ଯ୍ୟନ୍ତ କମ୍ପାନୀମାନେ ସେମାନଙ୍କ ପାଇଁ କାମ କରିବାକୁ ଯୁବକମାନଙ୍କୁ ବାଛିବେ। ଏହି ସୁଯୋଗ ନେବାକୁ ଯୁବତୀଯୁବକମାନଙ୍କୁ ୮ ରୁ ୧୫ ନଭେମ୍ବର ପର୍ଯ୍ୟନ୍ତ ସମୟ ଦିଆଯିବ। ଜଣେ ପ୍ରାର୍ଥୀଙ୍କୁ ସର୍ବାଧିକ ତିନୋଟି ସୁଯୋଗ ଦିଆଯିବ।




## ପିଏସ୍‌ବିରେ ସୃଷ୍ଟି ହେବ ଏକାଧିକ ସିଜିଏମ୍ ପଦ

ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)

ପବ୍ଲିକ୍ ସେକ୍ଟର ବ୍ୟାଙ୍କ(ପିଏସ୍‌ବି)ଗୁଡିକରେ ଚିଫ୍ ଜେନେରାଲ ମ୍ୟାନେଜର (ସିଜିଏମ୍) ପଦବୀ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ବର୍ତ୍ତମାନ ପିଏସବିଗୁଡିକରେ ପ୍ରତ୍ୟେକ ୪ ଜେନେରାଲ ମ୍ୟାନେଜର ପଦ ପାଇଁ ଜଣେ ମୁଖ୍ୟ ଜେନେରାଲ ମ୍ୟାନେଜର ଅଛନ୍ତି। ୨୦୧୯ରେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ବର୍ତ୍ତମାନ ବ୍ୟାଙ୍କରେ ଏକାଧିକ ମୁଖ୍ୟ ଜେନେରାଲ ମ୍ୟାନେଜର ନିଯୁକ୍ତି ପ୍ରସ୍ତାବ ଉପରେ ବିଚାର କରାଯାଉଛି। ୧୦ଟି ସରକାରୀ କ୍ଷେତ୍ରର ୪ ବଡ ବ୍ୟାଙ୍କରେ ମିଶ୍ରଣ ପରେ ୨୦୧୯ରେ ସିଜିଏମର ପଦବୀ ସୃଷ୍ଟି କରାଯାଇଥିଲା। ବର୍ତ୍ତମାନ ସିଜିଏମ୍ ପଦ ଜେନେରାଲ ମ୍ୟାନେଜର ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି। ଏହା ବ୍ୟତୀତ ପିଏସ୍‌ବିଗୁଡିକ ଦାବି କରିଛନ୍ତି ଯେ ସେମାନଙ୍କୁ ଏହି ପଦବୀ ସ୍ଥିର କରିବାର ଅଧିକାର ଦିଆଯାଉ।

## ଜାଭେରୀ ଗୋଲ୍ଡ ଆଣ୍ଡ ଡାଇମଣ୍ଡର ପ୍ରଥମ ବର୍ଷ ପୂର୍ତ୍ତି



ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)

ଜାଭେରୀ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଜୁଏଲର୍ସର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ସିଜନ୍-୧ ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାସହ ଧନତେରାସ୍ ଉପଲକ୍ଷେ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ସ୍ଥାନୀୟ ରେଳ ଅଡିଟୋରିୟମ୍‌ରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରାୟ ୧୦୦୦ ଗ୍ରାହକଙ୍କ ଉପସ୍ଥିତିରେ ଲକି ଡ୍ର ପୁରସ୍କାର ଘୋଷଣା କରାଯାଇଥିଲା। ପ୍ରଥମ ପୁରସ୍କାର ଭାବେ ଏକ ବାଲେନୋ କାର୍ ପ୍ରଦାନ କରାଯାଇଥିବାବେଳେ ଦ୍ୱିତୀୟ ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କା ଏବଂ ତୃତୀୟ ପୁରସ୍କାର ସ୍ୱରୂପ ୩ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗତବର୍ଷ ନଭେମ୍ବର ୧୦ରୁ ଚଳିତବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୈଧ ଥିବା ଅଫରରେ ୧୫ ହଜାରରୁ ଅଧିକ ଗ୍ରାହକ ଯୋଡ଼ି ହୋଇଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ଗ୍ରାହକ ବିଜୟୀ ହୋଇଛନ୍ତି। ଶୁଦ୍ଧତା ଓ କାରୁକାର୍ଯ୍ୟପୂର୍ଣ୍ଣ ସୁନା ଗହଣା ଯୋଗାଇଦେବା ଅନୁଷ୍ଠାନର ଲକ୍ଷ୍ୟ ବୋଲି ମ୍ୟାନେଜିଂ ପାର୍ଟନର ସନ୍ଦୀପ କୁମାର ସାହୁ ଓ ସଞ୍ଜୀବ କୁମାର ସାହୁ ପ୍ରକାଶ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଅଭିନେତ୍ରୀ ଶୀତଲ ପାତ୍ର, ସୂର୍ଯ୍ୟମୟୀ ମହାପାତ୍ର, ଅଭିନେତା ଶୁଭାଶିଷ ଶର୍ମା, କୋରିଓଗ୍ରାଫର ଅମିତ ନାୟକ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ମୁନ୍ ମୁନ୍ ସିଂହ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଗଣେଶ୍ୱର ସାହୁ, ପୁଷ୍ପଲତା ସାହୁ, ଜୟନ୍ତ ମହାରଣା, ମଞ୍ଜୁଶ୍ରୀ ମହାରଣା, ଗିନିତା ସାହୁ, ରୁନିଶା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଲକି ଡ୍ରରେ ଗ୍ରାହକ ପାଇଲେ ବାଲେନୋ କାର୍

## ଅରୁନ୍ଧତୀ ଜୁଏଲର୍ସର ନୂତନ ଫ୍ଲାଗଶିପ୍ ଶୋ'ରୁମ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୦।୧୦
(ଅନୁରାଧା ମହାରଣା)

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଭୁବନେଶ୍ୱର ଜନପଥ ଶାଖା ଏବେ ନୂତନ ଓ ବୃହତ୍ ରୂପରେଖ ନେଇ ପ୍ରସ୍ତୁତି କରାଯାଇଥିବାବେଳେ ରବିବାର ଏହାର ଉଦ୍‌ଘାଟନ କରାଯାଇଛି। ଅରୁନ୍ଧତୀର ଯାତ୍ରା ୨୫ ବର୍ଷରେ ପହଞ୍ଚିଥିବାବେଳେ ପାର୍ବଣ ଋତୁରେ ନୂଆ ସ୍ୱତନ୍ତ୍ର ଅଫର ସହ ଏହି ଶୋ'ରୁମ୍‌ର ଉଦ୍‌ଘାଟନ କରାଯାଇଛି। ଅରୁନ୍ଧତୀ ଜୁଏଲର୍ସ ବ୍ରାଣ୍ଡ ଆମ୍ବାସାଡର ତଥା ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା, ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଓ ନିର୍ଦ୍ଦେଶିକା ଅରୁନ୍ଧତୀ ମେହେରଙ୍କ ଉପସ୍ଥିତିରେ ଏହି ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ପାର୍ବଣ ଋତୁରେ ନୂତନ କଲେକଶନଯୁକ୍ତ ଡିଜାଇନ ଅର୍ଘ୍ୟ ଓ ଆରାପା ମଧ୍ୟ ଉନ୍ମୋଚିତ ହୋଇଛି। ୧୨ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ଏହି ଶୋ'ରୁମ୍‌ର ଉଦଘାଟନୀ ସମାରୋହରେ ୨୫ହଜାରରୁ ଅଧିକ ନୂଆ କଲେକଶନ ପ୍ରଦର୍ଶିତ ହୋଇଛି । ଏହି ଅବସରରେ ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ମେହେର କହିଛନ୍ତି, ଏହି ଗ୍ରାଣ୍ଡ ରିଓପେନିଙ୍ଗର ସର୍ବଶ୍ରେଷ୍ଠ ଅଫରରେ ଗ୍ରାହକ ସୁନାଗହଣାର ଗଢ଼ାମଜୁରିରେ ସୁନିଶ୍ଚିତ ସର୍ବନିମ୍ନ ଫ୍ଲାଟ ୨୫% ରିହାତି, ଅଧିକ ସୁନାଗହଣା କିଣି ସର୍ବାଧିକ ଫ୍ଲାଟ୍ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହା ସହିତ ପ୍ରଥମ ଥର ପାଇଁ ଗଢ଼ା ମଜୁରି ସମ୍ପୂର୍ଣ୍ଣ ମାଗଣା, ସ୍ୱର୍ଣ୍ଣ ସମୃଦ୍ଧି ଯୋଜନା ମାଧମରେ ପ୍ରତ୍ୟେକ ଅଗ୍ରିମ ବୁକିଂ ଉପରେ ସୁନାର ସର୍ବନିମ୍ନ ବଜାର ଦର ସହିତ ମାଗଣା ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ତଥା ପୁରୁଣା ସୁନାଗହଣାର ବଦଳିରେ ପ୍ରତ୍ୟେକ ୧୦ ଗ୍ରାମ୍ ଉପରେ ୧୦୦୦ ଟଙ୍କାର ଅତିରିକ୍ତ ବୋନସ ପାଇପାରିବେ।



# Classified Everyday

**0674-2580101, 2549949**




REAL ESTATE

**SALE**

Prime Land for Sale/ Sharing in Puri's Baliapanda: 4,000sqft. near Sea Beach, litigation-free with complete documentation. Contact 9777436767. D-1710

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

Reputed Construction Company Wanted 2 Acre Gharabari Yellowzone Land with 30' Road on Sharing Basis for Duplex Projects. 9938219397, 9861022055. D-1694

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-1708

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **plot** କିଣନ୍ତୁ। **9078699286.** D-75998

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**5100sqft. Land sale, 30ft. road near KK Petrol Pump NH-16 Gohiriachhok, Bhubaneswar. 7008634668.** D-75999

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9938015048.** D-1709




Newly open Jyoti SPA positively health benefits (Expert therapist). 8458067955. D-76162

Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

Newly open health benefits SPA special offer @ 799 Bapujinagar. 8018429809. D-76164

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### LOST

ମୁଁ ରୋହିତ କୁମାର ସାହୁ, ପିତା- ଅପର୍ତ୍ତି ସାହୁ, ଗ୍ରାମ- ବୁଢ଼ାକେରା, ପୋ- କୁଶୁବେଣ୍ଟି, ଥାନା- ବ୍ରହ୍ମଗିରି, ଜିଲ୍ଲା- ପୁରୀ। ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛୁ ଯେ, ଆମର ଜେଜେ ସ୍ୱର୍ଗତ ସନାତନ ସାହୁଙ୍କ ନାମରେ ଜଗଦଳ ମୌଜାର ଖାତା ନଂ.- ୪୭୩, ପ୍ଲଟ- ୩୧୨, ଏରିଆ- ୧.୭୫ ଡିସିମିଲକୁ ମୋ ବାପା ତାଙ୍କ ବୋହୂ ଗୁନିମଣି ସାହୁ, ସ୍ୱାମୀ- ତ୍ରିନାଥ ସାହୁଙ୍କୁ RSD NO.-୧୦୬୭, ତା-୦୪।୦୯।୨୦୦୧ରେ ବିକ୍ରି କରିଥିଲେ। ମୋ ଘରର ଗୁରୁତ୍ୱପୂର୍ଣ୍ଣ କାଗଜ ସହ ଏହି ସମ୍ପତ୍ତିର ଦଲିଲ ନେଇ ବ୍ରହ୍ମଗିରି ଯାଉଥିବା ସମୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ କାଗଜପତ୍ର ଏବଂ ଦଲିଲଟିକୁ ପାଇଥାନ୍ତି ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଅଛୁ।
ଓକିଲ- ନୃସିଂହ ଚରଣ ପଟ୍ଟନାୟକ
ମୋ- ୯୮୫୩୩୧୧୧୮୯
ଧ-୧୭୦୪

### AFFIDAVIT

I, Bijay Kumar Patra, S/o- Late Shyam Babu Patra, resident of C-146, Koel Nagar, Rourkela, Dist.- Sundargarh, Odisha, Pin-769014 declared by this affidavit No.- A/10 dtd- 18.10.2024 that now onwards I shall be known as BIJAY KUMAR PATRA for all future purposes. D-1706

By an affidavit (No.-12AA 805976, dtd. October 08,2024) before Shri Jagyneswar Acharya, Notary, Bhubaneswar (Regd. No.-7791/2009) I, Smt. Sabitri Mohapatra, W/o- Shri Pradeep Kumar Panda, Plot No.- 929/2914, Anant Nagar, Kapil Prasad, Old Town, P.S.- Shree Lingaraj, Bhubaneswar- 751002, District.- Khordha Odisha do hereby declare that, my name has been changed from Sabitri Panda (Reflected in old Aadhaar and PAN) has been changed to my maiden name Sabitri Mohapatra. I do hereby declare that, "Sabitri Mohapatra" and "Sabitri Panda" is one and same person and has same identity. Henceforth, the name Sabitri Mohapatra will be used for all purposes including all bank account details, Aadhaar, PAN, Pension records and other future purposes and transactions. D-1704

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

### ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଆରତୀ ପଟ୍ଟନାୟକ**
ଗାନ୍ଧୀମାର୍ଗ, ପି.ଡବ୍ଲ୍ୟୁ ଲେନ, ନୟାଗଡ
ଆବିର୍ଭାବ- ୨୮।୦୭।୧୯୫୫
ତିରୋଧାନ- ୧୧।୧୦।୨୦୨୪

ଆପଣ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ତଥା ମେଳାପି ମଣିଷଟିଏ। କେଭେ କାହା ମନରେ କଷ୍ଟ ଦେବାର କେହି ଦେଖିନାହାନ୍ତି, ଟାଣ ପଦେ କଥା ଆପଣଙ୍କ ପାଟିରୁ କେହି କେବେ ଶୁଣି ନାହାନ୍ତି। କିନ୍ତୁ ଏମିତି ଅଧା ବାଟରେ ଆମକୁ ଛାଡି ଆରପାରିକୁ ପଳେଇଲେ ଅଫେରନ୍ତା ରାଇଜକୁ, ଏହାରି ଭିତରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲାଣି ବିଶ୍ୱାସ ହେଉନି, ଆମର ପ୍ରିୟ ମଣିଷଟି ଆଉ ଆମ ପାଖରେ ନାହାନ୍ତି। ଆପଣଙ୍କ ଅମାୟିକ ବ୍ୟବହାର ଓ ଭଲପାଇବା, ସେହ୍ନଶ୍ରଦ୍ଧା ଆମମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ। ଆଜି ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ ।**
ଧ-୧୬୯୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶିଶିର ସାମଲ**
ସିଙ୍ଗିଟାଳି, କୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ: ତା ୨୦।୧୦।୧୯୬୫
ତିରୋଧାନ: ତା ୧୧।୧୦।୨୦୨୪

ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମପାଇଁ ଚିର ସ୍ମରଣୀୟ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ । ଶୋକସନ୍ତପ୍ତ: ଜ୍ୟେଷ୍ଠଭ୍ରାତା: ସୁଧୀର ସାମଲ, ମଧ୍ୟମଭ୍ରାତା: ସୁକାନ୍ତ ସାମଲ, ପତ୍ନୀ: ଅସୀମା ସାମଲ, ପୁଅ: ଅନିମେଶ ଶାଶ୍ୱତ, ଝିଅ: ଅଙ୍କିତା ଶାଶ୍ୱତୀ, ଝିଆରୀ: ପ୍ରଜ୍ଞାପରମିତା, ପୁତୁରା: ସୌମ୍ୟ ପ୍ରସାଦ, ରୁଦ୍ର ପ୍ରସାଦ, ଜ୍ୱାଇଁ: ରମେଶ ଚନ୍ଦ୍ର ରାଉତ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୭୦୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରମୋଦ କୁମାର ଦାସ**
ଆବିର୍ଭାବ: ୨୫/୦୨/୧୯୩୫
ତିରୋଧାନ: ୧୨/୧୦/୨୦୨୪
ପ୍ଲଟ ନଂ-37A, ଗୌତମ ନଗର, ଭୁବନେଶ୍ୱର

ହଠାତ୍ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ଚନ୍ଦନ, ଲିଟୁ, ମଣ୍ଟୁ, ମିଟୁ, ନିକି, ସୋନାଲି, ବିଠଲୁ, ବର୍ଷା ଏବଂ ବନ୍ଧୁବାନ୍ଧବ ଓ ପରିବାର ବର୍ଗ ।
ଧ-୭୫୫୭୪

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ଇପିଏଫ୍‌ଓରେ ଯୋଡ଼ିହେଲେ ୧୮.୫୩ ଲକ୍ଷ ସଦସ୍ୟ

ଭୁବନେଶ୍ୱର, ୨୦।୧୦
(ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଅଗଷ୍ଟରେ ୧୮.୫୩ ଲକ୍ଷ ସଦସ୍ୟଙ୍କୁ ଯୋଡ଼ିଛି। ବାର୍ଷିକ ଭିତ୍ତିରେ ଏହା ୯.୦୭ ପ୍ରତିଶତ ବୃଦ୍ଧି ପଞ୍ଜୀକରଣ କରିଛି। ଏହା ବ୍ୟତୀତ ୯.୩ ଲକ୍ଷ ନୂତନ ସଦସ୍ୟ ମଧ୍ୟ ଇପିଏଫ୍‌ଓରେ ଯୋଗ ଦେଇଛନ୍ତି। ୨୦୨୩ ଅଗଷ୍ଟ ତୁଳନାରେ ଏହି ସଂଖ୍ୟା ୦.୪୮% ବୃଦ୍ଧି ପାଇଛି। ପ୍ରକାଶିତ ତଥ୍ୟରୁ ଜଣାପଡୁଛି ଯେ, ଇପିଏଫ୍‌ଓ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ିବା ସହ ଦେଶରେ ନିଯୁକ୍ତି ମଧ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଇପିଏଫ୍‌ଓର ବେତନ ତଥ୍ୟ ଅନୁଯାୟୀ ଅଧିକାଂଶ ନୂତନ ସଦସ୍ୟ ୧୮ରୁ ୨୫ବର୍ଷ ବୟସ ବର୍ଗରେ ଅଛନ୍ତି। ଅଗଷ୍ଟରେ ଯୋଡ଼ି ହୋଇଥିବା ମୋଟ ନୂତନ ସଦସ୍ୟଙ୍କ ମଧ୍ୟରୁ ଏହି ବୟସ ବର୍ଗର ସଦସ୍ୟଙ୍କ ସଂଖ୍ୟା ୫୯.୨୬%। ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମ ଥର ପାଇଁ ଚାକିରି ପାଇଛନ୍ତି। ଅଗଷ୍ଟରେ ଯୋଗ ଦେଇଥିବା ମୋଟ ୧୮.୫୩ ଲକ୍ଷ ସଦସ୍ୟଙ୍କ ମଧ୍ୟରୁ ୧୮ରୁ ୨୫ବର୍ଷ ବୟସର ସଦସ୍ୟଙ୍କ ସଂଖ୍ୟା ୮.୦୬ ଲକ୍ଷ ରହିଛି। ୧୩.୫୪ ଲକ୍ଷ ସଦସ୍ୟ ଇପିଏଫ୍‌ଓ ଛାଡ଼ିବା ପରେ ପୁନର୍ବାର ଇପିଏଫ୍‌ଓରେ ପଞ୍ଜୀକୃତ ହୋଇଛନ୍ତି। ୨୦୨୩ ଅଗଷ୍ଟ ତୁଳନାରେ ଏହି ସଂଖ୍ୟା ୧୪.୦୩% ବୃଦ୍ଧି ପାଇଛି। ଏହି ଲୋକମାନେ ଗୋଟିଏ ଚାକିରି ଛାଡି ଅନ୍ୟ କାର୍ଯ୍ୟରେ ଯୋଗ ଦେଇ ତାଙ୍କର ଇପିଏଫଓ ଆକାଉଣ୍ଟ ସ୍ଥାନାନ୍ତର କରିଛନ୍ତି। ଅନ୍ୟପଟେ ପ୍ରାୟ ୨.୫୩ ଲକ୍ଷ ନୂତନ ସଦସ୍ୟ କେବଳ ମହିଳା । ଗତବର୍ଷ ଅଗଷ୍ଟ ତୁଳନାରେ ଏହି ସଂଖ୍ୟା ୩.୭୫ ପ୍ରତିଶତ ବୃଦ୍ଧିପାଇଛି। ଅଗଷ୍ଟରେ ଯୋଗ ଦେଇଥିବା ମୋଟ ସଦସ୍ୟଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ୩.୭୯ ଲକ୍ଷ ରହିଛି। ଗତବର୍ଷ ତୁଳନାରେ ଏହି ସଂଖ୍ୟା ୧୦.୪୧ ପ୍ରତିଶତ ବୃଦ୍ଧି ପାଇଛି। କର୍ମକ୍ଷେତ୍ରରେ ମହିଳାମାନଙ୍କର ସଂଖ୍ୟା ବଢ଼ିବା ଏକ ଶୁଭ ସଙ୍କେତ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଇପିଏଫଓରେ ଯୋଡ଼ି ହୋଇଥିବା ସର୍ବାଧିକ ୨୦.୫୯% ସଦସ୍ୟ ମହାରାଷ୍ଟ୍ରର ଅଟନ୍ତି। ଏହା ବ୍ୟତୀତ କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା, ଦିଲ୍ଲୀ, ଗୁଜରାଟ, ଉତ୍ତରପ୍ରଦେଶ ଏବଂ ତେଲଙ୍ଗାନା ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି।

# ମହିଳାଙ୍କୁ ବଳାତ୍କାର, ଟ୍ୟୁଶନ ଶିକ୍ଷକ ଗିରଫ

ମୋରଡ଼ା,୨୦।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୯୪/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଶିକ୍ଷକ ଜଣକ ପୀଡ଼ିତାଙ୍କ ଦୁଇ ପିଲାଙ୍କୁ ଟ୍ୟୁଶନ କରିବାକୁ ଆସୁଥିଲେ। ସମ୍ପୃକ୍ତ ମହିଳାଙ୍କୁ ସେ ଧମକ ଚମକ ଦେଇ ବଳାତ୍କାର କରି ଆସୁଥିଲେ। ଏନେଇ ମହିଳା ଜଣକ ଗତ ୧୮ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଡାକ୍ତରୀମାଇନା ପରେ ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି।

# ବାପପୁଅଙ୍କୁ ଏସିଡ୍ ମାଡ଼: ଝିଅ, ପ୍ରେମିକ ଅଭିଯୁକ୍ତ

## ପ୍ରେମରେ ବାଧା, ଗୁଣି ସନ୍ଦେହରୁ ହତ୍ୟା ଉଦ୍ୟମ

ତୁମୁଡିବନ୍ଧ,୨୦।୧୦
(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ବୁଡ଼ା କୁନ୍ଦେଲ ଗ୍ରାମରେ ମୋହନ ପନ୍ଦର ଓ ତାଙ୍କ ପୁଅ ଅନୁଜଙ୍କୁ ଏସିଡ୍ ମାଡ଼ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ମୋହନଙ୍କ ଝିଅ ଓ ତାଙ୍କ ପ୍ରେମିକ ମିଶି ଏଭଳି କାଣ୍ଡ ଘଟାଇଛନ୍ତି। ଗୋଟିଏ ପଟେ ପ୍ରେମରେ ବାଧା, ଅନ୍ୟପଟେ ଗୁଣିଗାରେଡ଼ି ସନ୍ଦେହ ଯୋଗୁ ସେମାନେ ମୋହନଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ପୋଲିସ ଅଭିଯୁକ୍ତା ଝିଅ ପୁଷ୍ପାଞ୍ଜଳି ପନ୍ଦର ଓ ତାଙ୍କ ପ୍ରେମିକ ସେହି ଗ୍ରାମର ବିଜୟ ମାଝୀଙ୍କୁ ରବିବାର ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ଏସିଡ୍ ମାଡ଼ରେ ଗୁରୁତର ମୋହନ ଓ ତାଙ୍କ ପୁଅ ଅନୁଜଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି।

ସୂଚନା ଅନୁଯାୟୀ, ପୁଷ୍ପାଞ୍ଜଳିଙ୍କ ମା'ଙ୍କ ମୃତ୍ୟୁ ପରେ ମୋହନ ଦ୍ୱିତୀୟ



ଗିରଫ ଅଭିଯୁକ୍ତ ବିଜୟ

ବିବାହ କରିଥିଲେ। ଏହାପରେ ଘରେ ଅଶାନ୍ତି ଲାଗି ରହିବାରୁ ପୁଷ୍ପାଞ୍ଜଳି ଓ ତାଙ୍କ ଭାଇ ଗାଁରେ ଏକ ଅଲଗା ଘରେ ରହୁଥିଲେ। ଇତିମଧ୍ୟରେ ବିଜୟଙ୍କ ସହ ପୁଷ୍ପାଞ୍ଜଳି ପ୍ରେମ ସମ୍ପର୍କ ଗଢ଼ି ଉଠିଥିବାରୁ ମୋହନ ଏହାକୁ ଗ୍ରହଣ କରି ପାରୁ ନ ଥିଲେ। ତେଣୁ ବାପାଝିଅଙ୍କ ମଧ୍ୟରେ ମନୋମାଳିନ୍ୟ ଥିଲା। ଅପରପକ୍ଷରେ ଅସୁସ୍ଥତାରୁ ଦେଢ଼ମାସ ପୂର୍ବେ ବିଜୟଙ୍କ ମା'ଙ୍କ ମୃତ୍ୟୁ ହୋଇଥିଲା। ତେବେ ମୋହନ ଗୁଣିଗାରେଡି କରି ମା'ଙ୍କୁ ମାରିଦେଇଥିବା ବିଜୟଙ୍କ ସନ୍ଦେହ ହୋଇଥିଲା। ତେଣୁ ସେ ପୁଷ୍ପାଞ୍ଜଳିଙ୍କ ସହ ମିଶି ମୋହନଙ୍କୁ ରାସ୍ତାରୁ ହଟାଇଦେବାକୁ ଯୋଜନା କରିଥିଲେ। ସେମାନେ ଏସିଡ୍ ଫିଙ୍ଗି ମୋହନଙ୍କୁ ଜୀବନରେ ମାରିଦେବାକୁ ନିଷ୍ପତ୍ତି ନେଇଥିଲେ। ଏସିଡ୍ କେଉଁଠୁ ଆସିବ, ଆଉ କିପରି ଫିଙ୍ଗାଯିବ ତାହା ମଧ୍ୟ ଯୋଜନା ହୋଇଥିଲା। ବିଜୟ କୋଲକତାରୁ ଏସିଡ୍ ଆଣି ପୁଷ୍ପାଞ୍ଜଳିଙ୍କୁ ଦେଇଥିଲେ। ପୁଷ୍ପାଞ୍ଜଳି ସୁଯୋଗ ଦେଖି ଗତ ଶୁକ୍ରବାର ରାତି ପ୍ରାୟ ୨ଟାରେ ବାପା ତାଙ୍କ ପାଖରେ ଶୋଇଥିବା ସାବତ ଭାଇ ଅନୁଜଙ୍କ ଉପରେ ପୂର୍ବ ଯୋଜନା ପ୍ରକାରେ ଏସିଡ୍ ଫିଙ୍ଗି ଦୌଡ଼ି ପଳାଇ ଯାଇଥିଲେ। ଏସିଡ୍ ଆକ୍ରମଣ ନେଇ ମୋହନଙ୍କ ଦ୍ୱିତୀୟ ସ୍ତ୍ରୀ ରୁକ୍ମଣୀ ପନ୍ଦର ଦେଇଥିବା ଏତଲା ଆଧାରରେ ତୁମୁଡିବନ୍ଧ ପୋଲିସ ୧୩୪/୨୪ ନମ୍ବରରେ ମାମଲା ରୁଜୁ କରିଥିଲା। ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ କନ୍ଧମାଳ ଡିଏସ୍‌ପି କମଳ କୁମାର ପଣ୍ଡା, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ ଓ ତୁମୁଡିବନ୍ଧ ଭାରପ୍ରାପ୍ତ ଥାନାଧିକାରୀ ଆଶୁତୋଷ ଜେନା ତଦନ୍ତ ଆରମ୍ଭ କରିଥିଲେ। ସେମାନେ ଶନିବାର ସନ୍ଦେହରେ ବିଜୟଙ୍କୁ ଘରୁ ଉଠାଇ ନେଇ ପଚରାଉଚରା କରିବା ପରେ ସେ ଗୋଟିଏ ପରେ ଗୋଟିଏ ଘଟଣା କହିଥିଲେ। ରବିବାର ପୁଷ୍ପାଞ୍ଜଳିଙ୍କୁ ଥାନାକୁ ଆଣି ଜେରା କରାଯିବା ପରେ ସମସ୍ତ ଘଟଣାର ପର୍ଦ୍ଦାଫାସ ହୋଇଥିଲା। ବୌଦ୍ଧରୁ ୬ ଜଣିଆ ସାଇଣ୍ଟିଫିକ ଟିମ୍ ତୁମୁଡିବନ୍ଧ ଥାନାକୁ ଆସି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଘର ନିକଟରେ ମାଟିତଳେ ପୋତା ଯାଇଥିବା ବଳକା ଏସିଡ୍ ବୋତଲ , ମୋହନ ଶୋଇଥିବା ଖଟରେ ଏସିଡ୍ ମାଡ଼ରେ ପୋଡିଯାଇ ପଡି ରହିଥିବା ଚଦର ଓ କମ୍ବଳଗୁଡିକୁ ଜବତ କରାଯାଇ ତଦନ୍ତ ଜାରି ରହିଛି।

## ବ୍ଲାକ୍‌ମେଲିଂରୁ ଯୁବତୀଙ୍କ ଆତ୍ମହତ୍ୟା ଘଟଣା

# ପୁରୁଷବନ୍ଧୁ ଗିରଫ

ଭୁବନେଶ୍ୱର,୨୦।୧୦(ସତ୍ୟଜିତ୍ ରାଉତ)

ପୁରୁଷବନ୍ଧୁଙ୍କ ବ୍ଲାକ୍‌ମେଲିଂର ଶିକାର ହୋଇ ରଶ୍ମିତା ଦାସ(୨୨) ନାମ୍ନୀ ଯୁବତୀ ଆତ୍ମହତ୍ୟା କରିବା ଘଟଣାରେ ନୟାପଲ୍ଲୀ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କୁ ରବିବାର ଗିରଫ କରାଯାଇଛି। ସେ ହେଲେ ଜଗତ୍‌ସିଂହପୁର ଟାଉନ ଥାନା ଅଞ୍ଚଳର ଅଜିତ ଦାସ(୨୪)। ତାଙ୍କଠାରୁ ମୋବାଇଲ ଫୋନ୍ ଜବତ ହୋଇଛି। ଅଜିତଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମୃତା ରଶ୍ମିତାଙ୍କ ଘର ଜଗତ୍‌ସିଂହପୁର ଅଞ୍ଚଳରେ ହୋଇଥିବାବେଳେ ସେ କିଛିମାସ ତଳେ ଭୁବନେଶ୍ୱର ଆସି ନୟାପଲ୍ଲୀ ଦେବରାୟ କଲେଜ ନିକଟରେ ଘର ଭଡ଼ା ନେଇ ରହିବା ସହ ଏକ ଘରୋଇ ସଂସ୍ଥାରେ ଚାକିରି ଆରମ୍ଭ କରିଥିଲେ। ତେବେ ଅଭିଯୁକ୍ତ ଅଜିତ ଓ ରଶ୍ମିତାଙ୍କ ମଧ୍ୟରେ ପୂର୍ବରୁ ପ୍ରେମସମ୍ପର୍କ ଥିଲା। ରଶ୍ମିତାଙ୍କ କିଛି ଗୁପ୍ତ ଫଟୋ ଓ ଭିଡିଓ ଅଜିତ ନିଜ ମୋବାଇଲରେ ରଖିଥିଲେ। ପରେ ସେ ବିବାହର ପ୍ରତିଶ୍ରୁତି ଦେଇ ଚାକିରି କରାଇଦେବାକୁ କହି ତାଙ୍କଠାରୁ ୧ ଲକ୍ଷ ଟଙ୍କା ନେଇଥିଲେ। ତେବେ ରଶ୍ମିତା ଭୁବନେଶ୍ୱର ଆସି ରହିବା ପରେ



ଗିରଫ ଅଭିଯୁକ୍ତ ଅଜିତ ଦାସ।

ପରେ ଅକ୍ଟୋବର ୧୬ରେ ଅଜିତ ପୁଣି ୭୦ ହଜାର ଟଙ୍କା ଦାବି କରିଥିଲେ। ଏହି ଟଙ୍କା ଦେଇପାରିବେ ନାହିଁ ବୋଲି ରଶ୍ମିତା ମନା କରିଦେବାରୁ ଅଜିତ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କ ଗୁପ୍ତ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାର ଧମକ ଦେଇ ବ୍ଲାକମେଲ୍ କରିଥିଲେ। ଫଳରେ ରଶ୍ମିତା ମାନସିକ ଚାପରେ ଭାଙ୍ଗିପଡ଼ିଥିଲେ। ସେ ଶୁକ୍ରବାର ରାତିରେ ନିଜ ରୁମ୍‌ରେ ଓଢ଼ଣିରେ ଝୁଲି ଆତ୍ମହତ୍ୟା କରିଥିଲେ। ଏନେଇ ରଶ୍ମିତାଙ୍କ ବାପାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୬୧୬/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ଅଜିତଙ୍କୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରୁ ପୋଲିସ କାବୁ କରିଥିଲା।

# କୋଲକାତାରେ ତଥ୍ୟ ସଂଗ୍ରହ କରୁଛି କମିଶନରେଟ ପୋଲିସ

## ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଫେକ୍ କଲ୍ ସେଣ୍ଟର ଘଟଣା

### ଆଜିଠୁ ୩ ଦିନିଆ ରିମାଣ୍ଡରେ ଆସିବେ ୬ ସାଇବର ଠକ

ଭୁବନେଶ୍ୱର, ୨୦।୧୦
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଅନ୍ତର୍ଜାତୀୟ କଲ୍ ସେଣ୍ଟର ଠାବ ଘଟଣାରେ କମିଶନରେଟ୍ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି। ୬ ବଙ୍ଗୀୟ ସାଇବର ଠକ ଏବେ ଝାରପଡ଼ା ଜେଲରେ ଥିବାବେଳେ ସେମାନଙ୍କ ବିଷୟରେ ଅଧିକ ତଥ୍ୟ ହାସଲ କରିବାକୁ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ କୋଲକାତା ଯାଇଛି। ଶନିବାରଠାରୁ ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାର ୩ ଜଣିଆ ପୋଲିସ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ଯାଞ୍ଚକୁ ତ୍ୱରାନ୍ୱିତ କରିଛି। ଅଭିଯୁକ୍ତଙ୍କ ପ୍ରକୃତ ପରିଚୟ, ପରିବାର ସଦସ୍ୟ, ଶିକ୍ଷାଗତ ଯୋଗ୍ୟତା ସହ ଅପରାଧ ପୃଷ୍ଠଭୂମି ଆଦି ବିଷୟରେ ଏହି ଟିମ୍ ତଥ୍ୟ ସଂଗ୍ରହ କରୁଛି। ଅନ୍ୟପକ୍ଷରେ ଅଭିଯୁକ୍ତମାନଙ୍କୁ ଝାରପଡା ଜେଲରୁ ସୋମବାର ୩ ଦିନିଆ ରିମାଣ୍ଡରେ ଅଣାଯିବ ବୋଲି ଡିସିପି ପିନାକ ମିଶ୍ର ରବିବାର ସୂଚନା ଦେଇଛନ୍ତି। ତେବେ ଏମାନଙ୍କ ସହ ଆଉ କେତେଜଣ ସହଯୋଗୀ ବିଭିନ୍ନ ସ୍ଥାନରେ ରହିଥିବା ପୋଲିସ ଜାଣିବାକୁ ପାଇଛି। ୬ ଅଭିଯୁକ୍ତଙ୍କୁ ଜେରା କରି ସେମାନଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଏଥିସହ ପୋଲିସ ଅଭିଯୁକ୍ତଙ୍କ ଆର୍ଥିକ କାରବାର ବିଷୟରେ ଜାଣିବାକୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରୁଛି।

ସୂଚନାଯୋଗ୍ୟ, ଗିରଫ ସାଇବର ଠକମାନେ ମାକାଫି ଓ ନୋର୍ଟନ୍ ଆଣ୍ଟିଭାଇରସ୍ ସବ୍‌ସ୍କ୍ରାଇବର ଥିବା ଗ୍ରାହକମାନଙ୍କୁ କଷ୍ଟମର୍ କେୟାର ଅଧିକାରୀର ପରିଚୟ ଦେଇ ଫସାଉଥିଲେ। ଗ୍ରାହକମାନଙ୍କୁ ବିଭିନ୍ନ ସମସ୍ୟା ଥିବା ଜଣାଇ ପ୍ରଥମେ ଫେକ୍ ମେଲ୍ ପଠାଇ ନମ୍ବର ଦେଉଥିଲେ। ସବ୍‌ସ୍କ୍ରିପ୍‌ଶନ୍ ସରିଯିବ ଆଦି ଦର୍ଶାଉଥିଲେ। କଲ୍ ଆସିବା ପରେ ତାହା ସ୍କାଇପ୍ ଓ ଭିଓଆଇପି କଲ୍‌କୁ ବଦଳି ଯାଉଥିଲା। ଏହାପରେ ସାଇବର ଠକମାନେ କଲ୍ କରିଥିବା ଗ୍ରାହକଙ୍କ ଲାପଟପ୍ ଓ କମ୍ପ୍ୟୁଟରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିନେଇ ଟଙ୍କା ଦାବି କରୁଥିଲେ। ବୁଧବାର ପୋଲିସ ଟିମ୍ ସୁନ୍ଦରପଦା ବଳଭଦ୍ରପୁରସ୍ଥିତ କୋକିଳା କାଞ୍ଚନ ଟାୱାର ଆପାର୍ଟମେଣ୍ଟରେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଥିଲା।

# ସନ୍ଦିଗ୍ଧ ବ୍ୟକ୍ତିଙ୍କ ତନ୍ତ୍ର ସାଧନାର ଗୁମର ଫିଟିବାରେ ଲାଗିଛି

## ନାବାଳକଙ୍କୁ ବଳି ଅଭିଯୋଗ ଘଟଣା

ଲାଠୋର, ୨୦।୧୦
(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅଧୀନ ଜଲପାଙ୍କେଲ ଗ୍ରାମର ନାବାଳକ ସୋମନାଥ ବେମାଲ(୧୧)ଙ୍କ ମୃତଦେହ ଝଲିଆଲିଟି ବୁଢା ଡୁଙ୍ଗୁରି ଶିଖରରୁ ଗତ ୧୮ ତାରିଖ ଦିନ ଜବତ ହେବା ପରେ ଏହା ଶିଶୁବଳି ବୋଲି ଅଭିଯୋଗ ହେଉଛି। ଜଲପାଙ୍କେଲରେ ଗତ କିଛିବର୍ଷ ହେଲା ବସବାସ କରୁଥିବା ଜଣେ ବ୍ୟକ୍ତିଙ୍କ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ ବଢ଼ିବାରେ ଲାଗିଛି। ପ୍ରାଥମିକ ତଦନ୍ତରୁ ପୋଲିସ ଏହା ଏକ ହତ୍ୟାକାଣ୍ଡ ବୋଲି କହି ଆସୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଶିଶୁବଳି ବୋଲି ପ୍ରମାଣିତ ହୋଇପାରି ନାହିଁ। ଗ୍ରାମବାସୀ ସନ୍ଦେହ କରୁଥିବା ଉକ୍ତ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ଅପରପକ୍ଷରେ ସେହି ବ୍ୟକ୍ତି ଜଣକ ତନ୍ତ୍ର ସାଧନା କରୁଥିବା ନେଇ ଗୁମର ଫିଟିବାରେ ଲାଗିଛି।

ଜଲପାଙ୍କେଲ ଗ୍ରାମବାସୀଙ୍କ କହିବାନୁଯାୟୀ, ସନ୍ଦିଗ୍ଧ ବ୍ୟକ୍ତି ଜଣକ ଲାଠୋର ଥାନା ଅଧୀନ ଚାଉଲଡିଆ ଗ୍ରାମର ମୂଳ ବାସିନ୍ଦା। ତାଙ୍କର ବଡ଼ ଭାଇ ଜଣେ ତନ୍ତ୍ର ସାଧକ ଥିଲେ। ବଡଭାଇଙ୍କ ସହ ମିଶି ସେ ବିଭିନ୍ନ ଅଞ୍ଚଳକୁ ତନ୍ତ୍ର ସମ୍ପର୍କିତ କାମ କରିବା ପାଇଁ ଯାଉଥିଲେ। ବଡ଼ଭାଇ ୨୫ ବର୍ଷ ପୂର୍ବେ ଚାଉଲଡିଆ ଗ୍ରାମର ଏକ ପୋଖରୀ ନିକଟରେ କୁଡ଼ିଆ ଘର କରିଥିଲେ। ସେଠାରେ ଦୁଇ ଭାଇ ପୂଜା ପାଠ କରୁଛନ୍ତି କହି ତନ୍ତ୍ର ବିଦ୍ୟା



ସନ୍ଦିଗ୍ଧ ବ୍ୟକ୍ତିଙ୍କ ପୂଜା ଘର କୋଣରେ ରଖାଯାଇଥିବା ସିଲଭର ହଣ୍ଡା।

ସାଧନା କରୁଥିଲେ। ତେବେ ଗ୍ରାମର ମହିଳା ଏବଂ ଶିଶୁମାନଙ୍କ ଦେହ ଖରାପ ହେବାରୁ ଗ୍ରାମବାସୀ ସନ୍ଦେହ କରି ଦୁଇଭାଇ ତନ୍ତ୍ର ସାଧନା କରୁଥିବା ଉକ୍ତ କୁଡ଼ିଆକୁ ଭାଙ୍ଗି ଦେବା ସହ ବଡ଼ ଭାଇଙ୍କ ଚୁଟି କାଟି ଲଣ୍ଡା କରି ଦେଇଥିଲେ। ଏହି ଘଟଣାର କିଛିଦିନ ପରେ ଚିନ୍ତାରେ ବଡ଼ ଭାଇଙ୍କ ମୃତ୍ୟୁ ଘଟିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଭୟଭୀତ ହୋଇ ଶ୍ୱଶୁର ଘର ଜଲପାଙ୍କେଲକୁ ପରିବାରବର୍ଗଙ୍କୁ ଧରି ପଳାଇ ଆସିଥିଲେ। ଗ୍ରାମରେ ଏକ ସରକାରୀ ଜାଗାରେ ପ୍ରାୟ ୩୦ ଲକ୍ଷ ଟଙ୍କାର ଏକ କୋଠା ଘର କରି ବସବାସ କରୁଛନ୍ତି। ୨୦୧୩ରେ ଜଲପାଙ୍କେଲର ସୋନୁ ରଣାଙ୍କ ପୁଅ ମଧୁ(୧୮) ନାମକ ଜଣେ ଯୁବକଙ୍କ ମୃତଦେହ ଝଲିଆଲିଟି ଗ୍ରାମର ବୁଢା ଡୁଙ୍ଗୁରିରୁ ପୋଲିସ ଜବତ କରିଥିଲା। ମଧୁଙ୍କୁ ବଳି ଦିଆଯାଇଥିବା ଏବଂ ଏଥିରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ପୁଣି ଏବେ ସେହି ବୁଢ଼ା ଡୁଙ୍ଗୁରିରେ ଗ୍ରାମର ଆଉ ଜଣେ ନାବାଳକଙ୍କ ମୃତଦେହ ମିଳିବାରୁରୁ ଗ୍ରାମବାସୀ ବଳି ପକାଯାଇଛି ବୋଲି କହୁଛନ୍ତି। କୌଣସି କାରଣ ନ ଥାଇ କାହିଁକି ଜଣେ ନାବାଳକଙ୍କୁ ହତ୍ୟା କରାଯିବ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି। ଅପରପକ୍ଷରେ ଜଣେ ବରିଷ୍ଠ ପୋଲିସ ପଦାଧିକାରୀ ଘନ ଘନ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଶନିବାର ଲାଠୋର ପୋଲିସ ସମ୍ପୃକ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କ କୋଠା ଘର ଖୋଲିଥିଲା। ତାଙ୍କ ପୂଜା ଘରେ କେତେକ ଦେବଦେବୀଙ୍କ ଫଟୋଚିତ୍ର ରହିଥିଲା। ତେବେ ଘରର ଗୋଟିଏ କୋଣରେ ରହିଥିବା ଏକ ବଡ଼ ସିଲଭର ହଣ୍ଡାର ଚାରି ପାଖରେ ଲାଲ ରଙ୍ଗରେ ଝୋଟି ଭଳି ଚିତ୍ର ଅଙ୍କା ଯାଇଥିବା ଦେଖାଯାଇଥିଲା। ସେହି ହଣ୍ଡାରେ କିଛି ଅରୁଆ ଚାଉଳ ଏବଂ ଏକ ପ୍ରତିମୂର୍ତ୍ତି ଥିବା ପୋଲିସ ସହ ଉକ୍ତ ଘରକୁ ଯାଇଥିବା ଗ୍ରାମର କେତେଜଣ ବ୍ୟକ୍ତି ଦେଖିଥିବା ପ୍ରକାଶ କରିଛନ୍ତି। ଏଥିରୁ ଗ୍ରାମବାସୀଙ୍କ ସନ୍ଦେହ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ଼ୀଭୂତ ହୋଇଛି। ନାବାଳକ ମୃତ୍ୟୁ ଘଟଣାକୁ ନେଇ ନାନା ଆଲୋଚନା ହେଉଛି, ତେବେ ପୋଲସ କ'ଣ ସ୍ୱଷ୍ଟୀକରଣ ଦେଉଛି ତାହା ଜାଣିବା ପାଇଁ ସମସ୍ତେ ଚାହିଁ ବସିଛନ୍ତି।

# ଜେଲ ଗଲେ ଅଭିଯୁକ୍ତ ବାପା

## ଟ୍ରେନ୍ ଲାଇନରେ ପୁଅକୁ ବାନ୍ଧି ହତ୍ୟା ଉଦ୍ୟମ ଘଟଣା

ବଲାଙ୍ଗୀର, ୨୦।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ତ୍ରୀ ସହ ଝଗଡ଼ା ପରେ ୯ ବର୍ଷର ପୁଅକୁ ରେଳଲାଇନରେ ବାନ୍ଧି ହତ୍ୟା ଉଦ୍ୟମ କରିବା ଘଟଣାରେ ପୋଲିସ ବଲାଙ୍ଗୀରର ଅଭିଯୁକ୍ତ ବାପା ସଚିନ ଦାସଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ବଲାଙ୍ଗୀର କଂସାରୀପଡ଼ା ନିବାସୀ ସଚିନ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସଚିନ ତାଙ୍କ ପୁଅକୁ ଘରୁ ନେଇ ଯାଇଥିଲେ। ଏହାର କିଛି ସମୟ ପରେ ରେଳଲାଇନରେ ପୁଅକୁ ବାନ୍ଧି ଦେଇଥିବା ଫଟୋ ତାଙ୍କ ସ୍ତ୍ରୀଙ୍କ ପାଖକୁ ପଠାଇଥିଲେ। ମହିଳା ଜଣକ ଏଭଳି ଫଟୋ ଦେଖି ପୋଲିସ ହେଲ୍ପଲାଇନକୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ବଲାଙ୍ଗୀର ଟାଉନ ଥାନା ପୋଲିସ ତତ୍ପରତା ଦେଖାଇ ଟ୍ରେନ ଅଟକାଇବା ପ୍ରୟାସ କରି ନାବାଳକକୁ ରେଳଧାରଣାରୁ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୯ରେ ମାମଲା (୭୨୮/୨୪)ରୁଜୁ କରି ଅଭିଯୁକ୍ତ ସଚିନଙ୍କୁ ଗିରଫ କରିଥିଲା।

# ଗଣବଳାତ୍କାର ଅଭିଯୋଗରେ ଆଉ ଜଣେ ଗିରଫ

## ମୁମୂର୍ଷୁ ଅବସ୍ଥାରେ ନାବାଳିକା ଉଦ୍ଧାର ଘଟଣା

ମୋରଡ଼ା,୨୦।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରୁ ଜଣେ ନାବାଳିକା ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣା ପଛର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ସମ୍ପୃକ୍ତ ନାବାଳିକାଙ୍କୁ ଗଣବଳାତ୍କାର ପରେ ରାସ୍ତାକଡ଼ରେ ଫିଙ୍ଗି ଦିଆଯାଇଥିବା ପୋଲିସ ସ୍ପଷ୍ଟ କରିଛି। ଏହି ଘଟଣାରେ ପୂର୍ବରୁ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ରବିବାର ଆଉ ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ରାସ୍ତାକଡ଼ରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ନାବାଳିକାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣା ବାବଦରେ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମ୍ବିରା ମୁର୍ମୁ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରଥମେ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଘଟଣା ବାବଦରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ବିବରଣୀ ଦେଇ ନ ଥିଲା। ତେବେ ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି ସେନେଇ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।

# ନକଲି ସସ୍ ଧରପଗଡ଼, ଜଣେ ଗିରଫ

ରାଉରକେଲା,୨୦।୧୦(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଶନିବାର ରାତିରେ ପାଟ୍ରୋଲିଂ ସମୟରେ ଧରାପଡ଼ିଥିବା ନକଲି ସସ୍ ମାମଲାରେ ରବିବାର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିପିନ ସାହୁ। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୪୩/୨୪) ରୁଜୁ କରିଛି। ସୂଚନା ଅନୁଯାୟୀ, ଶନିବାର ପ୍ଲାଣ୍ଟସାଇଟ୍ ଅଞ୍ଚଳରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ହେଉଥିଲା। ଏହି ସମୟରେ ପୋଲିସ ଏକ ଟାଟା ଏସିଇ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ନକଲି ଟମାଟୋ ସସ୍, ଚିଲି ସସ୍ ଓ ନୁଡଲ୍ସ ଧରାପଡ଼ିଥିଲା। ଏହି ସାମଗ୍ରୀ ଉପରେ କୌଣସି ବ୍ୟାଚ୍ ନମ୍ବର ମଧ୍ୟ ନ ଥିଲା। ଦୋକାନୀ ମଧ୍ୟ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଘଟଣାସ୍ଥଳରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଖାଦ୍ୟ ସୁରକ୍ଷା ଅଧିକାରୀ ଏବଂ ଟିମ୍ ପହଞ୍ଚି ଜବତ ସାମଗ୍ରୀର ନମୁନା ସଂଗ୍ରହ କରିଥିଲେ। ୨ଦିନ ତଳେ ଇଣ୍ଡଷ୍ଟ୍ରିଆଲ ଅଞ୍ଚଳରେ ବିନା ଲାଇସେନ୍ସରେ ଚାଲିଥିବା ଏକ ଆଇସକ୍ରିମ ଫ୍ୟାକ୍ଟ୍ରି ଉପରେ ଆର୍‌ଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇ ତାହାକୁ ସିଲ୍ କରାଯାଇଥିଲା।

# ଡକାୟତି, ବାଇକ୍ ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ: ୧୦ ଗିରଫ

## ୫ଲକ୍ଷ ଟଙ୍କା ସହ ସୁନାଗହଣା, ୯ ବାଇକ୍ ଜବତ

ବାଲେଶ୍ୱର, ୨୦।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଞ୍ଚଳରେ ହୋଇଥିବା ଏକ ବଡ଼ଧରଣର ଡକାୟତି ଏବଂ ସଦର ଥାନା ଓ ସୋର ଥାନା ଅଞ୍ଚଳରେ ହୋଇଥିବା ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ ହୋଇଛି। ଏହି ସବୁ ଘଟଣାରେ ପୋଲିସ ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଚୋରି ହୋଇଥିବା ୫ଲକ୍ଷ ଟଙ୍କା, ୨ ହଳ ସୁନା ପଲା, ୪ଟି ସୁନା ମୁଦି, ୫ ହଳ କାନ ଫୁଲ, ୩ଟି ସୁନା ଲକେଟ୍ ଓ ଗୋଟିଏ ସୁନା ମଙ୍ଗଳସୂତ୍ର ସହ ୯ଟି ଚୋରି ବାଇକ୍ ଜବତ ହୋଇଛି ବୋଲି ରବିବାର ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ୧୩ତାରିଖ ରାତିରେ ସଦର ଥାନା ସିଲଡ଼ ଗ୍ରାମର ଜଣେ ବୃଦ୍ଧଙ୍କ ଘରୁ ଡକାୟତି ହୋଇଥିଲା। ଘରର ତାଲା ଭାଙ୍ଗି ଡକାୟତି ଦଳ ଏକ କାଠବାକ୍ସରେ ଥିବା ୫ଲକ୍ଷ ୭୦ହଜାର ଟଙ୍କା ସହ ଉପରୋକ୍ତ ସୁନାଗହଣା ସବୁ ନେଇ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଗତ ୧୬ତାରିଖରେ ସଦର ଥାନାରେ ଏକ ମାମଲା (ନଂ. ୪୧୮/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଘଟଣାର ଛାନଭିନ୍ କରି ପୋଲିସ ୫ଲକ୍ଷ ଟଙ୍କା ସହ ସୁନାଗହଣା ସବୁକୁ ଜବତ କରିଥିଲା। ଗିରଫ ୩ ଅଭିଯୁକ୍ତ ହେଲେ ସିଲଡ଼ ଗ୍ରାମର ଟୁନା ମାଝି, କଟିଛୁଆ ତପସ୍ୱୀ ଓ ହେଣ୍ଡା ତପସ୍ୱୀ। ସେହିପରି ସଦର ଥାନା ଅଞ୍ଚଳର ବାଇକ୍ ଚୋରି ନେଇ ଗତ ୧୯ତାରିଖରେ



ଜବତ ଚୋରି ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

ଏକ ମାମଲା (ନଂ. ୪୨୩/୨୪) ଓ ସୋର ଥାନାରେ ଏକ ମାମଲା (ନଂ. ୮୭୦/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଏହି ବାଇକ୍ ଚୋରି ଘଟଣାରେ ପୋଲିସ ସଦର ଥାନା ଅଞ୍ଚଳର ୫ଟି ଓ ସୋର ଥାନା ଅଞ୍ଚଳର ୪ଟି ଚୋରି ବାଇକ୍ ସହ ୪ଟି ମୋବାଇଲ ଫୋନ ଜବତ କରିଛି। ସଦର ଥାନା ଚୋରି ଘଟଣାରେ ଅଭିଯୁକ୍ତମାନେ ହେଲେ ହର୍ଷପୁରା ଗ୍ରାମର ବିଜୁ ବାରିକ, ଶଙ୍କରପୁରର ରାଜ ବେହେରା, ଗୁଡ଼ିପଦାର ବଳରାମ ଗୋଚ୍ଛାୟତ ଓ ଅରୁଣ ସିଂହ, ଚୋରି ବାଇକ୍ କିଣିଥିବା ଅଭିଯୁକ୍ତ ବାହାବଳପୁରର ଅଜିତ ମଣ୍ଡଳ, ଦୁବୁଲାଗଡ଼ିର ଜଗନ୍ନାଥ ବର ଏବଂ ସୋରରେ ବାଇକ୍ ଚୋରି ଅଭିଯୁକ୍ତ ଖନ୍ତାପଡ଼ା ଥାନା ଅଞ୍ଚଳର ବିଶ୍ୱଜିତ ଦାସ। ଗିରଫ ୧୦ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏସ୍‌ପିଙ୍କ ଉପସ୍ଥିତିରେ ୩ଜଣ ମାଲିକଙ୍କୁ ବାଇକ୍ ହସ୍ତାନ୍ତର କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା, ସଦର ଥାନା ଆଇଆଇସି ଦୟାନିଧି ଦାସ, ସୋର ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଓ ହଳଦୀପଦା ଫାଣ୍ଡି ଅଧିକାରୀ ଅରବିନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଜିପଲ୍ଲିରେ ଦମ୍ପତିଙ୍କ ଆତ୍ମହତ୍ୟା

ପୁରୁଷୋତ୍ତମପୁର,
୨୦।୧୦(ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କେ.ଏନ.ପୁର ପଞ୍ଚାୟତର ଖାଜିପଲ୍ଲି ଗ୍ରାମରେ ରବିବାର ରାତିରେ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ସନ୍ତୋଷ ସାହୁ (୪୦) ଓ ତାଙ୍କ ସ୍ତ୍ରୀ ସସ୍ମିତା (୩୩)। ସେମାନଙ୍କ ଛୋଟ ଝିଅ ସୋନାଲି (୧୨) ପୁଅ ଶୁଭମ ଅନାଥ ହୋଇଯାଇଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

ଖାଜିପଲ୍ଲିରେ ସନ୍ତୋଷଙ୍କ ପରିବାର ବସବାସ କରନ୍ତି। ଗ୍ରାମର ଅନ୍ୟ ଏକ ସ୍ଥାନରେ ରହୁଥିବା ଜେଜେବାପାଙ୍କ ଘରକୁ ସନ୍ଧ୍ୟାରେ ସୋନାଲି ଓ ଶୁଭମ ଯାଇଥିଲେ। ରାତିରେ ଉଭୟେ ନିଜ ଘରକୁ ଫେରିଥିଲେ। ମାତ୍ର ଘରର କବାଟ ବନ୍ଦ ରହିଥିବାରୁ ସେମାନେ ମା'ବାପାଙ୍କୁ ଡାକିଥିଲେ। ବହୁସମୟ ପର୍ଯ୍ୟନ୍ତ କବାଟ ପିଟି ଡାକିଥିଲେ ମଧ୍ୟ କେହି କବାଟ ଖୋଲି ନ ଥିଲେ। ଫଳରେ ଉଭୟେ ଭଉଣୀଭାଇ ବାହାରେ ଠିଆହୋଇ କାନ୍ଦିବାକୁ ଲାଗିଲେ। ସାହିପଡିଶା ଲୋକେ ଏହା ଦେଖି ଘରର କବାଟ ପିଟି ଡାକିଥିଲେ ମଧ୍ୟ କେହି ନ ଖୋଲିବାରୁ ଅନ୍ୟତ୍ର ରହୁଥିବା ତାଙ୍କ ଭାଇ, ବାପା ଓ ସସ୍ମିତାଙ୍କ ବାପଘରକୁ ଖବର ଦେଇଥିଲେ। ସମସ୍ତେ ପହଞ୍ଚି ଘର କବାଟଭାଙ୍ଗି ଭିତରେ ପଶିଥିଲେ। ଘରେ ସନ୍ତୋଷ ନିଜ ପିନ୍ଧା ଲୁଙ୍ଗିରେ ଏକ କାଠରେ ଫାଶି ଲଗାଇ ଝୁଲୁଥିବା ବେଳେ ସସ୍ମିତା ଖଟ ଉପରେ ପଡିଥିବା ଦେଖିବାକୁ ମିଳିଥିଲା। ଏନେଇ ଲୋକେ ପୋଲିସକୁ ଖବର ଦେଇଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଏସ୍‌ଆଇ ଶୁଶାନ୍ତ ମିଶ୍ର ଘଟଣାସ୍ଥଳକୁ ଯାଇ ଦେଖିବା ସହ ଉଭୟଙ୍କ ମୃତଦେହ ଜବତ କରିଥିଲେ। ସୋମବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ। କେଉଁ କାରଣରୁ ଦମ୍ପତି ଆତ୍ମହତ୍ୟା କଲେ ସେନେଇ ତଦନ୍ତ ଚାଲିଥିବା ଏସ୍‌ଆଇ ମିଶ୍ର କହିଛନ୍ତି। ମା'ବାପାଙ୍କୁ ହରାଇ ଅନାଥ ହୋଇପଡିଥିବା ଝିଅପୁଅଙ୍କୁ ପ୍ରଶାସନ ଥଇଥାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସବୁ ସ୍ପା ସେଣ୍ଟରରେ ନଜର ରଖିବ ପୋଲିସ

## ଅନୈତିକ କାର୍ଯ୍ୟ ଚାଲୁଥିଲେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୦।୧୦
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ରବି ଟକିଜ୍ ଛକ ଅଞ୍ଚଳରେ ଥିବା ଏକ ସେଲୁନ ଆଣ୍ଡ୍ ସ୍ପା'ର ଦୁଇ କର୍ମଚାରୀ ଜଣେ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟ କରିବାକୁ ବାଧ କରିବା ଘଟଣା ସାମ୍ନାକୁ ଆସିବା ପରେ କମିଶନରେଟ ପୋଲିସର ଚେତା ପଶିଛି। ସହରର ସବୁ ଥାନା ଅଞ୍ଚଳରେ ଥିବା ସ୍ପା' ସେଣ୍ଟରଗୁଡିକ ଉପରେ ପୋଲିସ ତୀକ୍ଷ୍ଣ ନଜର ରଖି ସେଗୁଡ଼ିକୁ ଯାଞ୍ଚ କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ସୂଚନା ଦେଇ କହିଛନ୍ତି, ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଖୁବଶୀଘ୍ର ପ୍ରସ୍ତୁତ କରାଯିବ। ସ୍ପା' ସେଣ୍ଟରଗୁଡ଼ିକରେ ବାସ୍ତବରେ କ'ଣ ଚାଲିଛି ତାହା ପଦାକୁ ଆସିବ। ଯଦି କୌଣସି ସେଣ୍ଟରରେ ଅନୈତିକ କାର୍ଯ୍ୟ ଚାଲୁଥିବା ସାମ୍ନାକୁ ଆସେ, ତା'ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବରରେ ସତ୍ୟନଗର ଅଞ୍ଚଳରେ ମଧ୍ୟ ସ୍ପା ସେଣ୍ଟରର ବୋର୍ଡ ମରାଯାଇ ଭିତରେ ଅନୈତିକ କାର୍ଯ୍ୟ ଚାଲୁଥିବା ଜଣାପଡ଼ିବା ପରେ ଖାରବେଳନଗର ପୋଲିସ ଚଢ଼ାଉ କରି ୪ ଯୁବତୀଙ୍କୁ ଉଦ୍ଧାର କରିବା ସହ ୨ ଦଲାଲଙ୍କୁ ଗିରଫ କରିଥିଲା। ହେଲେ ଏହାପରେ ବି ଅନ୍ୟ କୌଣସି ସ୍ପା ସେଣ୍ଟର ଉପରେ ପୋଲିସ ନଜର ରଖି ନ ଥିଲା। ଫଳରେ ସହରର ବିଭିନ୍ନ ସ୍ଥାନରେ ଏଭଳି ବେଆଇନ କାର୍ଯ୍ୟ କରାଯାଉଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇଆସୁଛି।

ସୂଚନାନୁସାରେ, ରବି ଟକିଜ୍ ଛକର ଏକ ସେଲୁନ ଆଣ୍ଡ୍ ସ୍ପାରେ ଜଣେ ନାବାଳିକାଙ୍କୁ ଚାକିରି ଦେବା ଆଳରେ ଅନୈତିକ କାର୍ଯ୍ୟ କରିବାକୁ ବାଧ କରାଯାଉଥିଲା। ଉକ୍ତ ନାବାଳିକା ଏଭଳି କାର୍ଯ୍ୟ ପାଇଁ ମନା କରିବାରୁ ତାଙ୍କୁ ସ୍ପା'ର ଦୁଇ କର୍ମଚାରୀ ଏକ ଘରେ ତାଲା ପକାଇଦେବା ସହ ଉଦ୍ଧାର କରି ଆସିଥିବା ତାଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ନାବାଳିକାଙ୍କ ଚିତ୍କାର ଶୁଣି ସ୍ପା' ସେଣ୍ଟରକୁ ଯାଇ ନାବାଳିକା ଓ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଉଦ୍ଧାର କରିବା ସହ ୨ କର୍ମଚାରୀଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ନରହରି ସ୍ୱର୍ଣ୍ଣ, କମଳାକାନ୍ତ ରୌପ୍ୟ


ନରହରି ବେହେରା


କମଳାକାନ୍ତ ନାୟକ

**ଜାତୀୟ ପାରା ସନ୍ତରଣ**

ଭୁବନେଶ୍ୱର,୨୦।୧୦ (ସରୋଜ ଜେନା)

ଗୋଆର ପଣଜୀରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପର ପ୍ରଥମ ଦିନରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ଏସ୍-୫ ବର୍ଗର ୧୦୦ ମିଟର ଇଭେଣ୍ଟରେ ନରହରି ବେହେରା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଏସ୍-୪ ବର୍ଗର ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ କମଳାକାନ୍ତ ନାୟକ। ନରହରି ୧:୫୪.୭୩ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିଲେ। ଆନ୍ଧ୍ର ପ୍ରଦେଶର ଲକ୍ଷ୍ମଣ ରାଓ ଓ ବିହାରର ମହମ୍ମଦ ଶାମ୍ସ ଆଲମ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ କମଳାକାନ୍ତ ୩:୧୬.୦୯ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ଜିତିଥିଲେ। ରାଜସ୍ଥାନର ଲଖନ ସିଂ ସ୍ୱର୍ଣ୍ଣ ଓ ହରିୟାଣାର ବଲରାଜ ବ୍ରୋଞ୍ଜ ପଦକ ଜିତିଥିଲେ।

# ଭାରତୀୟ ଆଥ୍‌ଲେଟଙ୍କ ପ୍ରଭାବୀ ପ୍ରଦର୍ଶନ

**ଏସିଆନ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍**

ହଂକଂ, ୨୦।୧୦ (ପି.ଟି.)

ଭାରତୀୟ ଆଥ୍‌ଲେଟ୍‌ମାନେ ସିଜନରେ ସେମାନଙ୍କ ପ୍ରଥମ କଣ୍ଟିନେଣ୍ଟାଲ କ୍ରସ୍ କଣ୍ଟ୍ରିରେ ଆଧିପତ୍ୟ ବିସ୍ତାର କରି ୧୧ ପଦକ ଜିତିଛନ୍ତି। ଭାରତ ରବିବାର ସମସ୍ତ ୪ଟିମ୍ କାଟେଗୋରି (ପୁରୁଷ, ମହିଳା ଓ ୨୦ ବର୍ଷରୁ କମ୍ ପୁରୁଷ ଓ ୨୦ବର୍ଷରୁ କମ୍ ମହିଳା)ରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ପୁରୁଷ ବ୍ୟକ୍ତିଗତ ୧୦ କିମି ଇଭେଣ୍ଟରେ ଭାରତ କ୍ଲିନ୍ ସୁଇପ ହାସଲ କରିଛି। ଭାରତୀୟ ମହିଳା ଆଥ୍‌ଲେଟମାନେ ବ୍ୟକ୍ତିଗତ ୧୦କିମି ରେସ୍‌ରେ ସ୍ୱର୍ଣ୍ଣ ଓ ରୌପ୍ୟ ପାଇଥିବା ବେଳେ ଅଳ୍ପକେ ବ୍ରୋଞ୍ଜରୁ ବଞ୍ଚିତ ହୋଇଛନ୍ତି। ଏସିଆନ ଗେମ୍ସ ପଦକ ବିଜେତା ତଥା ୫,୦୦୦ମିଟର ଓ ୧୦,୦୦୦ମିଟର ଟ୍ରାକ୍ ଇଭେଣ୍ଟରେ ଜାତୀୟ ରେକର୍ଡଧାରୀ ଗୁଲ୍‌ବୀର ସିଂ ପୁରୁଷ ୧୦ କି.ମି. ରେସକୁ ୩୨:୪୩ ମିନିଟ ଟାଇମିଂରେ ଜିତିଛନ୍ତି। ଅଭିଷେକ ପାଲ୍ ୩୨:୪୯ ମିନିଟ ଟାଇମିଂରେ ଦ୍ୱିତୀୟ ହୋଇଥିବା ଅରୁଣ ରାଠୋଡ (୩୨:୫୨) ତୃତୀୟ ସ୍ଥାନରେ ରହିଥିଲେ। ଭାରତର କାର୍ତ୍ତିକ କୁମାର ଚତୁର୍ଥ ହୋଇଥିଲେ। ଏହି ଇଭେଣ୍ଟର ମହିଳା ବିଭାଗରେ ସୀମା ୩୭:୨୦ ମିନିଟ ଟାଇମିଂରେ ନିଜ ଦେଶର ସଞ୍ଜୀବନୀ ଯାଦବଙ୍କୁ ଅତିକ୍ରମ କରି ସ୍ୱର୍ଣ୍ଣ ଜିତିଥିଲେ। ସଞ୍ଜୀବନୀ ୩୭:୨୦ମିନିଟ ଟାଇମିଂରେ ରୌପ୍ୟ ପଦକ ପାଇଥିଲେ।

## ଭାରତୀୟ ଟେଷ୍ଟ ଦଳରେ ୱାଶିଂଟନ ସୁନ୍ଦର ସାମିଲ

**ବେଙ୍ଗାଲୁରୁ, ୨୦।୧୦ (ପି.ଟି.):** ନ୍ୟୁଜିଲାଣ୍ଡ ବିପକ୍ଷ ଅବଶିଷ୍ଟ ଦୁଇ ଟେଷ୍ଟ ମ୍ୟାଚ ପାଇଁ ଭାରତୀୟ କ୍ରିକେଟ ଦଳରେ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରାଯାଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଓପନର ୮ ଉଇକେଟରେ ପରାସ୍ତ ହେବା ପରେ ଚୟନକର୍ତ୍ତାମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଚଳିତ ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ଏହି ୨୫ ବର୍ଷୀୟ କ୍ରିକେଟର ୧୫୨ ରନ କରିଛନ୍ତି। ୨୦୨୧ ଜାନୁଆରୀରେ ଗାବାଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଐତିହାସିକ ବିଜୟରେ ୱାଶିଂଟନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହା ପୁଣି ଥିଲା ତାଙ୍କର ଟେଷ୍ଟ ପଦାର୍ପଣ ମ୍ୟାଚ। ଭାରତ ଆଗକୁ ଅଷ୍ଟ୍ରେଲିଆ ଟୁର୍‌ରେ ଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରସ୍ତୁତ କରାଯାଇଥିବା ଯୋଜନାରେ ୱାଶିଂଟନଙ୍କୁ ସାମିଲ କରାଯାଇଛି। ଏହି ଅଲରାଉଣ୍ଡର ଜନକ ଇତିମଧ୍ୟରେ ଭାରତ ତରଫରୁ ୪ ଟେଷ୍ଟ, ୨୨ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫୨ ଅନ୍ତର୍ଜାତୀୟ ଟି୨୦ ଖେଳିସାରିଛନ୍ତି। ପୁଣେରେ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୨୪ରୁ ଖେଳାଯିବ।

## ଓଡ଼ିଶା ବିପକ୍ଷରେ ତାମିଲନାଡୁ ବିଜୟୀ

**ଭୁବନେଶ୍ୱର, ୨୦।୧୦ (ବିଜୟ ରଣା):** ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏକ ସିନିୟର ମହିଳା ଟି୨୦ କ୍ରିକେଟ ମ୍ୟାଚରେ ତାମିଲନାଡୁ ୫ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୯.୪ ଓଭରରେ ୯୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ସୁଶ୍ରୀ ଦିବ୍ୟଦର୍ଶିନୀ ୩୦ ବଲ୍‌ରୁ ୩ ଚୌକା ସହ ୨୮ ରନ କରିଥିଲେ। ତାମିଲନାଡୁର ସଫଳ ବୋଲର କେ.ଏନ୍. ରାମ୍ୟାଶ୍ରୀ ୧୩ ରନ ବିନିମୟରେ ୩ ଉଇକେଟ ନେଇଥିଲେ। ଜବାବରେ ତାମିଲନାଡୁ ୧୯ ଓଭରରେ ୫ ଉଇକେଟ ବିନିମୟରେ ୯୨ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଆର୍ଶି ଚୌଧାରୀ ୪୪ ରନ (୬ କରିଥିଲେ।

# ପ୍ରଥମ ଇନିଂସରେ ଓଡ଼ିଶା ଅଗ୍ରଣୀ

**ରଣଜୀ ଟ୍ରଫି**

**ଗୋବିନ୍ଦ ପୋଦ୍ଦାରଙ୍କ ଅପରାଜିତ ଶତକ**

ଭୁବନେଶ୍ୱର,୨୦।୧୦(ସରୋଜ ଜେନା)

କଟକର ବାରବାଟୀ ଷ୍ଟାଡିୟମରେ ଜମ୍ମୁ କଶ୍ମୀର ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ମହତ୍ତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି ଓଡ଼ିଶା। ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ଅପରାଜିତ ଶତକ ବଳରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୨ ରନ୍ କରି ୨ ରନ୍‌ର ଅଗ୍ରଣୀ ହାସଲ କରିଛି। ଜବାବରେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଜମ୍ମୁ କଶ୍ମୀର ୪ ଉଇକେଟ ହରାଇ ୧୯୫ ରନ୍ ସଂଗ୍ରହ କରିଛି। ହାତରେ ୬ ଉଇକେଟ ରହିଥିବା ବେଳେ ଦଳ ୧୯୩ ରନ୍‌ରେ ଆଗୁଆ ରହିଛି। ଅବଦୁଲ ସମଦଙ୍କ ଶତକ ବଳରେ ଜମ୍ମୁ କଶ୍ମୀର ପ୍ରଥମ ଇନିଂସରେ ୨୭୦ ରନ୍ କରିଥିଲା। ଜବାବରେ ପୋଦ୍ଦାରଙ୍କ ଅପରାଜିତ ୧୩୩ ରନ୍ ବଳରେ ଓଡ଼ିଶା ୨୭୨ ରନ୍‌ରେ ଅଲଆଉଟ ହୋଇଥିଲା।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୯୮/୫ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଗୋବିନ୍ଦ ପୋଦ୍ଦାର(୧୩୩*) ଓ ଆଶୀର୍ବାଦ ସ୍ୱାଇଁ(୩୨) ଦଳୀୟ ସ୍କୋରକୁ ୨୧୭ ରନ୍‌ରେ ପହଞ୍ଚାଇଥିଲେ। ଉଭୟ ୧୧୧ ରନ୍ ଯୋଡିବା ପରେ ଆଶୀର୍ବାଦଙ୍କୁ ଆଉଟ କରିଥିଲେ ଆବିଦ୍ ମୁସ୍ତାକ। ଅଧିନାୟକ ଗୋବିନ୍ଦ ପୋଦ୍ଦାର ଏହାପରେ ସମ୍ମୁଖ ଭାଗରୁ ଆକ୍ରମଣ କରିଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ(୭), ଦେବବ୍ରତ ପ୍ରଧାନ(୧), ରାଜେଶ ମହାନ୍ତି(୮) ଓ ସୁମିତ ଶର୍ମା(୦)ଙ୍କୁ ସାଥୀ କରି ସେ ୫୫ ରନ୍ ଯୋଡିଥିଲେ। ସୂର୍ଯ୍ୟକାନ୍ତଙ୍କ ସହ ୧୩ ରନ୍ ଯୋଡିବା ପରେ ୟୁଧବୀର ସିଂ ଚରକ ଏହି ଭାଗୀଦାରି ଶେଷ କରିଥିଲେ। ପରବର୍ତ୍ତୀ ବ୍ୟାଟର ଦେବବ୍ରତ ମହାନ୍ତି ମଧ୍ୟ ମାତ୍ର ୧ ରନ୍ କରି ଆଉଟ ହୋଇଥିଲେ। ରାଜେଶ ମହାନ୍ତିଙ୍କୁ ସାଥୀ କରି ପୋଦ୍ଦାର ୩୨ ରନ୍ ଯୋଡିଥିଲେ। ଆଉ ୭ ରନ୍ ପଛରେ ଥିବା ବେଳେ ରାଜେଶଙ୍କୁ ଆଉଟ କରିଥିଲେ ଉମର ନାଜିର। ଅନ୍ତିମ ବ୍ୟାଟର ସୁମିତ ଶର୍ମା ୭ ବଲ୍ ଖେଳି ଖାତା ଖୋଲି ନ ଥିଲେ ମଧ୍ୟ ପୋଦ୍ଦାରଙ୍କ ସହ ଯୋଡିଥିଲେ ଗୁରୁତ୍ୱପୂର୍ଣ୍ଣ ୯ ରନ୍। ଜମ୍ମୁ କଶ୍ମୀର ପକ୍ଷରୁ ଆବିଦ ମୁସ୍ତାକ ୪, ଉମର ନାଜିର ୩, ଆକ୍ୱିବ୍ ଦର, ୟୁଧବୀର ସିଂ ଚରକ ଓ ସାହିଲ ଲୋତ୍ରା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ଜବାବରେ ଜମ୍ମୁ କଶ୍ମୀର ଦ୍ୱିତୀୟ ଇନିଂସରେ ୫୯ ଓଭର ବ୍ୟାଟିଂ କରି ୪ ଉଇକେଟ ହରାଇ ୧୯୫ ରନ୍ କରିଛି। ପ୍ରଥମ ଇନିଂସର ଶତକ ହାସଲକାରୀ ଅବଦୁଲ ସମଦ ଅପରାଜିତ ଅର୍ଦ୍ଧଶତକ ହାସଲ କରିଛନ୍ତି। ସମଦ ୬୯ ବଲ୍ ଖେଳି ୫ ଛକା ମାରି ୭୦ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶୁଭମ ଖଜୁରିଆ ୪୩ ଓ ଶୁଭମ ପୁନ୍ଦିର ୪୦ ରନ୍ ସ୍କୋର କରିଛନ୍ତି। ଓଡ଼ିଶା ପକ୍ଷରୁ ପାର୍ଟ ଟାଇମର କାର୍ତ୍ତିକ ବିଶ୍ୱାଳ ୨, ସୁମିତ ଶର୍ମା ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ଶତକ ହାସଲ ପରେ ଉଲ୍ଲସିତ ଗୋବିନ୍ଦ ପୋଦ୍ଦାର।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ ୨୭୦/୧୦। ଓଡ଼ିଶା ପ୍ରଥମ ଇନିଂସ ୮୭.୫ ଓଭରରେ ୨୭୨/୧୦ (ଗୋବିନ୍ଦ ପୋଦ୍ଦାର-୧୩୩*, ଅନୁରାଗ ଷଡଙ୍ଗୀ-୩୫, ଆଶୀର୍ବାଦ ସ୍ୱାଇଁ-୩୨, ଆବିଦ୍ ମୁସ୍ତାକ-୪/୮୪, ଉମର ନାଜିର-୩/୩୩, ଆକ୍ୱିବ ଦର-୧/୪୧)। ଜମ୍ମୁ କଶ୍ମୀର ଦ୍ୱିତୀୟ ଇନିଂସ ୫୯ ଓଭରରେ ୧୯୫/୪ (ଅବଦୁଲ ସମଦ-୭୦*, ଶୁଭମ ଖଜୁରିଆ-୪୩, ଶୁଭମ ପୁନ୍ଦିର-୪୦, କାର୍ତ୍ତିକ ବିଶ୍ୱାଳ-୨/୨୫, ସୂର୍ଯ୍ୟକାନ୍ତ ପ୍ରଧାନ-୧/୧୯, ସୁମିତ ଶର୍ମା-୧/୬୧)।

# ହର୍ଷଲଙ୍କ ଶତକ: ମହାରାଷ୍ଟ୍ର ୨୬୮/୫

**ସି. କେ. ନାଇଡୁ ଟ୍ରଫି**

ବରଗଡ଼,୨୦।୧୦(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଏବଂ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାରଠାରୁ ସ୍ଥାନୀୟ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡ୍‌ରେ ଓଡ଼ିଶା ଏବଂ ମହାରାଷ୍ଟ୍ର ମଧ୍ୟରେ ସି. କେ. ନାଇଡୁ ଏଲିଟ୍ ଗ୍ରୁପ (ଏ)ର ଏକ ମ୍ୟାଚ ଆରମ୍ଭ ହୋଇଛି। ଏଥିରେ ମହାରାଷ୍ଟ୍ର ଦଳ ପ୍ରଥମେ ବ୍ୟାଟିଂ କରି ରବିବାର ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୫ଉଇକେଟ ହରାଇ ୨୬୮ ରନ କରିଛି। ଦଳର ଦୁଇ ଓପନର ସିଦ୍ଧାନ୍ତ ଦୋଶୀ ଏବଂ ଅନିକେତ୍ ଏସ୍. ନାଲ୍ଲାଡ଼େ ଶୀଘ୍ର ଆଉଟ୍ ହୋଇ ଯାଇଥିଲେ। ପରେ ବ୍ୟାଟିଂ କରିବାକୁ ଆସିଥିବା ହର୍ଷଲ କାଟେ ୧୦୧ ରନ୍ କରି ଅପରାଜିତ ରହି ଖେଳୁଥିବା ବେଳେ ଭୀଷଣ ଗୁଳଗୁଳି ଯୋଗୁ ରିଟାୟର୍ଡ଼ ହର୍ଟ୍ ହୋଇ ପଡ଼ିଆ ଛାଡ଼ିଥିଲେ। ତାଙ୍କ ପରେ ଆସିଥିବା ଅନ୍ୟ ଖେଳାଳିମାନେ ଖେଳ ଜାରି ରଖି ଦଳର ସ୍କୋର ଆଗକୁ ବଢ଼ାଇଥିଲେ। ଦଳ ପକ୍ଷରୁ ସିଦ୍ଧାନ୍ତ ଦୋଶୀ ୩୬, କୌଶଳ ତାମ୍ବେ ୪୧ ରନ୍ କରିଥିଲେ। ଖେଳ ଶେଷ ବେଳକୁ ଅଭିଷେକ ପାୱାର ୪ରନ୍ ଏବଂ ବିକି ଓସ୍ତୱାଲ ୧ରନ୍ କରି ଅପରାଜିତ ଅଛନ୍ତି। ଓଡ଼ିଶା ଦଳ ପକ୍ଷରୁ ଆଶୁତୋଷ ମାରାଣ୍ଡି ୪୮ରନ୍ ବିନିମୟରେ ୨ ଏବଂ ଆୟୁଷ ବାରିକ ୪୩ରନ୍ ବିନିମୟରେ ଗୋଟିଏ ଉଇକେଟ୍ ନେଇଛନ୍ତି। ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱ ଏବଂ ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା ଅତିଥି ଭାବେ ଯୋଗଦେଇ ଥିଲେ।


ହର୍ଷଲ କାଟେ


ସି. କେ. ନାଇଡୁ ଟ୍ରଫିର ଉଦ୍‌ଘାଟନୀ ସମାରୋହ।

## ବୋଲିପାଲି-ଖାଡେଙ୍କୁ ପ୍ରଥମ ଏଟିପି ଟାଇଟଲ

**ନୂଆଦିଲ୍ଲୀ, ୨୦।୧୦ (ପି.ଟି.):** ବାସଲେଠାରେ ଚାଲିଥିବା ସୁଇସ୍ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ସୁମିତ ନାଗାଲ କ୍ୱାଲିଫାଇଂ ଦ୍ୱିତୀୟ ରାଉଣ୍ଡରେ ପରାଜିତ ହୋଇଥିବା ବେଳେ ରିତ୍ୱିକ ଚୌଧାରୀ ବୋଲିପାଲି ଓ ଅର୍ଜୁନ ଖାଡେ ଅଲ୍‌ମାଟିଠାରେ ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ନାଗାଲ ହେଉଛନ୍ତି ଜଣେ ଅଲିମ୍ପିଆନ ଓ ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି। ବାସେଲରେ କ୍ୱାଲିଫାୟରରେ ସେ ଅଷ୍ଟ୍ରେଲିଆର ଜେମ୍ସ ଡକ୍‌ୱର୍ଥଙ୍କଠାରୁ ୬-୪, ୭-୬ (୨)ରେ ହାରିଯାଇଛନ୍ତି। କିନ୍ତୁ ଅଲମାଟିଠାରେ ବୋଲିପାଲି ଓ ଖାଡେଙ୍କ ସ୍ୱପ୍ନ ସାକାର ହୋଇଛି। ଏହି ଭାରତୀୟ ଯୋଡ଼ି ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ କଲମ୍ବିଆର ନିକୋଲାସ ବାରିଣ୍ଟସ୍ ଓ ଟ୍ୟୁନିସିଆର ସ୍କାଣ୍ଡର ମାନସୋରିଙ୍କୁ ୩-୬, ୭-୬, ୧୪-୧୨ରେ ହରାଇ ଦେଇଛନ୍ତି।



ସ୍ପୋର୍ଟସ ଲଗଅନ ପୁରସ୍କାର ସହ ଅତିଥିଙ୍କ ଗହଣରେ ଖେଳାଳି।

# ସ୍ପୋର୍ଟସ ଲଗଅନ ପୁରସ୍କାର ୨୦୨୪

ଭୁବନେଶ୍ୱର,୨୦।୧୦(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର୍ ଅଡିଟୋରିୟମ ଠାରେ ରବିବାର ସ୍ପୋର୍ଟସ ଲଗଅନ ପୁରସ୍କାର ୨୦୨୪ ପ୍ରଦାନ କରାଯାଇଛି। ସନ୍ତରଣକାରୀ ମନ୍ନତା ମିଶ୍ରଙ୍କୁ କୁମୁଦିନୀ ମିଶ୍ର କ୍ରୀଡା ପ୍ରତିଭା ପୁରସ୍କାର ପାଇଁ ୧୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ଉଦୀୟମାନ କ୍ରୀଡାବିତ ଭାବେ ପାରାଆଥଲେଟ ସୁଚିତ୍ରା ପରିଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା। ଅଲିମ୍ପିଆନ କିଶୋର ଜେନାଙ୍କୁ ୨୦୨୩ ଓ ୨୪ ବର୍ଷର ଶ୍ରେଷ୍ଠ କ୍ରୀଡାବିତ ପୁରସ୍କାର ଦିଆଯାଇଥିଲା। କିଶୋରଙ୍କ ଅନୁପସ୍ଥିତିରେ ତାଙ୍କ ବାପା ପୁରସ୍କାର ଗ୍ରହଣ କରିଥିଲେ। ଭାରତୀୟ ଜୁନିୟର ଫୁଟବଲ ଦଳର କୋଚ ଶୁଭେନ୍ଦୁ ପଣ୍ଡାଙ୍କୁ ସର୍ବଶ୍ରେଷ୍ଠ ପ୍ରଶିକ୍ଷକ ଭାବରେ ପୁରସ୍କୃତ କରାଯାଇଥିଲା। ପ୍ଲେୟର ଅଫ ଦି ବାଏଗନ ଏରା ପୁରସ୍କାର ପାଇଥିଲେ ଓଡିଶାର ପୂର୍ବତନ ଭଲିବଲ ଖେଳାଳି ଦୁଃଖୀଶ୍ୟାମ ମଲ୍ଲିକ। ତାଙ୍କ ସ୍ଥାନରେ ଝିଅ ଆଶା ମଲ୍ଲିକ ପୁରସ୍କାର ଗ୍ରହଣ କରିଥିଲେ। ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏସଏନ୍‌ଏମ ଗ୍ରୁପ୍ ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି, ପୂର୍ବତନ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନୁଗୁଳ ସୁକିନ୍ଦା ରେଳବାଇ ଲିମିଟେଡ ଏମ ଡି ଦିଲ୍ଲୀପ ସାମନ୍ତରାୟ, ସାମାଜିକ କର୍ମୀ କୁମୁଦିନୀ ମିଶ୍ର, ଶିବ ମହାନ୍ତି ଏବଂ ତନ୍ମୟ ଦାସ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଭାରତୀୟ ଦଳକୁ ଫେରିଲେ ବରୁଣ କୁମାର

ନୂଆଦିଲ୍ଲୀ, ୨୦।୧୦ (ପି.ଟି.)

ଅକ୍ଟୋବର ୧୩ ଓ ୨୪ରେ ଜର୍ମାନୀ ବିପକ୍ଷରେ ଖେଳାଯିବାକୁ ଥିବା ଦୁଇ ହକି ଟେଷ୍ଟ ମ୍ୟାଚ ପାଇଁ ଭାରତୀୟ ହକି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଡିଫେଣ୍ଡର ବରୁଣ କୁମାର। ଯୌନ ନିର୍ଯାତନା ଅଭିଯୋଗ ପାଇଁ ଏହି ଖେଳାଳି ପ୍ୟାରିସ ଅଲିମ୍ପିକ୍ସ ଓ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଖେଳିବାରୁ ବଞ୍ଚିତ ହୋଇଥିଲେ। ଜଣେ ପୂର୍ବତନ ଜୁନିୟର ଭଲିବଲ୍ ଖେଳାଳି ତଥା ୨୨ ବର୍ଷୀୟା ମହିଳା ଅଭିଯୋଗ କରିଥିଲେ ଯେ, ବରୁଣ ଗତ ୫ ବର୍ଷ ମଧ୍ୟରେ ତାଙ୍କୁ ବହୁବାର ଯୌନ ନିର୍ଯାତନା ଦେଇଛନ୍ତି। ସେତେବେଳେ ସେ ଜଣେ ନାବାଳିକା ଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ବେଙ୍ଗାଲୁରୁ ପୋଲିସ ଗତ ଫେବୃଆରୀରେ ବରୁଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ତେବେ ପରବର୍ତ୍ତୀ ସମୟରେ ବରୁଣ ତାଙ୍କ ବିରୋଧରେ ଆଗତ ସମସ୍ତ ଅଭିଯୋଗରୁ ଦୋଷମୁକ୍ତ ହୋଇଥିବା ଜଣାପଡ଼ିବା ପରେ ତାଙ୍କୁ ଦଳରେ ସାମିଲ କରାଯାଇଛି। ରବିବାର ଘୋଷଣା କରାଯାଇଥିବା ଭାରତୀୟ ହକି ଦଳରେ ହରମନପ୍ରୀତ ସିଂଙ୍କୁ ଅଧିନାୟକ ଏବଂ ବିବେକ ସାଗର ପ୍ରସାଦଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ବିଚକ୍ଷଣ ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ଫିଟ୍ ହୋଇ ନାହାନ୍ତି। ଅଲିମ୍ପିକ୍ସ ବେଳେ ସେ ଆଘାତପ୍ରାପ୍ତ ହୋଇଥିଲେ। ଦ୍ୱିପାକ୍ଷିକ ସିରିଜରେ ରାଜିନ୍ଦର ସିଂ ଓ ଆଦିତ୍ୟ ଅର୍ଜୁନ ଲାଗାଟେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିବେ।



**ଭାରତୀୟ ହକି ଦଳ:** ଗୋଲ୍‌କିପର- କ୍ରିଶନ ବାହାଦୁର ପାଠକ, ସୁରଜ କରକେରା। ଡିଫେଣ୍ଡର-ଜରମନପ୍ରୀତ ସିଂ, ଅମିତ ରୋହିଦାସ, ହରମନପ୍ରୀତ ସିଂ (ଅଧିନାୟକ), ବରୁଣ କୁମାର, ସଞ୍ଜୟ ସୁମିତ, ନିଲମ ସଞ୍ଜୀପ ଖେସ୍। ମିଡ୍‌ଫିଲ୍ଡର: ମନ୍‌ପ୍ରୀତ ସିଂ, ବିବେକ ସାଗର ପ୍ରସାଦ (ଉପଅଧିନାୟକ), ବିଷ୍ଣୁକାନ୍ତ ସିଂ, ନୀଳକାନ୍ତ ଶର୍ମା, ଶମସେର ସିଂ, ମହମ୍ମଦ ରାହିଲ ମୋସିନ, ରାଜୀନ୍ଦର ସିଂ। ଫରୱାର୍ଡ: ମନଦୀପ ସିଂ, ଅଭିଷେକ ସୁଖଜିତ୍ ସିଂ, ଆଦିତ୍ୟ ଅର୍ଜୁନ ଲାଲାଗେ, ଦିଲପ୍ରୀତ ସିଂ, ଶିଳାନନ୍ଦ ଲାକ୍ରା।

# ରାଜ୍ୟସ୍କୁଲ ଓପନ ଚେସ୍: ଆତିଶ ଚାମ୍ପିୟନ

ଭୁବନେଶ୍ୱର, ୨୦।୧୦ (ବିଜୟ ରଣା)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ବିଜେଇଏମ୍ ସ୍କୁଲର ମିଳିତ ଆନୁକୂଲ୍ୟରେ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ରାଉଣ୍ଡ ବିଶିଷ୍ଟ ମିନି ଗ୍ରୁପ୍ ବିଭାଗ ପ୍ରତିଯୋଗିତାରେ ଡିଏଭି ପବ୍ଲିକ ସ୍କୁଲର ଆତିଶ ନନ୍ଦ ଗୋସ୍ୱାମୀ ୪ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। ବିଜେଇମ୍ ସ୍କୁଲର-୧ର ସାଇ କ୍ରିଷ୍ଣା ସାମଲ ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସାମନ୍ତରାପୁର ସେଣ୍ଟ ଜାଭିଅରର୍ସ ସ୍କୁଲର ଆର୍ୟଂଶ ମିଶ୍ର ତୃତୀୟ ହୋଇଥିଲେ। ସେହିପରି ସବ୍-ଜୁନିୟର ବିଭାଗରେ ଅତିଶ ନନ୍ଦ ଗୋସ୍ୱାମୀ (ଡିଏଭି ପବ୍ଲିକ ସ୍କୁଲ , ୟୁନିଟ୍-୮), ଆୟୁଷ ପରିଡ଼ା (ଲୋୟୋଲା ସ୍କୁଲ) ଓ ଜେ.ଭି ଶିବମ (ଡିଏଭି ଚନ୍ଦ୍ରଶେଖରପୁର) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଏହାଛଡ଼ା ଅନ୍ୟ ବୟସ ବର୍ଗର ଖେଳାଳିମାନଙ୍କ ପ୍ରତିଯୋଗିତା ମଧ୍ୟ ହୋଇଥିଲା। ବିଜେଇଏମ୍ ସ୍କୁଲ-୨ର ପ୍ରିନ୍ସିପାଲ ଅଳକା ମହାନ୍ତି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ବିଜେଇମ୍ ସ୍କୁଲ-୨ର କ୍ରୀଡ଼ା ବିଭାଗ ମୁଖ୍ୟ ଅଜୟ ସର୍କାର, କ୍ରୀଡ଼ା ଶିକ୍ଷୟିତ୍ରୀ ନୀଳିମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ନୋବେଲ ପୁରସ୍କାର-୨୦୨୪/ଚିକିତ୍ସା ବିଜ୍ଞାନ

# ମାଇକ୍ରୋଆର୍‌ଏନ୍‌ଏ : ଜିନ୍‌ର ପ୍ରମୁଖ ନିୟାମକ



ଡା. ନିତ୍ୟାନନ୍ଦ ସ୍ୱାଇଁ

"ମାଇକ୍ରୋଆର୍‌ଏନ୍‌ଏସ୍ : ଜିନ୍‌ର ପ୍ରମୁଖ ନିୟାମକ ମାଇକ୍ରୋଆର୍‌ଏନ୍‌ଏସ୍ ଜିନ୍‌ର ଅବିଷ୍କାର ପାଇଁ ଆମେରିକୀୟ ଚିକିତ୍ସା ବିଜ୍ଞାନୀ ଭିକ୍ଟର ଆମ୍ବ୍ରୋସ ଏବଂ ଗ୍ୟାରି ରୁଭକୁନ୍‌ଙ୍କୁ ଚଳିତ ବର୍ଷର ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାକୁ ମନୋନୀତ କରାଯାଇଛି।"



ଭିକ୍ଟର ଆମ୍ବ୍ରୋସ — ଗ୍ୟାରି ରୁଭକୁନ୍

**କିଏ ପାଇଛନ୍ତି:** ଚଳିତ ବର୍ଷର ଶରୀର ବିଜ୍ଞାନ କିମ୍ବା ଭେଷଜ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାର ଗୌରବ ଲାଭ କରିଛନ୍ତି ଭିକ୍ଟର ଆମ୍ବ୍ରୋସ ଏବଂ ଗ୍ୟାରି ରୁଭକୁନ୍। ୭୧ ବର୍ଷ ବୟସ୍କ ଆମ୍ବ୍ରୋସ ସମ୍ପ୍ରତି ଆମେରିକାର ୟୁନିଭର୍ସିଟି ଅଫ୍ ମାସାଚ୍ୟୁସେଟସ୍ ମେଡିକାଲ ସ୍କୁଲର ପ୍ରାକୃତିକ ବିଜ୍ଞାନ ବିଭାଗରେ ସିଭିଲମ୍ୟାନ୍ ପ୍ରଫେସର ରୂପେ ଅଧିଷ୍ଠିତ। ଅନ୍ୟପକ୍ଷରେ ୭୨ ବର୍ଷ ବୟସ୍କ ରୁଭକୁନ୍ ମାସାଚୁସେଟସ୍ ଜେନେରାଲ ହସ୍ପିଟାଲ ଆଣ୍ଡ ହାର୍ଭାର୍ଡ ମେଡିକାଲ ସ୍କୁଲରେ ପ୍ରଫେସର ଅଫ୍ ଜେନେଟିକ୍ସ ଭାବେ କାର୍ଯ୍ୟରତ।

**କାହିଁକି ପାଇଛନ୍ତି:** ଏହି ବିଜ୍ଞାନୀ ଦ୍ୱୟ ଆବିଷ୍କାର କରିଛନ୍ତି ମାଇକ୍ରୋଆରଏନ୍‌ଏସ୍। ମାଇକ୍ରୋଆରଏନ୍‌ଏସ୍ ଜିନ୍‌କୁ ନିର୍ଭୁଲ ଭାବରେ ନକଲ କରିବା ଏବଂ ନିୟନ୍ତ୍ରଣ କରିବାରେ କିପରି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଏ ବିଷୟରେ ସବିଶେଷ ଆଲୋକପାତ କରିବାରେ ଏମାନେ ସଫଳ ହୋଇଛନ୍ତି। ଜୀବମାନେ କିପରି ବିକାଶ ଲାଭ କରନ୍ତି, କିପରି କ୍ରିୟା କରନ୍ତି ଏବଂ ସେହି କ୍ରିୟା କିପରି ବେଳେବେଳେ ଭୁଲ ହୋଇଯାଏ, ଏହି ସଂକ୍ରାନ୍ତରେ ଏମାନଙ୍କର ରହିଛି ମୌଳିକ ଅବଦାନ। ଆମ ମଣିଷଙ୍କ ସମେତ ସମସ୍ତ ବହୁକୋଷୀ ପ୍ରାଣୀଙ୍କ କ୍ଷେତ୍ରରେ ଉଭୟ ବିଜ୍ଞାନୀଙ୍କର ଆବିଷ୍କାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**କ'ଣ ପାଇବେ:** ନୋବେଲ ପୁରସ୍କାର ବାବଦକୁ ଉଭୟେ ପାଇବେ ନୋବେଲ ଡିପ୍ଲୋମା ବା ପୁରସ୍କାର ପାଇଥିବାର ପ୍ରମାଣ ପତ୍ର ଏବଂ ଗୋଟିଏ ଲେଖାଏ ଗୋଲ୍ଡ ମେଡାଲ। ଏତଦ୍‌ବ୍ୟତୀତ ଭାରତୀୟ ମୁଦ୍ରା ଅନୁସାରେ ମୋଟ ୮.୯କୋଟି ଟଙ୍କା ଉଭୟଙ୍କୁ ସମାନ ପରିମାଣରେ ପ୍ରଦାନ କରାଯିବ। ଏହି ପୁରସ୍କାର ପ୍ରଦତ୍ତ ହେବ ଚଳିତ ବର୍ଷ ଡିସେମ୍ବର ୧୦ ତାରିଖର ନୋବେଲ ଦିବସରେ। ସୂଚନାଯୋଗ୍ୟ, ଡିସେମ୍ବର ୧୦ ହେଉଛି ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ପୁଣ୍ୟତିଥି।

**ପୃଷ୍ଠଭୂମି:** ଆମ ଶରୀରର ପ୍ରୋଟିନ୍ ଓ ଏନ୍‌ଜାଇମ୍‌ଗୁଡ଼ିକ ଖୁବ୍ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରନ୍ତି। ତନ୍ତୁ, ଜିନ୍, ହରମୋନ, ପ୍ରତିରକ୍ଷା ଉପାଦାନ ରାସାୟନିକ ଉପାଦାନ ଏବଂ ଗ୍ୟାସ୍‌ର ପରିବହନ ଆଦି ନାନା କାର୍ଯ୍ୟ ସମ୍ପାଦନ କରିବା ପାଇଁ ପ୍ରୋଟିନ୍ ଏବଂ ଏନ୍‌ଜାଇମ୍ ଅପରିହାର୍ଯ୍ୟ। ଶରୀରସ୍ଥ ପ୍ରତ୍ୟେକ କୋଷରେ ଅନୁଷ୍ଠିତ ଯାବତୀୟ ରାସାୟନିକ ପ୍ରକ୍ରିୟାକୁ ସୁଗମ ତଥା ତ୍ୱରାନ୍ୱିତ କରୁଥିବା ଏନ୍‌ଜାଇମ୍‌ଗୁଡ଼ିକ ମଧ୍ୟ ପ୍ରୋଟିନ୍।

ମାତ୍ର ପ୍ରତ୍ୟେକ ପ୍ରୋଟିନ୍ ଏବଂ ଏନ୍‌ଜାଇମ୍ ଗଠନ ସଂକ୍ରାନ୍ତ ତଥ୍ୟ ଜିନ୍ ଭାବରେ କୋଷ ମଧ୍ୟସ୍ଥ ଡିଏନ୍‌ଏ ଅଣୁରେ ଥାଏ। ଡିଏନ୍‌ଏ ବା ଜିନ୍‌ରେ ସନ୍ନିବିଷ୍ଟ ତଥ୍ୟ ପ୍ରଥମେ ମେସେଞ୍ଜର ଆର୍‌ଏନ୍‌ଏ ନାମକ ଅଣୁରେ ନକଲ ହୋଇଯାଏ। ଏହି ନକଲ ପ୍ରକ୍ରିୟାକୁ କୁହାଯାଏ 'ଟ୍ରାନ୍ସକ୍ରିପ୍‌ସନ୍'। ଟ୍ରାନ୍ସକ୍ରିପ୍‌ସନ୍ ସମ୍ପାଦିତ ହୋଇଥାଏ କୋଷର ନ୍ୟୁକ୍ଲିୟସରେ। ପରେ ତଥ୍ୟ ବହନକାରୀ ସେହି ମେସେଞ୍ଜର ଆର୍‌ଏନ୍‌ଏ ଅଣୁ ପହଞ୍ଚିଯାଏ କୋଷର ସାଇଟୋପ୍ଲାଜ୍‌ମ ବା କୋଷ ରସରେ। ବିଭିନ୍ନ ଜଟିଳ ଜୈବ ରାସାୟନିକ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଆର୍‌ଏନ୍‌ଏ ଅଣୁ ସାହାଯ୍ୟରେ ମେସେଞ୍ଜର ଆର୍‌ଏନ୍‌ଏରେ ସନ୍ନିବେଶିତ ତଥ୍ୟକୁ ଭିତ୍ତି କରି ସଂଶ୍ଲେଷିତ ହୋଇପଡ଼େ ପ୍ରୋଟିନ୍ ଏବଂ ଏନ୍‌ଜାଇମ୍। ଏହି ଶୋଷକ୍ତ କ୍ରିୟାକୁ ବିଜ୍ଞାନ ଭାଷାରେ କୁହାଯାଏ 'ଟ୍ରାନ୍ସଲେସନ୍'।




ଟ୍ରାନ୍ସକ୍ରିପ୍‌ସନ୍ ପ୍ରକ୍ରିୟା ସମ୍ପାଦିତ ହୋଇ ସାରିବା ପରେ ମଧ୍ୟ ସେଥିରେ ଯେଉଁସବୁ ରାସାୟନିକ ପରିବର୍ତ୍ତନ ସଂଘଟିତ ହୁଏ, ତାକୁ କହନ୍ତି 'ପୋଷ୍ଟ-ଟ୍ରାନ୍ସକ୍ରିପ୍‌ସନାଲ ଜିନ୍ ରେଗୁଲେଶନ'। ଏହି ପୋଷ୍ଟ ଟ୍ରାନ୍ସକ୍ରିପ୍‌ସନାଲ ଜିନ୍ ରେଗୁଲେସନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ମାଇକ୍ରୋଆର୍‌ଏନ୍‌ଏ ନାମକ ଏକ କ୍ଷୁଦ୍ର ଆର୍‌ଏନ୍‌ଏ ଅଣୁ। ଏହି ପ୍ରକ୍ରିୟାଟି କିପରି କ୍ରିୟାଶୀଳ ହୋଇଥାଏ ତାହା ହିଁ ଚଳିତ ବର୍ଷର ନୋବେଲ ବିଜେତା ଆମ୍ବ୍ରୋସ ଓ ରୁଭକୁନ୍‌ଙ୍କ ମୌଳିକ ଆବିଷ୍କାର।

ସେମାନେ ଯେଉଁ ମାଇକ୍ରୋଆର୍‌ଏନ୍‌ଏ ଆବିଷ୍କାର କରିଛନ୍ତି ସେଗୁଡ଼ିକ ଅନ୍ୟାନ୍ୟ ଆର୍‌ଏନ୍‌ଏ ଅଣୁର ଆକାର ତୁଳନାରେ ଖୁବ୍ ଛୋଟ। ସେଥିପାଇଁ ସେଗୁଡ଼ିକୁ ମାଇକ୍ରୋଆର୍‌ଏନ୍‌ଏ ଅଣୁ ଭାବରେ ନାମିତ କରାଯାଇଛି ଏବଂ 'miR-NA' ଭାବରେ ଲେଖାଯାଉଛି। ମାତ୍ର ଆକାରରେ ଯଥେଷ୍ଟ କ୍ଷୁଦ୍ର ହେଲେ ମଧ୍ୟ ମାଇକ୍ରୋଆର୍‌ଏନ୍‌ଏ ବଡ଼ ଆକାର ବିଶିଷ୍ଟ ଆର୍‌ଏନ୍‌ଏ ଅଣୁର ନିୟନ୍ତ୍ରକ ଭାବରେ କାର୍ଯ୍ୟ କରି ତା'ର କାର୍ଯ୍ୟକୁ ମନ୍ଥର କରି ଦେଇପାରେ କିମ୍ବା ସମ୍ପୂର୍ଣ୍ଣ ବନ୍ଦ କରିଦେଇପାରେ। ମାଇକ୍ରୋଆର୍‌ଏନ୍‌ଏ ମେସେଞ୍ଜର ଆର୍‌ଏନ୍‌ଏ ଅଣୁ ସହ ସଂଯୁକ୍ତ ହୋଇ ମେସେଞ୍ଜର ଆର୍‌ଏନ୍‌ଏର କାର୍ଯ୍ୟକୁ କରିପାରିବାର ପ୍ରକ୍ରିୟାକୁ କୁହାଯାଇଥାଏ 'ପୋଷ୍ଟ-ଟ୍ରାନ୍ସକ୍ରିପ୍ସନାଲ ଜିନ୍ ରେଗୁଲେଶନ୍'।

ପୂର୍ବରୁ ଜୀବବିଜ୍ଞାନୀମାନଙ୍କର ଧାରଣା ଥିଲା ଯେ ଥରେ ଟ୍ରାନ୍ସକ୍ରିପ୍‌ସନ୍ ପ୍ରକ୍ରିୟାର ସୂତ୍ରପାତ ହୋଇ ମେସେଞ୍ଜର ଆର୍‌ଏନ୍‌ଏର ସଂଶ୍ଳେଷଣ ଆରମ୍ଭ ହୋଇଗଲେ ତା'ର ଆଉ ନିୟନ୍ତ୍ରଣ ସମ୍ଭବ ନୁହେଁ। କିନ୍ତୁ ଆମ୍ବ୍ରୋସ ଓ ରୁଭକୁନ୍‌ଙ୍କର ଏହି ଆବିଷ୍କାର ସେହି ଧାରଣାକୁ ଅସାର ପ୍ରମାଣିତ କରିଦେଲା।

ବିଜ୍ଞାନୀ ଦ୍ୱୟ ସେମାନଙ୍କ ଆବିଷ୍କାର କରିଥିଲେ ସିନୋରାବଡିଟିସ୍ ଏଲିଗାନ୍ସ ବା ସି. ଏଲିଗାନ୍ସ ନାମକ ଏକ ଅତି କ୍ଷୁଦ୍ର କୃମିକୁ ବ୍ୟବହାର କରି। ଏହି ବହୁକୋଷୀ କୃମିଟିର ଲମ୍ବ ପାଖାପାଖି ୧ ମିଲିମିଟର। ଖୁବ୍ କ୍ଷୁଦ୍ର ହୋଇଥିଲେ ମଧ୍ୟ କୃମିଟିର ଶରୀର ଗଠନ ବେଶ୍ ସରଳ ଏବଂ ତା'ଠାରେ ରହିଛି ସ୍ନାୟୁକୋଷ, ପେଶୀକୋଷ ଇତ୍ୟାଦି ନାନା ପ୍ରକାର କୋଷ। ସେମାନେ ସି. ଏଲିଗାନ୍ସ କୃମିରେ ସର୍ବପ୍ରଥମେ ଆବିଷ୍କାର କରିଥିଲେ ଲିନ୍-୪ ନାମକ ମାଇକ୍ରୋଆର୍‌ଏନ୍‌ଏ ଏବଂ ପରେ ଆବିଷ୍କାର କରିଥିଲେ ଲେଟ୍-୭ ନାମକ ଦ୍ୱିତୀୟ ମାଇକ୍ରୋଆର୍‌ଏନ୍‌ଏ।

**ଆବିଷ୍କାରର ଗୁରୁତ୍ୱ:** ମାଇକ୍ରୋ ଆର୍‌ଏନ୍‌ଏଗୁଡ଼ିକ ଅତି କ୍ଷୁଦ୍ର କ୍ଷୁଦ୍ର ଆର୍‌ଏନ୍‌ଏ ଅଣୁ। ଆମ ଶରୀରରେ ରହିଛନ୍ତି ଅଗଣିତ ଜୀବକୋଷ। ସେଗୁଡ଼ିକ ବିବିଧ ପ୍ରକାରର ଓ ବିବିଧ ସେଗୁଡ଼ିକର କାର୍ଯ୍ୟ। ମାତ୍ର ପ୍ରତ୍ୟେକ ଜୀବକୋଷରେ ରହିଥିବା ଡିଏନ୍‌ଏ ସମାନ ଓ ଡିଏନ୍‌ଏ ଅଣୁରେ ରହିଥିବା ଜିନ୍‌ମାନ ମଧ୍ୟ ସମାନ। ଅର୍ଥାତ୍ ସମସ୍ତ କୋଷରେ ସଞ୍ଚିତ ଜିନ୍ ତଥ୍ୟମାନ ସମାନ। ହେଲେ ସମାନ ନୁହେଁ ସବୁ ପ୍ରକାରର ଜୀବକୋଷମାନଙ୍କ କାର୍ଯ୍ୟ। ଉଦାହରଣସ୍ୱରୂପ ମାଂସପେଶୀଗୁଡ଼ିକର କୋଷ ପେଶୀର ସଙ୍କୋଚନ ପ୍ରସାରଣ କାର୍ଯ୍ୟ କରୁଥିବା ଅଗ୍ନ୍ୟାଶୟର କୋଷରେ ତିଆରି ହୋଇଥାଏ ଇନ୍‌ସୁଲିନ୍। କୋଷର କାର୍ଯ୍ୟ ବାଉଳା ଧରିଲେ କୋଷର ପ୍ରକାର ଉପରେ ନିର୍ଭର କରି ଜାତହୁଏ ଭିନ୍ନ ଭିନ୍ନ ପ୍ରକାରର ରୋଗ। କୋଷଗୁଡ଼ିକର କାର୍ଯ୍ୟକୁ ବହୁଳ ଭାବରେ ପ୍ରଭାବିତ କରିଥାଏ ମାଇକ୍ରୋଆର୍‌ଏନ୍‌ଏ ଅଣୁମାନ। ମାଇକ୍ରୋଆର୍‌ଏନ୍‌ଏ ଅଣୁମାନ ସୁଚାରୁ ରୂପେ କାର୍ଯ୍ୟ କରି ନ ପାରିଲେ ଜାତ ହୋଇଥାଏ ଜନ୍ମଜାତ ବଧିରତା, ଚକ୍ଷୁରୋଗ, ଅସ୍ଥିରୋଗ, ଡାଇବେଟିସ୍, କ୍ୟାନ୍‌ସର, ସ୍ୱରୋଗ ପ୍ରତିରୋଧ କ୍ଷମତା ବା ଅଟୋଇମ୍ୟୁନିଟି ଇତ୍ୟାଦି।

ମଣିଷଙ୍କ ଡିଏନ୍‌ଏ ଅଣୁରେ ୧୦୦୦ରୁ ଅଧିକ ପ୍ରକାରର ମାଇକ୍ରୋଆର୍‌ଏନ୍‌ଏ ସଂଶ୍ଳେଷଣ କରିବାର ଜିନ୍ ରହିଛି। ଏମାନେ ଶରୀରର ବିକାଶ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଦାୟୀ। ଏମାନଙ୍କ କାର୍ଯ୍ୟରେ ତ୍ରୁଟି ଦେଖାଦେଲେ ରୋଗ ସୃଷ୍ଟି ହୁଏ। ଫଳରେ ମାଇକ୍ରୋଆର୍‌ଏନ୍‌ଏ ଅଣୁକୁ ପ୍ରଭାବିତ କରି ରୋଗ ସୃଷ୍ଟି ତଥା ରୋଗର ଚିକିତ୍ସାକୁ ନିୟନ୍ତ୍ରଣ କରିଥାଏ ଜୀବକୋଷ ସ୍ତରରେ। ସୁଇଚ୍ ଭଳି କାର୍ଯ୍ୟ କରି ଏହା ଜିନ୍‌କୁ ସକ୍ରିୟ ବା 'ଅନ୍' କରିପାରେ ଏବଂ ସମ୍ପୂର୍ଣ୍ଣ ନିଷ୍କ୍ରିୟ ବା 'ଅଫ୍' କରିପାରେ।

ବିଜ୍ଞାନୀ ଦ୍ୱୟଙ୍କ ମାଇକ୍ରୋଆର୍‌ଏନ୍‌ଏ ସଂକ୍ରାନ୍ତ ଗବେଷଣା ତଥ୍ୟ ପ୍ରଥମେ ପ୍ରକାଶ ପାଇଥିଲା ୧୯୯୩ ମସିହାରେ। ହେଲେ ତତ୍କାଳୀନ ବିଜ୍ଞାନୀମାନେ ଏଥିପ୍ରତି କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ନୀରବ ରହିବା ଶ୍ରେୟ ମଣିଥିଲେ। ବରଂ ସେମାନଙ୍କର ମତ ଥିଲା- 'ଆବିଷ୍କାର କୃମିକୁ ନେଇ ଏଥିରେ ଆମ ମଣିଷଙ୍କର ଅବା ଯାଏ ଆସେ କେତେ! ମାତ୍ର ଏବେ ଏହା ପ୍ରମାଣିତ ଯେ ସେମାନଙ୍କ ମାଇକ୍ରୋଆର୍‌ଏନ୍‌ଏ ଆଧାରିତ ଆବିଷ୍କାର ମଣିଷ ସମେତ ସମସ୍ତ ଜଟିଳ ବହୁକୋଷୀ ପ୍ରାଣୀଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ।'

-'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

## ଦୀର୍ଘକାଳୀନ କିଡ୍‌ନୀ ସମସ୍ୟା



ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀର ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ନିଷ୍କାସିତ ହୁଏ ବହୁ ପରିମାଣରେ ପ୍ରୋଟିନ। ଫଳରେ ରକ୍ତରେ ଆଲବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ଼ ଏବଂ ପାଦ ଫୁଲିଯାଏ। ଡାଇବେଟିକ୍ ନେଫ୍ରୋପାଥିରେ ଡାଇବେଟିସ୍ ଯୋଗୁ କିଡ୍‌ନୀ ନଷ୍ଟ ହୋଇ ଜାତ ହୁଏ କିଡ୍‌ନୀ ଅକ୍ଷମତା ବା କିଡ୍‌ନୀ ଫେଲୁଅର। କିଡ୍‌ନୀ ରୋଗ ନିବାରଣ ପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାଷିତ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତର ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭-୮ ଘଣ୍ଟା ଶୁଅନ୍ତୁ।

## ସକାରାତ୍ମକ ମାନସିକତାର ସହଜ ଉପାୟ



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜାଣି ରଖନ୍ତୁ



- ଅଧିକ ଲୁଣ ଏବଂ ମିଠାଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ ଏହା ଖାଇବା ଦ୍ୱାରା ଶରୀରରେ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ହାର୍ଟ ଆଟାକ୍ ଭଳି ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।
- ରାତିରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ରାତିରେ ଖାଇବା ଓ ଶୋଇବା ମଧ୍ୟରେ ଅତି କମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଦରକାର।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ଶାଗଜାତୀୟ ଖାଦ୍ୟ ସାମିଲ କରନ୍ତୁ।
- ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ନିଜ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ ଖୁସିର ମାହୋଲରେ ରହିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ଅବସାଦଠାରୁ କେତେକାଂଶରେ ନିଜକୁ ଦୂରେଇ ରଖିପାରିବେ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ସ୍ମରଣଶକ୍ତି ବୃଦ୍ଧିର ନୂଆ ଉପାୟ



ପୁଷ୍ଟିକର ଖାଦ୍ୟ ଖାଇବା ଦ୍ୱାରା ହେଉ କିମ୍ବା ଯୋଗ, ବ୍ୟାୟାମ ଓ ପ୍ରାଣାୟମ କରିବା ଫଳରେ ସ୍ମରଣଶକ୍ତି କେତେକାଂଶରେ ବୃଦ୍ଧି ପାଇଥାଏ। ହେଲେ, ଏହାର ଆଉ ଏକ ସରଳ ଉପାୟ ରହିଛି। ତାହା ହେଲା ସଙ୍ଗୀତ। ସଙ୍ଗୀତ ମାଧ୍ୟମରେ ଜଣେ ନିଜର ସ୍ମରଣଶକ୍ତି ବଢ଼ାଇପାରନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ଶେଷ ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ନିଜର ମନ ପସନ୍ଦର ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ସ୍ନାୟୁକୋଷଗୁଡ଼ିକ ଆହୁରି ସକ୍ରିୟ ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଠିକ୍ ଭାବରେ ଚାଲେ। ଫଳରେ ମସ୍ତିଷ୍କ ସହ ଯୋଡ଼ି ହୋଇ ରହିଥିବା ସମସ୍ତ ସ୍ନାୟୁକୋଷ ଧୀରେ ଧୀରେ ଚଳଚଞ୍ଚଳ ହୋଇ ଉଠେ, ଫଳରେ ରକ୍ତ ସଂଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲ ରହେ। କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ ଏବଂ ତା'ସହ ନିଷ୍ପତ୍ତି ନେବାର କ୍ଷମତାକୁ ବି ବୃଦ୍ଧି କରିଥାଏ। ଏପରି କାମରେ ସଙ୍ଗୀତର ମଧ୍ୟ ଭୂମିକା ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହି ସର୍ଭେ ସମୟରେ ନିୟମିତ ନିଜ ମନ ପସନ୍ଦର ଗୀତ ଶୁଣୁଥିବା ବ୍ୟକ୍ତିମାନଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା।

## ସନ୍ତୁଳିତ ରହିବ କୋଲେଷ୍ଟରଲ



ଉପକାରୀ ଉଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଅନେକ ଭରି ରହିଛି। କୋଲେଷ୍ଟରଲଜନିତ ସମସ୍ୟା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ମେଦବହୁଳତା କେତେକାଂଶରେ ଦୂର ହୋଇଥାଏ। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ସାବ୍ୟସ୍ତ ହୋଇଥାଏ। ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡ଼ିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ।

## ସ୍ୱାସ୍ଥ୍ୟ ସୂଚନା

➢କେତୋଟି ସ୍ୱାସ୍ଥ୍ୟ ସମସ୍ୟାକୁ ଆଦୌ ଅବହେଳା କରିବା ଠିକ୍ ନୁହେଁ। ଯଦି ଆପଣଙ୍କର ଡାଇବେଟିସ୍ କିମ୍ବା ବ୍ଲଡ୍ ପ୍ରେସର ଅଛି, ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଡାକ୍ତର ପ୍ରେସ୍‌କ୍ରିପଶନ୍‌ରେ ଉଲ୍ଲେଖ କରିଥିବା ମେଡିସିନ୍ ଖାଆନ୍ତୁ।

➢ଆପଣଙ୍କର ଚର୍ବିଜନିତ ସମସ୍ୟା ଅଛି କି? ଯଦି ହଁ, ତେବେ ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଟମାଟୋ ସାମିଲ କରନ୍ତୁ। ଏହା ଶରୀରରେ ଚର୍ବି ଅଂଶ କମାଇଥାଏ।



➢ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ।

➢ପ୍ରତିଦିନ ସକାଳେ ଗଜାମୁଗ, ସାଲାଡ୍ ଖାଆନ୍ତୁ। ଏଗୁଡ଼ିକରେ ପ୍ରଚୁର ଭିଟାମିନ୍ ଭରି ରହିଛି।

➢ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ଆପଣ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସବିଶେଷ ବିବରଣୀ ଜଣାଇବାକୁ ଭୁଲନ୍ତୁ ନାହିଁ।

➢ନିଜକୁ ସୁସ୍ଥ ରଖିବାକୁ ହେଲେ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ।

➢ବିଳମ୍ବିତ ରାତିରେ ଶୋଇବା ଅଭ୍ୟାସ ଥିଲେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହାର ପ୍ରଭାବ ପରୋକ୍ଷରେ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ।

## ରକ୍ତଦାନ କରୁଥିଲେ...



ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା- ଏକଥା ସମସ୍ତେ ହୃଦୟଙ୍ଗମ କରିବା ଦରକାର। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ତରଫରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ସମୟରେ ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝି ନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୧/୨୦୨୪ Bhubaneswar, Monday, October 21/ 2024

# ନ୍ୟୁଜିଲାଣ୍ଡକୁ ପ୍ରଥମ ଟାଇଟଲ୍



ଟ୍ରଫି ସହ ଚାମ୍ପିୟନ ନ୍ୟୁଜିଲାଣ୍ଡ ଦଳ।

## ଦ୍ୱିତୀୟ ଥର ଟି୨୦ ବିଶ୍ୱକପ୍ ଫାଇନାଲ ହାରିଲା ଦକ୍ଷିଣ ଆଫ୍ରିକା

**ଦୁବାଇ,୨୦।୧୦**

ଆଇସିସି ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୩୨ ରନ୍‌ରେ ହରାଇ ପ୍ରଥମ ଥର ଟାଇଟଲ ବିଜୟୀ ହୋଇଛି। ଅନ୍ୟ ପକ୍ଷରେ ଚୋକର ନାମକୁ ପ୍ରମାଣିତ କରି କ୍ରମାଗତ ଦ୍ୱିତୀୟ ଫାଇନାଲରେ ପରାଜିତ ହୋଇଛି ଦକ୍ଷିଣ ଆଫ୍ରିକା। ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଓ ଟୁର୍ନାମେଣ୍ଟ ଆମେଲିଆ କେର୍ (୪୩ ରନ ଓ ୩ ଉଇକେଟ)ଙ୍କ ଅଲରାଉଣ୍ଡ ସଫଳତା ବଳରେ ନ୍ୟୁଜିଲାଣ୍ଡ ଏହାର ଆଇସିସି ଟ୍ରଫି ମରୁଡି ଶେଷ କରିଛି। ନ୍ୟୁଜିଲାଣ୍ଡ ୨୦ ଓଭରରେ ୫ ଉଇକେଟ ହରାଇ ୧୫୮ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୯ ଉଇକେଟରେ ୧୨୬ ରନ୍‌ରେ ସୀମିତ ରହିଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବୋଲିଂ କରିଥିଲା। କ୍ୟାରିୟରର ୩୩୪ ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ସୁଜି ବେଟ୍ସ ୩୨ ରନ୍ କରିଥିଲେ। ସେ ଟପ୍ ସ୍କୋରର ଆମେଲିଆ କେର(୪୩)ଙ୍କ ସହ ୩୭ ରନ୍ ଯୋଡିଥିଲେ। ୩୧ ବଲ ଖେଳି ସେ ୩ ଚୌକା ମାରିଥିଲେ। ପରେ ଆମେଲିଆ କେର୍ ଓ ବ୍ରୁକ୍ ହାଲିଡେ(୩୮)ଙ୍କ ମଧ୍ୟରେ ୫୭ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୧୯ ତମ ଓଭରରେ ଆଉଟ ହେବା ଆଗରୁ ଆମେଲିଆ ୩୮ ବଲ୍ ଖେଳି ୪ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ମଧ୍ୟକ୍ରମରେ ବ୍ୟାଟିଂ କରିଥିବା ବ୍ରୁକ୍ ହାଲିଡେ ୨୮ ବଲ୍ ଖେଳି ୩ ଚୌକା ସହ ୩୮ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ନୋନକୁଲୁଲେକୋ ମାଲବା ୨, ଆୟୋବୋଙ୍ଗା ଖାଖା, କ୍ଲୋଏ ଟ୍ରାୟନ ଓ ନାଡିନ୍ ଡି କ୍ଲର୍କ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୫୯ ରନ୍ ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା ବେଶ ଧୂଆଁଧାର ଆରମ୍ଭ କରିଥିଲା। ଦଳ ପକ୍ଷରୁ ଲୌରା ଓଲ୍ଭାର୍ଡ୍ଟ(୩୩) ଓ ତାଜମିନ୍ ବ୍ରିଟ୍ସ(୧୭) ପ୍ରଥମ ଉଇକେଟରେ ୫୧ ରନ୍ ଯୋଡିଥିଲେ। ଲୌରା ୨୭ ବଲ୍ ଖେଳି ୫ ଚୌକା ମାରିଥିଲେ। ପ୍ରଥମ ଉଇକେଟର ପତନ ପରେ ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ପରାଜିତ ହୋଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଆମେଲିଆ କେର ଓ ରୋଜମେରୀ ମେୟର ୩ଟି ଲେଖାଏ ଏଡେନ କାର୍ସନ, ଫ୍ରାନ୍ ଜୋନ୍ସ ଓ ବ୍ରୁକ୍ ହାଲିଡେ ଗୋଟିଏ ଲେଖାଏ ଉଇକେଟ ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୫୮/୫ (ଆମେଲିଆ କେର୍-୪୩, ବ୍ରୁକ୍ ହାଲିଡେ-୩୮, ସୁଜି ବେଟ୍ସ-୩୨, ନୋନକୁଲୁଲେକୋ ମାଲବା-୨/୩୧, ନାଡିନ ଡି କ୍ଲର୍କ-୧/୧୭, କ୍ଲୋଏ ଟ୍ରାୟନ-୧/୨୨)। ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୨୬/୯ (ଲୌରା ଓଲ୍ଭାର୍ଡ୍ଟ-୩୩, ତାଜମିନ୍ ବ୍ରିଟ୍ସ-୧୭, କ୍ଲୋଏ ଟ୍ରାୟନ-୧୪, ଆମେଲିଆ କେର୍-୩/୨୪, ରୋଜମେରୀ ମେୟର-୩/୨୫, ବ୍ରୁକ୍ ହାଲିଡେ-୧/୪)।

# ନ୍ୟୁଜିଲାଣ୍ଡ ୮ ଉଇକେଟରେ ବିଜୟୀ

## ପ୍ରଥମ ଟେଷ୍ଟ

## ୩୬ ବର୍ଷ ପରେ ହାରିଲା ଭାରତ

**ବେଙ୍ଗାଲୁରୁ,୨୦।୧୦(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ୮ ଉଇକେଟରେ ପରାଜିତ ହୋଇଛି। ଅନ୍ତିମ ଦିନରେ ଭାରତ ୧୦୭ ରନ୍‌ର ଲକ୍ଷ୍ୟଧାର୍ଯ୍ୟ କରିଥିବା ବେଳେ ନ୍ୟୁଜିଲାଣ୍ଡ ୨ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ବର୍ଷା କାରଣରୁ ପ୍ରଥମ ଦିନର ଖେଳ ଧୋଇ ଯାଇଥିବା ବେଳେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ମାତ୍ର ୪୬ ରନ୍‌ରେ ଅଲଆଉଟ ହୋଇ ଯାଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୦୨ ରନ୍ କରିବା ସହ ୩୫୬ ରନ୍‌ର ବୃହତ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଭାରତୀୟ ବ୍ୟାଟର ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ମଧ୍ୟକ୍ରମ ଓ ନିମ୍ନ ମଧ୍ୟକ୍ରମ ବିପର୍ଯ୍ୟୟ କାରଣରୁ ଭାରତ ୪୬୨ ରନ୍‌ରେ ଅଲଆଉଟ ହୋଇଥିଲା। ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସମ୍ମୁଖରେ ମାତ୍ର ୧୦୭ ରନ୍‌ର ଲକ୍ଷ୍ୟ ଥିବାବେଳେ ଦଳ ୨୭.୪ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲ ୟଙ୍ଗ ୪୮ ଓ ରାଚିନ୍ ରବୀନ୍ଦ୍ର ଅପରାଜିତ ୩୯ ରନ୍ ସ୍କୋର କରିଥିଲେ। ଭାରତ ମାଟିରେ ନ୍ୟୁଜିଲାଣ୍ଡର ଏହ ତୃତୀୟ ଟେଷ୍ଟ ବିଜୟ ହୋଇଥିବା ବେଳେ ୩୬ ବର୍ଷ ପରେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ହାରିଛି ଭାରତ।

ଅନ୍ତିମ ଦିନ ଆରମ୍ଭରୁ ଯଶପ୍ରୀତ ବୁମ୍‌ରା ଅଗ୍ନିବର୍ଷୀ ବୋଲିଂ କରିଥିଲେ। ପ୍ରଥମ ଓଭରର ଅନ୍ତିମ ବଲ୍‌ରେ ଟମ୍ ଲାଥାମଙ୍କୁ ଲେଗ୍ ବିଫୋର କରିଥିଲେ। ତୃତୀୟ ଉଇକେଟରେ ଡେଭନ୍ କନ୍‌ୱେ(୧୭) ଓ ୱିଲ ୟଙ୍ଗ (୪୮)ଙ୍କ ମଧ୍ୟରେ ୩୫ ରନ୍ ଭାଗୀଦାରି ହୋଇଥିଲା। ତେବେ କନ୍‌ୱେଙ୍କୁ ଲେଗ୍ ବିଫୋର କରି ଭାରତକୁ ଦ୍ୱିତୀୟ ସଫଳତା ପ୍ରଦାନ କରିଥିଲେ । କନ୍‌ୱେ ଆଉଟ ହେବା ପରେ ପ୍ରଥମ ଇନିଂସର ଶତକ ହାସଲକାରୀ ରାଚିନ୍ ରବୀନ୍ଦ୍ର(୩୯*) ଓ ୱିଲ ୟଙ୍ଗ ଅବିଭାଜିତ ୭୫ ରନ୍ ଯୋଡି ଦଳକୁ ବିଜୟୀ କରିଥିଲେ। ପୂର୍ବରୁ ଚତୁର୍ଥ ଦିନରେ ସର୍ଫରାଜ ଖାଁ ୧୫୦ ଓ ରିଷଭ ପନ୍ତ ୯୯ ରନ୍ କରିବାରୁ ଭାରତ ୧୦୬ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ଉଭୟ ସକାରାତ୍ମକ କ୍ରିକେଟ ଖେଳିବା ସହ ଚତୁର୍ଥ ଉଇକେଟରେ ଯୋଡିଥିଲେ ୧୭୭ ରନ୍। ସର୍ଫରାଜ ଚମତ୍କାର ବ୍ୟାଟିଂ କରି ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ସେ ୧୯୫ ବଲ୍ ଖେଳି ୧୮ ଚୌକା ଓ ୩ ଛକା ସହ ୧୫୦ ରନ୍ କରି ଚତୁର୍ଥ ଖେଳାଳି ଭାବରେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ରିଷଭ ପନ୍ତ କାଉଣ୍ଟର ଆଟାକ କରି ୯୯ ରନ୍ କରିଥିଲେ। ଭାରତୀୟ ଦଳ ଏହାର ଅନ୍ତିମ ୭ ଉଇକେଟ ମାତ୍ର ୫୪ ରନ୍‌ରେ ହରାଇଥିଲା। ପ୍ରଥମ ଇନିଂସରେ ଚମତ୍କାର ଶତକ ହାସଲ କରିଥିବା ରାଚିନ୍ ରବୀନ୍ଦ୍ରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରାଚିନ୍ ରବୀନ୍ଦ୍ର।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ-୪୬/୧୦। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ-୪୦୨/୧୦। ଭାରତ ଦ୍ୱିତୀୟ ଇନିଂସ ୪୬୨/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୨୭.୪ ଓଭରରେ ୧୧୦/୨ (ୱିଲ ୟଙ୍ଗ-୪୮*, ରାଚିନ୍ ରବୀନ୍ଦ୍ର-୩୯*, ଡେଭନ୍ କନ୍‌ୱେ-୧୭, ଯଶପ୍ରୀତ୍ ବୁମ୍‌ରା-୨/୨୯)।

# ଭାରତର କ୍ରମାଗତ ବିଜୟ

**ଜୋହର ବାହରୁ, ୨୦।୧୦ (ପି.ଟି.):** ରବିବାର ସୁଲତାନ ଜୋହର କପ୍ ହକି ପ୍ରତିଯୋଗିତାର ଏକ ହାଇସ୍କୋରିଂ ମ୍ୟାଚରେ ଭାରତ ୬-୪ ଗୋଲ୍‌ରେ ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଦଳର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ଶନିବାର ଦଳ ଏହାର ଓପନିଂ ଗେମ୍‌ରେ ଜାପାନକୁ ହରାଇ ଦେଇଥିଲା। ରବିବାର ମ୍ୟାଚରେ ଭାରତ ତରଫରୁ ଦିଲରାଜ ସିଂ (୧୭ତମ ଓ ୫୦ତମ ମିନିଟ)ଓ ଶାରଦ ନନ୍ଦ ତିୱାରୀ (୨୦ତମ ଓ ୫୦ତମ ମିନିଟ) ଦୁଇଟି ଲେଖାଏ ଗୋଲସ୍କୋର କରିଥିବାବେଳେ ମହମ୍ମଦ କୋନାନ ଦାଦ୍ (୭ମ) ଓ ମନମିତ୍ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗ୍ରେଟ ବ୍ରିଟେନ ତରଫରୁ ରୋରି ପେନ୍‌ରୋଜ (୨ୟ ଓ ୧୫ତମ) ଏବଂ ମାଇକେଲ ରୟଡେନ (୪୬ତମ ଓ ୫୯ତମ) ମଧ୍ୟ ଦୁଇଟି ଲେଖାଏ ଗୋଲ ଦେଇଥିଲେ।







ସୁଧ ହାର 5.55%# ରୁ ଆରମ୍ଭ | ଡାଉନ ପେମେଣ୍ଟ ₹8 699# | ICICI Bank 5% discount* upto Rs. 7500/- on Credit and Debit Card EMIs. | HDFC BANK Up to ₹7 500^ Instant Discount using EasyEMI on Credit Card

Finance Partners: TVS CREDIT, L&T Finance, IDFC FIRST Bank ALWAYS YOU FIRST, HDFC BANK, SHRIRAM Finance

# Finance will be at the sole discretion of the financier and is valid with select financier only. ^ Schemes valid till 31st October 2024. Finance plans are mutually exclusive and cannot be clubbed with each other. T&C apply. Offers and schemes cannot be clubbed. Limited period offer.

FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 9938039070, CUTTACK: LAXMI TVS: 7077774420, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA,CUTTACK:7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805, DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889, NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.

dentsu/dha bhu/09/24

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ